# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୪/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 24/2023 Page 20 ₹ 7.00

୫୦ଶ ଭାଗ ୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 31 ମୂଲ୍ୟ₹୭/-





# ସେନା ଉଠାଇନେଇଥିବା ୩ ନାଗରିକଙ୍କ ମୃତ୍ୟୁ



ପୁଞ୍ଛ୍‌ରେ ସେନାର ତଲାସି ଅଭିଯାନବେଳେ ଜଣେ ଯବାନ ଛାତ ଉପରୁ ସତର୍କ ଦୃଷ୍ଟି ରଖିଛନ୍ତି।

ପୁଞ୍ଛ୍‌,୨୩।୧୨

### ପୁଞ୍ଛ୍‌, ରାଜୌରୀରେ ଇଣ୍ଟରନେଟ୍ ସେବା ବନ୍ଦ

ଜମ୍ମୁ-କଶ୍ମୀରରେ ଦୁଇଟି ସେନା ଗାଡ଼ି ଉପରେ ଆତଙ୍କବାଦୀଙ୍କ ଅତର୍କିତ ଆକ୍ରମଣରେ ୫ ସୈନ୍ୟ ଶହୀଦ ହୋଇଥିଲେ। ଉକ୍ତ ଆତଙ୍କବାଦୀଙ୍କୁ ଧରିବା ପାଇଁ ଅପରେଶନକୁ ଜୋର୍‌ଦାର କରାଯାଇଥିବାବେଳେ ସନ୍ଦେହରେ ସେନା ୩ ଜଣ ସ୍ଥାନୀୟ ଲୋକଙ୍କୁ ପଚରାଉଚରା ପାଇଁ ନେଇଯାଇଥିଲା। ହାଜତରେ ସେମାନଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିବାରୁ ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କୁ ଜେରାବେଳେ ଯବାନମାନେ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଉତ୍ତେଜନା ବଢ଼ିବା ଆଶଙ୍କାରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି। ମୃତକଙ୍କ ସମ୍ପର୍କୀୟଙ୍କୁ କ୍ଷତିପୂରଣ ସହ ପରିବାରର ଜଣକୁ ଚାକିରି ଯୋଗାଇ ଦିଆଯିବ ବୋଲି ଜମ୍ମୁ-କଶ୍ମୀର ପ୍ରଶାସନ ଘୋଷଣା କରିଛି। ପୁଞ୍ଛ୍ ଏବଂ ରାଜୌରୀ ଜିଲାରେ ଶନିବାର ଆତଙ୍କବାଦ ନିରୋଧୀ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଅନ୍ୟପକ୍ଷେ ଡୋଡା ଜିଲାରେ ଥିବା ସେନା କ୍ୟାମ୍ପ୍‌ରେ ନିଆଁ ଲାଗି ୨ ଜଣ ସାଧାରଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସାମ୍ବାର ପରଷୋତ୍ତମ(୫୫) ଏବଂ କଠୁଆ ଅଞ୍ଚଳର ସୋମ ରାଜ (୪୫) ଆର୍ନୋଡା ଗାଟ୍ ସେନା କ୍ୟାମ୍ପ ପରିସରରେ ଟେଲର ଦୋକାନ ଚଳାଉଥିଲେ। ଭୋର ସମୟରେ କିରୋସିନ୍ ହିଟରରେ ତ୍ରୁଟି ଯୋଗୁ ନିଆଁ ଲାଗି ସେମାନେ ଜଳିଯାଇଥିଲେ।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ

### ଆତଙ୍କବାଦୀ ନିହତ

ଜମ୍ମୁରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ଅନ୍ତର୍ଜାତୀୟ ସୀମା (ଆଇବି)ରେ ମୁତୟନ ଥିବା ଯବାନମାନେ ପଣ୍ଡ କରିଦେଇଛନ୍ତି। ଶନିବାର ଭୋର ସମୟରେ ସେମାନେ ଅନୁପ୍ରବେଶ ଉଦ୍ୟମ କରୁଥିବାବେଳେ ଯବାନଙ୍କ ଗୁଳିମାଡ଼ରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ୪ ଜଣ ସଶସ୍ତ୍ର ଆତଙ୍କବାଦୀ ଭୋର ସମୟରେ ଅଖନୁରର ଖୋଉର ସେକ୍ଟରରେ ଥିବା ଅନ୍ତର୍ଜାତୀୟ ସୀମାକୁ ଅତିକ୍ରମ କରିବା ପାଇଁ ଉଦ୍ୟମ କରୁଥିବାବେଳେ ଯବାନଙ୍କ ନଜରରେ ପଡ଼ିଥିଲେ। ଫଳରେ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଆତଙ୍କବାଦୀଙ୍କ ସନ୍ଦିଗ୍ଧ ଗତିବିଧି ସର୍ଭିଲାନ୍ସ ଉପକରଣରେ ଧରାପଡ଼ିଥିଲା। ମୃତଦେହକୁ ଅନ୍ୟ ଆତଙ୍କବାଦୀମାନେ ନେଇଯାଇଥିବାବେଳେ ରକ୍ତଛିଟା ପଡ଼ିଥିବା ଦେଖାଯାଇଛି।

# ପାଇଲଟ୍‌ଙ୍କୁ ଛତିଶଗଡ଼ ଦାୟିତ୍ୱ

ନୂଆଦିଲ୍ଲୀ,୨୩।୧୨

### କଂଗ୍ରେସ ସଂଗଠନରେ ବଡ଼ ପରିବର୍ତ୍ତନ



ସଚିନ ପାଇଲଟ୍

୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଶନିବାର କଂଗ୍ରେସର ସାଂଗଠନିକ ସ୍ତରରେ ବଡ଼ ଅଦଳବଦଳ କରାଯାଇଛି। ବରିଷ୍ଠ ନେତା ସଚିନ ପାଇଲଟ୍‌ଙ୍କୁ ଦଳର ସାଧାରଣ ସମ୍ପାଦକ କରାଯିବା ସହ ତାଙ୍କୁ ଛତିଶଗଡ଼ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉତ୍ତରପ୍ରଦେଶ ପ୍ରଭାରୀ ପଦରୁ ହଟାଇ ଦିଆଯାଇଛି। ସେ ଦଳର ସାଧାରଣ ସମ୍ପାଦକ ଥିଲେ ମଧ୍ୟ କୌଣସି ରାଜ୍ୟ ଦାୟିତ୍ୱରେ ନାହାନ୍ତି। ତାଙ୍କ ସ୍ଥାନରେ ଅବିନାଶ ପାଣ୍ଡେଙ୍କୁ ଉତ୍ତରପ୍ରଦେଶରେ କଂଗ୍ରେସ ପ୍ରଭାରୀ କରାଯାଇଛି। ଦଳରେ ବଡ଼ ଭୂମିକା ଚାହୁଁଥିବା ପାଇଲଟଙ୍କୁ ମନାଇବା ପାଇଁ ତାଙ୍କୁ ସାଧାରଣ ସମ୍ପାଦକ କରାଯାଇଥିବା କୁହାଯାଉଛି। ରାଜସ୍ଥାନରେ କଂଗ୍ରେସର ନେତୃତ୍ୱକୁ ନେଇ ସେ ଅସନ୍ତୁଷ୍ଟ ଥିଲେ ଏବଂ ୨୦୨୦ ମଧ୍ୟଭାଗରେ ଅଶୋକ ଗେହଲଟ୍‌ଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ମୁକୁଲ ୱାସନିକଙ୍କୁ ଗୁଜରାଟ ଏବଂ ରଣଦୀପ ସୁର୍ଯ୍ୟେୱାଲାଙ୍କୁ କର୍ନାଟକ ପ୍ରଭାରୀ କରାଯାଇଛି। ଜୟରାମ ରମେଶ ଯୋଗାଯୋଗ ସାଧାରଣ ସମ୍ପାଦକ ପଦ ବଜାୟ ରଖିଥିବାବେଳେ କେ.ସି. ବେଣୁଗୋପାଳ ମଧ୍ୟ ସାଂଗଠନିକ ଦାୟିତ୍ୱରେ ରହିବେ। ୧୨ ସମ୍ପାଦକଙ୍କ ସହ ୧୧ ରାଜ୍ୟର ପ୍ରଭାରୀ ନିଯୁକ୍ତ କରାଯାଇଛି। ଜି.ଏସ୍. ମୀରଙ୍କୁ ଝାଡ଼ଖଣ୍ଡ ସହ ପଶ୍ଚିମବଙ୍ଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଦୀପା ଦାସମୁନ୍‌ସୀଙ୍କୁ କେରଳ, ଲାକ୍ଷାଦ୍ୱୀପ ସହ ତେଲଙ୍ଗାନାର ଅତିରିକ୍ତ ଦାୟିତ୍ୱ ମିଳିଛି। ରମେଶ ଚେନ୍ନିଥାଲାଙ୍କୁ ମହାରାଷ୍ଟ୍ର, ମୋହନ ପ୍ରକାଶଙ୍କୁ ବିହାର, ଡ. ଚେଲାକୁମାରଙ୍କୁ ମେଘାଳୟ, ମିଜୋରାମ ଏବଂ ଅରୁଣାଚଳପ୍ରଦେଶ ଦାୟିତ୍ୱ ଦିଆଯାଇଛି। ସେହିପରି ଡ. ଅଜୟ କୁମାରଙ୍କୁ ଓଡ଼ିଶା ସମେତ ତାମିଲାଡୁ ଓ ପଣ୍ଡିଚେରୀର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# କେରଳରେ କଂଗ୍ରେସର ବିକ୍ଷୋଭବେଳେ ହିଂସା

ଥିରୁଭାନନ୍ତପୁରମ୍,୨୩।୧୨

### ଲୁହବୁହା ବାଷ୍ପରେ ନେତା ମୂର୍ଚ୍ଛାଗଲେ

କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ଶନିବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ବିକ୍ଷୋଭ ଶୋଭାଯାତ୍ରା ରଣକ୍ଷେତ୍ରରେ ପରିଣତ ହୋଇଥିଲା। ନବ କେରଳ ସଡ଼ାସ ବେଳେ ଯୁବକଂଗ୍ରେସ କର୍ମୀମାନଙ୍କ ଉପରେ ପୋଲିସର ଦମନଲୀଳା ପ୍ରତିବାଦରେ ଦଳ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା ଯାଉଥିବାବେଳେ ହିଂସାକାଣ୍ଡ ଘଟିଛି। ବିକ୍ଷୋଭକାରୀ ପୋଲିସ ଉପରକୁ ଟେକାମାଡ଼ କରିଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଲୁହବୁହା ଗ୍ୟାସ୍‌ରେ କେପିସିସି ସଭାପତି କେ. ସୁଧାକରନ୍‌ଙ୍କ ସମେତ କେତେଜଣ ଏମ୍‌ପି ଏବଂ ବିଧାୟକ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କ୍ରମାଗତ ଲୁହବୁହା ବାଷ୍ପ ପ୍ରୟୋଗ ଯୋଗୁ ବହୁ ମହିଳା ଓ ସାମ୍ବାଦିକଙ୍କ ସମେତ ଅନେକ ଦଳୀୟ କର୍ମୀ ସଂଜ୍ଞାହୀନ ହୋଇପଡ଼ିଥିଲେ। ଟେକା ମାଡ଼ରେ ମଧ୍ୟ କେତେଜଣ ଆହତ ହୋଇଛନ୍ତି। ପୋଲିସ ନିୟମ ଉଲ୍ଲଂଘନ କରି ପାଣି ମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରୁଥିବାରୁ କଂଗ୍ରେସ ଏହାର ପ୍ରତିବାଦ କରିଛି।

# ତେଜସ୍ୱୀଙ୍କୁ ପୁଣି ଇଡି ସମନ



ତେଜସ୍ୱୀ ଯାଦବ

ନୂଆଦିଲ୍ଲୀ,୨୩।୧୨(ପି.ଟି.)

ରେଲ୍‌ୱେ ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ପୁଣିଥରେ ସମନ ଜାରି କରିଛି। ତାଙ୍କୁ ଜାନୁୟାରୀ ୫ରେ ଜେରା ପାଇଁ ହାଜର ହେବାକୁ କୁହାଯାଇଛି। ଡିସେମ୍ବର ୨୨ରେ ହାଜର ହେବା ଲାଗି ତାଙ୍କୁ ପୂର୍ବରୁ ସମନ ହୋଇଥିଲେ ମଧ୍ୟ ସେ ତାହାକୁ ଏଡ଼ାଇ ଯାଇଥିଲେ। ଇଡି ନୋଟିସ ଏକ ନିୟମିତ ବ୍ୟାପାର ବୋଲି ତେଜସ୍ୱୀ କହିଥିଲେ। ତାଙ୍କ ବାପା ତଥା ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ ୨୭ ତାରିଖରେ ଇଡିର ଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉପା ପ୍ରଥମ ପାଳି ସରକାରରେ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଗ୍ରୁପ୍-ଡି ପଦବୀରେ ନିଯୁକ୍ତି ଦେବା ଲାଗି ଆଶାୟୀଙ୍କଠାରୁ ମୂଲ୍ୟବାନ ଜମି ନେଇଥିଲେ।

# ଆମେରିକାରେ ହିନ୍ଦୁ ମନ୍ଦିରକୁ ବିକୃତ କଲେ

### ପ୍ରତିବାଦ ଜଣାଇଲା ଭାରତ

ନ୍ୟୁୟର୍କ/ନୂଆଦିଲ୍ଲୀ,୨୩।୧୨(ପି.ଟି.)




ଆମେରିକାର କାଲିଫର୍ନିଆ ରାଜ୍ୟରେ ଥିବା ଏକ ଖ୍ୟାତନାମା ହିନ୍ଦୁ ମନ୍ଦିରକୁ ଭାରତ ବିରୋଧୀ ତତ୍ତ୍ୱମାନେ ବିକୃତ କରିଛନ୍ତି। ସମ୍ଭାବ୍ୟ ଘୃଣା ଅପରାଧକୁ ନେଇ ପୋଲିସ ତଦନ୍ତ ଚଳାଇଛି। ମନ୍ଦିର ଉପରେ ଆକ୍ରମଣକୁ ନେଇ ଭାରତ ଦୃଢ଼ ପ୍ରତିବାଦ ଜଣାଇବା ସହ ତଦନ୍ତ ଦାବି କରିଛି। ଭଙ୍ଗାରୁଜାକାରୀମାନେ ଖଲିସ୍ତାନ ସପକ୍ଷରେ ଏବଂ ଭାରତ ବିରୋଧରେ ସ୍ଲୋଗାନ ଦେଇଥିଲେ। ହିନ୍ଦୁ ଆମେରିକୀୟ ସଂଘ ସୋସିଆଲ ମିଡିଆ ଏକ୍ସ'ରେ ଏହି ଘଟଣା ଶେୟାର କରିବା ପରେ ଲୋକଲୋଚନକୁ ଆସିଛି। ନେୱାର୍କରେ ଥିବା ସ୍ୱାମୀନାରାୟଣନ ମନ୍ଦିର ବାସନା ସଂସ୍ଥାର ପ୍ରାଚୀରରେ ଦୁର୍ବୃତ୍ତମାନେ ରଙ୍ଗ ସ୍ପ୍ରେ କରି ସେଥିରେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସ୍ଲୋଗାନମାନ ଲେଖିଛନ୍ତି। ଏଭଳି ଉଗ୍ରପନ୍ଥୀମାନଙ୍କୁ ଆଦୌ ସ୍ଥାନ ଦିଆଯିବା ଉଚିତ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସାନ୍ ଫ୍ରାନ୍ସିସ୍‌କୋରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସ ଏନେଇ ଆମେରିକା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତଦନ୍ତ ଜାରି ରହିଛି। ସ୍ୱାମୀନାରାୟଣନ ମନ୍ଦିରକୁ ବିକୃତ କରାଯିବାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ସେଠାର ଭାରତୀୟ କନ୍‌ସୁଲେଟ୍ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

### ଇସ୍ରାଏଲ୍‌ର ବୋମାମାଡ଼

# ଗୋଟିଏ ପରିବାରର ୭୬ ମୃତ

ରାଫାହ୍,୨୩।୧୨



ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଶନିବାର ଦ୍ୱାଦଶ ସପ୍ତାହରେ ପହଞ୍ଚିଛି। ଇସ୍ରାଏଲ୍ ଯୁଦ୍ଧବିମାନରୁ ଶୁକ୍ରବାର ବୋମାମାଡ଼ ଫଳରେ ଗାଜାଷ୍ଟ୍ରିପ୍‌ର ଗୋଟିଏ ପରିବାରର ୭୬ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଗାଜାର କୌଣସି ସ୍ଥାନ ଏବେ ନିରାପଦ ନୁହେଁ ବୋଲି ଜାତିସଂଘ ମହାସଚିବ କହିବାର ଦିନକ ପରେ ଏଭଳି ଆକ୍ରମଣ ହୋଇଛି। ଯୁଦ୍ଧ ଯୋଗୁ ମାନବୀୟ ସହାୟତା ଆବଣ୍ଟନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଶୁକ୍ରବାର ଗାଜାର ଏକ ବିଲ୍ଡିଂ ଉପରେ ଏୟାରଷ୍ଟ୍ରାଇକ୍ ସବୁଠୁ ଭୟାବହ ଥିଲା। ବୋମାମାଡ଼ରେ ଅଲ୍ ମୁଘରାବି ପରିବାରର ୧୬ ଜଣ ମୁଖ୍ୟଙ୍କ ସମେତ ଅନେକ ମହିଳା ଓ ପିଲାଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମର ଜଣେ ବରିଷ୍ଠ କର୍ମଚାରୀ ଇସାମ ଅଲ୍-ମୁଘରାବି, ତାଙ୍କ ସ୍ତ୍ରୀ ଓ ୫ ପିଲାଙ୍କ ଜୀବନ ଯାଇଛି। ଇସ୍ରାଏଲ୍ ଉପରେ ଅକ୍ଟୋବର ୭ରେ ହମାସ୍ ଆକ୍ରମଣ ଯୋଗୁ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିବା ସହ ଆତଙ୍କବାଦୀମାନେ ୨୪୦ ଜଣଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ୭୭ ଦିନର ଯୁଦ୍ଧରେ ଗାଜାର ୨୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି।

### ଗାଜାକୁ ସହାୟତା ବୃଦ୍ଧି ପାଇଁ ୟୁଏନ୍‌ଏସ୍‌ସିରେ ପ୍ରସ୍ତାବ ଗୃହୀତ

ଜାତିସଂଘ,୨୩।୧୨(ପି.ଟି.)

ଯୁଦ୍ଧ ପ୍ରପୀଡ଼ିତ ଗାଜା ଷ୍ଟ୍ରିପ୍‌କୁ ମାନବୀୟ ସହାୟତା ବୃଦ୍ଧି ଲାଗି ଏକ ପ୍ରସ୍ତାବ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଗୃହୀତ ହୋଇଛି। ତେବେ ସହାୟତା ଠିକ୍ ଭାବେ ଗାଜାରେ ପହଞ୍ଚିବା ପାଇଁ ଯୁଦ୍ଧବିରତି ଜରୁରୀ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଥିବାବେଳେ ଏହାକୁ ମଞ୍ଜୁରୀ ମିଳିନାହିଁ। ଜୋର୍‌ଦାର ବୁଝାମଣା ଏବଂ ଭୋଟ ବିଳମ୍ବ ପରେ ୟୁନାଇଟେଡ୍ ଆରବ ଏମିରେଟ୍ସର ଚିଠା ପ୍ରସ୍ତାବକୁ ୧୫ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୩ଟି ଭୋଟ ମିଳିଥିଲା। ରୁଷିଆ ଓ ଆମେରିକା ଅନୁପସ୍ଥିତ ରହିଥିଲେ।

### ଫୁର୍‌ସତ୍

# ତ୍ରୁଟିବିହୀନ ଗ୍ରାହକ ସେବା ସର୍ବୋପରି



### ଜାତୀୟ ଗ୍ରାହକ ଦିବସ

**ସା**ମ୍ପ୍ରତିକ ସମୟରେ ଗ୍ରାହକଙ୍କୁ ସୁରକ୍ଷା ଆଇନ ବିଭିନ୍ନ ପ୍ରକାରର ଶୋଷଣ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ସହିତ ଗୁଣବତ୍ତାଯୁକ୍ତ ସାମଗ୍ରୀ, ତ୍ରୁଟି ବିହୀନ ସେବା ଏବଂ ବାଣିଜ୍ୟିକ କ୍ଷେତ୍ରରେ ପ୍ରଣୀତ ଆଇନର ଅବମାନନା ନେଇ ଗ୍ରାହକଙ୍କୁ ପ୍ରଭାବଶାଳୀ ସୁରକ୍ଷା ଯୋଗାଇଦେବା ଅପରିହାର୍ଯ୍ୟ ହୋଇ ପଡିଛି।

ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୨୪ ଡିସେମ୍ବର ଭାରତରେ ଜାତୀୟ ଗ୍ରାହକ ଦିବସ ପାଳନ କରାଯାଇଥାଏ। ୧୯୮୬ରେ ଏହି ଦିନ ଉପଭୋକ୍ତା ସୁରକ୍ଷା ଅଧିନିୟମର ଏହି ଆଇନ ପ୍ରଣୟନ ଦ୍ୱାରା ଦେଶରେ ଉପଭୋକ୍ତାଙ୍କୁ ସେମାନଙ୍କର ଅଧିକାର ଏବଂ ଦାୟିତ୍ୱ ବିଷୟରେ ଅଧିକ ସଚେତନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। କିଛି ସମସ୍ୟା କ୍ଷେତ୍ରରେ ଗ୍ରାହକଙ୍କୁ ଶୀଘ୍ର ଏବଂ ସରଳ ପ୍ରତିକାର ଯୋଗାଇବା ପାଇଁ ଜିଲା, ରାଜ୍ୟ ଏବଂ କେନ୍ଦ୍ରୀୟସ୍ତରରେ ଏକ କ୍ୱାସି - ନ୍ୟାୟିକ ବ୍ୟବସ୍ଥା ଉପଲବ୍ଧ କରାଯାଉଛି। ତ୍ରୁଟିବିହୀନ ଗ୍ରାହକ ସେବାକୁ ସର୍ବୋପରି ଭାବେ ବିବେଚନା କରାଯାଇଥାଏ।

ଏନେଇ 'ଜାଗୋ ଗ୍ରାହକ ଜାଗୋ' କାର୍ଯ୍ୟକ୍ରମର ଆରମ୍ଭ ଗ୍ରାହକ ବ୍ୟାପାର ବିଭାଗ ପକ୍ଷରୁ କରାଯାଇଛି। ଏହି ଦିବସ ପାଳନ ଅବସରରେ ଗ୍ରାହକଙ୍କ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସରକାରୀ, ଘରୋଇ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଥାଏ।

## ବିଶ୍ୱର ଏକକ ବୃହତ୍ତମ ପବନ ଫାର୍ମ



**ଲଣ୍ଡନ:** ପୃଥିବୀର ବୃହତ୍ତମ ଅଫ୍‌ଶୋର ପବନ ଫାର୍ମ ହର୍ନସି ପାଇଁ ଡେନ୍‌ମାର୍କର ଶକ୍ତି ନେତା ଅର୍ଷ୍ଟେଡ୍ ଆନୁଷ୍ଠାନିକ ଭାବରେ ଏହାର ଶେଷ ବିନିଯୋଗ ନିଷ୍ପତ୍ତି ଘୋଷଣା କରିଛନ୍ତି। ଏହା ହର୍ନସି ଜୋନ୍ରେ ଅର୍ଷ୍ଟେଡ୍‌ର ତୃତୀୟ ଗିଗାୱାଟ୍-ସ୍କେଲ୍ ପ୍ରୋଜେକ୍ଟକୁ ଚିହ୍ନିତ କରିଛି, ଯାହା ବ୍ରିଟେନର ସମୃଦ୍ଧ ଅଫ୍‌ଶୋର ପବନ ବଜାର ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରୁଛି ବୋଲି କମ୍ପାନୀ କହିଛି। ୟର୍କଶାୟାର ଉପକୂଳଠାରୁ ୧୬୦ କି.ମି ଦୂରରେ ହର୍ନସି-୩ ବିଶ୍ୱର ଏକକ ବୃହତ୍ତମ ପବନ ଫାର୍ମ ହେବାକୁ ଯାଉଛି। ୨୦୨୭ ମସିହା ଶେଷ ସୁଦ୍ଧା ଏହି ପ୍ରୋଜେକ୍ଟ ସରିବ ବୋଲି ଅନୁମାନ କରାଯାଉଛି। ବିଶ୍ୱର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଅଫ୍‌ଶୋର ପବନ ବଜାର ପାଇଁ ରାଜ୍ୟ ଷ୍ଟ୍ରେଡ୍ ଏକ ମୂଳ ବଜାର ପାଲଟିବ। ଗ୍ରୁପ୍‌ର ସଭାପତି ତଥା ଷ୍ଟ୍ରେଡ୍ ସିଇଓ ମ୍ୟାଡ୍‌ସ ନିପ୍ପର କମ୍ପାନୀର ପ୍ରତିବଦ୍ଧତା ଉପରେ ଆଲୋକପାତ କରି କହିଛନ୍ତି, ଅଫ୍‌ଶୋର ଏକ ପ୍ରତିଯୋଗିତାମୂଳକ ବିଶ୍ୱ ବଜାର, ତେଣୁ ସେମାନେ ବ୍ରିଟେନରେ ଆକର୍ଷଣୀୟ ନୀତି ଶାସନକୁ ମଧ୍ୟ ସ୍ୱାଗତ କରୁଛନ୍ତି। ଯାହା ଏହି ନିବେଶକୁ ସୁରକ୍ଷିତ ଭାବେ ସାହାଯ୍ୟ କରୁଛି। ହର୍ନସି-୩ କେବଳ ଶକ୍ତି ଉତ୍ପାଦନ ବିଷୟରେ ନୁହେଁ, ଏହା ବହୁ ଅର୍ଥନୈତିକ ଲାଭ ସୃଷ୍ଟି କରିବା ବୋଲି ଆଶା କରାଯାଉଛି।

# 'ଦେବା'ରେ ଶାହିଦଙ୍କ ସହ ପୂଜା



ମୁମ୍ବାଇ

ଅଭିନେତ୍ରୀ ପୂଜା ହେଗ୍‌ଡେ 'ରାଧେ ଶ୍ୟାମ', 'ସର୍କସ', 'କିସି କା ଭାଇ କିସି କି ଜାନ୍' ଭଳି ହିନ୍ଦୀ ଫିଲ୍ମରେ ନଜରକୁ ଆସିଥିବାବେଳେ ଆଗକୁ ରୋମାଣ୍ଟିକ୍ ଥ୍ରିଲର 'ଦେବା'ରେ ନଜର ଆସିବାକୁ ଯାଉଛନ୍ତି। ଏଥିରେ ସେ ଅଭିନେତା ଶାହିଦ କପୁରଙ୍କ ନାୟିକା ଭାବେ ନଜରକୁ ଆସିବେ। ନିକଟରେ ଏ ସମ୍ପର୍କରେ ଦେଇଥିବା ସାକ୍ଷାତକାରରେ ପୂଜା କହିଛନ୍ତି, 'ଦେବା' ଏକ ବହୁତ ଭଲ ପ୍ରୋଜେକ୍ଟ। ଏହାର କାହାଣୀ ବିଲ୍‌କୁଲ ନିଆରା। ଏଥିରେ ଆକ୍ସନ୍, ଡ୍ରାମାର ଏକ ଜବରଦସ୍ତ ସମ୍ମିଶ୍ରଣ ଦେଖିବାକୁ ମିଳିବ, ଯାହା ଦର୍ଶକଙ୍କୁ ପ୍ରଥମରୁ ଶେଷ ଯାଏ ବାନ୍ଧି ରଖିବ। ଏଥିରେ ପୂଜାଙ୍କୁ ଏକ ଦମ୍‌ଦାର ଭୂମିକାରେ ଦେଖିବାକୁ ମିଳିବ। ଶାହିଦଙ୍କ ସହ ଏହା ପୂଜାଙ୍କ ପ୍ରଥମ ଫିଲ୍ମ ହୋଇଥିବାବେଳେ ଦର୍ଶକ ତାଙ୍କ ଯୋଡିକୁ ବେଶ୍ ପସନ୍ଦ କରିବେ ବୋଲି ସେ ଆଶାବାଦୀ ଅଛନ୍ତି। ରୋଶନ ଆଣ୍ଡ୍ରୁଜ୍ ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଉଥିବାବେଳେ ସିଦ୍ଧାର୍ଥ ରୟ କପୁର ପ୍ରଯୋଜନା ଦାୟିତ୍ୱ ସମ୍ଭାଳୁଛନ୍ତି। ଫିଲ୍ମରେ ଶାହିଦ ଜଣେ ପୋଲିସ ଅଧିକାରୀ ଭୂମିକାରେ ନଜରକୁ ଆସିବେ। ଏନେଇ ଶାହିଦଙ୍କ ପ୍ରଥମ ଲୁକ୍ ସାମ୍ନାକୁ ଆସିଛି। ଫିଲ୍ମ ଆସନ୍ତା ବର୍ଷ ମୁକ୍ତିଲାଭ କରିବ।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୨୪/୨୦୨୩ | Bhubaneswar, Sunday, December 24/2023


# ଇସ୍ରାଏଲୀ ଜାହାଜକୁ ଡ୍ରୋନ୍ ମାଡ଼

## ଗୁଜରାଟ ଉପକୂଳରେ ହୋଇଛି ଆକ୍ରମଣ

**ଇସ୍ରାଏଲ ଓ ଗାଜା ମଧ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ଇରାନ୍‌ର ହମାସ୍ ସମର୍ଥକ ହୋଉଥି ବିଦ୍ରୋହୀ ନଭେମ୍ବର ୨୧ରେ ଲୋହିତ ସାଗରରେ ଏକ ଜାହାଜକୁ ଅପହରଣ କରିଥିଲେ। ଇସ୍ରାଏଲ ସହ ଜଡ଼ିତ ଜାହାଜଗୁଡ଼ିକୁ ଟାର୍ଗେଟ ଜାରି ରହିବ ବୋଲି ସେମାନେ ଧମକ ଦେଇଥିଲେ। ଏହି ଘଟଣାର ମାସକ ପରେ ଗୁଜରାଟ ଉପକୂଳରେ ୨୦ ଭାରତୀୟଙ୍କୁ ନେଇ ଯାଉଥିବା ଇସ୍ରାଏଲର ଏକ ତୈଳବାହୀ ଜାହାଜ ଉପରେ ଡ୍ରୋନ୍ ମାଡ଼ ହୋଇଛି। ସଦ୍ୟ ଆକ୍ରମଣ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ାଇଦେଇଛି।**

**ନୂଆଦିଲ୍ଲୀ, ୨୩।୧୨**



ଗୁଜରାଟ ଉପକୂଳରେ ଶନିବାର ସକାଳେ ଏକ ମାଲ୍‌ବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଛି। ଆକ୍ରମଣ ଯୋଗୁ ବିସ୍ଫୋରଣ ଘଟି ଜାହାଜରେ ନିଆଁ ଲାଗିଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଜାହାଜରେ ୨୧ ଭାରତୀୟଙ୍କ ସମେତ ମୋଟ ୨୨ ଜଣ କର୍ମଚାରୀ ଥିଲେ। ଜାହାଜର ଇସ୍ରାଏଲ୍ ସହ ସମ୍ପର୍କ ରହିଛି। ଏମ୍‌ଭି ଚେମ୍ ପ୍ଲୁଟୋ ନାମକ ଏହି ଜାହାଜରେ ସାଉଦି ଆରବରୁ ଅଶୋଧିତ ତୈଳ ଲୋଡ୍ ହୋଇ ନିଉ ମାଙ୍ଗାଲୁରୁ ଯାଉଥିଲା। ଡ୍ରୋନ୍ ମାଡ଼ରେ ଜାହାଜର କିଛି ଅଂଶରେ ନିଆଁ ଲାଗିଯାଇଥିବା ବ୍ରିଟିଶ ସେନାର ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେଶନ ଏବଂ ସାମୁଦ୍ରିକ ସୁରକ୍ଷା ସଂସ୍ଥା ଆମ୍ବ୍ରେ ପକ୍ଷରୁ କୁହାଯାଇଛି। ଗୁଜରାଟର ଭେରାଭାଲଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୨୧୭ ନଟିକାଲ ମାଇଲ ଦୂରରେ ଏହି ଆକ୍ରମଣ ହୋଇଛି। ଘଟଣାସ୍ଥଳକୁ ଭାରତୀୟ ତଟସୁରକ୍ଷା ବାହିନୀ ଜାହାଜ ଆଇସିଜିଏସ୍ ବିକ୍ରମ ଆକ୍ରମଣ ସ୍ଥଳକୁ ଯାଇଛି। ଉକ୍ତ ଅଞ୍ଚଳରେ ଥିବା ସମସ୍ତ ଜାହାଜକୁ ତଟସୁରକ୍ଷା ବାହିନୀ ପକ୍ଷରୁ ସତର୍କ କରିଦିଆଯାଇଛି। ଜାହାଜରେ ଲାଗିଥିବା ନିଆଁକୁ ଲିଭାଇ ଦିଆଯାଇଥିଲେ ମଧ୍ୟ ଏହାର ଚଳାଚଳ ପ୍ରଭାବିତ ହୋଇଛି। ଆକ୍ରମଣରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଏହାକୁ ପୁନଃ ସଂଯୋଗ କରିବା ଲାଗି ଇଞ୍ଜିନିୟରମାନେ କାମରେ ଲାଗିଛନ୍ତି। ଆକ୍ରମଣ ପାଇଁ କୌଣସି ସଂସ୍ଥା ନିଜକୁ ଦାୟୀ କରି ନାହାନ୍ତି। ତେବେ ଇରାନ ସମର୍ଥିତ ହୋଉଥି ବିଦ୍ରୋହୀମାନେ ଲୋହିତ ସାଗରରେ ଜାହାଜ ଉପରେ ଏଭଳି ଆକ୍ରମଣ କରିଥାନ୍ତି। ଗତ ମାସରେ ଭାରତ ମହାସାଗରେ ଇସ୍ରାଏଲ୍‌ର ଏକ କାର୍ଗୋ ଜାହାଜ ଉପରେ ଇରାନର ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୋଇଥିଲା।

ଏମ୍‌ଭି ଚେମ୍ ପ୍ଲୁଟୋ ଉପରେ ଡ୍ରୋନ୍ ଆକ୍ରମଣ ହୋଇଛି କି ଅନ୍ୟ କିଛି, ତାହାର ତଦନ୍ତ କରାଯାଉଥିବା ତଟସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ତଟସୁରକ୍ଷା ଅଧିକାରୀମାନେ ଉକ୍ତ ଜାହାଜ ସହ ସଫଳତାର ସହ ଯୋଗାଯୋଗ ସ୍ଥାପନ କରିଛନ୍ତି। ତଟ ସୁରକ୍ଷା ବାହିନୀର ଡୋର୍ନିୟର ସାମୁଦ୍ରିକ ସର୍ଭିଲାନ୍ସ ବିମାନ ଯୋଗାଯୋଗ ସ୍ଥାପନ କରିପାରିଛି।

# ପଦ୍ମଶ୍ରୀ ଫେରାଇଲେ ବୀରେନ୍ଦ୍ର

## ଡବ୍ଲ୍ୟୁଏଫ୍‌ଆଇ ବିବାଦ

**ନୂଆଦିଲ୍ଲୀ, ୨୩।୧୨ (ପି.ଟି.)**

ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ଭାବେ ନିର୍ବାଚିତ ହେବା ପ୍ରତିବାଦରେ ଆଉ ଜଣେ ଆଥ୍‌ଲେଟ ନିଜ ପଦ୍ମଶ୍ରୀ ଫେରାଇବା ପାଇଁ ଶନିବାର ଘୋଷଣା କରିଛନ୍ତି। ବଧିର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା କୁସ୍ତି ଯୋଦ୍ଧା ବୀରେନ୍ଦ୍ର ସିଂ ଯାଦବ ରେସ୍‌ଲରଙ୍କ ସମର୍ଥନରେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସଞ୍ଜୟ ସିଂ ନିର୍ବାଚିତ ହେବା ପରେ ଅବସର ଗ୍ରହଣ କରିଥିବା ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାକ୍ଷୀ ମଲିକଙ୍କ ପ୍ରତି ନିଜର ଦୃଢ ସମର୍ଥନ ଜାହିର କରିବା ସହିତ ପୁରସ୍କାର ଫେରାଇବେ ବୋଲି ସେ ସୋସିଆଲ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଶୁକ୍ରବାର ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ମଧ୍ୟ ନିଜ ପୁରସ୍କାର ଫେରସ୍ତ କରିଥିଲେ। 'ମୋ ଭଉଣୀ ଓ ଦେଶର ଝିଅଙ୍କ ସମ୍ମାନ ପାଇଁ ମୁଁ ମଧ୍ୟ ତାହା କରିବି। ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ମୁଁ ଆପଣଙ୍କ ଝିଅ ତଥା ମୋ ଭଉଣୀ ସାକ୍ଷୀ ମଲିକ୍‌ଙ୍କ ପାଇଁ ଗର୍ବିତ' ବୋଲି ବୀରେନ୍ଦ୍ର 'ଏକ୍ସ'ରେ ଲେଖିଥିଲେ।



ବୀରେନ୍ଦ୍ର ସିଂ ଯାଦବ

ଏହା ସହିତ ଦେଶର ସ୍ପୋର୍ଟ୍ସ ଆଇକନ ସଚିନ ତେନ୍ଦୁଲକର ଓ ନୀରଜ ଚୋପ୍ରାଙ୍କ ପରି ଖେଳାଳିଙ୍କୁ ଏହି ଘଟଣା ଉପରେ ନିଜ ମତ ରଖିବା ପାଇଁ ସେ ଅନୁରୋଧ କରିଥିଲେ। ସେ ଉଭୟ ତେନ୍ଦୁଲକର ଓ ନୀରଜ ଚୋପ୍ରାଙ୍କୁ ଏହି ପୋଷ୍ଟରେ ଟ୍ୟାଗ ମଧ୍ୟ କରିଥିଲେ। ବୀରେନ୍ଦ୍ରଙ୍କୁ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ପୂର୍ବରୁ ୨୦୧୫ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଗୁରୁବାର ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହା ସହିତ ଡବ୍ଲ୍ୟୁଏଫ୍‌ଆଇର ସମୁଦାୟ ୧୫ ପଦବୀ ମଧ୍ୟରୁ ୧୩ଟିରେ ବ୍ରିଜ୍‌ଭୂଷଣଙ୍କ ସମର୍ଥକ ବିଜୟୀ ହୋଇଥିଲେ। ଏହାପରେ ସାକ୍ଷୀ ମଲିକ, ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ ଏକ ଖବରଦାତା ସମ୍ମିଳନୀ କରିଥିଲେ। ସାକ୍ଷୀ ଅବସର ଘୋଷଣା କରିଥିବା ବେଳେ ବଜରଙ୍ଗ ଗୋଟିଏ ଦିନ ପରେ ପୁରସ୍କାର ଫେରାଇବା ପାଇଁ ଘୋଷଣା କରିଥିଲେ। ପୂର୍ବରୁ ମେ' ୩୦ ତାରିଖରେ କୁସ୍ତିଯୋଦ୍ଧାମାନେ ନିଜର ପଦକ ଗଙ୍ଗାରେ ଭସାଇବା ପାଇଁ ଯାଇଥିବା ବେଳେ ଚାଷୀ ନେତାମାନଙ୍କ ଅନୁରୋଧ କ୍ରମେ ଏଥିରୁ ନିବୃତ୍ତ ରହିଥିଲେ।

ଆଜିର ସମ୍ପାଦକୀୟ | ପରିବର୍ତ୍ତନ କାହିଁକି

# ଜେଏନ୍.୧ ଆତଙ୍କ: ମାସ୍କ ପିନ୍ଧିବାକୁ ପରାମର୍ଶ

**ଭୁବନେଶ୍ୱର, ୨୩।୧୨ (ଅସମାପିକା ସାହୁ)**

କରୋନା ପରଠାରୁ ରାଜ୍ୟରେ ଜ୍ୱର, ଥଣ୍ଡା, କାଶ ଆଦି ସାଧାରଣ ରୋଗ ଧୀରେ ଧୀରେ ଜଟିଳ ହେଉଛି। ବିଭିନ୍ନ ସମୟରେ କରୋନାର ସବ୍‌ଭାରିଆଣ୍ଟକୁ ନେଇ ସରକାର ସତର୍କ କରୁଛନ୍ତି। ଏବେ ବିଶ୍ୱରେ କୋଭିଡ୍-୧୯ର ନୂଆ ସବ୍‌ଭାରିଆଣ୍ଟ ଜେଏନ୍.୧ ଚିନ୍ତା ବଢ଼ାଇଥିବାବେଳେ ୨୦ଦିନ ପରେ ଓଡ଼ିଶାରୁ ଆଉ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୩ ତାରିଖରେ ଶେଷଥର ପାଇଁ ଜଣେ ପଜିଟିଭ୍ ବାହାରିଥିଲେ। ଏବେ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତଙ୍କ ସମ୍ପର୍କରେ ଶନିବାର ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେବା ସହ ମାର୍ଗଦର୍ଶିକା ଜାରି କରିଛି। ବୟସ୍କ ଓ ବହୁବିଧ ରୋଗାକ୍ରାନ୍ତଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଘରୁ ବାହାରକୁ ଯାଉଥିଲେ, ମାସ୍କ ପିନ୍ଧିବାକୁ କୁହାଯାଇଛି। ଏପରି କି ଜନଗହଳି ଜାଗାକୁ ନ ଯିବାକୁ ସତର୍କ କରାଯାଇଛି। ତେବେ ରାଜ୍ୟରୁ ଚିହ୍ନଟ କରୋନା ରୋଗୀ ଜଣକ କେଉଁ ଭୂତାଣୁରେ ଆକ୍ରାନ୍ତ ସେ ସମ୍ପର୍କରେ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହାକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଲୋକଙ୍କ ମନରୁ କୋଭିଡ୍ ଭୟ ଯାଇ ନ ଥିବାବେଳେ ନୂଆ ଭାରିଆଣ୍ଟ ଆସି ଜୀବନ ନେଉଥିବାରୁ ଚିନ୍ତା ବଢୁଛି। କେରଳରେ କୋଭିଡ୍-୧୯ର ନୂଆ ସବ୍ ଭାରିଆଣ୍ଟ ଜେଏନ୍. ୧ ଚିହ୍ନଟ ହେବାପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହାର ମୁକାବିଲା ପାଇଁ ତତ୍ପର ହୋଇପଡିଛନ୍ତି। କିଛିଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଥିଲେ, ଯେଉଁ ନୂଆ ଭାରିଆଣ୍ଟ କଥା କୁହାଯାଉଛି ତାହା ନାତୁରାଲ। ଏଠାରେ ନୂଆ ଭାରିଆଣ୍ଟ ଚିହ୍ନଟ ହେଲେ ଜିନୋମ ସିକ୍ୱେନ୍ସ ପାଇଁ ପଠାଯିବ। ଆବଶ୍ୟକ ହେଲେ ରାଜ୍ୟ ଗାଇଡ୍‌ଲାଇନ ଜାରି କରିପାରୁ। ଥଣ୍ଡା, ଜ୍ୱର, କାଶ ହେଲେ ନିଜେ ଆସି ଟେଷ୍ଟ କରି ନିଅନ୍ତୁ। ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ। ପଜିଟିଭ୍ ଚିହ୍ନଟ ହେଲେ ତୁରନ୍ତ ଚିକିତ୍ସା ଆରମ୍ଭ ହେବ। ଆକ୍ରାନ୍ତଙ୍କୁ ଘରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ସହ ଆବଶ୍ୟକ ସ୍ଥଳେ ହସ୍ପିଟାଲରେ ଭର୍ତ୍ତି କରାଯିବ। ସର୍ଭିଲାନ୍ସକୁ ଜୋରଦାର କରାଯିବ। ପର୍ଯ୍ୟାପ୍ତ ଟେଷ୍ଟିଂ କିଟ୍ ଉପଲବ୍ଧ ରହିଛି। ଲୋକେ ସଚେତନ ଓ ସତର୍କ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଅନ୍ୟପକ୍ଷେ ଦେଶରେ ଦିନକରେ ୭୫୨ ନୂଆ କୋଭିଡ୍ ମାମଲା ଚିହ୍ନଟ ହୋଇଛି, ଯାହାକି ମେ' ୨୧ ପରେ ସର୍ବାଧିକ। ଏହାକୁ ମିଶାଇ ମୋଟ ସକ୍ରିୟ ମାମଲା ୩,୪୨୦କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦିନକରେ ୪ ଜଣଙ୍କ ମୃତ୍ୟୁ ଫଳରେ ବର୍ତ୍ତମାନ ସୁଦ୍ଧା କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୫,୩୩,୩୩୨ରେ ପହଞ୍ଚିଛି।

## ୨୦ ଦିନ ପରେ ରାଜ୍ୟରେ ଆଉ ଜଣେ ଆକ୍ରାନ୍ତ



# ବିମାନରେ ୧୧ ଡଜନ ସାପ



## ବିସ୍କୁଟ୍ ପ୍ୟାକେଟ୍‌ରେ ଲୁଚାଇ ଆଣିଥିଲେ ଯାତ୍ରୀ

**ମୁମ୍ବାଇ, ୨୩।୧୨**

ବ୍ୟାଙ୍କକ୍‌ରୁ ଆସିଥିବା ଏକ ବିମାନର ବିସ୍କୁଟ୍ ଏବଂ କେକ୍ ପ୍ୟାକେଟଗୁଡ଼ିକ ମଧ୍ୟରେ ୧୧ ଡଜନ ସାପ୍ ଲୁଚାଇ ରଖାଯାଇଥିଲା। ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜା ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହି ସାପଗୁଡ଼ିକୁ ଜବତ କରାଯିବା ସହ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଛି। ଯାତ୍ରୀଙ୍କ ଲଗେଜ ଯାଞ୍ଚ ବେଳେ ସାପଗୁଡ଼ିକ ମିଳିଥିବା ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟର ଜଣେ ଅଧିକାରୀ କହିଛନ୍ତି। ଗିରଫ ଯାତ୍ରୀ ଜଣକ ବନ୍ୟପ୍ରାଣୀ ଚୋରାଚାଲାଣ ସିଣ୍ଡିକେଟ୍ ସହ ସମ୍ପୃକ୍ତ ଥିବା କୁହାଯାଉଛି। ବ୍ୟାଙ୍କକ୍ ଯିବାକୁ ଥିବା ପରବର୍ତ୍ତୀ ବିମାନରେ ଉକ୍ତ ସାପଗୁଡ଼ିକୁ ପଠାଇଦିଆଯାଇଛି। ଦୁଇ ଦେଶ ମଧ୍ୟରେ ଅନ୍ତର୍ଜାତୀୟ ରାଜିନାମାର ଉଲ୍ଲଂଘନ କରାଯାଇ ସାପଗୁଡ଼ିକୁ ଚାଲାଣ କରାଯାଉଥିଲା। ବିଶ୍ୱବ୍ୟାପୀ ବଡ଼ ଅପରାଧର ୨୦ ପ୍ରତିଶତ ବନ୍ୟପ୍ରାଣୀ ଚାଲାଣ ଅପରାଧ। ତେବେ ଏହାର ମାଷ୍ଟରମାଇଣ୍ଡ ଧରାପଡୁ ନାହାନ୍ତି। ବିଦେଶୀ ପ୍ରାଣୀମାନଙ୍କର ଏକ ବୃହତ୍ ବଜାର ରହିଛି। ଆଜିର ଦିନରେ ବନ୍ୟପ୍ରାଣୀ ସମେତ ବିଦେଶୀ ପୋଷାଜନ୍ତୁଙ୍କୁ ଘରେ ରଖିବା ଏକ ଷ୍ଟାଟସ୍ ସିମ୍ବଲ ହୋଇଥିବା ବନ୍ୟପ୍ରାଣୀ ୱାର୍ଡେନ୍ ପୱନ ଶର୍ମା କହିଛନ୍ତି।



**ଆଜିର ମନ୍ତବ୍ୟ**

“ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶର ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାକୁ ପଡ଼ିବା।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ରାଣୀ**
**ଜାଣି ନ ଜାଣି ମୁଁ ଦଉଛି ପାଣି**
**ତୁ ନାଉଥା ଟାଣି।**

ତୁଳସୀ ବୃକ୍ଷକୁ ଅତି ପବିତ୍ର ମନେକରି ତା’ମୂଳରେ ପାଣି ଢାଳି ପୂଜା କରାଯାଇଥାଏ। ତେବେ ଆନ୍ତରିକ ଭକ୍ତିଭାବ ତଥା ପ୍ରାର୍ଥନା ବିନା କରାଯାଉଥିବା ପୂଜା ମୂଲ୍ୟହୀନ ହୋଇଥାଏ। ଏପରି ଉପରଠାଉରିଆ ପୂଜାରେ ଲାଭ କିଛି ମିଳି ନ ଥାଏ। ପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହୁଥିବା ବ୍ୟକ୍ତିର ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋଡ଼ି ପେଟିଆ ସବୁ ଖାଏ**
**ଥନ୍ତଲ ପେଟିଆ ନାଁରେ ଯାଏ।**

ଥନ୍ତଲ ପେଟିଆ ଆକାରରେ ବଡ଼ ପେଟ ଧାରଣ କରିବା ହେତୁ ବହୁ ଭୋଜନ କରିବା ସ୍ୱାଭାବିକ। ମାତ୍ର ସରୁ ପେଟା ଯେ ଲୁଚେଇ ଚୋରେଇ ସବୁ ଭକ୍ଷଣ କରେ, ଏହାର ସତ୍ୟତାକୁ କେହି ସ୍ୱୀକାର କରନ୍ତି ନାହିଁ। ପରୋକ୍ଷରେ ଅନ୍ତଃକପଟିଆ ବେଶି ମାରି ଖାଏ, କିନ୍ତୁ ଯେ ମାରି ଖାଇବାର ନାଁ ବହିଛି ତାକୁ ସାଧାରଣ ଲୋକେ ବେଶି ଆତ୍ମସାତ୍ କରିବା ବ୍ୟକ୍ତି ବୋଲି ଗାଇ ବୁଲନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜେଲ ଫେରିଲେ ସନ୍ଦିଗ୍ଧ ଆତଙ୍କବାଦୀ ବୁଖାରୀ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ଧର୍ମଶାଳା, ୨୩।୧୨ (ବଟକୃଷ୍ଣ ପରିଡ଼ା)

କଶ୍ମୀର ପୋଲିସର ୱାଣ୍ଟେଡ୍ ଥିବା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଯାଜପୁରରୁ ଗିରଫ କରିବା ପରେ ୫ଦିନିଆ ରିମାଣ୍ଡରେ ଆଣି ବହୁ ତଥ୍ୟ ହାସଲ କରିଛି। ତେବେ ଶନିବାର ରିମାଣ୍ଡ ଅବଧି ସରିବା ପରେ ଏସ୍‌ଟିଏଫ୍ ପକ୍ଷରୁ ତାଙ୍କୁ ଚଣ୍ଡିଖୋଲ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁଣି ରଗଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ତେବେ ଏହି ରିମାଣ୍ଡବେଳେ ଏସ୍‌ଟିଏଫ ସହ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା (ଆଇବି) ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବାବେଳେ ଆଉ କିଛି ଗୋପନୀୟ ତଥ୍ୟ ବୁଖାରୀ ଲୁଚାଇଥିବା ଜଣାପଡିଛି। ସେହିପରି ବୁଖାରୀ କେତେକ ହସ୍ପିଟାଲରେ ଜାଲ୍ ଡକ୍ୟୁମେଣ୍ଟ ଦେଖାଇ ଚାକିରି କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେହିପରି ସେ କୌଣସି ରୋଜଗାର କରୁ ନ ଥିବାରୁ ଉଚ୍ଚଶିକ୍ଷିତ ଯୁବତୀଙ୍କୁ ମିଛକଥା କହି ପ୍ରେମ ଜାଲରେ ଫସାଇ ଟଙ୍କା ରୋଜଗାର କରିବାର ଉଦ୍ଦେଶ୍ୟ ରଖୁଥିବା ଏସ୍‌ଟିଏଫ୍ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଅପରପକ୍ଷେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇଙ୍କ ସହ ତାଙ୍କ ଲିଙ୍କ୍‌ର କୌଣସି ପ୍ରମାଣ ଏସ୍‌ଟିଏଫ୍ ପାଇ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବୁଖାରୀ ମୁହଁ ଖୋଲି ନ ଥିବାରୁ ତାଙ୍କୁ ଆଉ ଥରେ ଆଣି ରିମାଣ୍ଡରେ ଜେରା କରିବାକୁ ଏସ୍‌ଟିଏଫ୍ ଯୋଜନା ରଖିଥିବା ସୂଚନା ମିଳିଛି।



ସୟଦ ଇଶାନ ବୁଖାରୀ

## ଯୁବକଙ୍କୁ ଦଳିଦେଲା ହାତୀ

ଖୋର୍ଦ୍ଧା, ୨୩।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଛତିପୁର ଗ୍ରାମରେ ଶନିବାର ହାତୀ ଦଳିଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବିଧାନ ପଶ୍ଚିମକବାଟ(୨୨) ଅପରାହ୍ନରେ କୌଣସି କାମରେ ଯାଉଥିବାବେଳେ ରାସ୍ତାରେ ହାତୀ ହାବୁଡ଼ରେ ପଡ଼ି ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହାତୀ ଚଳପ୍ରଚଳ ହେଉଥିବା ଅଞ୍ଚଳକୁ କେହି ନ ଯିବାକୁ ଲୋକଙ୍କୁ ବାରଣ କରାଯାଇଛି। ଚନ୍ଦକାରୁ ଖସିଆସିଥିବା ଏକ ୨୪ ଟିକିଆ ହାତୀପଲ ଖୋର୍ଦ୍ଧା ଏବଂ ଟାଙ୍ଗୀ ବନାଞ୍ଚଳ ଅଞ୍ଚଳର କ୍ଷେତରେ ଫସଲ ନଷ୍ଟ କରୁଛନ୍ତି। ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ, ଦଲେଇପୁଟ, ପାନବରଜ, ଦେଉଳଟାଙ୍ଗୀ, କାଇପଦର, ବେରୁଆଁ, ଶରଧାପୁର, ଛତିପୁର ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇ, ଜଙ୍କିଆ, ବାଲିଗାଡିଆ, ମୋଟା, ଗୋଲବାଇ, ହଜ, ନାରଗୋଦା, ଟାଙ୍କୋଳ, ସିକୋ ଆଦି ଗ୍ରାମର ରାସ୍ତା ସନ୍ଧ୍ୟା ହେଲେ ଶୂନଶାନ ହୋଇପଡୁଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବନ ଅଧିକାରୀ ଜୟ ପ୍ରକାଶ ପଣ୍ଡା କହିଛନ୍ତି, ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ଏକ ସ୍କ୍ୱାଡ୍ ହାତୀ ଚଲାବୁଲା କରୁଥିବା ଅଞ୍ଚଳରେ ପଇଁତରା ମାରୁଛି।




## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତିକ ସମ୍ମିଳନୀରେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୩।୧୨ (ଅନିଲ ଦାସ/ଲିଙ୍ଗରାଜ ରାଉତ)

କ୍ରୀଡ଼ା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଟେକ୍ନୋଲୋଜି କ୍ରୀଡ଼ାବିତ୍‌ଙ୍କ ଦକ୍ଷତା ବଢ଼ାଇବ। କ୍ରୀଡ଼ା ସହ ମିଶିଲେ ଏଆଇ ଖେଳର ଗୁଣବତ୍ତା ଆହୁରି ବୃଦ୍ଧିପାଇବ। ଶନିବାର କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା କ୍ଷେତ୍ରରେ ପ୍ରଦର୍ଶନ ଏବଂ ନିରାପତ୍ତା ଦିଗରେ ସାମଗ୍ରିକ ଆଭିମୁଖ୍ୟ ଉପରେ ଆୟୋଜିତ ୩ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ୨୦୨୩ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆମେ କୌଣସି ଏକ ଖେଳର ରୂପରେଖ ପ୍ରସ୍ତୁତ କରିବା ସମୟରେ ଖେଳକୁ କିଭଳି ବିକଶିତ କଲେ, କେଉଁ ପ୍ରକାର ପଦ୍ଧତି ଆପଣାଇଲେ ଖେଳାଳିଙ୍କୁ ଲାଭ ଦେବ ଏଆଇ ତାହାକୁ ଭଲ ଭାବରେ ବିଶ୍ଳେଷଣ କରିପାରିବ। କ୍ରୀଡ଼ା ସହ ଏଆଇ ମିଶିଲେ ଖେଳର ଗୁଣବତ୍ତା ବୃଦ୍ଧି ପାଇବ। ଆମ ସଭ୍ୟତାରେ ଖେଳର ପ୍ରାସଙ୍ଗିକତା ବହୁ ପୂର୍ବରୁ ରହିଆସିଛି। ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଖେଳ ଏକ ମେଡାଲ ନୁହେଁ ବରଂ ଆଧ୍ୟାତ୍ମିକତା ସହ ଯୋଡ଼ିହୋଇଥିବା ବିଷୟ। ଶରୀର ଓ ମନ ଭଲ ରହିଲେ ସମାଜ ଭଲ ରହିବ। ଅଧିକାଂଶ ଭଲ ଖେଳାଳି ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟରୁ ହିଁ ଆସୁଛନ୍ତି। ଏହାକୁ ଧ୍ୟାନରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୀର୍ଘ ୩୪ ବର୍ଷ ପରେ ପ୍ରଣିତ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଖେଳ, ସୃଜନଶୀଳତା ଏବଂ ଶାରୀରିକ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ସ୍କୁଲରେ ଶାରୀରିକ ଶିକ୍ଷା ଏବଂ ଖେଳକୁ ନିୟମିତ ପାଠପଢ଼ାର ଏକ ବିଷୟର ରୂପ ଦିଆଯାଇଛି। ବାଲବାଟିକାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଖେଳକୁ ଏକ୍ସଟ୍ରାକରିକୁଲାର ଆକ୍ଟିଭିଟି ଭାବେ ନୁହେଁ ବରଂ ବିଧିବଦ୍ଧ ଭାବେ ବିଷୟ ଭାବେ ନିଆଯାଇ ପଢାଯିବାର ବ୍ୟବସ୍ଥା ହୋଇଛି। ଖେଳ ଏବଂ ଯୋଗ ଅନୁଶାସନ, ଟିମ୍ ୱାର୍କ ଏବଂ ଅଧ୍ୟବସାୟ ଭଳି ଆବଶ୍ୟକ ଜୀବନ କୌଶଳକୁ ମଧ୍ୟ ବିକଶିତ କରୁଛି। ଆଗାମୀ ଦିନରେ ଜେଇଇ ମେନ୍ ଓ ଜେଇଇ ଆଡ୍‌ଭାନ୍ସ ପରୀକ୍ଷା ମାଧ୍ୟମରେ ଆଇଆଇଟିରେ ନାମ ଲେଖାଉଥିବା ପିଲାମାନଙ୍କୁ ସ୍ପୋର୍ଟ୍ସ କୋଟାରେ ମଧ୍ୟ ଚୟନ କରାଯିବାର ଯୋଜନା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଦେଶରେ ପ୍ରାୟ ୧୫ ଲକ୍ଷରୁ ଅଧିକ ପିଲା ଜେଇଇ ପରୀକ୍ଷା ଦିଅନ୍ତି। ୨.୫ ଲକ୍ଷ ପିଲା ଜେଇଇ ଆଡଭାନ୍ସ ପରୀକ୍ଷା ଦିଅନ୍ତି। ସେମାନଙ୍କ ମଧ୍ୟରୁ ହାରାହାରି ଏକ ହଜାର ପିଲା ଆଇଆଇଟିରେ ନାମ ଲେଖାଇବାର ସୁଯୋଗ ପାଆନ୍ତି। ତେବେ ଆଇଆଇଟି କାଉନସିଲ ଆଗାମୀ ଦିନରେ ଜେଇଇ ଆଡ୍‌ଭାନ୍ସ ଓ ଜେଇଇ ମେନ ପରୀକ୍ଷାରେ କିଛି ପିଲାଙ୍କୁ ସ୍ପୋର୍ଟ୍ସ କୋଟାରେ ଆଇଆଇଟିରେ ନାମ ଲେଖା ଯୋଜନା କରିଥିବା ସେ କହିଛନ୍ତି। ଓଡ଼ିଶା ଖେଳର ଏକ ସ୍ୱାଭାବିକ ସ୍ଥାନ। ଆଥ୍‌ଲେଟିକ୍ସ, ହକି ଓ ମହିଳା ଫୁଟ୍‌ବଲରେ ଓଡ଼ିଶାର ବିଶେଷ ନାଁ ଅଛି। ୨୦୩୬ ଅଲିମ୍ପିକ୍ସରେ ଭାରତର ଖେଳାଳି ଅଧିକ ଗୌରବ ଅର୍ଜନ କରିବେ, ଏଥିପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିବା ଦରକାର। ଆୟୋଜିତ ସେମିନାର ସେ ଦିଗରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ନିର୍ଦ୍ଦେଶକ ପ୍ରିନ୍ସ କୁମାରଙ୍କୁ ୭ ବର୍ଷ ଜେଲ

**ଦେଢ଼କୋଟି ଟଙ୍କା ଡିଜିଟାଲ ଚିଟ୍‌ଫଣ୍ଡ ଠକେଇ ମାମଲା**

- **ଓଡ଼ିଶାରେ ଅନ୍‌ଲାଇନ ଠକେଇ ମାମଲାରେ ପ୍ରଥମ ଦଣ୍ଡାଦେଶ**
- **ବାଲେଶ୍ୱର ଓପିଆଇଡି କୋର୍ଟରେ ରାୟ ପ୍ରକାଶ**

ଭୁବନେଶ୍ୱର, ୨୩।୧୨ (ସୂର୍ଯ୍ୟକାନ୍ତ ବେହେରା)

ଶତାଧିକ ନିବେଶକଙ୍କଠାରୁ ଦେଢ କୋଟି ଟଙ୍କା ଡିଜିଟାଲ ପୋଞ୍ଜି ସ୍କାମ ମାମଲାର ବାଲେଶ୍ୱର ଓପିଆଇଡି କୋର୍ଟରେ ରାୟ ପ୍ରକାଶ ପାଇଛି। ଏହି ମାମଲାର ଶୁଣାଣି କରି ବିଚାରପତି ଏମ୍‌ଏସ୍ ଡିଜିଟାଲ ରିଭୋଲ୍ୟୁଶନ ଟେକ୍ନୋଲୋଜିସ ଲିମିଟେଡ’ ସଂସ୍ଥାର ନିର୍ଦ୍ଦେଶକ ପ୍ରିନ୍ସ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୩.୩୩ଲକ୍ଷ ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଓଡ଼ିଶାରେ ଅନ୍‌ଲାଇନ୍ ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇବାରେ ଏହା ପ୍ରଥମ ମାମଲା ବୋଲି ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାକୁ ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ପରିଚାଳନା କରିଥିଲେ।

ପ୍ରକାଶ ଯେ, ଡିଜିଟାଲ ମାର୍କେଟିଂ ଆଳରେ ଅଭିଯୁକ୍ତ ପ୍ରିନ୍ସ ଏମ୍‌ଏସ୍ ଡିଜିଟାଲ ରିଭୋଲ୍ୟୁଶନ ଟେକ୍ନୋଲୋଜିସ ଲିମିଟେଡ’ ନାମରେ ଏକ କମ୍ପାନୀ ଖୋଲି କର୍ମଚାରୀ ନିୟୋଜିତ କରିଥିଲେ। ଲୋକଙ୍କ ବିଶ୍ୱାସ ଭାଜନ ପାଇଁ ସେ ୟୁଟ୍ୟୁବ, ହ୍ୱାଟ୍ସଆପ୍, ଆମାଜନ, ଇମେଲ୍, ଅନ୍‌ଲାଇନ ଡିଜିଟାଲ ଗେମିଂ, ଡିଜିଟାଲ ପେମେଣ୍ଟ ଓ ନେଟ୍‌ଫ୍ଲିକ୍ସ ଆଦିର ବିକଳ୍ପ ଭାରତୀୟ ଆପ୍ ଯଥା ଶପ୍‌ସବ୍‌କୁଛ୍, ମାଇଁପେ’, ମାଇଁଟ୍ୟୁବ ୱାର୍ଲଡ, ଭିଡିସ୍କୋପ୍, ଚିଠି ଏବଂ ଗୋଗେମ-୧୧ ଆଦି ଡିଜିଟାଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଓଡିଶା ସମେତ ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟରେ ବୁଲି ଅଧିକରୁ ଅଧିକ ଲୋକଙ୍କୁ କମ୍ପାନୀ ସହ ଯୋଡୁଥିଲେ। ଘରେ ବସି ରୋଜଗାର କରିବା ସହ ଦେଶର ସମ୍ମାନ ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରୁଥିଲେ। ଏପରି କି ଏଥିଯୋଗୁ ପରୋକ୍ଷରେ ଦେଶର ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଡିଜିଟାଲ କ୍ଷେତ୍ରରେ କ୍ରାନ୍ତି ଆଣିବାକୁ କମ୍ପାନୀର ଲକ୍ଷ୍ୟ ରହିଥିବା କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ୨୦୨୦ ମାର୍ଚ୍ଚରେ ପ୍ରିନ୍ସ ଓଡ଼ିଶା ଆସି ବିଭିନ୍ନ ଜିଲାରେ ବୈଠକ କରିଥିଲେ। ୧୫ ହଜାର ଲେଖାଏ ଦେଇ କମ୍ପାନୀରେ ଆଇଡି ଖୋଲି ନାମ ପଞ୍ଜୀକରଣ କରିବା ପରେ ପ୍ରତି ମାସରେ ୨୬୦୦ ଟଙ୍କା ମିଳିବ ବୋଲି ସେ କହିଥିଲେ। ଏହାକୁ ବିଶ୍ୱାସ କରି ଶତାଧିକ ଲୋକ କମ୍ପାନୀ ସହ ଯୋଡ଼ି ହୋଇଥିଲେ। ଲୋକମାନଙ୍କ ଠାରୁ କମ୍ପାନୀ ଦେଢ଼ କୋଟିରୁ ଅଧିକ ଟଙ୍କା ନେଇଥିଲା। ୨ରୁ ୩ ମାସ ଟଙ୍କା ଆସିବା ପରେ ତାହା ବନ୍ଦ ହୋଇଯାଇଥିଲା। ଠକେଇର ଶିକାର ହୋଇଥିବା କେତେଜଣ ଲୋକ ୨୦୨୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିର୍ଦ୍ଦେଶକ୍ରମେ ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତ କରି ୨୦୨୨ ମାର୍ଚ୍ଚ ୧୪ରେ ଏକ ମାମଲା(ନଂ.୫/୨୦୨୨) ରୁଜୁ କରିଥିଲା। ପରେ ତଦନ୍ତ କରି ଉକ୍ତ କମ୍ପାନୀର ନିର୍ଦ୍ଦେଶକ ପ୍ରିନ୍ସଙ୍କୁ ଉତ୍ତରପ୍ରଦେଶର ମଥୁରାରୁ ଗିରଫ କରିଥିଲା।



ପ୍ରିନ୍ସ କୁମାର

## ଡେଉଁରିଆ କାମ ନ ଦେବାରୁ ବାବାଙ୍କୁ ହତ୍ୟା

**■ ଜେଲ୍ ଗଲେ ଅଭିଯୁକ୍ତ**

ବାଲିକୁଦା, ୨୩।୧୨ (ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ରାହାଣ ପଞ୍ଚାୟତ ଅନ୍ତର୍ଗତ କୋଷିଦା ମଠର ବାବା ପ୍ରହଲ୍ଲାଦ ଦାସଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତ ବାନାମ୍ବର ଦାସ (ବାନା)ଙ୍କୁ ପୋଲିସ ଶୁକ୍ରବାରଠାରୁ ଅଟକ ରଖିଥିବା ବେଳେ ଶନିବାର କୋର୍ଟ ଚାଲାଣ କରିଛି। ମୃତ ବାବାଙ୍କ ସ୍ତ୍ରୀ ଶାନ୍ତିଲତା ଦାସଙ୍କ ଲିଖିତ ଅଭିଯୋଗ ପରେ ଥାନାରେ ମାମଲା (ନଂ.୫୬୯/୨୩) ରୁଜୁ ହୋଇଛି। ବାନାମ୍ବରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ଶନିବାର ବାବାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଘୁଷୁରି ବାଡ଼ିରେ ପଶିବାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିବାବେଳେ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ କରିଥିବା ବାନାମ୍ବର କହିଛନ୍ତି। ତାଙ୍କ କହିବାନୁଯାୟୀ, ମଠରେ ବାବା ପୂର୍ବରୁ ହୁକୁମ କରୁଥିବାବେଳେ ଏବେ ତାହାକୁ ଅନ୍ଧବିଶ୍ୱାସ ଭାବି ଲୋକେ ଆଉ ସେଠାକୁ ପୂର୍ବଭଳି ଆସୁନାହାନ୍ତି। ତେବେ କେତେଜଣ କିଛି କାମ ପାଇଁ ବେଳେବେଳେ ବାବାଙ୍କ ପାଖକୁ ଆସୁଥିଲେ। ଏମାନଙ୍କ ମଧ୍ୟରେ ଅଭିଯୁକ୍ତ ବାନାମ୍ବର ଥିଲେ। କାରଣ ସ୍ତ୍ରୀ ତାଙ୍କୁ ଛାଡ଼ି ପଳେଇଥିଲେ। ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିବା ସକାଶେ ବାବା ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ବାବା ଏକ ଡେଉଁରିଆ ବାନାମ୍ବରଙ୍କୁ ଦେବା ସହ କିଛି ଟଙ୍କା ନେଇଥିଲେ। ହେଲେ କାମ ନ ହେବାରୁ ଟଙ୍କା ଫେରାଇବା ପାଇଁ ବାନାମ୍ବର କହିଥିଲେ। ସେଥିପାଇଁ ପୂର୍ବରୁ ଉଭୟଙ୍କ ମଧ୍ୟରେ ଅନେକଥର ଯୁକ୍ତିତର୍କ ହୋଇଛି। ଏଭଳି ସ୍ଥିତିରେ ଘୁଷୁରି ପୂରାଇବାକୁ ନେଇ ବାବାଙ୍କଠାରୁ ବାନାମ୍ବର ଶୁକ୍ରବାର ଗାଳି ଶୁଣିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏଭଳି କାଣ୍ଡ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିତୀୟସ୍ଥ ଚନ୍ଦ୍ର ଯୋଗୁ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ପାଇ ମଧ୍ୟ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ହଠାତ୍ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରଶ୍ରୀକାତର ସହକର୍ମୀଙ୍କ ଦ୍ୱାରା ସଭାସମିତିରେ ସମାଲୋଚିତ ହୋଇପାରନ୍ତି।

**ବୃଷ** ଆଜି ଶ୍ରୀଚନ୍ଦ୍ର ହେତୁ ଅର୍ଥଲାଭ ଓ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କୌଣସି ଘଟଣାକୁ କେନ୍ଦ୍ର କରି ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ରୋହିଣୀ ନକ୍ଷତ୍ରର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସାଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରି ଆସିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ପାରିବ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ କରିପାରନ୍ତି। ବ୍ୟୟଭାବସ୍ଥ ଚନ୍ଦ୍ର ଯୋଗୁ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ସାମାଜିକ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**କର୍କଟ** ଅଷ୍ଟମସ୍ଥ ଶନିଜନିତ ମନ ଭଲ ନ ଥିବା କାରଣରୁ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ପୁନର୍ବସୁ ନକ୍ଷତ୍ରର ବନ୍ଧୁମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ସିଂହ** ଆଲୋଚନାର ଶେଷଭାଗରେ କୌଣସି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ମଘା ନକ୍ଷତ୍ର ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ପରିବାରର ଆବଶ୍ୟକତା ଅନୁଯାୟୀ ଧାର କରଜ କରି କାମ ଚଳାଇନେବେ।

**କନ୍ୟା** କର୍ମକ୍ଷେତ୍ରରେ ବନ୍ଧୁମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମୟିକ ସମସ୍ୟା ଦେଖାଦେବାରୁ ହାତକୁ ନେଇଥିବା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ବୃହସ୍ପତି ଦୁଃସ୍ଥାନସ୍ଥ ହେତୁ କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଦୀର୍ଘଦିନ ହେଲା ଖୋଜୁଥିବା ଜିନିଷ ଆଜି ଅପରାହ୍ଣେ ହଠାତ୍ ପାଇଯିବେ।

**ତୁଳା** ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଅଷ୍ଟମଚନ୍ଦ୍ର ହେତୁ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। କର୍ମକ୍ଷେତ୍ରରେ ଈର୍ଷାଳୁ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବିଛା** ମଙ୍ଗଳ ଦୃଷ୍ଟିରେ ଚନ୍ଦ୍ରଜନିତ ଟେନ୍‌ସନ ମଧ୍ୟରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଗୃହସୀମା କିମ୍ବା ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ। ପଡ଼ୋଶୀମାନେ ସାଧାରଣ କଥାକୁ କେନ୍ଦ୍ର କରି କଳହ କରିପାରନ୍ତି ।

**ଧନୁ** ଗୁରୁଙ୍କ ଶୁଭଦୃଷ୍ଟିରୁ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ପ୍ରକାଶନ ଓ ପରିବହନରେ ସମସ୍ୟାର ସମାଧାନ ହେବ।

**ମକର** ଚତୁର୍ଥସ୍ଥ ଗୁରୁଜନିତ ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ଭଲରୂପେ ନ ଜାଣି ନ ବୁଝି ସନ୍ଦେହ କଲେ ନିଜେ କ୍ଷତିରେ ପଡ଼ିବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ସମସ୍ୟାର ସମାଧାନ ହେବ। ମୂଲ୍ୟବାନ୍ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି।

**କୁମ୍ଭ** ଷଷ୍ଠାଧିପ ଚତୁର୍ଥସ୍ଥ ଯୋଗୁ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିଲେ ମଧ୍ୟ ଦୁର୍ବଳତା ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** ଆଜି ସକାଳୁ ସକାଳୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ଦ୍ୱିତୀୟସ୍ଥ ବୃହସ୍ପତି ହେତୁ ଅପରାହ୍ନରେ ବନ୍ଧୁଙ୍କ ନିକଟରୁ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। କୌଣସି ବ୍ୟତିକ୍ରମ ଅବଲୋକନ କରି ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ରବିବାର, ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ସକାଳ ଘ.୦୭।୦୪ ଗତେ ଘ.୦୯।୧୪ ମଧ୍ୟେ, ଘ.୦୧।୦୭ ଗତେ ଘ.୦୩।୦୦ ମଧ୍ୟେ ଶୁଦ୍ଧବେଳା। ଅପରାହ୍ନ, ଘ.୦୩।୪୯ ଗତେ ଘ.୦୫।୧୦ ମଧ୍ୟେ ରାହୁକାଳ।

# ପାଠ ପଢ଼, ମା'ବାପାଙ୍କ ସ୍ୱପ୍ନ ସାକାର କର




ଲୋକସେବା ଭବନ କନ୍‌ଭେନଶନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଅନ୍ୟମାନେ।

ଭୁବନେଶ୍ୱର,୨୩।୧୨(ଅନିଲ ଦାସ )

## ସର୍ଗିଫୁଲ-୨୦୨୩

■ପିଲାମାନଙ୍କୁ ପ୍ରେରଣା ଦେଲେ ମୁଖ୍ୟମନ୍ତ୍ରୀ

■ତୁମ ପ୍ରତିଭାର ସୁରଭି ସମସ୍ତେ ଅନୁଭବ କରନ୍ତୁ

ଭଲ ପାଠ ପଢ଼, ତୁମ ମା'ବାପାଙ୍କ ସ୍ୱପ୍ନକୁ ସାକାର କର। ତୁମ ପ୍ରତିଭାର ସୁରଭି ସମସ୍ତେ ଅନୁଭବ କରନ୍ତୁ। ଶନିବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ଠାରେ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ସ୍କୁଲର ପିଲାମାନଙ୍କ ପାଇଁ ଆୟୋଜିତ ସର୍ଗିଫୁଲ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ପିଲାମାନଙ୍କୁ ପ୍ରେରଣା ଦେଇ ସେ କହିଛନ୍ତି ଯେ ଜ୍ଞାନ ଓ ଅଭିଜ୍ଞତା ବୃଦ୍ଧି ସହ ପ୍ରତିଭାର ପ୍ରଦର୍ଶନ ପାଇଁ ସର୍ଗିଫୁଲ ଏକ ବହୁତ ଭଲ କାର୍ଯ୍ୟକ୍ରମ । ପିଲାମାନେ ନିଜ ନିଜର ପ୍ରତିଭାକୁ ଜାଣି ଆଗକୁ ବଢ଼ିବା ପାଇଁ ଉଦ୍ୟମ କରିବା ଉଚିତ। ଏହା ହେଲେ ସେମାନେ ନିଶ୍ଚୟ ସଫଳ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ସେ କହିଛନ୍ତି ଯେ ପିଲାମାନେ ସର୍ଗିଫୁଲ ପାଇଁ ଭୁବନେଶ୍ୱର ଆସିଛନ୍ତି । ଭୁବନେଶ୍ୱରର ବିଭିନ୍ନ ଐତିହାସିକ ସ୍ଥାନ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳ ମଧ୍ୟ ବୁଲି ଦେଖୁଛନ୍ତି । ଏହାଦ୍ୱାରା ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତା ବୃଦ୍ଧି ହେଉଛି। ପିଲାମାନଙ୍କ ଭବିଷ୍ୟତ ପାଇଁ ଏହା ଖୁବ୍ ଭଲ ଉଦ୍ୟମ । ଆଗକୁ ବଢ଼ିବାର ମୁଖ୍ୟ ରାସ୍ତା ହେଉଛି ଶିକ୍ଷା । ବିଜ୍ଞାନ, ସାହିତ୍ୟ ସହିତ ଆମେ ଆମର ରାଜ୍ୟ, ଆମ ଦେଶ, ଆମ ସଂସ୍କୃତି ସମ୍ପର୍କରେ ମଧ୍ୟ ଜାଣିବା ଦରକାର । ନିଜର ପ୍ରତିଭାକୁ ଚିହ୍ନି, ଆଗକୁ ବଢ଼ିବା ପାଇଁ କାମ କଲେ ଆମେ ନିଶ୍ଚୟ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଜନଜାତି ସ୍କୁଲର ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି । ପିଲାମାନଙ୍କ ଲାଗି କମ୍ପ୍ୟୁଟର ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ମାତୃଭାଷାରେ ଶିକ୍ଷାଦାନ ଆଦି ଅନେକ କାର୍ଯ୍ୟକ୍ରମ କରାଯାଉଛି । ସ୍କୁଲ ତୁମ ନିଜ ଘର ପରି, ସହପାଠୀମାନେ ତୁମ ପରିବାର ସଦସ୍ୟ ପରି। ସେଥିପାଇଁ ରାଜ୍ୟ ସରକାର ମାତାପିତାଙ୍କୁ ସ୍କୁଲର ଅଂଶୀଦାର କରିଛନ୍ତି। ପିଲାମାନେ ଖୁସିରେ ପାଠ ପଢ଼ିବା ଉଚିତ ବୋଲି ସେ କହିଛନ୍ତି। ପୁରସ୍କାର ପାଉଥିବା ସବୁ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ, ସର୍ଗିଫୁଲ ହେଉଛି ଆସ୍ଥାର ପ୍ରତୀକ, ପ୍ରଗତିର ପ୍ରତୀକ, ସୃଜନର ପ୍ରତୀକ । ଏହାକୁ ନେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଭିନ୍ନ ଜନଜାତି ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାର ପ୍ରୟାସ ନେଇ ସର୍ଗିଫୁଲ ମହୋତ୍ସବ ପ୍ରତିବର୍ଷ ଆୟୋଜନ କରିଥାଏ । ଚଳିତ ବର୍ଷ ଏହି ସମାରୋହକୁ ଆହୁରି ବ୍ୟାପକ କରିବା ପାଇଁ ଦୁଇଟି ଜୋନ୍‌ରେ ଆୟୋଜନ କରାଯାଇଥିଲା। ପ୍ରଥମ ଜୋନ୍ ସୁନ୍ଦରଗଡ଼ ଜିଲାର ଭବାନୀପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ୧୫ଟି ଜିଲାରୁ ଛାତ୍ରୀଛାତ୍ରମାନେ ଭାଗ ନେଇ ଡିସେମ୍ବର ୬ ଓ ୮ ତାରିଖରେ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ । ସେହିପରି ଗଜପତି ଜିଲା ରାୟଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ୟ ୧୫ ଜିଲାର ଛାତ୍ରୀଛାତ୍ରମାନେ ଡିସେମ୍ବର ୧୨ ଓ ୧୪ ତାରିଖରେ ପ୍ରତିଯୋଗିତାରେ ଯୋଗଦେଇ ନିଜ ପ୍ରତିଭାକୁ ପ୍ରତିଫଳିତ କରିଥିଲେ । ବିଭିନ୍ନ କଳାରେ ପାରଦର୍ଶିତା ରଖିଥିବା ଜନଜାତି ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ଓ ସେମାନଙ୍କ ପ୍ରଦର୍ଶନ ଖୁବ୍ ଉଚ୍ଚକୋଟୀର । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜନଜାତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ପିଲାଙ୍କ ପ୍ରତିଭାର ପ୍ରସ୍ଫୁଟନ ଓ ବିକାଶ ପାଇଁ ସର୍ଗିଫୁଲ ଏକ ବହୁତ ଭଲ କାର୍ଯ୍ୟକ୍ରମ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ ଜନଜାତି ପିଲାଙ୍କ ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବ୍ୟବସ୍ଥା କରିଛନ୍ତି। କମ୍ପ୍ୟୁଟର ସହିତ ଇଂଲିଶ ଭାଷାରେ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ଦେଇଛନ୍ତି। ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ ବିଭାଗୀୟ ସଚିବ ରୂପା ରୋଶନ ସାହୁ କହିଛନ୍ତି ଯେ ପିଲାଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ପାଇଁ ଗତ ୧୪ ବର୍ଷ ଧରି ସର୍ଗିଫୁଲ କାର୍ଯ୍ୟକ୍ରମ କରାଯାଉଛି। ଏ ବର୍ଷ ପ୍ରଥମ ଥର ପାଇଁ ଜୋନାଲ ସ୍ତରରେ କାର୍ଯ୍ୟକ୍ରମ କରାଯାଇ ରାଜ୍ୟ ସ୍ତରରେ ପୁରସ୍କାର ପ୍ରଦାନ କରାଯାଉଛି। ପିଲାଙ୍କ ଆଧୁନିକ ଶିକ୍ଷା ପାଇଁ ୩୦୦ଟି ଆଇସିଟି ଓ ଟିଙ୍କରିଂ ଲାବ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୧୦୦ଟି ଲାବ୍ ପ୍ରସ୍ତୁତ ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି । ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




# ୬ ମାଓବାଦୀ ଗିରଫ

ମାଲକାନଗିରି,୨୩।୧୨ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନଙ୍କ କୋମ୍ବିଂ ସମୟରେ ୬ ମାଓବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ ସୁନ୍ଦର ରାମ ହୁରା, ସୁନ୍ଦରାମ ନନ୍ଦା, ମୁଦା ସୁନ୍ଦରାମ୍, ମାଡଭି ହାଣ୍ଡା, ସୁନ୍ଦରାମ୍ ଓ ହିଡ୍ମା ମାଡଭି।

ଦାନ୍ତେୱାଡା ଜିଲା ପାର୍ଲାଗାଟା ଜଙ୍ଗଲରେ ଯବାନଙ୍କ ପକ୍ଷରୁ କୋମ୍ବିଂ କରାଯାଇଥିଲା। ସିଆର୍‌ପିଏଫ୍‌ର ୨୩୧ ନମ୍ବର ଫୋର୍ସ ସେହି ଜଙ୍ଗଲରେ କେତେକ ମାଓବାଦୀ ଲୁଚିଥିବା ଜାଣିବାକୁ ପାଇଥିଲେ। ପରେ ସେହି ଅଞ୍ଚଳକୁ କୋମ୍ବିଂ ପାଇଁ ଯବାନମାନେ ବାହାରିଥିଲେ। ଏହି ସମୟରେ ୬ ମାଓବାଦୀଙ୍କୁ ପୋଲିସ ଗିରଫ କରିଥିଲା। ଏ ମାନେ ସୁକ୍‌ମା ଜିଲା ଜାଗରଗୁଣ୍ଡା ପୋଲିସ ଷ୍ଟେଶନ ଅଞ୍ଚଳର ବୋଲି ସୂଚନା ମିଳିଛି। ଗିରଫ ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା, ଆଇଇଡି ବିସ୍ଫୋରଣ ଭଳି ଅନେକ କାର୍ଯ୍ୟରେ ଲିପ୍ତ ଥିବା ଜଣାପଡିଛି।

# ପୂର୍ବତନ ବିଧାୟକ ରମେଶ ଜେନାଙ୍କ ପରଲୋକ

ଅନୁଗୋଳ,୨୩।୧୨
(ଅମିତ କୁମାର ସାମଲ)



ଅନୁଗୋଳର ପୂର୍ବତନ କଂଗ୍ରେସ ବିଧାୟକ ତଥା ଶ୍ରମିକ ସଙ୍ଗଠନର ଟାଣୁଆ ନେତା ରମେଶ ଚନ୍ଦ୍ର ଜେନାଙ୍କ ଶନିବାର ମଧ୍ୟାହ୍ନ ୧୨ଟା ୧୦ରେ କୁଲାଡ଼ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ରମେଶ ଗୁରୁତର ହୋଇପଡ଼ିବା ପରେ ପରିବାର ଲୋକେ ତାଙ୍କୁ ନାଲ୍‌କୋ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୭୦ ମସିହାରେ ରମେଶ ରାଜନୀତିରେ ପାଦ ଥାପିଥିଲେ। ସମବାୟ ବ୍ୟାଙ୍କ ସଭାପତି, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସଭାପତି, ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସର ରାଜ୍ୟ କାର୍ଯ୍ୟକାରୀ ସଭାପତି ରହିବା ସହ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଜିଲା କଂଗ୍ରେସର ସଭାପତି ଦାୟିତ୍ୱ ମଧ୍ୟ ସେ ତୁଲାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ରାଜୀବ ଜେନା, ବିପ୍ଳବ ଜେନା, ପ୍ରଣବ ଜେନା, ବିଭବ ଜେନା, ଶୁଭେନ୍ଦୁ ଜେନା ଓ ଝିଅ ରଶ୍ମିତା କଅଁରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ଅନୁଗୋଳରେ ଶୋକର ଛାୟା ଖେଳିଯାଇଥିଲା। ଜିଲା କଂଗ୍ରେସ, ବିଜେଡି ଓ ଭାଜପାର ବହୁ ନେତାଙ୍କ ସହ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ କରାଯାଇଥିବା ପୁଅ ବିପ୍ଳବ ଜେନା ସୂଚନା ଦେଇଛନ୍ତି। ଅନୁଗୋଳର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ପାଇଁ କରିଥିବା କାର୍ଯ୍ୟ ସ୍ମରଣୀୟ ହୋଇ ରହିବ ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ବ୍ୟାଙ୍କରୁ ସୁନା ଲୁଟ୍ ଅଭିଯୋଗରେ ୨ ଅଧିକାରୀ ନିଲମ୍ବିତ

**ବରୀ,୨୩।୧୨(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅଧୀନ ବାଲିଆପାଳ ଇଣ୍ଡିଆନ ବ୍ୟାଙ୍କ ଶାଖାରୁ ସୁନା ଲୁଟ୍ ଅଭିଯୋଗରେ ଉକ୍ତ ଶାଖାର ୨ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ପୂର୍ବତନ ଶାଖା ପରିଚାଳକ ଉମାକାନ୍ତ ନାୟକ, ସହକାରୀ ଶାଖା ପରିଚାଳକ ଅମିତ କୁମାର ବିଶ୍ୱାଳ। ଏଠାରେ ୧୧ ଜଣ ଗ୍ରାହକ ୫୦୦ ଗ୍ରାମ୍ ସୁନା ବନ୍ଧକ ରଖିଥିଲେ। ପରେ ସେମାନେ ତାହାକୁ ମୁକୁଳାଇବାକୁ ଯାଇଥିବାବେଳେ ସୁନା ପାଇ ନ ଥିଲେ। ତେଣୁ ଏନେଇ ସେମାନେ ବ୍ୟାଙ୍କର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପରେ ଉପରିସ୍ଥ ଅଧିକାରୀ ବ୍ୟାଙ୍କ ଶାଖାରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ଏହାପରେ ୨୦ ତାରିଖରେ ବରୀ ରାମଚନ୍ଦ୍ରପୁର ଥାନାରେ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ପରିକ୍ଷିତ ଦାସ ମହାପାତ୍ର ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ନଂ.୫୩୦/୨୩ ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରକାଶ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ମୁତାବକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




## କୋବି ପାଇଁ ମା'ଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ ପୁଅ



ଖୁଣ୍ଟରେ ସୁଭଦ୍ରା ବନ୍ଧା ହୋଇଛନ୍ତି।

ଯୋଡ଼ା/ଚମ୍ପୁଆ(ମାନସ ମହାନ୍ତି/ ମହେଶ୍ୱର ଦାଶ), ୨୩।୧୨

ହଜିଗଲାଣି ମାନବିକତା। ପୁଅ ବାଡ଼ିରୁ କୋବି ଆଣି ଖାଇଦେଲେ ବୋଲି ମା'ଙ୍କୁ ନିର୍ଦ୍ଦୟ ଭାବେ ଖୁଣ୍ଟରେ ବାନ୍ଧି ପିଟିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଚମ୍ପୁଆ ଥାନା ସୋରସ୍ୱୋଷି ଗ୍ରାମରେ। ଗତ ବୁଧବାର ଘଟଣା ଘଟିଥିବା ବେଳେ ଶନିବାର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପୁଅ ମାଡ଼ରେ ଆହତ ମା' ସୁଭଦ୍ରା ମହାନ୍ତ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ସୁଭଦ୍ରା ଓ ତାଙ୍କ ସାନ ପୁଅ ଶତ୍ରୁଘ୍ନଙ୍କ ପରିବାର ଅଲଗା ରୁହନ୍ତି। ଶତ୍ରୁଘ୍ନ ତାଙ୍କ ବାଡ଼ିରେ କୋବି ଚାଷ କରିଛନ୍ତି। ଗତ ବୁଧବାର ସୁଭଦ୍ରା ପୁଅ ବାଡ଼ିରୁ କୋବି ଆଣି ଖାଇଦେଇଥିଲେ। କୋବି କାହିଁକି ଆଣିଲୁ କହି ଶତ୍ରୁଘ୍ନ ବିଦ୍ୟୁତ୍ ଖୁଣ୍ଟରେ ୭୦ ବର୍ଷୀୟା ମା'ଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇ ଚମ୍ପୁଆ ପୋଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଘଟଣାର ପ୍ରାଥମିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ କହିଛନ୍ତି।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ବୁଜୁଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ



# ପରିବର୍ତ୍ତନ କାହିଁକି



ଆକାର ପଟେଲ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ପ୍ରଶାସନର ଜଣେ ଅଧିକାରୀଙ୍କ ଏକ ଲୋକପ୍ରିୟ ଉକ୍ତି ହେଉଛି 'ଯଦି କିଛି ଭଲ କାମ କରୁଛି ତାହାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା ଉଚିତ ନୁହେଁ ।' ଏହି ଉକ୍ତିର ଯଥାର୍ଥତା ରହିଛି ୧୫୦ ବର୍ଷର ପୁରୁଣା ଭାରତୀୟ ଦଣ୍ଡ ସଂହିତାରେ। କେବଳ ଭାରତରେ ନୁହେଁ, ଦକ୍ଷିଣ ଏସିଆର ଅନ୍ୟାନ୍ୟ ଦେଶରେ ଏହି ଦଣ୍ଡ ସଂହିତା କାର୍ଯ୍ୟ କରୁଛି। ପାକିସ୍ତାନ ନିଜକୁ ଏକ ଇସ୍‌ଲାମିକ ଗଣତନ୍ତ୍ର ଭାବେ ଅଭିହିତ କଲେ ମଧ୍ୟ ୧୯୪୭ରୁ ସେଠାରେ ବ୍ରିଟିଶ୍ ଅମଳର ସବୁ ଆଇନ ରହିଆସିଛି ଏବଂ ଏହା ମଧ୍ୟ ସମଗ୍ର ଉପମହାଦେଶରେ ବଳବତ୍ତର ରହିଛି। ୧୮୩୦ ଦଶକରେ ଥୋମାସ୍ ମାକ୍ୟୁଲେ ଦଣ୍ଡ ସଂହିତା ଲେଖିଥିଲେ ଓ ଏହା ୧୮୬୨ରୁ କାର୍ଯ୍ୟକାରୀ ହୋଇଥିଲା। ଏପରିକି ୨୦୨୩ରେ ବି ଭାରତ ଏବଂ ପାକିସ୍ତାନର ଦଣ୍ଡ ସଂହିତା ପ୍ରାୟ ସମାନ ରହିଛି। ୧୯୪୭ ପରେ ଉଭୟ ଦେଶ ଏଥିରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ଲାହୋରର ଲୋକେ ୧୪୪ ଧାରାକୁ ଯେମିତି ଜାଣନ୍ତି ଚେନ୍ନାଇରେ ଭାରତୀୟମାନେ ସେମିତି ଜାଣନ୍ତି। ଥାନାଦାର ଏବଂ କନ୍‌ଷ୍ଟେବଲଠାରୁ ଆରମ୍ଭ କରି ନାଗରିକ ପର୍ଯ୍ୟନ୍ତ ସମସ୍ତେ ଆଇନଗୁଡ଼ିକୁ ଜାଣିଥିଲେ। ହତ୍ୟା ଦଣ୍ଡବିଧାନ ଧାରା ୩୦୨ ଓ ଠକିବାର ୪୨୦ ଧାରା ଭାରତୀୟଙ୍କ ପାଇଁ ଯାହା ପାକିସ୍ତାନୀଙ୍କ ଲାଗି ସେୟା। ୧୯୪୭ ସ୍ୱାଧୀନତା ପରେ ମଧ୍ୟ ଏହିସବୁ ଭାରତୀୟ ଦଣ୍ଡ ସଂହିତା ଉପମହାଦେଶରେ କାର୍ଯ୍ୟକାରୀ ହୋଇଆସିଛି। କାହିଁକି ? କାରଣ ଆଇନ କାମ କରୁଛି ବୋଲି ତାହା ରହିଛି। ଅଦାଲତଗୁଡ଼ିକରେ ମାମଲା ଗଦାହୋଇ ରହିବାର ଅର୍ଥ ନୁହେଁ ଯେ, ଆଇନଗୁଡ଼ିକ ତ୍ରୁଟିପୂର୍ଣ୍ଣ ଏବଂ ନୂତନ ନିୟମ ସେହି ସ୍ଥିତିକୁ ପରିବର୍ତ୍ତନ କରିପାରିବ ନାହିଁ। ଯଦି ଏକ ସ୍ୱାଧୀନ ଦେଶ ପାଇଁ ଉପନିବେଶିକ ଆଇନ ଅନୁପଯୁକ୍ତ ତେବେ ଆମକୁ ଅଧିକ ଉଦାରବାଦୀ ବ୍ୟବସ୍ଥା ଆବଶ୍ୟକ, କେବଳ ସଂହିତା ତାହାକୁ ପରିବର୍ତ୍ତନ କରିପାରିବନାହିଁ। ଆଇନଗୁଡ଼ିକରେ ପରିବର୍ତ୍ତନ କରିବାକୁ ଭାରତରେ କୌଣସି ଦାବି କରାଯାଇ ନ ଥିଲା । ଏବେ ଏଥିରେ ପରିବର୍ତ୍ତନ କରି ଉନ୍ନତ କରିବାକୁ ଆମେ ବି କହୁନାହୁଁ। ଅର୍ଥାତ୍ ସମୟ ସହ ତାଳ ଦେଇ ଆଇନରୁ କିଛି ହଟାଇବା କିମ୍ବା ଯୋଡ଼ିବା ଦରକାର ତାହା ମଧ୍ୟ ଉଲ୍ଲେଖ କରୁନାହୁଁ। ତେବେ ଯେଉଁ ଆଇନଗୁଡ଼ିକ କାମ କରୁଛି ତାହାକୁ କାହିଁକି ପରିବର୍ତ୍ତନ କରିବା ? ଏହାର ଉତ୍ତର ଆମପାଖରେ ନାହିଁ କି ତାହା ପାଇବା ନାହିଁ।

ପ୍ରଥମେ ନୂତନ ନିୟମଗୁଡ଼ିକ ଯୋଗୁ ମାମଲା ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ଆଇନଜୀବୀ ସଞ୍ଜୟ ହେଗ୍‌ଡେ ଦର୍ଶାଇଛନ୍ତି ଯେ ଚେକ୍ ବାଉନ୍ସ ହେବା ଏକ ଅପରାଧ ଏବଂ ଏହାକୁ ନେଇ ଅସଂଖ୍ୟ ନୂଆ ମକଦ୍ଦମାରେ କୋର୍ଟ ବୁଡ଼ିଯାଇଛନ୍ତି। ଆଇନଜୀବୀ କଲିନ ଗୋନ୍‌ସାଲଭେସ ପ୍ରଶ୍ନ କରିଛନ୍ତି ଯେ ଉପନିବେଶିକ ସମୟ ତୁଳନାରେ ପୋଲିସକୁ କାହିଁକି ଏକପାଖିଆ ଅଧିକ କ୍ଷମତା ଦିଆଯାଉଛି? ଆଇନଜୀବୀ ତଥା କଂଗ୍ରେସ କର୍ମୀ ଅଭିଷେକ ମନୁ ସାଙ୍ଘଭୀ ପ୍ରଶ୍ନ କରିଛନ୍ତି ଯେ କାହିଁକି 'ଲଭ୍ ଜିହାଦ'ରେ ୧୦ ବର୍ଷ କାରାଦଣ୍ଡ ଯୋଡ଼ାଯାଉଛି। ଅନ୍ୟମାନେ ବି କହୁଛନ୍ତି ଯେ ଦଣ୍ଡ ସଂହିତା ଅଧୀନରେ ଏକ ନୂତନ ନାମରେ ଦେଶଦ୍ରୋହ ରହିଛି। ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନାରାଭାନେଙ୍କ ଆତ୍ମକଥା ପ୍ରକାଶ କରିବାକୁ ଯଦି ଅନୁମତି ଦିଆଯାଏ ତେବେ ସେଥିରୁ ଅଗ୍ନିବୀର ଯୋଜନା ହଠାତ୍ କିମ୍ବା ଅପ୍ରତ୍ୟାଶିତ ଭାବେ ହୋଇଥିଲା ବୋଲି ଜଣାପଡ଼ିବ। ସେନା ଏକ ଶର୍ଟ ସର୍ଭିସ୍ କମିଶନ ମାଧ୍ୟମରେ ଦେଇଥିବା କିଛି ମାମୁଲି ପ୍ରସ୍ତାବ ଓଲଟିଗଲା। ତିନି ଚତୁର୍ଥାଂଶ ଅନୁପ୍ରବେଶକାରୀଙ୍କୁ ରଖିବା ପରିବର୍ତ୍ତେ, କେବଳ ଏକ ଚତୁର୍ଥାଂଶ ରହିବେ ଏବଂ ଅବଶିଷ୍ଟାଂଶ ଚାକିରିରୁ ବାହାରିବେ, ୨୨ ବର୍ଷ ବୟସରେ ଅବସର ଗ୍ରହଣ କରିବେ କୁହାଗଲା। ଏପରି ପରିବର୍ତ୍ତନର ଆବଶ୍ୟକତା ଉପରେ ନାଭି ଓ ବାୟୁସେନା ଏକମତ ହୋଇ ନ ଥିଲେ ମଧ୍ୟ ଏହି ଯୋଜନା ବିସ୍ତାରିତ ହୋଇଥିଲା। ଏହାର ଅର୍ଥ ହେଉଛି ପ୍ରଧାନମନ୍ତ୍ରୀଙ୍କର ଏହା ଥିଲା ଏକ ଅପ୍ରତ୍ୟାଶିତ ପଦକ୍ଷେପ। ଅଷ୍ଟାଦଶ ଶତାବ୍ଦୀରୁ ଅର୍ଥାତ୍ ୨୦୦ ବର୍ଷରୁ ଅଧିକ ସମୟ ଧରି ଦକ୍ଷତାର ସହିତ କାର୍ଯ୍ୟ କରୁଥିବା ଏକ ସେନାର ସ୍ୱରୂପକୁ ଏହା ବଦଳାଇ ଦେଇଛି। ଭଲ କାମ କରୁଥିବା ବ୍ୟବସ୍ଥାରେ କାହିଁକି ବିଭ୍ରାଟ କରାଯାଏ ? ବିମୁଦ୍ରୀକରଣ ନିଷ୍ପତ୍ତି ବିଷୟରେ ମଧ୍ୟ ସେହି ପ୍ରଶ୍ନ ପଚରା ଯାଇପାରେ। ୧୦୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ନିଷେଧ କରିବାକୁ କିଏ କହୁଥିଲା ? ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତ କହି ନ ଥିଲା ବରଂ ନିଷ୍ପତ୍ତିକୁ ବିରୋଧ କରି ଚେତାବନୀ ଦେଇଥିଲା ଯେ, ଏହା ଏକ ଅନଭିଜ୍ଞ ପଦକ୍ଷେପ ଓ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବ। ତାହା ହିଁ ଘଟିଲା। ଅର୍ଥନୀତିଜ୍ଞ, ବ୍ୟବସାୟୀ ଗୋଷ୍ଠୀ ଏବଂ ନାଗରିକ, କେହି ବି ଏଥିପାଇଁ କହି ନ ଥିଲେ। କିନ୍ତୁ ହଠାତ୍ ଏହା ଆସିଥିଲା। ସମାନ ମାନସିକତା ନୂତନ ଆପରାଧିକ ଆଇନ କ୍ଷେତ୍ରରେ ବି ଘଟୁଛି।

ନ୍ୟାୟପାଳିକା, ପୋଲିସ, ଆଇନଜୀବୀ ଏବଂ ଜନସାଧାରଣଙ୍କୁ ନୂତନ ଆଇନ ବିଷୟରେ ଜାଣିବା ଦରକାର ବୋଲି ସେମାନେ ଭାବନ୍ତି ନାହିଁ ବରଂ ଏହା ପୁରୁଣା ଆଇନ ଉପରେ ସ୍ଥାପିତ ନ୍ୟାୟପାଳିକାକୁ ବିପଦରେ ପକାଇବା ସହ ସମସ୍ତ ପ୍ରକାରର ସମସ୍ୟା ପାଇଁ ବାଟ ଖୋଲିବ, ଯାହା ଏବେ ନାହିଁ। ପ୍ରାଥମିକତାଭିତ୍ତିରେ ଆମେ ଅନୁସରଣ କରୁଥିବା ସାଧାରଣ ଆଇନର ଆଧାରକୁ ନଷ୍ଟ କରିଦେବ। ତେବେ ପରିବର୍ତ୍ତନ ପାଇଁ କାହାକୁ ଏମାନେ କହୁଥିଲେ ? ବିଚାରପତି କିମ୍ବା ପୋଲିସ କିମ୍ବା ଆଇନଜୀବୀ କିମ୍ବା ନାଗରିକ, କାହାକୁ ନୁହନ୍ତି। ଆଇନଜୀବୀ ସଞ୍ଜୟ ହେଗ୍‌ଡେ ସତର୍କ କରିଦେଇଛନ୍ତି ଯେ, ଥରେ ନୂଆ ସଂହିତା ଆରମ୍ଭ ହୋଇଗଲେ ଏହା ବିମୁଦ୍ରୀକରଣଠାରୁ ଅଧିକ କ୍ଷତିକାରକ ହେବ। ଗତ ଦଶନ୍ଧିର ପର୍ଯ୍ୟାପ୍ତ ଚିନ୍ତାଧାରା ଏବଂ ପ୍ରସ୍ତୁତିକୁ ଆଧାର କରି କୌଣସି ଆବଶ୍ୟକତା ନ ଥାଇ ଆଇନରେ ପରିବର୍ତ୍ତନ କରାଯାଇଛି। ଯେଉଁମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇ ଆମେ କାହିଁକି ଏହା କରୁଛୁ ବୋଲି ପ୍ରଶ୍ନ ପଚାରୁଛନ୍ତି ; ତାହାର ଉତ୍ତର 'ଯଦି କିଛି ଭଲ କାମ କରୁଛି ତାହାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା ଉଚିତ ନୁହେଁ' ଉକ୍ତି ଉପରେ ବିଶ୍ୱାସ ରଖୁଥିବା ମାନସିକତାରେ ହିଁ ରହିଛି।

Email:aakar.patel@gmail.com

# ଗଭର୍ନର ତ ପଲିଟିକାଲ୍ ଏଜେଣ୍ଟ ନୁହନ୍ତି



ସହଦେବ ସାହୁ

ସମ୍ବଲପୁରରେ ୧୯୮୨ରେ ରେଭେନ୍ୟୁ ଡିଭିଜନାଲ୍ କମିଶନର୍ ରୂପେ ଯୋଗଦେଇ ମୁଁ ଯେଉଁ ସରକାରୀ ଘର ପାଇଲି, ତାହା ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ବ୍ରିଟିଶ୍ ଇଣ୍ଡିଆ ସରକାରଙ୍କ ପଲିଟିକାଲ୍ ଏଜେଣ୍ଟଙ୍କ ସରକାରୀ ବାସଗୃହ ଥିଲା ଏବଂ ସେ ଛତିଶ ଗଡ଼ଜାତ ଉପରେ ଶାସନଡୋରି ସମ୍ଭାଳୁଥିଲେ (ଶେଷ ଏଜେଣ୍ଟ ଥିଲେ ଇସ୍କନ୍ଦର ମିର୍ଜା, ଯିଏ ନବଗଠିତ ପାକିସ୍ତାନର ଗଭର୍ନର ଜେନେରାଲ୍ ହୋଇ ଭାରତ ଛାଡ଼ିଲେ)। ଏଜେଣ୍ଟ ଏକ ପ୍ରକାରର ଗୁମାସ୍ତା । ସ୍ୱାଧୀନତା ପରେ ଦେଶର ପୁନର୍ଗଠନ ହୋଇ ପ୍ରଦେଶମାନ ତିଆରି ହେଲା ଏବଂ ପ୍ରଦେଶର ଶାସନମୁଖ୍ୟଙ୍କୁ ଗଭର୍ନର (ରାଜ୍ୟପାଳ) କୁହାଗଲା, ସମ୍ବିଧାନରେ ତାଙ୍କୁ ପ୍ରଦେଶର ଏକ୍‌ଜିକ୍ୟୁଟିଭ୍ ହେଡ୍ କୁହାଗଲା ଓ ଗଭର୍ନରଙ୍କ ନାଁରେ ରାଜ୍ୟ ସରକାର ଚାଲିଲା । ମନ୍ତ୍ରିମଣ୍ଡଳର ଏଡ୍ ଆଣ୍ଡ ଆଡ୍‌ଭାଇସ୍‌ରେ ଗଭର୍ନର କାମ କରିବାକୁ ବାଧ୍ୟ ହେଉଥିବାରୁ ମନ୍ତ୍ରିମଣ୍ଡଳ ହିଁ ସରକାର ଚଳାନ୍ତି । ରାଜ୍ୟ ଓ କେନ୍ଦ୍ରରେ ଭିନ୍ନ ରାଜନୈତିକ ଦଳର ଶାସନ ଥିଲେ ମନ୍ତ୍ରିମଣ୍ଡଳ ଓ ରାଜ୍ୟପାଳଙ୍କ ଭିତରେ ମତାନ୍ତର ଆସିପାରେ ଓ ସେତେବେଳେ ପ୍ରଦେଶର ଶାସକ ଦଳ ଗଭର୍ନରଙ୍କୁ କେନ୍ଦ୍ରର ପଲିଟିକାଲ୍ ଏଜେଣ୍ଟ ବୋଲି ସମାଲୋଚନା କରିଥା'ନ୍ତି ! ଆଜିକାଲିର ପରିସ୍ଥିତିରେ ପଶ୍ଚିମବଙ୍ଗରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଭିତରେ କଳି ନିତିଦିନିଆ ହୋଇଥିଲା ବେଳେ ତାମିଲନାଡ୍ଡୁ, ପଞ୍ଜାବ ଓ କେରଳର ସରକାରମାନେ ଗଭର୍ନରଙ୍କୁ କେନ୍ଦ୍ରର ପଲିଟିକାଲ୍ ଏଜେଣ୍ଟ ଭଳି କାମ କରୁଛନ୍ତି ବୋଲି କହି ସୁପ୍ରିମ୍‌କୋର୍ଟରେ ଗୁହାରି କଲେଣି ଯେ ବିଧାନସଭା ପାରିତ କରିଥିବା ବିଧେୟକ(ବିଲ୍)ଗୁଡ଼ିକ ଉପରେ ରାଜ୍ୟପାଳ ଅଯଥା ବସି ରହୁଛନ୍ତି ; ଫଳରେ ରାଜ୍ୟର ପ୍ରଶାସନ ସ୍ଥାଣୁ ହୋଇଯାଉଛି ଅନିର୍ଦ୍ଦିଷ୍ଟ କାଳ ପାଇଁ। ପାରିତ ବିଲ୍‌ର ସବୁ ଧାରା ବାହାରେ ଜଣାପଡ଼ି ଯାଉଥିବାରୁ ବିଲ୍‌ର ଉଦ୍ଦେଶ୍ୟକୁ ପଣ୍ଡ କରିବାରେ ଆଇନ-ଖିଲାପକାରୀମାନେ ଲାଗିପଡୁଛନ୍ତି। ରାଜ୍ୟ ସରକାର ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେବାରେ ଅଯଥା ବିଳମ୍ବ ହେଉଛି । ସେମାନେ ପ୍ରଶ୍ନ କରୁଛନ୍ତି- ଗଭର୍ନର କ'ଣ ବିଧାନସଭାର ପ୍ରତିଦ୍ୱନ୍ଦ୍ୱୀ ? ସେମାନେ ଅଭିଯୋଗ କରୁଛନ୍ତି- ଅଣଏନ୍‌ଡିଏ ଶାସିତ ରାଜ୍ୟମାନଙ୍କରେ ଗଭର୍ନର ଦଳୀୟ ରାଜନୀତି କରୁଛନ୍ତି, ଯାହାକୁ ଗାଁଗହଳରେ ପଲିଟିକ୍ସ କହନ୍ତି, ସମାଲୋଚକମାନେ ହୀନ ରାଜନୀତି କହନ୍ତି। ୨୦୨୩ ଅପ୍ରେଲରେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ କହିଲେ ଯେ, ରାଜ୍ୟପାଳମାନେ ସେମାନଙ୍କ ଅନୁମୋଦନ ପାଇଁ ଆସିଥିବା ବିଧେୟକ(ବିଲ୍)ଗୁଡ଼ିକ ଉପରେ ଯଥାସମ୍ଭବ ଶୀଘ୍ର ନିଷ୍ପତ୍ତି ନିଅନ୍ତୁ । ତେଲଙ୍ଗାନା ଓ ପଞ୍ଜାବ ଯେମିତି ସୁପ୍ରିମ୍‌କୋର୍ଟକୁ ଯାଇ ଗଭର୍ନରଙ୍କୁ ବିଲ୍



ମଞ୍ଜୁର କରିବାକୁ ବାଧ୍ୟ କରାଇଲେ, ସବୁ ଅଣଏନ୍‌ଡିଏ ଶାସିତ ରାଜ୍ୟ କ'ଣ ସବୁବେଳେ ସେଇୟା କରିବେ ?

ବିଧାନସଭାରେ ପାରିତ ହୋଇଥିବା ବିଲ୍ ରାଜ୍ୟପାଳଙ୍କ ମଞ୍ଜୁରି ପାଇଲେ ହିଁ ଆଇନ ହୋଇପାରିବ- ଏ ଦିଗରେ ସମ୍ବିଧାନର ଧାରା ୨୦୦ ଗଭର୍ନରଙ୍କୁ ୪ଟି ବିକଳ୍ପ ଦେଇଛି ୧. ସମ୍ମତ ହୁଅ, ୨. ସମ୍ମତିକୁ ସ୍ଥଗିତ ରଖ, ୩. ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇ ଅପେକ୍ଷା କର (ବିଲ୍‌କୁ ସେ ଯାଏ ସାଇତି ରଖ) ଏବଂ ୪. ବିଲ୍‌ର ପୁନର୍ବିଚାର ପାଇଁ ବିଧାନସଭାକୁ ଫେରାଅ ଏବଂ ତାହା ପୁଣି ପାରିତ ହୋଇ ଗଭର୍ନରଙ୍କ ପାଖକୁ ଆସିଲେ ଗଭର୍ନର ହିଁ କରିବାକୁ ବାଧ୍ୟ । ଧାରା ୨୦୦ କୌଣସି କ୍ଷେତ୍ରରେ ସମୟ ସୀମା ଧାର୍ଯ୍ୟ କରିନାହିଁ ବୋଲି କ'ଣ ଗଭର୍ନର ପାରିତ ବିଲ୍ ଉପରେ ବସିରହିବେ ଓ ସେହି କାରଣରୁ ରାଜ୍ୟର ପ୍ରଶାସନକୁ ଅଚଳ କରିରଖିବେ? ଏ ତ ସମ୍ବିଧାନର ମର୍ମ ନୁହେଁ! ଗଭର୍ନର କେନ୍ଦ୍ରର ପ୍ରତିନିଧି, ତା' ମାନେ ନୁହେଁ ଯେ ଗଭର୍ନର ରାଜ୍ୟ ଶାସନର ଏକ ବ୍ରେକ୍ ଭଳି କାମ କରିବେ? କେନ୍ଦ୍ରରେ ଯେଉଁ ନେତାମାନେ ତାଙ୍କୁ ଗଭର୍ନର କରିଛନ୍ତି, ସେମାନେ କ'ଣ ଏମିତିକା ନିର୍ଦ୍ଦେଶିକା ଦେଇଥିବେ? ରାଜ୍ୟପାଳମାନେ ଔଚିତ୍ୟ ଓ ସଂହତି ତଥା ପ୍ରାସଙ୍ଗିକତା ଓ ପରିପ୍ରେକ୍ଷୀକୁ ବିଚାରକୁ ନେଉନାହାନ୍ତି । ପୁଣି ସମ୍ବିଧାନ ସଂଶୋଧନ ହୋଇ ପ୍ରାବଧାନ ଭର୍ତ୍ତି କରାଯାଇଛି ଯେ ମନ୍ତ୍ରୀ ପରିଷଦର ସାହାଯ୍ୟ ଓ ପରାମର୍ଶ (ଏଡ୍ ଆଣ୍ଡ ଆଡ୍‌ଭାଇସ୍) କ୍ରମେ ଗଭର୍ନର କାମ କରିବାକୁ ବାଧ୍ୟ: ସେ ଖାଲି ସ୍ୱାକ୍ଷର କରିବା ଓ ମୋହର ମାରିବା ଲୋକ!

ଆଳଙ୍କାରିକ ପଦବୀ ବୋଲି ଗଭର୍ନର କ'ଣ ଖାଲି ରାଜଭବନରେ ବସିରହିଥିବେ? ଗଭର୍ନର ତ ରାଜ୍ୟର ଏକ୍‌ଜିକ୍ୟୁଟିଭ୍ ହେଡ୍, ସରକାର ତାଙ୍କ ନାଁରେ ଚାଲେ ! ସରକାର ଠିକ୍ ଚାଲୁଛି ତ ? ଭୋଟ କିଣିବା ରାଜନୀତି (ପଲିଟିକ୍ସ)ର ଊର୍ଦ୍ଧ୍ୱକୁ ଯାଇ ସେ ଦେଖିବା କଥା ରାଜ୍ୟର ଶାସକ ଦଳ ନିର୍ବାଚନ-ସର୍ବସ୍ୱ ହୋଇ ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଏକ ଗୌଣ ଉଦ୍ଦେଶ୍ୟ (ବାଇ ପ୍ରଡକ୍ଟ) ରୂପେ ଦେଖିବା ଉଚିତ୍ ନୁହେଁ । ତେଣୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗସ୍ତ କରି ସେ ପ୍ରଶାସନର କାମ ଓ ଫଳ ଉପରେ ତୀକ୍ଷ୍ଣ ଦୃଷ୍ଟି ପକାଇବା ଆବଶ୍ୟକ! ଆମ ରାଜ୍ୟର ନୂଆ ରାଜ୍ୟପାଳ ଡିସେମ୍ବର ୧୯ରେ ଢେଙ୍କାନାଳ ଓ ଅନୁଗୋଳ ଜିଲା ଗସ୍ତ କରି ଯେଉଁ ଜନ-ଅସନ୍ତୋଷ ଦେଖିଲେ ତାହାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ବିହିତ କାର୍ଯ୍ୟାନୁଷ୍ଠାନ ଚାହିଁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସ୍ତାବକମାନେ ପ୍ରକୃତ ଚିତ୍ର ଦେଉନାହାନ୍ତି, ସେମାନେ ବିଭିନ୍ନ ସଭାସମିତିକୁ ବାହାଘରିଆ 'ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ' ଭଳି ସାଜସଜ୍ଜା କରିପକାଉଛନ୍ତି, ସଭାସ୍ଥଳକୁ ଏମିତି ଜନାକୀର୍ଣ୍ଣ କରିଦେଉଛନ୍ତି ଯେ, ସେ ଅଞ୍ଚଳରେ କେହି ଅସନ୍ତୁଷ୍ଟ ଥିବାର ବା ପ୍ରଶାସନିକ ଅବହେଳାର ଶିକାର ହେଉଥିବା ଜଣାପଡ଼ିବ ନାହିଁ । କେବଳ ଗଭର୍ନରଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନର ଫଳ ସରକାରଙ୍କ କାର୍ଯ୍ୟାବଳୀର ଦୋଷତ୍ରୁଟି ଉପରେ ଆଲୋକପାତ କରିପାରିବ।

ଡିସେମ୍ବର ୧୯ରେ ଲୋକ ସଭାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ୧୦ମ ଶ୍ରେଣୀ ପୂର୍ବରୁ ପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା (ଡ୍ରପ୍‌ଆଉଟ୍ ହାର) ଶତକଡ଼ା ହିସାବରେ ଓଡ଼ିଶା ସାରା ଦେଶରେ ପ୍ରଥମ: ୨୦୨୧-୨୨ରେ ୨୦.୬% ଡ୍ରପ୍‌ଆଉଟ୍ ଥିଲା, ୨୦୨୨-୨୩ରେ ୪୯.୯% ହୋଇଯାଇଛି ; ପ୍ରାୟ ଅଧାଅଧି, ପ୍ରାୟ ୩୫ ଲକ୍ଷ! ସେମାନେ ଓଡ଼ିଶା ବାହାରକୁ ଯିବେ, ଦାଦନ-ଶ୍ରମିକ ହେବେ, ଓଡ଼ିଆ ଭୁଲି ଅନ୍ୟ ଭାଷା ଶିଖିବେ! ଛାଙ୍କି ହୋଇ ରହିଯିବେ ଇଂରାଜୀ ମାଧ୍ୟମର ପିଲାଏ (ଥିବାବାଲା ପିତାମାତାଙ୍କ ସନ୍ତାନ ତ!) ଓଡ଼ିଆ ଜୀବିକାର୍ଜନର ଭାଷା ହେଉନାହିଁ; ଯଦି ବର୍ଷକୁ ୩୫ ଲକ୍ଷ ପିଲା ରୋଜଗାର ପାଇଁ ଅନ୍ୟ ଭାଷା ଶିଖନ୍ତି, ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ବିଶ୍ୱସ୍ତରୀୟତା ପ୍ରମାଣ କରିବା ପାଇଁ ରାଜଧାନୀରେ ବିଶ୍ୱସ୍ତରୀୟ ଭାଷା ଓ ସଂସ୍କୃତି ସମ୍ମିଳନୀ କରି ଲାଭ କ'ଣ ? ରାଜ୍ୟପାଳ ରାଜ୍ୟସାରା ଗସ୍ତ କଲେ ଏହା ପରଖିପାରିବେ! ଡିସେମ୍ବର ୧୯ରେ ରାଜ୍ୟପାଳ ଅନୁଗୋଳ ଓ ଢେଙ୍କାନାଳ ଗସ୍ତ କରି ଲୋକମାନଙ୍କର ଯେଉଁ ଆପତ୍ତି ଓଜର ସଂଗ୍ରହ କରିଛନ୍ତି, ତାହା ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ସମାଧାନ ଚାହିଁଛନ୍ତି । ରାଜନୈତିକ ଦଳଗୁଡ଼ିକ ସଂକୀର୍ଣ୍ଣ ଭୋଟ ସଂଗ୍ରହ ରାଜନୀତିର ମଙ୍ଗ ସଳଖିବାରେ ରାଜ୍ୟପାଳଙ୍କ କ୍ଷେତ୍ର-ପରିଦର୍ଶନର ଫଳ ପ୍ରଭୂତ କାମ ଦେବ! ତାହା ହିଁ ରାଜ୍ୟପାଳଙ୍କ ଧ୍ୟେୟ ହେଉ!

-sahadevas@yahoo.com

# ଜାନକୀଙ୍କ କାହାଣୀକାର

ଆଲ୍ଲାହାବାଦର ହିନ୍ଦୁସ୍ଥାନୀ ଗାୟିକା ଜାନକୀ ବାଈ ବିଂଶଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଗ୍ରାମୋଫୋନ୍ କମ୍ପାନୀ ମାନ୍ୟତାପ୍ରାପ୍ତ ଉଚ୍ଚକୋଟୀର କଳାକାର ଥିଲେ। ତାଙ୍କ ସଙ୍ଗୀତ ଯାତ୍ରାର କାହାଣୀ ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ୧୮୮୦ରେ ଜନ୍ମିତ ଜାନକୀ ପିଲାବେଳୁ ପିତାଙ୍କ ସ୍ନେହ ପାଇ ନ ଥିଲେ। ତାଙ୍କୁ ଓ ମାତାଙ୍କୁ ଛାଡ଼ି ପିତା ଅନ୍ୟତ୍ର ଚାଲିଯିବା ପରେ ଦୁହେଁ ସାହସ ହରାଇ ନ ଥିଲେ। ମାତା ମାନ୍‌କୀ ଝିଅକୁ ସମାଜରେ ପ୍ରତିଷ୍ଠିତ କରିବାକୁ ଲାଗି ପଡ଼ିଲେ। ଜାନକୀଙ୍କ କଣ୍ଠସ୍ୱର ଅତି ସୁନ୍ଦର ଥିବାରୁ ସେ ତାଙ୍କୁ ବିଭିନ୍ନ ମଞ୍ଚରେ ନେଇ ପହଞ୍ଚାଉଥିଲେ। ପାଠପଢ଼ା ସହ ତାଙ୍କ ସଙ୍ଗୀତ ପ୍ରତିଭା ଦିଗବିଦିଗ ହେଲା। ୧୯୦୭ରେ ତାଙ୍କ ଗୀତର ରେକର୍ଡିଂ ଆରମ୍ଭ ହେଲା। ପ୍ରଥମେ ୨୦ଟି ଗୀତ ପାଇଁ ତାଙ୍କୁ ୨୫୦ ଟଙ୍କା ମିଳୁଥିଲା। କିନ୍ତୁ ପରବର୍ତ୍ତୀ ବର୍ଷ ୨୪ଟି ଗୀତ ଗାଇ ସେ ୯୦୦ ଟଙ୍କା ରୋଜଗାର କରିଥିଲେ। ତାଙ୍କ ସ୍ୱର ଗ୍ରାମୋଫୋନ୍ କମ୍ପାନୀ ପାଖରେ ପହଞ୍ଚିଲା ପରେ ସେ ସେଲିବ୍ରିଟି ମାନ୍ୟତା ପାଇଗଲେ। ୧୯୧୩ରେ ବାଇଗଣୀ ରଙ୍ଗର ଗ୍ରାମୋଫୋନ୍ କନ୍‌ସର୍ଟ ରେକର୍ଡ ତାଙ୍କ ନାମରେ ମୁକ୍ତିଲାଭ କଲା। ଉଲ୍ଲେଖଯୋଗ୍ୟ, ଭାଓଲେଟ୍ କଲର୍ କନସର୍ଟ ରେକର୍ଡ ଗ୍ରାମୋଫୋନ୍ କମ୍ପାନୀ କେବଳ ନିର୍ଦ୍ଦିଷ୍ଟ କଳାକାରଙ୍କ ପାଇଁ ସର୍ବୋଚ୍ଚ ମାନ୍ୟତା ଦେଇ ପ୍ରସ୍ତୁତ କରିଥାଏ। ଗୀତ ଗାଇବା ସହ ନୃତ୍ୟରେ ମଧ୍ୟ ଜାନକୀ ପାରଙ୍ଗମ ଥିଲେ। ଏଥିସହିତ ଇଂଲିଶ, ସଂସ୍କୃତ ଓ ପାର୍ସୀ ଭାଷାରେ ଦକ୍ଷତା ଅର୍ଜନ କରିଥିଲେ। ବିଭିନ୍ନ ଗଜଲ ଗାଇଲା ବେଳେ ଉର୍ଦ୍ଦୁ ଭାଷାର ପ୍ରକୃତ ଉଚ୍ଚାରଣ ତାଙ୍କ ସ୍ୱରରୁ ସ୍ପଷ୍ଟ ବାରିହୋଇପଡୁଥିଲା। 'ରୁମ୍‌ଝୁମ୍ ବଦର୍ଭା ବର୍‌ସେ' ତାଙ୍କୁ ଲୋକପ୍ରିୟତା ଆଣିଦେଇଥିଲା। ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ 'ମେରା ନାମ୍ ଜାନକୀ ବାଈ ଆଲ୍ଲାହାବାଦ' ଭାବେ ତାଙ୍କୁ ନିଆରା ଢଙ୍ଗରେ ଉପସ୍ଥାପିତ କରାଯାଉଥିଲା।

ପିତା ଅସହାୟ ଅବସ୍ଥାରେ ଛାଡ଼ିଦେବାର ଦୁଃଖ ସହ ଆଉ ଏକ ଯନ୍ତ୍ରଣା ଜାନକୀଙ୍କୁ ଦୁଃଖୀ କରାଇ ଦେଇଥିଲା। ଶୁଣିବାକୁ ମିଳେ ଜଣେ ବ୍ୟକ୍ତି ତାଙ୍କୁ ନିଜର କରିବାକୁ ପ୍ରସ୍ତାବ ଦେଇଥିଲେ ହେଁ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ପ୍ରତିଶୋଧ ପରାୟଣ ହୋଇ ସମ୍ପୃକ୍ତ ବ୍ୟକ୍ତି ଜାନକୀଙ୍କୁ ୫୬ ଥର ଛୁରିରେ ଭୁସିଥିଲେ, ଯେଉଁଥିରେ ତାଙ୍କ ସୁନ୍ଦର ମୁହଁ ବିକୃତ ହୋଇଯାଇଥିଲା। ଆଉ ଏକ କାହାଣୀ କହେ ତାଙ୍କ ସାବତ ମା' ଓ ତାଙ୍କ ପ୍ରେମିକ ଆପତ୍ତିଜନକ ଅବସ୍ଥାରେ ଥିବା ଜାନକୀ ଦେଖିଦେବା ପରେ ସେମାନେ ତାଙ୍କୁ ୫୬ ଥର ଛୁରି ଭୁସିଥିଲେ। ହେଲେ ଏହି ଯନ୍ତ୍ରଣା ତାଙ୍କ ସଙ୍ଗୀତ ଯାତ୍ରାକୁ ପ୍ରଭାବିତ କରିପାରି ନ ଥିଲା। ପୁଣି ଜାନକୀଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ଭଲ ନ ଥିଲା। ସେ ଆଲ୍ଲାହାବାଦର ଓକିଲ ଶେଖ ଅବଦୁଲ ହକ୍‌ଙ୍କୁ ବିବାହ କରିଥିଲେ। ହେଲେ ସେ ତାଙ୍କୁ ଠକି ଦେଇ ଚାଲିଯାଇଥିଲେ। ଏହିଭଳି ଅନେକ ସମସ୍ୟା ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଥିଲା। ତଥାପି ଦୃଢ଼ମନା ହୋଇ ସେ ଗୀତରେ ମନ ଦେଇଥିଲେ। ସମୟ ଏମିତି ଆସିଥିଲା, ଯେତେବେଳେ ତାଙ୍କ ଗୀତର ରେକର୍ଡ ୨୫ ହଜାର କପି ବିକ୍ରି ହୋଇ ସମସାମୟିକ ଗାୟିକାଙ୍କୁ ପଛରେ ପକାଇ ଦେଇଥିଲା। ଶେଷରେ ବସ୍ତୁବାଦୀ ଦୁନିଆରୁ ମୁହଁ ଫେରାଇ ଆଲ୍ଲାହାବାଦଠାରେ ସେ ଦାତବ୍ୟ

**ବ୍ୟକ୍ତିତ୍ୱ**



ନିଲୁମ ସରନ୍ ଗୌର

ଅନୁଷ୍ଠାନ ଗଢ଼ିଲେ ; ଯାହା ମାଧ୍ୟମରେ ଗରିବ ପିଲାଙ୍କୁ ପାଠ ପଢ଼ିବା ଲାଗି ଆର୍ଥିକ ସହାୟତା ଦେବା, ଅସହାୟଙ୍କୁ କମ୍ବଳ ବଣ୍ଟନ, ମନ୍ଦିର ଓ ମସଜିଦ୍‌କୁ ଦାନ ଏବଂ ବିନା ମୂଲ୍ୟରେ ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରାଇଥିଲେ। ୧୮ ମେ ୧୯୩୪ରେ ଜାନକୀଙ୍କର ଆଲ୍ଲାହାବାଦଠାରେ ମୃତ୍ୟୁ ଘଟିଥିଲା।

ଉପରଲିଖିତ ଜାନକୀଙ୍କ ଜୀବନଯାତ୍ରା ବିଷୟରେ କ୍ୱଚିତ ଜାଣିଥିବେ। ତେବେ ଏହି ବିଷୟକୁ ସୂକ୍ଷ୍ମ ଭାବେ ନିଜ ଉପନ୍ୟାସ 'ରେକିଏମ୍ ଇନ୍ ରାଗ ଜାନ୍‌କୀ'ରେ ସ୍ଥାନ ଦେଇ ଇଂଲିଶ ଭାଷାର ଭାରତୀୟ ଔପନ୍ୟାସିକା ନିଲୁମ ସରନ୍ ଗୌର ଚଳିତବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ମନୋନୀତ ହୋଇଛନ୍ତି। ଶତାବ୍ଦୀ ପୂର୍ବର ଏକ ବାସ୍ତବ କାହାଣୀକୁ ନିଲୁମ ଯେଉଁଭଳି ଭାବେ ପୁସ୍ତକରେ ସ୍ଥାନ ଦେଇଛନ୍ତି, ତାହା ଏବେ ପରୋକ୍ଷରେ ଔପନ୍ୟାସିକାଙ୍କ ବ୍ୟକ୍ତିତ୍ୱକୁ ଚର୍ଚ୍ଚାକୁ ଆଣିଛି।

ନିଲୁମ ଉତ୍ତର ପ୍ରଦେଶର ଆଲ୍ଲାହାବାଦଠାରେ ୧୨ ଅକ୍ଟୋବର ୧୯୫୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମା' ବଙ୍ଗଳାର ଥିବା ବେଳେ ପିତା ହିନ୍ଦୀଭାଷୀ। ଫଳରେ ତାଙ୍କ ଉପରେ ପିଲାଦିନୁ ବହୁବିଧ ଭାଷା ଓ ସଂସ୍କୃତିର ପ୍ରଭାବ ପଡ଼ିଥିଲା। ରୋମାନ୍ କାଥଲିକ୍ ନନ୍‌ମାନଙ୍କ ଦ୍ୱାରା ପରିଚାଳିତ ସେଣ୍ଟ ମେରୀ କନ୍‌ଭେଣ୍ଟ ଇଣ୍ଟର କଲେଜରୁ ପଢ଼ା ଶେଷ କରିବା ପରେ ନିଲୁମ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ଇତିହାସ, ଦର୍ଶନଶାସ୍ତ୍ର ଓ ଇଂଲିଶ ଭାଷା ପଢ଼ିଥିଲେ। ୧୯୭୭ରେ ସେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗରେ ଅଧ୍ୟାପିକା ଭାବେ ନିଯୁକ୍ତ ହୋଇଥିଲେ। ଭାରତୀୟ ସାହିତ୍ୟ ପତ୍ରିକାରେ ନିଲୁମଙ୍କ କ୍ଷୁଦ୍ରଗଳ୍ପ କ୍ରମାଗତ ପ୍ରକାଶ ପାଇ ପାଠକୀୟ ଆଦୃତିଲାଭ କରିଥିଲା। ଲେଖିକାଙ୍କ ଗଳ୍ପ ପଢ଼ିବା ପରେ 'ପେଙ୍ଗୁଇନ୍ ଇଣ୍ଡିଆ'ର ପରିଚାଳନା ନିର୍ଦ୍ଦେଶକ ଡାଭିଡ୍ ଡାଭିଡର ତାଙ୍କୁ ଏକ ପୁସ୍ତକ ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ। ଫଳରେ ୧୯୯୩ରେ ପେଙ୍ଗୁଇନ୍ ଇଣ୍ଡିଆ ନିଲୁମଙ୍କ ପ୍ରଥମ ପୁସ୍ତକ 'ଗ୍ରେ ପିଜିଅନ୍ ଆଣ୍ଡ ଅଦର ଷ୍ଟୋରିଜ୍' ପ୍ରକାଶ କରିଥିଲା। ଏହା ପରେ ସେ ଚାର୍ଲସ୍ ଇଣ୍ଡିଆ ତରଫରୁ ବ୍ରିଟେନ୍‌ର ରାଇଟର୍ସ ଫେଲୋଶିପ୍ ପାଇଥିଲେ। ୧୯୯୫ରେ ପେଙ୍ଗୁଇନ୍ ତାଙ୍କ ପରବର୍ତ୍ତୀ ପୁସ୍ତକ 'ସ୍ପିକିଂ ଅଫ୍ ୬୨' ଉପନ୍ୟାସ ପ୍ରକାଶ କରିଥିଲା। ୫ ଉପନ୍ୟାସ, ୪ କ୍ଷୁଦ୍ରଗଳ୍ପ ସଙ୍କଳନ ଓ ଗୋଟିଏ ତଥ୍ୟାମ୍ଭକ ବା ବାସ୍ତବଧର୍ମୀ (ନନ୍‌ଫିକ୍ସନ) ସାହିତ୍ୟ ପୁସ୍ତକ ରଚନା କରି ନିଲୁମ ଭାରତୀୟ ଇଂଲିଶ ସାହିତ୍ୟରେ ନିଜ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି। ଏଥିସହିତ ବିଭିନ୍ନ ଚୟନିକାରେ ତାଙ୍କ ଅନେକ ସନ୍ଦର୍ଭ ପ୍ରକାଶ ପାଇଛି। ନିଲୁମଙ୍କ ଅନେକ ଲେଖାରେ ଆଲ୍ଲାହାବାଦ ଗୁରୁତ୍ୱ ବହନ କରିଆସିଛି। ଏପରି କି 'ଦି ହିନ୍ଦୁସ୍ତାନ ଟାଇମ୍ସ'ର ଆଲ୍ଲାହାବାଦ ପେଜ୍‌ରେ ହାସ୍ୟରସାତ୍ମକ ସ୍ତମ୍ଭ ଲେଖି ସେ ବେଶ୍ ଆଦୃତ ହୋଇଛନ୍ତି। ସାହିତ୍ୟ ଏକାଡେମୀ ପକ୍ଷରୁ 'ସୃଜନାତ୍ମକ ଲେଖା କର୍ମଶାଳା'କୁ ସେ ସୁଚାରୁରୂପେ ପରିଚାଳନା କରିଛନ୍ତି। ବିବିସି ଟେଲିଭିଜନ ଧାରାବାହିକୀ 'ହୁ ଡୁ ୟୁ ଥିଙ୍କ୍ ୟୁ ଆର୍' ପାଇଁ ମଧ୍ୟ ସେ କାମ କରିଛନ୍ତି। ତାଙ୍କ ଉପନ୍ୟାସ 'ସିକନ୍ଦର ଚୌକ ପାର୍କ' ଚେକ୍ ରିପବ୍ଲିକ୍‌ର ଚାର୍ଲସ ୟୁନିଭର୍ସିଟି ପ୍ରାଗ୍‌ରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ପଢ଼ିବାର ସୁଯୋଗ ସୃଷ୍ଟି କରାଯାଇଛି। ଅନୁରୂପ ଭାବେ ଏଠାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ପାଠଶାଳା ପ୍ରୋଜେକ୍ଟରେ ତାଙ୍କ ଗଳ୍ପ 'ଏ ଲେନ୍ ଇନ୍ ଲକ୍ଷ୍ନୌ' ସ୍ଥାନ ପାଇଛି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ମୁମ୍ବାଇର ସ୍ଥପତି ପ୍ରତିମା ଜୋଶୀ ବସ୍ତି ବାସିନ୍ଦାଙ୍କ ସ୍ୱଚ୍ଛତା ପାଇଁ ନିଜକୁ ସମର୍ପିତ କରିଦେଇଛନ୍ତି। ଦୀର୍ଘ ୩ ଦଶନ୍ଧି ହେଲା ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ପ୍ରତିମା ଲଣ୍ଡନର ବ୍ୟାଚେଲର୍ସ ସ୍କୁଲରୁ ଆର୍କିଟେକ୍‌ଚର ଓ ପ୍ଲାନିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ଗରିବ ବସ୍ତିବାସିନ୍ଦାଙ୍କୁ ଘର, ଘର ଭିତରେ ପାଇଖାନ କିମ୍ବା ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରୁଛନ୍ତି। ସେ ପୁଣେ, ପିମ୍ପ୍ରି, ଚିନ୍‌ଓ୍ୱାଡ, ନଭି ମୁମ୍ବାଇ ଓ କୋହ୍ଲାପୁର ଅଞ୍ଚଳରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ଏଠାକାର ବସ୍ତି ବାସିନ୍ଦାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛନ୍ତି। ଏହି କାର୍ଯ୍ୟ ସେ 'ଶେଲ୍‌ଟର ଆସୋସିଏଟ୍ସ' ଏନ୍‌ଜିଓ ମାଧ୍ୟମରେ କରୁଛନ୍ତି। ୧୯୯୩ରେ ସେ ଏହାକୁ ପ୍ରତିଷ୍ଠା କରିଥିଲେ। ୩ ଦଶନ୍ଧି ମଧ୍ୟରେ 'ଓ୍ୱାନ ହୋମ ଓ୍ୱାନ୍ ଟଏଲେଟ' ଅଭିଯାନ ମାଧ୍ୟମରେ ସେ ୨୭,୦୦୦ ବସ୍ତି ଘରେ ପାଇଖାନ ତିଆରି କରିପାରିଛନ୍ତି। ତାଙ୍କ ସଂସ୍ଥାର ସ୍ୱେଚ୍ଛାସେବୀମାନେ ସର୍ଭେ କରିବା ପରେ ହିତାଧିକାରୀଙ୍କୁ ଏଭଳି ସୁବିଧା ଯୋଗାଇ ଦିଆଯାଉଛି। କେବଳ ଏତିକି ନୁହେଁ, ପ୍ରତିମା ମଧ୍ୟ ବସ୍ତି ଅଞ୍ଚଳରେ ଋତୁସ୍ରାବ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟା ଉପରେ ସଚେତନତା ଶିବିର ଓ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଡିସେମ୍ବର ୧୯୭୪**

- ଭେନ୍‌ଜୁଏଲାରେ ଏକ ଡିସି-୯ ବିମାନ ମାଟୁରିନ ବିମାନଘାଟି ଅତିକ୍ରମ କରିବାପରେ ଏଥିରେ ବିସ୍ଫୋରଣ ଘଟିବାରୁ ସମସ୍ତ ୭୭ ଯାତ୍ରୀ ନିହତ।
- ପ୍ରବଳ ଶୀତ ପ୍ରବାହ ଯୋଗୁଁ ବିହାର ସ୍ଥିତ ମୋକାମା-ବାରୌଣୀ ଶିଳ୍ପାଞ୍ଚଳରେ ୧୩ ଜଣଙ୍କ ମୃତ୍ୟୁ।
- ବାଚସ୍ପତି ଶ୍ରୀ ବ୍ରଜମୋହନ ମହାନ୍ତିଙ୍କ ସଭାପତିତ୍ୱରେ ରାଜ୍ୟରେ ପାର୍ଲାମେଣ୍ଟାରୀ ଆସୋସିଏସନ୍ ଶାଖା ଗଠିତ।

## ଚିରନ୍ତନୀ

ଉଭା ହେଲ ହେ ମାନବ ! ଉଚ୍ଚତମ ଗିରିରୂପେ ଆଜି
ମୌସୁମୀ ସମାନ ତହିଁ ଶତ ଯୁକ୍ତି ଲେଉଟଇ ବାଜି।
କେତେ ବଜ୍ର କେତେ ଝଞ୍ଜା ଅଙ୍ଗେ ତବ କରିଛି ନିନାଦ
ଜଳ ହୋଇ ଫେରିଅଛି କେତେ ତର୍କ କେତେ ପ୍ରତିବାଦ।
-(ଜାଗ ଜାଗ ଗାନ୍ଧୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | 9 | | 4 | |
| | | | | | 3 | 7 | | 8 |
| 9 | | | | 8 | | | 2 | 3 |
| | | 9 | | 6 | | 8 | 7 | |
| | 2 | | | | | | | |
| | 7 | | | 4 | | | | |
| 5 | 8 | | | 9 | | | | |
| | | | 8 | | | | | |
| | | 4 | 7 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 8 | 4 | 3 | 7 | 1 | 2 | 9 |
| 4 | 1 | 3 | 2 | 8 | 9 | 7 | 5 | 6 |
| 9 | 2 | 7 | 5 | 6 | 1 | 8 | 4 | 3 |
| 2 | 8 | 6 | 9 | 1 | 4 | 3 | 7 | 5 |
| 1 | 9 | 5 | 7 | 2 | 3 | 4 | 6 | 8 |
| 3 | 7 | 4 | 8 | 5 | 6 | 9 | 1 | 2 |
| 7 | 5 | 2 | 1 | 9 | 8 | 6 | 3 | 4 |
| 6 | 4 | 9 | 3 | 7 | 2 | 5 | 8 | 1 |
| 8 | 3 | 1 | 6 | 4 | 5 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡେଲ୍‌ଟା ର୍‍ୟାଙ୍କିଙ୍ଗରେ ଢେଙ୍କାନାଳ ଚତୁର୍ଥ ହେଲା କିପରି

ମହାଶୟ,

ଆବଶ୍ୟକତାକୁ ଦୃଷ୍ଟିରେ ରଖି ଢେଙ୍କାନାଳ ଜିଲାକୁ ଗତ ୨୦୧୮ରେ କେନ୍ଦ୍ର ସରକାର ଆକାଂକ୍ଷା ଜିଲାରେ ଅନ୍ତର୍ଭୁକ୍ତ କରିଥିଲେ। ସେହି ଅନୁଯାୟୀ ଦେଶର ୧୧୨ ଆକାଂକ୍ଷା ଜିଲା ମଧ୍ୟରେ ଢେଙ୍କାନାଳ ଅନ୍ୟତମ। ଏବେ ଡେଲ୍‌ଟା ର୍‍ୟାଙ୍କିଙ୍ଗରେ ଢେଙ୍କାନାଳ ଦେଶରେ ଚତୁର୍ଥ ସ୍ଥାନ ଲାଭ କରିଛି ବୋଲି ଖବର ପ୍ରକାଶ ପାଇଛି । ମାତ୍ର ପ୍ରଶ୍ନ ଉଠେ, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ, ଶିକ୍ଷା, କୃଷି, ଜଳସେଚନ, ଭିତ୍ତିଭୂମି ଓ ଆର୍ଥିକ ଉନ୍ନତୀକରଣକୁ ନେଇ ଆକାଂକ୍ଷା ମାନଦଣ୍ଡ ପ୍ରକାଶ ପାଉଥିବା ବେଳେ ଜିଲାବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଦେଶରେ ଢେଙ୍କାନାଳ ଜିଲା ଚତୁର୍ଥ ସ୍ଥାନ ଲାଭ କରିବା ଆଶ୍ଚର୍ଯ୍ୟର ବିଷୟ। ବିଶେଷକରି ଆକାଂକ୍ଷା ଜିଲା ଘୋଷଣାର ଦୀର୍ଘବର୍ଷ ପରେ ମଧ୍ୟ ଡାକ୍ତର ଅଭାବରୁ ଜିଲାବାସୀ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି । ସେହିଭଳି ବୃହତ୍, କ୍ଷୁଦ୍ର ଓ ଉଠାଜଳସେଚନ ପ୍ରକଳ୍ପର ଦୁରବସ୍ଥା ଯୋଗୁ ପାଣି ନ ପାଇ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏତଦ୍‌ବ୍ୟତୀତ ସ୍କୁଲ ଓ କଲେଜଗୁଡ଼ିକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ଯୋଗୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରାସ୍ତାଘାଟର ଅବସ୍ଥା ସୁଧୁରି ପାରୁନାହିଁ। ଠିକ୍ ସେହିଭଳି ଖାଦ୍ୟ ସୁରକ୍ଷା, ଗମନାଗମନ, ଆର୍ଥିକ ଉନ୍ନତି କ୍ଷେତ୍ରରେ ପରିବର୍ତ୍ତନ ହେଉ ନ ଥିବାବେଳେ ଜିଲା ଦେଶରେ ଚତୁର୍ଥ ସ୍ଥାନ ଲାଭ କରିଥିବା ଘୋଷଣା ହାସ୍ୟାସ୍ପଦ ; ଯାହାକୁ କେନ୍ଦ୍ରକରି ଏବେ ସମଗ୍ର ଜିଲାରେ ଚର୍ଚ୍ଚା ଜୋର ଧରିଛି।

**ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରାର୍ଥୀ ଚିନ୍ତାରେ ୩ ଦଳ

## ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ

କୋରାପୁଟ, ୨୩।୧୨ (ଅମିତାଭ ବେହେରା)


କୈଳାଶ କୁଲେସିକା


କୁମୁଦ ସାଉଣ୍ଟା


ପ୍ରଭୁ ଜାନି

କୋରାପୁଟ ଜିଲା ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ଲୋକେ ୨୦୨୪ ସାଧାରଣ ନିର୍ବାଚନରେ କାହାଙ୍କୁ ବିଧାୟକ ଭାବେ ଦେଖିବେ ତାହାକୁ ନେଇ ଚର୍ଚ୍ଚା ଯେତିକି ହେଉଛି, ରାଜନୈତିକ ସମୀକରଣ କିନ୍ତୁ ଦିନକୁ ଦିନ ସେତିକି ବିଗୁଡ଼ୁଥିବା ଲକ୍ଷ୍ୟ କରାଯାଉଛି। ବିଜେଡି ହାତରେ ଥିବା ଏହି ଆସନରେ ଏବେ ପ୍ରଭୁ ଜାନି ବିଧାୟକ। ଇତିମଧ୍ୟରେ ବିରୋଧୀ କଂଗ୍ରେସ ଓ ଭାଜପାର ଅନେକ ଆଶାୟୀ ପ୍ରାର୍ଥୀ ବିଜେଡିରେ ସାମିଲ ହୋଇଛନ୍ତି। କଂଗ୍ରେସ ଓ ଭାଜପାଠାରୁ ବିଜେଡିର ସ୍ଥିତି ଅପେକ୍ଷାକୃତ ଭଲ ରହିଛି ବୋଲି କୁହାଯାଉଛି। ତେବେ କଂଗ୍ରେସ ନିଜ ଗଡ଼କୁ ପୁଣି ଅକ୍ତିଆର କରିବାକୁ ଉଦ୍ୟମ ଚଳାଇଛି। ଭାଜପା ଏହି ନିର୍ବାଚନମଣ୍ଡଳୀରେ ନିଜ ଶକ୍ତି ବିସ୍ତାର ଲାଗି ପ୍ରୟାସ ଜାରି ରଖିଛି। ଲକ୍ଷ୍ମୀପୁର, ବନ୍ଧୁଗାଁ, ନାରାୟଣପାଟଣା ଓ ଦଶମନ୍ତପୁର ୪ଟି ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବା ଅନୁମାନ କରାଯାଉଛି ବୋଲି କେତେକେ କହୁଥିବା ବେଳେ ଗହିରେଇ ଦେଖିଲେ ତିନି ଦଳ ଏବେ ପ୍ରାର୍ଥୀ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ପ୍ରଭୁ ଏଠାରେ ବିଜେଡିରୁ ଦ୍ୱିତୀୟ ଥର ରାଜନୈତିକ ଭାଗ୍ୟ ପରୀକ୍ଷା କରିବାକୁ ଚାହୁଁଥିବା ବେଳେ ୨୦୧୯ ନିର୍ବାଚନରେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସର କୈଳାସ କୁଲେସିକା ଓ ଭାଜପାର କୁମୁଦ ସାଉଣ୍ଟା ବିଜେଡି ଶିବିରରେ ବସି ରହିଛନ୍ତି। ଲକ୍ଷ୍ମୀପୁର ଏକଦା କଂଗ୍ରେସର ଦୁର୍ଗ ଥିଲା। ୨୦୧୯ ନିର୍ବାଚନରେ ମାତ୍ର ୨୨୯ ଭୋଟରେ ପରାଜିତ ହୋଇଥିବା କଂଗ୍ରେସ ଏହି ଆସନକୁ ଦଖଲ କରିବାକୁ ଲୋକ ସମ୍ପର୍କ ଜାରି ରଖିଛି। ତୃତୀୟ ସ୍ଥାନରେ ରହିଥିବା ଭାଜପା ମଧ୍ୟ ବୁଥ୍ ସ୍ତରରେ ସଙ୍ଗଠନ ସଜାଡୁଛି। କଂଗ୍ରେସ ଓ ଭାଜପାର ଦୁଇ ନେତା ଦଳ ଡେଇଁଥିବାରୁ ଉଭୟ ଦଳର ନେତୃବୃନ୍ଦ ଅଡୁଆରେ ପଡ଼ିଛନ୍ତି। ବିଜେଡି ପାଇଁ ବି ସେହି ସମ ଦଶା। କାରଣ ପ୍ରଭୁଙ୍କ ସ୍ଥାନରେ କୈଳାସ କିମ୍ବା କୁମୁଦ, ଯାହାଙ୍କୁ ଟିକେଟ ମିଳିଲେ ଅଡୁଆ ସ୍ଥିତି ସୃଷ୍ଟି ହେବ ବୋଲି ଦଳୀୟ କର୍ମୀ କହୁଛନ୍ତି। ପୂର୍ବରୁ ରାୟଗଡ଼ା ଜିଲାରେ ରହିଥିବା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ ଏବେ କୋରାପୁଟ ଜିଲାରେ ରହିଛି। ୨୦୧୯ ନିର୍ବାଚନରେ ପ୍ରଥମକରି ବିଧାୟକ ହୋଇଥିବା ପ୍ରଭୁ ଜାନି ୨୦୨୪ରେ ପୁଣି ଟିକେଟ ପାଇ ବିଜୟୀ ହେବେ ବୋଲି ତାଙ୍କ ସମର୍ଥକ କହୁଛନ୍ତି। ତେବେ ଏଠାରୁ ପ୍ରାର୍ଥୀ ହେବାକୁ ବିଜେଡିରେ ବହୁ ଆଶାୟୀ। ଗତ ୨୦୧୯ ନିର୍ବାଚନରେ ବିଜେଡିର ପ୍ରଭୁ ଜାନି କଂଗ୍ରେସର କୁଲେସିକାଙ୍କୁ ପରାଜିତ କରିଥିଲେ। ତେଣୁ କୁଲେସିକା ବିଜେଡିକୁ ଚାଲିଯାଇଥିବାରୁ କଂଗ୍ରେସ ଟିକେଟ ପାଇଁ ଗୀତାଞ୍ଜଳି ପିଡିକା, ରାଜେନ୍ଦ୍ର ହୁଇକା, ପବିତ୍ର ସାଆନ୍ତା ଲାଗିଛନ୍ତି। ସେହିପରି ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା କୁମୁଦ ଶାସକ ଦଳରେ ସାମିଲ ହୋଇଯାଇଥିବାରୁ ଭୁବନ ଜାନି, ହୃଦୟ ହିକ୍କା ପ୍ରମୁଖଙ୍କ ନାମ ସାମ୍ନାକୁ ଆସୁଛି। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ଏକଦା ଜମି, ଜଳ, ଜଙ୍ଗଲ ଓ ମଦ ବିରୋଧୀ ଆନ୍ଦୋଳନକୁ ନେଇ ରାଜ୍ୟରେ ଚର୍ଚ୍ଚାରେ ରହିଥିଲା। ଏଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ପ୍ରତିନିଧିତ୍ୱ କରି ଆସିଛନ୍ତି। ୧୯୯୯ ଉପନିର୍ବାଚନରେ ସେ ବିଜୟୀ ହୋଇଥିଲେ। ୧୯୭୪ରୁ ୨୦୦୮ ମଧ୍ୟରେ ଏଠାରେ ୭ ଥର କଂଗ୍ରେସ ବିଜୟୀ ହୋଇଥିବା ବେଳେ ଜନତା ଦଳ ଏଠାରେ ୩ଥର ବିଜୟୀ ହୋଇଛି। ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ ଏଠାରେ ବିଜେଡି ୨ଥର ବିଜୟୀ ହୋଇଛି। ଥରେ କଂଗ୍ରେସ ବିଜୟୀ ହୋଇଛି। ବର୍ତ୍ତମାନ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ସମସ୍ତ ୪ଟିଯାକ ବ୍ଲକ ବିଜେଡି ହାତରେ। ତେବେ ୭ଟି ଜିଲା ପରିଷଦ ଆସନରୁ ୫ଟି କଂଗ୍ରେସ ହାତେଇ ନେଇଥିବା ବେଳେ ୨ଟି ବିଜେଡି ହାତରେ ରହିଛି।

ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଲ ଫଳାଫଳ କରିଥିବା ବେଳେ କଂଗ୍ରେସ ମଧ୍ୟ ନିଜ ସ୍ଥିତି ଜାହିର କରିଛି। ମାତ୍ର ଭାଜପାକୁ ସେଭଳି ସଫଳତା ମିଳିନାହିଁ। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅନେକ ଉନ୍ନତି ହୋଇଥିଲେ ମଧ୍ୟ ବହୁ ସମସ୍ୟା ଏପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପାନୀୟ ଜଳ ଯୋଗାଣ, ସଡକ, ପରିବହନ, ବେକାରି, ଦାଦନ, ଜଳସେଚନ, ଚାଷ ଓ ଚାଷୀଙ୍କ ସମସ୍ୟା ରହିଛି। ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ନିର୍ବାଚନ ମଇଦାନକୁ ବାହାରିବାକୁ ସଜବାଜ ହେଉଥିବା ବେଳେ ଅନ୍ୟ ୨ ଦଳ କଂଗ୍ରେସ ଓ ଭାଜପା ସରକାରଙ୍କ ଏହି ନିର୍ବାଚନମଣ୍ଡଳୀ ପ୍ରତି ଅବହେଳା ଓ ଅଣଦେଖାକୁ ଅସ୍ତ୍ର କରିବେ ବୋଲି କୁହାଯାଉଛି। ତେବେ ଯିଏ ପାର୍ଟି ପାଇଁ କାମ ନ କରି ମାଟି ପାଇଁ କାମ କରିବେ, ଭୋଟର ତାଙ୍କୁ ହିଁ ଭୋଟ ଦେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଅଜୟ କୁମାର ଓଡ଼ିଶା କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର, ୨୩।୧୨ (ଅନିଲ ଦାସ)


ଅଜୟ କୁମାର

ଓଡ଼ିଶା ପ୍ରଦେଶ କଂଗ୍ରେସ ପାଇଁ ଅଜୟ କୁମାରଙ୍କୁ ନୂଆ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ଶନିବାର ଏ ନେଇ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଓଡ଼ିଶା ସହିତ ତାଙ୍କୁ ତାମିଲନାଡୁ ଓ ପୁଡୁଚେରିର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଥିବା ଚେଲ୍ଲା କୁମାରଙ୍କୁ ମେଘାଳୟ, ମିଜୋରାମ ଓ ଅରୁଣାଚଳ ପ୍ରଦେଶ କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି।

ଅଜୟ କୁମାର ୧୯୮୫ରେ ପୁଡୁଚେରିରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ। ସେ ୧୯୮୬ ବ୍ୟାଚ୍ ବିହାର କ୍ୟାଡର ଆଇପିଏସ୍ ଅଫିସର ଥିଲେ। ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ସେ ଆଇପିଏସ୍ ଅଫିସର ଭାବେ ଚାକିରି କରିଥିଲେ। ୧୯୯୬ରେ ସେ ଚାକିରି ଛାଡ଼ି ଟାଟା ମୋଟର୍ସରେ ଏକ ବରିଷ୍ଠ ପଦବୀରେ ଯୋଗ ଦେଇଥିଲେ। ଏହା ପରେ ସେ ରାଜନୀତିକୁ ଆସିଥିଲେ। ୨୦୧୪ ଅଗଷ୍ଟରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ। ୨୦୧୯ରେ ସେ ଆପ୍‌ରେ ଯୋଗ ଦେଇଥିଲେ। ୨୦୨୦ରେ ପୁଣି ସେ କଂଗ୍ରେସକୁ ଫେରି ଆସିଥିଲେ। ନୂଆ ଦାୟିତ୍ୱ ପାଇବା ପୂର୍ବରୁ ସେ ନାଗାଲାଣ୍ଡ, ସିକିମ ଓ ତ୍ରିପୁରା କଂଗ୍ରେସର ପ୍ରଭାରୀ ରହିଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ ଚେଲ୍ଲା କୁମାରଙ୍କୁ ୨୦୨୦ ସେପ୍ଟେମ୍ବରରେ ଓଡ଼ିଶା ପ୍ରଭାରୀ ଭାବେ ଏଆଇସିସି ନିଯୁକ୍ତି କରିଥିଲା। ତେବେ ତାଙ୍କ କାର୍ଯ୍ୟକାଳରେ ଓଡ଼ିଶା କଂଗ୍ରେସର ସେପରି କୌଣସି ଫାଇଦା ହୋଇ ନ ଥିଲା।

# ବ୍ରହ୍ମପୁର ବିଧାନସଭା ଆସନ ଦେଖିନି ଭାଜପା

ବ୍ରହ୍ମପୁର, ୨୩।୧୨ (ଅଶୋକ କୁମାର ସାହୁ)



ବ୍ରହ୍ମପୁର ବିଧାନସଭା ଆସନକୁ ନେଇ ରାଜନୀତି ସରଗରମ ହେଲାଣି। ୩ ପ୍ରମୁଖ ଦଳରେ ଆଶାୟୀମାନେ ନିଜ ସ୍ତରରେ ଲବି ଆରମ୍ଭ କଲେଣି। ଏଭଳି ସ୍ଥିତିରେ ରାଜ୍ୟରେ ବିରୋଧୀ ଦଳ ଭାଜପା ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକ ସମର୍ଥନ ଯୋଗାଡ଼ କରିବାରେ ବ୍ୟସ୍ତ। କିନ୍ତୁ ଏଯାଏ ୧୬ଟି ନିର୍ବାଚନକୁ ସମ୍ମୁଖୀନ ହୋଇଥିବା ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଜଣେ ହେଲେ ଭାଜପା ବିଧାୟକଙ୍କୁ ଦେଖିପାରି ନାହିଁ। ଏହି ନିର୍ବାଚନଗୁଡ଼ିକରେ ବିଜେଡି ୫ଥର ଆସନ ଅକ୍ତିଆର କରିଥିବାବେଳେ କଂଗ୍ରେସ ୪ ଥର, ଜନ କଂଗ୍ରେସ ଥରେ, କଂଗ୍ରେସ-ଆଇ ଥରେ, ଜନତା ଦଳ ୨ଥର ଓ ସ୍ୱାଧୀନ ପ୍ରାର୍ଥୀ ୩ଥର ଜିତିଛନ୍ତି।

୧୬ଟି ନିର୍ବାଚନରେ ଯଦି ଭାଜପାର ସ୍ଥିତି ଦେଖାଯାଏ ତେବେ ୧୯୮୫ରେ ପ୍ରଥମ କରି ଭାଜପା ସତୀଶ କୁମାର ପାତ୍ରଙ୍କୁ ଟିକେଟ ଦେଇଥିଲା। ସେ କେବଳ ୧,୦୨୬ ଭୋଟ ପାଇଥିଲେ। ପରେ ୧୯୯୦ରେ ରାମକୃଷ୍ଣ ପାଢ଼ୀଙ୍କୁ ଭାଜପାରୁ ଟିକେଟ ମିଳିଥିଲା। ସେ ୩,୩୬୭ ଭୋଟ ପାଇଥିଲେ। ୧୯୯୫ରେ ଭାଜପା ଟିକେଟରେ ବାଳକୃଷ୍ଣ ଚୌଧୁରୀ ଲଢ଼ିଥିଲେ। ସେ ୪,୯୭୯ ଭୋଟ ପାଇଥିଲେ। ଲଗାତର ଭାଜପା ହାରିବା ପରେ ୨୦୦୦ ଓ ୨୦୦୪ ନିର୍ବାଚନରେ କାହାକୁ ଟିକେଟ ଦିଆଯାଇ ନ ଥିଲା। ୨୦୦୯ରେ ଭାଜପା ଟିକେଟରେ ରାମଚନ୍ଦ୍ର ପଣ୍ଡା ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ସେତେବେଳେ ବି ତାଙ୍କ ଭୋଟ ହାର ଥିଲା ମାତ୍ର ୭.୯୨ ପ୍ରତିଶତ। ୨୦୧୪ ନିର୍ବାଚନରେ ଶିବଶଙ୍କର ଦାସ ଭାଜପାରୁ ଲଢ଼ି ୨୧.୧ ପ୍ରତିଶତ ଭୋଟ ପାଇଥିଲେ। କିନ୍ତୁ ୨୦୧୯ରେ କାହ୍ନୁ ଚରଣ ପତିଙ୍କୁ ଭାଜପା ଟିକେଟ ଦେଇଥିଲା। ସେ ବିଧାନସଭା ନିର୍ବାଚନରେ ୨୭.୪୪ ପ୍ରତିଶତ ଭୋଟ ପାଇଥିଲେ। ଉକ୍ତ ନିର୍ବାଚନରେ ଶିବଶଙ୍କର ଦାସ ଭାଜପା ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଭାଜପାର କିଛି ଅସନ୍ତୁଷ୍ଟ କର୍ମୀଙ୍କ ସମର୍ଥନ ଓ ତାଙ୍କ ବ୍ୟକ୍ତିଗତ ଭୋଟ ଯୋଗୁ ଭାଜପାର ଭୋଟ ବିଭାଜନ ହୋଇଯାଇଥିଲା। ନଚେତ୍ ଭାଜପା ଆଉ କିଛି ଭୋଟ ପାଇଥାନ୍ତା ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ବିଧାନସଭା ନିର୍ବାଚନରେ ଭାଜପା ବିଭିନ୍ନ ସମୟରେ ପ୍ରାର୍ଥୀ ବଦଳାଇ ଚାଲିଥିଲେ ମଧ୍ୟ ଭୋଟ ହାର ଧୀରେ ଧୀରେ ବଢୁଛି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ସଂଗଠନ ମଜଭୁତ ହେବାରେ କେଉଁଠି ନା କେଉଁଠି କେଁ ରହୁଥିବାରୁ ସମୀକରଣ ଓଲଟପାଲଟ ହୋଇ ଯାଉଥିବା ରାଜନୈତିକ ବିଶେଷଜ୍ଞ କହିଛନ୍ତି। ଏଥର ଭାଜପାର ରଣନୀତି ଟିକେ ଅଲଗା ହେବା ମନେହେଉଛି। କାରଣ ବିଜେଡିର ଜଣେ ବହିଷ୍କୃତ ବିଧାୟକ ଭାଜପାରେ ମିଶିବା ପାଇଁ ଚାହୁଁଥିବା ଦଳୀୟ ମହଲରୁ ଜଣାପଡ଼ିଛି। ଶାସକ ଦଳର କେତେକ ନେତାଙ୍କୁ ତେରେଛା ବାଣ ମାରି ହଇଚଇ ସୃଷ୍ଟି କରୁଥିବା ସମ୍ପୃକ୍ତ ନେତାଙ୍କ କଥା ସୋସିଆଲ ମିଡିଆରେ ଘୁରି ବୁଲୁଥିବାରୁ ଭୋଟର କୁଆଡ଼କୁ ଢଳିବେ ତାହାକୁ ନେଇ ରାଜନୈତିକ ମହଲରେ ଅଙ୍କକଷା ଚାଲିଛି। ଅନ୍ୟପକ୍ଷରେ ପୂର୍ବରୁ ଭାଜପା ଜିଲା ସଭାପତି ଥିବା ବିଭୂତି ଜେନାଙ୍କ ସ୍ଥାନରେ ସୁବାସ ସାହୁଙ୍କୁ ନୂତନ ଭାବେ ନିଯୁକ୍ତ କରାଯାଇଛି। ସୁବାସ ଭିନ୍ନ ରଣନୀତି ପ୍ରସ୍ତୁତ କରିବେ ବୋଲି ଆଲୋଚନା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ରହ୍ମପୁର ମହାନଗର ନିଗମର ୪୨ ୱାର୍ଡର ୩୬ଟିକୁ ନେଇ ବ୍ରହ୍ମପୁର ବିଧାନସଭା ଆସନ ଗଠିତ ହୋଇଛି। ଆଉ ୬ଟି ୱାର୍ଡ ଗୋପାଳପୁର ନିର୍ବାଚନମଣ୍ଡଳୀରେ ରହିଛି। ଦେଖିବାକୁ ଗଲେ ୧ରୁ ୩୬ ୱାର୍ଡ ଭିତରେ ମୋଟ ୫ଜଣ ଭାଜପା କର୍ପୋରେଟର ଥିଲେ। ସେମାନଙ୍କ ମଧ୍ୟରୁ ୨୭ନଂ. ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁଙ୍କୁ କୌଣସି କାରଣରୁ ଭାଜପା ବହିଷ୍କାର କରିଛି। ଜଣେ କଂଗ୍ରେସ କର୍ପୋରେଟର ଥିବାବେଳେ ବାକି ସମସ୍ତେ ବିଜେଡିର। ଆଉ କେତେଜଣ ଭାଜପାର କର୍ପୋରେଟର କମ୍ ଭୋଟରେ ହାରିଛନ୍ତି ବୋଲି ଦଳୀୟ ମହଲରୁ କୁହାଯାଇଛି। ଏଭଳି ସ୍ଥଳେ ଭାଜପା ବିଧାନସଭା ନିର୍ବାଚନକୁ କିଭଳି ମୁକାବିଲା କରିବ ତାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା। ଶାସକ ଦଳରୁ ବହିଷ୍କୃତ ନେତାଙ୍କୁ ଯଦି ଭାଜପା ଗ୍ରହଣ କରେ, ତେବେ ନିର୍ବାଚନ ସମୀକରଣ ଅଲଗା ହୋଇପାରେ ବୋଲି କୁହାଯାଉଛି। ଏଣେ ବ୍ରହ୍ମପୁର ବିଧାୟକ ବିଜେଡିର ବିକ୍ରମ କୁମାର ପଣ୍ଡାଙ୍କୁ ଗୋପାଳପୁର ନିର୍ବାଚନମଣ୍ଡଳୀ ସଜାଡ଼ିବା ଦାୟିତ୍ୱ ଦିଆଯାଇଥିବାରୁ ବ୍ରହ୍ମପୁର କାହା ଭାଗରେ ପଡ଼ିବ ତାକୁ ନେଇ ଆଶାୟୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଚର୍ଚ୍ଚା ଚାଲିଛି। ସେ ଯାହା ହେଲେ ବି ଭାଜପାକୁ ଏହି ନିର୍ବାଚନ ପାଇଁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପାରେ। ଏ ସଂକ୍ରାନ୍ତରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କୁ ପଚାରିବାରୁ ସେ କହିଲେ ଯେ, ଭାଜପାରେ ସେ ଦୀର୍ଘଦିନ ହେଲା କାମ କରୁଛନ୍ତି। ଦଳର ନୀତି ଆଦର୍ଶକୁ ମାନିବା ତାଙ୍କର କାମ। ଆସନ୍ତା ନିର୍ବାଚନରେ ଦଳ ଯାହାକୁ ଟିକେଟ ଦେବ ସେହି ଅନୁସାରେ କାର୍ଯ୍ୟ କରାଯିବ।

# ଭୁବନେଶ୍ୱର ଏମ୍‌ପି ପ୍ରାର୍ଥିତ୍ୱ: ପୁଣି ଚର୍ଚ୍ଚାରେ ଶ୍ରୀମୟୀ

ଭୁବନେଶ୍ୱର, ୨୩।୧୨ (ଅସମାପିକା ସାହୁ)



୨୦୨୪ ସାଧାରଣ ନିର୍ବାଚନ ପାଇଁ ରାଜଧାନୀ ରାଜନୀତି ଉଷ୍ମ ହେବାରେ ଲାଗିଛି। ଭୁବନେଶ୍ୱର ଏମ୍‌ପି ପଦ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ବିଭିନ୍ନ ଦଳର ପ୍ରାର୍ଥିତ୍ୱକୁ ନେଇ ଆଲୋଚନା ଚାଲିଛି। ଏଥର ଭାଜପା ହାତରୁ ଏମ୍‌ପି ପଦ ଛଡ଼ାଇନେବାକୁ ବିଜେଡି ନୂଆ ରଣନୀତି ଆପଣାଇବାକୁ ଯାଉଥିବାବେଳେ ଉପଯୁକ୍ତ ପ୍ରାର୍ଥୀ ଚୟନ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରି ସ୍ଥିତିରେ ଶ୍ରୀମୟୀ ମିଶ୍ରଙ୍କ ନାଁ ଚର୍ଚ୍ଚାର ଆଗରେ ରହିଛି। ଶ୍ରୀମୟୀ କିଛିଦିନ ତଳେ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇବା ପରେ ତାଙ୍କୁ କୁଆଡ଼େ ବିଜେଡି ଏଥର ଏହି ଆସନରୁ ଲୋକସଭା ପ୍ରାର୍ଥୀ କରିପାରେ ବୋଲି ଶାସକ ଦଳର କେତେଜଣ ବରିଷ୍ଠ ନେତାଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଯଦିଓ ଦଳ ପକ୍ଷରୁ ଏନେଇ କୌଣସି ଘୋଷଣା ହୋଇନାହିଁ, ତଥାପି ଶ୍ରୀମୟୀ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ହେବେ ବୋଲି ବିଭିନ୍ନ ସମୟରେ କଥା ଉଠୁଛି। ଶନିବାର ଜଣେ ବିଜେଡି ନେତ୍ରୀ ଶ୍ରୀମୟୀଙ୍କ ପ୍ରାର୍ଥିତ୍ୱକୁ ନେଇ ସମାନ କଥା ଦୋହରାଇଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବନ୍ଧୁମିଳନ କାର୍ଯ୍ୟକ୍ରମ ଆଇଜି ହଷ୍ଟେଲ ନିକଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ପୁରାତନ ଏବଂ ବର୍ତ୍ତମାନର ଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀମୟୀଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲା। ଶ୍ରୀମୟୀ କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ ତାଙ୍କୁ ସ୍ୱାଗତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀନେତ୍ରୀ ତଥା ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ ତାଙ୍କ ଭାଷଣରେ 'ଆଗାମୀ ଭୁବନେଶ୍ୱର ଏମ୍‌ପି ଶ୍ରୀମୟୀ ମିଶ୍ର' ବୋଲି କହିଥିଲେ। କେବଳ ଇପ୍‌ସିତା ନୁହନ୍ତି, ଏଭଳି ଅନେକେ ସମାନ କଥା କହୁଛନ୍ତି। ଏଥିସହ କାର୍ଯ୍ୟକ୍ରମରେ ଶ୍ରୀମୟୀଙ୍କୁ ନେଇ ନିର୍ବାଚନୀ ଗୀତ 'ଦେଖ ଦେଖ ଶ୍ରୀମୟୀ କି ମନ୍ତର କଲା, ଖୋର୍ଦ୍ଧା ଆଉ ରାଜଧାନୀରେ ଚହଳ ପକାଇ ଦେଲା' ଶୁଣିବାକୁ ମିଳିଥିଲା। ଏପରିକି ନିକଟରେ ଏକ କାର୍‌କୁ ଦଳୀୟ ରଙ୍ଗରେ ସଜାଯାଇ ସେଥିରେ ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀମୟୀଙ୍କ ଫଟୋ ଦେଖିବାକୁ ମିଳିଥିଲା। ଏସବୁକୁ ଦେଖିଲେ ଶ୍ରୀମୟୀ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି ବୋଲି ସମ୍ଭାବନା ବୃଦ୍ଧି ପାଇଛି। ତେବେ ଦଳ କାହାକୁ ପ୍ରାର୍ଥୀ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ଶ୍ରୀମୟୀ କିନ୍ତୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ଛାତ୍ରୀଙ୍କୁ ଭବିଷ୍ୟତ ଗଠନ ନେଇ କେତେକ ପରାମର୍ଶ ଦେଇଥିଲେ।

ସପ୍ତାହେ ତଳେ ଶ୍ରୀମୟୀଙ୍କୁ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରାର୍ଥୀ କରାଯିବା ସଙ୍କେତ ଦେଇଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

# କାମିଆ ଜାନିଙ୍କ ଶ୍ରୀମନ୍ଦିର ପ୍ରବେଶକୁ ନେଇ କଂଗ୍ରେସ ବର୍ଷିଲା

ଭୁବନେଶ୍ୱର, ୨୩।୧୨ (ଅନିଲଦାସ)

ମହାପ୍ରଭୁ ଶ୍ରୀଜଗନ୍ନାଥ ସାରା ଓଡ଼ିଶାବାସୀ ଓ ବିଶ୍ୱର କୋଣଅନୁକୋଣରେ ଥିବା ଜଗନ୍ନାଥପ୍ରେମୀଙ୍କର ସବୁଠାରୁ ବଡ଼ ଠାକୁର। ଭାରତବର୍ଷର ଚାରିଧାମ ମଧ୍ୟରୁ ପୁରୀଧାମ ହେଉଛି ସର୍ବଶ୍ରେଷ୍ଠ। ବିଜେଡି ସରକାର ଦୀର୍ଘ ୨୪ ବର୍ଷ ଶାସନକାଳ ଭିତରେ ସବୁ କ୍ଷେତ୍ରରେ ଦୁର୍ନୀତିରେ ବୁଡ଼ିରହିଛି। ଅତ୍ୟନ୍ତ ଦୁଃଖ ଓ କ୍ଷୋଭର କଥା ଶ୍ରୀମନ୍ଦିର ଭିତରେ ଅନୀତି କରିବାକୁ ମଧ୍ୟ ଏ ସରକାର ପଛାଇ ନାହିଁ। ୟୁଟ୍ୟୁବର କାମିଆ ଜାନି ଗୋ ମାଂସ ଭକ୍ଷଣ ପାଇଁ ତାଙ୍କ ବ୍ଲଗ୍‌ରେ ଏହାର ପ୍ରଚାର ପ୍ରସାର କରନ୍ତି। ସେଭଳି ଜଣେ ମହିଳାଙ୍କୁ ପୁରୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ପରିତାପର ବିଷୟ ବୋଲି ଶନିବାର କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ସହିତ ମହାପ୍ରସାଦ ଗ୍ରହଣ କରିବା ଏବଂ ମହାପ୍ରସାଦର ପ୍ରସାର କରିବା ପାଇଁ ଭିଡିଓ ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଏଭଳି ସ୍ପର୍ଶକାତର ଘଟଣାରେ ମୁହଁ ନ ଖୋଲିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ। କିଭଳି ଭାବରେ ଜଣେ ଗୋ ମାଂସ ଭକ୍ଷଣକାରୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଏହି ମହିଳାଙ୍କୁ ଭାଜପା ମଧ୍ୟ ହିନ୍ଦୁ ମନ୍ଦିର ଏବଂ ସଂସ୍କୃତିକୁ ଏପରି କି ଅଯୋଧ୍ୟା ରାମମନ୍ଦିର ଓ ରାମଲାଲାଙ୍କୁ ନେଇ ଫିଲ୍ମ କରିବା ପାଇଁ ତାଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିବା ଗଣମାଧ୍ୟମରେ ପ୍ରକାଶ ପାଉଛି। ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ଭାବାବେଗର ଠାକୁର। ତେଣୁ ଏଭଳି ହୀନ, କୁତ୍ସିତ ଓ ନୀତିହୀନ କାର୍ଯ୍ୟକରି ବିଜେଡି ସରକାର ଜାଣିଶୁଣି ଓଡ଼ିଆ ଜାତିର ଭାବାବେଗ ପ୍ରତି କୁଠାରାଘାତ କରିଛନ୍ତି। ଓଡ଼ିଶାବାସୀ ସବୁ ଦେଖୁଛନ୍ତି, ସବୁ ସହିବାର ସୀମା ପାରହୋଇସାରିଲାଣି। ଶ୍ରୀଜଗନ୍ନାଥ ଓ ମନ୍ଦିର ସହିତ ଖେଳଖେଳିବା ତୁରନ୍ତ ବନ୍ଦ କରନ୍ତୁ ବୋଲି ଶରତ କହିଛନ୍ତି। ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଛନ୍ତି ଯେ କେଉଁ କାରଣରୁ ଏଭଳି ଜଣେ ମହିଳାଙ୍କୁ ଶ୍ରୀମନ୍ଦିର ପ୍ରବେଶକୁ ଅନୁମତି ମିଳିଲା। ମୁଖ୍ୟମନ୍ତ୍ରୀଙ୍କ ଅବଗତରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଜାଣତରେ ଏ କାର୍ଯ୍ୟ ହୋଇଛି ନା ନାହିଁ। ଯଦି ହୋଇନାହିଁ ତାହାହେଲେ ଶ୍ରୀମନ୍ଦିର ଭିତରକୁ କାହା ନିର୍ଦ୍ଦେଶରେ କ୍ୟାମେରା ପ୍ରବେଶ କରି ମହାପ୍ରସାଦ ସେବନ କରୁଥିବା ବେଳେ ଫଟୋ ଉତ୍ତୋଳନ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ କୌଣସି ହୋଟେଲର ଖାଦ୍ୟ ନୁହେଁ। ମହାପ୍ରସାଦର ପ୍ରସାର ପାଇଁ ଏଭଳି ମହିଳାଙ୍କୁ ବଛାଯାଇଥିଲା କି? ଏହାର ଉତ୍ତର ନିଜେ ମୁଖ୍ୟମନ୍ତ୍ରୀ ରଖନ୍ତୁ ବୋଲି ସେ କହିଛନ୍ତି।




## ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

## ଅଧିସୂଚନା

**File No. COL/JAJ/VIIL-24/2022/12947/LA/(Civil)** **Dated: 09.11.2023**

No. XXIV-44: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଶିବଦାସ ଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ୟୁନିଟ୍ ନଂ. ୧୪ ବିରଜାକ୍ଷେତ୍ର, ଥାନା: ଯାଜପୁର ନଂ. ୨୧୩, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୯.୦୬୯ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି:

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଶିବଦାସଛକଠାରୁ ମହାଲକ୍ଷ୍ମୀ କ୍ଲବଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଶିବଦାସଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୬୬୯୮/୧୬।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର।

୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ. ୧୪, ବିରଜାକ୍ଷେତ୍ର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୧୭.୮୧୬ ଡି | ଏ୯.୦୬୯ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ଯାଜପୁର**

## ଭୂମି ଅନୁସୂଚୀ

**ପ୍ରକଳ୍ପ: ଶିବଦାସଛକଠାରୁ ମହାଲକ୍ଷ୍ମୀ କ୍ଲବଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ**

**ମୌଜା: ୟୁନିଟ୍ ନଂ. ୧୪, ବିରଜାକ୍ଷେତ୍ର ଥାନା ନଂ. ୨୧୩, ଥାନା/ତହସିଲ/ଜିଲ୍ଲା: ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୫୩ | ୩୩୧ | ୦.୧୮୩ | ୦.୦୨୩ | ଘରବାରି-୨ | ହଲିମା ବିବି, ସ୍ୱା.: ସେକ ଖଲିର ରହେମାନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୨ | ୨୫୬/ ୧୭୬ | ୩୩୧/ ୧୬୮୯ | ୦.୧୮୨ | ୦.୦୨୨ | ଘରବାରି-୨ | ସେକ ତାଜୁଦ୍ଦିନ, ପି.: ଖଲିଲଲୁର ରହେମାନ, ସେକ ଜଇନୁଦ୍ଦିନ, ସେକ ରିୟାଜୁଦ୍ଦିନ, ସେକ କମାଲୁଦ୍ଦିନ, ପି.: ସେକ ସଫିଉଦ୍ଦିନ, ଜା: ମୁସଲମାନ, ବା: ଦେବିଦ୍ୱାର, ହା. ସା.: ନିଜଗାଁ |
| ୩ | ୨୫୬/ ୧୫୭ | ୩୩୨/ ୧୧୧୬ | ୦.୦୫୪ | ୦.୦୫୪ | ଘରବାରି-୨ | ସେକ ଅମିରୁଦ୍ଦିନ, ପି.: ହାପିଯୁଦ୍ଦିନ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୪ | ୨୫୬/ ୨୪୪ | ୩୩୨/ ୧୧୬୧ | ୦.୦୨୦ | ୦.୦୨୦ | ଘରବାରି-୨ | ସେକ୍ ଅମିରଉଦ୍ଦିନ, ପି.: ସେକ୍ ହଫିଯୁଦ୍ଦିନ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୫ | ୧୫ | ୩୩୨ | ୦.୧୫୪ | ୦.୧୪୦ | ଘରବାରି-୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୬ | ୨୫୬/ ୧୫୭ | ୩୩୨/ ୧୬୭୫ | ୦.୦୧୬ | ୦.୦୧୬ | ଘରବାରି-୨ | ସେକ୍ ଅମିରଉଦ୍ଦିନ, ପି.: ସେକ୍ ହଫିଯୁଦ୍ଦିନ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୭ | ୧୫ | ୩୨୫ | ୦.୧୭୫ | ୦.୧୭୫ | ଘରବାରି-୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୮ | ୧୫ | ୩୨୪ | ୦.୧୧୫ | ୦.୧୧୫ | ଘରବାରି-୧ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୯ | ୧୦ | ୩୩୩ | ୦.୧୦୦ | ୦.୧୦୦ | ଘରବାରି-୧ | ଅଭୟ କୁମାର ମହାନ୍ତି, ପି.: ପଦ୍ମଚରଣ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୧୦ | ୩୮ | ୩୩୪ | ୦.୧୨୦ | ୦.୧୨୦ | ଘରବାରି-୧ | କୁଞ୍ଜ ବିହାରୀ ମହାନ୍ତି, ପି.: ପଦ୍ମଚରଣ ମହାନ୍ତି, ଜା: କରଣ, ବା: ନିଜଗାଁ ସାମିଲ ଦେବୀଦ୍ୱାର |
| ୧୧ | ୧୫ | ୩୨୩ | ୦.୧୮୫ | ୦.୧୮୫ | ଘରବାରି-୧ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୧୨ | ୨୫୬/ ୩୩୦ | ୩୧୯ | ୦.୨୦୦ | ୦.୨୦୦ | ଘରବାରି-୨ | ସେକ ରିଆଯୁଦ୍ଦିନ, ସେକ କମାଲୁଦ୍ଦିନ, ସୁଲତାନା ବେଗମ, ପି.: ସେକ ସଫିଉଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୧୩ | ୨୫୦ | ୩୨୧/ ୧୧୩୮ | ୦.୦୧୩ | ୦.୦୧୩ | ଘରବାରି-୧ | ହରେକୃଷ୍ଣ ବାରିକ, ପି.: ବୁଲେଇ ବାରିକ, ଜା: ନିଆରି, ବା: ନିଜଗାଁ ସାମିଲ ନାଏକ ସାହି |
| ୧୪ | ୨୫୬/ ୧୭୦ | ୩୨୧ | ୦.୦୧୩ | ୦.୦୧୩ | ଘରବାରି-୧ | ସୁରେନ୍ଦ୍ର ଚନ୍ଦ୍ର ବେହେରା, ପି.: ନନ୍ଦ କିଶୋର ବେହେରା, ଜା: ନିଆରି, ବା: ୟୁନିଟ ନଂ. ୧୫, ନାଭିଗୟା ସାମିଲ, ବରୁଆଡ଼ି |
| ୧୫ | ୭୫ | ୩୨୦ | ୦.୦୦୯ | ୦.୦୦୯ | ଘରବାରି | ଜେମାମଣି ମିଶ୍ର, ସ୍ୱା.: ନାରାୟଣ ମିଶ୍ର, ଜା: ବ୍ରାହ୍ମଣ, ବା: ଚମ୍ପା ମଡ଼େଇ, ମାନ ଗୋବିନ୍ଦ ସେନାପତି, ପି.: ନନ୍ଦ ସେନାପତି, ଜା: କୁବେର ପୁତ୍ର, ବା: ବରୁଆଡ଼ି |
| ୧୬ | ୩୭ | ୩୨୨ | ୦.୧୪୦ | ୦.୧୪୦ | ଘରବାରି-୧ | କିରଣ ବାଳା ମହାନ୍ତି, ସ୍ୱା.: ନିକୁଞ୍ଜ ବିହାରୀ ମହାନ୍ତି, ଜା: କରଣ, ବା: ନିଜଗାଁ ସାମିଲ, ଦେବୀଦ୍ୱାର |
| ୧୭ | ୨୫୬/ ୩୧୪ | ୩୧୮/ ୧୧୩୦ | ୦.୦୨୦ | ୦.୦୨୦ | ଘରବାରି-୨ | ରେହନୁମା ପରୱିନ, ପି.: ଖଲିଲଲୁର ରହେମାନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା. ବା: ନିଜଗାଁ |
| ୧୮ | ୨୫୬/ ୩୨୫ | ୩୧୮/ ୧୭୬୬ | ୦.୦୧୦ | ୦.୦୧୦ | ଘରବାରି-୨ | ସୁଲତାନା ବେଗମ, ପି.: ସେକ ସଫିଉଦ୍ଦିନ, ଜା: ମୁସଲମାନ, ବା: ନିଜଗାଁ |
| ୧୯ | ୨୫୬/ ୩୧୩ | ୩୧୮/ ୧୭୫୭ | ୦.୦୩୦ | ୦.୦୩୦ | ଘରବାରି-୨ | ସେକ ଜଇନୁଦ୍ଦିନ, ପି.: ସେକ ସଫିଉଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା. ବା. ନିଜଗାଁ |
| ୨୦ | ୨୫୬/ ୩୧୨ | ୩୧୮/ ୧୭୫୬ | ୦.୦୩୦ | ୦.୦୩୦ | ଘରବାରି-୨ | ସେକ ତାଜୁଦ୍ଦିନ, ପି: ଖଲିଲୁର ରହେମାନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା. ବା. ନିଜଗାଁ |
| ୨୧ | ୨୫୬/ ୩୪୪ | ୩୧୮ | ୦.୦୬୦ | ୦.୦୬୦ | ଘରବାରି-୨ | ଯୋବେଦା ଖାତୁନ, ଜହରନ ବିବି, ପି: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବ, ପି: ରଫି ଉଦ୍ଦିନ, ରହେମନ ବିବି, ପି: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁନ ନିଶା ବିବି, ସ୍ୱା: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହବତୁନ ବିବି, ପି: ସନାଉଲା, ସେଖ ଗୟାସୁଦ୍ଦିନ, ସେଖ ଆଜାରୁଦ୍ଦିନ, ପି: ସେଖ ନୁରୁଦ୍ଦିନ, ଫିରଦାସ ଅକତର, ସ୍ୱା: ସେଖ ସାହାବୁଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୨୨ | ୨୫୬/ ୧୫୮ | ୩୨୬/ ୧୬୭୬ | ୦.୦୫୨ | ୦.୦୧୬ | ଘରବାରି-୨ | ସେକ ଅମିରୁଦ୍ଦିନ, ସେକ ଆଲାଉଦ୍ଦିନ, ବା:, ସେକ ସଲାଉଦ୍ଦିନ, ପି: ସେକ ହାପିଯୁଦ୍ଦିନ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୨୩ | ୨୪୦ | ୪୩୩ | ୦.୦୫୨ | ୦.୦୩୦ | ବଗାୟତ-୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି: ଜଗନ୍ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୨୪ | ୧୧୯ | ୪୩୪ | ୦.୦୫୩ | ୦.୦୩୦ | ବଗାୟତ-୨ | ପ୍ରମୋଦ ଚନ୍ଦ୍ର ମହାନ୍ତି, ପି: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୨୫ | ୨୪୦ | ୪୩୫ | ୦.୦୮୦ | ୦.୦୪୦ | ବଗାୟତ-୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି: ଜଗନ୍ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୨୬ | ୨୨୦ | ୪୩୭ | ୦.୫୫୦ | ୦.୧୧୦ | ଶାରଦ ଜଳ-୨ | ଶଶାଙ୍କ ଶେଖର ମିଶ୍ର, ପି: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ନାଏକ ସାହି |
| ୨୭ | ୫୬ | ୪୩୯ | ୨.୦୪୦ | ୨.୦୪୦ | ଶାରଦ ଜଳ-୧ | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୨୮ | ୫୬ | ୪୪୩ | ୦.୦୨୦ | ୦.୦୨୦ | ରାସ୍ତା | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୨୯ | ୫୬ | ୪୪୪ | ୦.୩୦୦ | ୦.୩୦୦ | ହୁଡ଼ା | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୩୦ | ୫୬ | ୪୪୫ | ୧.୦୮୦ | ୧.୦୮୦ | ଜଳାଶୟ-୧ | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୩୧ | ୫୬ | ୪୪୬ | ୦.୪୩୫ | ୦.୪୩୫ | ଶାରଦ-୧ | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୩୨ | ୫୬ | ୪୬୦ | ୦.୫୫୦ | ୦.୫୫୦ | ଶାରଦ-୧ | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୩୩ | ୫୬ | ୪୬୧ | ୦.୬୬୫ | ୦.୬୬୫ | ଶାରଦ-୧ | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |
| ୩୪ | ୨୪୦ | ୩୫୩ | ୦.୩୩୦ | ୦.୦୫୫ | ଘରବାରି-୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି: ଜଗନ୍ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୩୫ | ୨୨୦ | ୩୫୪ | ୦.୨୫୦ | ୦.୦୨୫ | ଘରବାରି-୨ | ଶଶାଙ୍କ ଶେଖର ମିଶ୍ର, ପି: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ନାଏକ ସାହି |
| ୩୬ | ୨୨୦ | ୩୫୫ | ୦.୫୪୦ | ୦.୦୪୨ | ବଗାୟତ-୨ | ଶଶାଙ୍କ ଶେଖର ମିଶ୍ର, ପି: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ନାଏକ ସାହି |
| ୩୭ | ୨୪୦ | ୩୫୯ | ୦.୨୨୫ | ୦.୦୪୭ | ଘରବାରି-୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି: ଜଗନ୍ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୩୮ | ୨୫୬/ ୩୩୫ | ୩୬୨ | ୦.୦୩୫ | ୦.୦୨୦ | ଘରବାରି-୧ | ମିଲନ କୁମାର ପତି, ପି: ଶଶଧର ପତି, ଜା: ବ୍ରାହ୍ମଣ, ବା: ସା-ନାୟକସାହି |
| ୩୯ | ୨୫୬/ ୧୨୦ | ୧୫୨ | ୦.୨୬୯ | ୦.୦୮୦ | ଘରବାରି-୨ | ଶ୍ରୀମତୀ ସାହୁ, ସ୍ୱା: ଶରତ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ସାହୁ, ପ୍ରଭାତୀ ସାହୁ, ଗୀତାଞ୍ଜଳି ସାହୁ, ପି: ଶରତ ଚନ୍ଦ୍ର ସାହୁ, ବା: ଜୟନ୍ତୀ ସାହୁ, ପି: ଶରତ ଚନ୍ଦ୍ର ସାହୁ, ଜା: ତେଲି, ବା: ନହରପଦା |
| ୪୦ | ୨୫୬/ ୩୫୨ | ୧୫୩ | ୦.୩୧୦ | ୦.୦୨୨ | ଶାରଦ ଜଳ-୧ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକସାହି, କିସ୍ମତ ଆଠଅଣା, ବା: ସୂର୍ଯ୍ୟମଣି ପୃଷ୍ଟି, ପି: ଗୋଖେଇ ପୃଷ୍ଟି, କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ପି: ଚକ୍ରଧର ପୃଷ୍ଟି, ବାୟାଣି ପୃଷ୍ଟି, ସ୍ୱା: କୃଷ୍ଣ ପୃଷ୍ଟି, ଜା: ତନ୍ତି, ବା: ନହରପଦା, କିସ୍ମତ ଆଠଅଣା, ବା: |
| ୪୧ | ୫୭ | ୧୦୮ | ୦.୦୩୫ | ୦.୦୦୫ | ଶାରଦ ଜଳ-୧ | ଶ୍ରୀ ଶ୍ୟାମ ସୁନ୍ଦର ଠାକୁର ବିଜେ ନିଜଗାଁ, ମାରଫତ, ବା:, ଗୋପିନାଥ ଦାଶ, ପି: ପୁରି ଦାଶ, ଜା: ବୈଷ୍ଣବ, ବା: ନହରପଦା |
| ୪୨ | ୫୮ | ୧୦୯ | ୦.୦୨୪ | ୦.୦୨୪ | ଶାରଦ ଜଳ-୧ | ଗୋପିନାଥ ଦାଶ, ସୁବଳ ଦାଶ, ପ୍ୟାରି ଦାଶ, ପି: ପୁରୀ ଦାଶ, ଉମାକାନ୍ତ ଦାଶ, ପି: ସିଦ୍ଧ ଦାଶ, ଜେମାମଣି ଦାଶ, ପି: ମାଧ ଦାଶ, ଜା: ବୈଷ୍ଣବ, ବା: ନହରପଦା |
| ୪୩ | ୫୮ | ୧୧୦ | ୦.୦୯୩ | ୦.୦୧୬ | ଘରବାରି-୨ | ଗୋପିନାଥ ଦାଶ, ସୁବଳ ଦାଶ, ପ୍ୟାରି ଦାଶ, ପି: ପୁରୀ ଦାଶ, ଉମାକାନ୍ତ ଦାଶ, ପି: ସିଦ୍ଧ ଦାଶ, ଜେମାମଣି ଦାଶ, ପି: ମାଧ ଦାଶ, ଜା: ବୈଷ୍ଣବ, ବା: ନହରପଦା |
| ୪୪ | ୭୭ | ୧୨୭ | ୦.୧୦୨ | ୦.୦୪୪ | ଘରବାରି-୨ | ଶ୍ରୀ ବିରଜାଠାକୁରାଣି ବିଜେ ଦେବୀଦ୍ୱାର ମାରଫତ ଟ୍ରଷ୍ଟି ବୋର୍ଡ |
| ୪୫ | ୭୭ | ୧୨୮ | ୦.୦୬୧ | ୦.୦୩୫ | ଘରବାରି-୨ | ଶ୍ରୀ ବିରଜାଠାକୁରାଣି ବିଜେ ଦେବୀଦ୍ୱାର ମାରଫତ ଟ୍ରଷ୍ଟି ବୋର୍ଡ |
| ୪୬ | ୭୭ | ୧୨୯ | ୦.୧୯୦ | ୦.୦୬୦ | ଘରବାରି-୨ | ଶ୍ରୀ ବିରଜାଠାକୁରାଣି ବିଜେ ଦେବୀଦ୍ୱାର ମାରଫତ ଟ୍ରଷ୍ଟି ବୋର୍ଡ |
| ୪୭ | ୧୨୯ | ୧୩୦ | ୦.୦୫୦ | ୦.୦୨୫ | ଶାରଦ ଜଳ-୧ | ବ୍ରଜ କିଶୋର ମହାନ୍ତି, ପି: ପିତାମ୍ବର ମହାନ୍ତି, ଜା: କରଣ, ବା: ଦେବିଦ୍ୱାର |
| ୪୮ | ୧୨୯ | ୧୩୧ | ୦.୪୭୦ | ୦.୧୭୦ | ଶାରଦ ଜଳ-୧ | ବ୍ରଜ କିଶୋର ମହାନ୍ତି, ପି: ପିତାମ୍ବର ମହାନ୍ତି, ଜା: କରଣ, ବା: ଦେବିଦ୍ୱାର |
| ୪୯ | ୫୬ | ୪୪୧ | ୦.୦୬୫ | ୦.୦୧୦ | ଘରବାରି-୨ | ଗୋପାଳ କୃଷ୍ଣ ପତୀ, ପି: ରାମକୃଷ୍ଣ ପତୀ, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ନାଏକ ସାହି |

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୦ | ୧୫୦ | ୫୨୨ | ୦.୦୮୮ | ୦.୦୦୯ | ଘରବାରି-୧ | ସେକ ସାହାଜହାନ, ପି: ସେକ ଅବଦୁଲ ସତାର, ଜା: ମୁସଲମାନ, ବା: ହରିପୁର |
| ୫୧ | ୪ | ୧୪୫ | ୦.୦୬୦ | ୦.୦୩୬ | ଶାରଦ ଜଳ-୨ | ଅଇଁଠି ଦାସ, ପି: ସାଧୁ ଦାସ, ରଘୁନାଥ ଦାସ, ଭିକାରି ଚରଣ ଦାସ, ପି: ଶୁକ ଦାସ, ଶୁକି ଦାସ,ସ୍ୱା: ଶୁକ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦଃଖିରାମ ଦାସ, କୁଶ ଦାସ, ପି: ଶଙ୍କର ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା:, ଫକିର ଦାସ, ଗୁରୁ ଚରଣ ଦାସ, ପି: ପୁନା ଦାସ, ବାବାଜି ଦାସ, ପି: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି: ପଞ୍ଚୁ ଦାସ, ରାମ ଦାସ, ପି: କାଳନ୍ଦି ଦାସ, ଲବଣି ଦାସ, ସ୍ୱା: କାଳନ୍ଦି ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା: |
| ୫୨ | ୨୩୩ | ୧୪୬ | ୦.୬୭୨ | ୦.୦୫୦ | ଶାରଦ ଜଳ-୨ | ଶ୍ରୀନିବାସ ମିଶ୍ର, ଶ୍ରୀକାନ୍ତ ମିଶ୍ର, ଶ୍ରୀବନ୍ତ ମିଶ୍ର, ରତିକାନ୍ତ ମିଶ୍ର, ସୁକାନ୍ତ ମିଶ୍ର, ଦୁର୍ଗେଶ ନନ୍ଦିନି ମିଶ୍ର, ପି: ଭାଗବତ ମିଶ୍ର, ରୁକ୍ମଣୀ ମିଶ୍ର, ସ୍ୱା: ଭାଗବତ ମିଶ୍ର, ଜା: ଯୋଗି, ବା: ୟୁନିଟ ନମ୍ବର-15 ନାଭିଗୟା ସାମିଲ ଦେବୀଦ୍ୱାର |
| ୫୩ | ୬୬ | ୧୪୭ | ୦.୬୭୨ | ୦.୦୫୦ | ଘରବାରି-୨ | ଗୋପବନ୍ଧୁ ମିଶ୍ର, ପି: ରମାକାନ୍ତ ମିଶ୍ର, ଜା: ଯୋଗି, ବା: ୟୁନିଟ୍ ନଂ.: ୧୫ ନାଭିଗୟା |
| ୫୪ | ୨୫୬/୨୪୧ | ୫୨୪/୧୧୫୮ | ୦.୦୨୦ | ୦.୦୨୦ | ଶାରଦ ଜଳ-୨ | ସବିତା ରଥ, ସ୍ୱା: ପ୍ରମୋଦ କୁମାର ରଥ, ଜା: ବ୍ରାହ୍ମଣ, ବା: ନଟପଡ଼ା |
| ୫୫ | ୪ | ୫୨୩ | ୦.୦୨୦ | ୦.୦୨୦ | ଜଳାଶୟ-୨ | ଅଇଁଠି ଦାସ, ପି: ସାଧୁ ଦାସ, ରଘୁନାଥ ଦାସ, ଭିକାରି ଚରଣ ଦାସ, ପି: ଶୁକ ଦାସ, ଶୁକି ଦାସ,ସ୍ୱା: ଶୁକ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦଃଖିରାମ ଦାସ କୁଶ ଦାସ, ପି: ଶଙ୍କର ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା:, ଫକିର ଦାସ, ଗୁରୁ ଚରଣ ଦାସ, ପି: ପୁନା ଦାସ, ବାବାଜି ଦାସ, ପି: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି: ପଞ୍ଚୁ ଦାସ, ରାମ ଦାସ, ପି: କାଳନ୍ଦି ଦାସ, ଲବଣି ଦାସ, ସ୍ୱା: କାଳନ୍ଦି ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା: |
| ୫୬ | ୨୫୬/୨୪୧ | ୫୨୫ | ୦.୩୬୦ | ୦.୦୧୮ | ଶାରଦ ଜଳ-୨ | ସବିତା ରଥ, ସ୍ୱା: ପ୍ରମୋଦ କୁମାର ରଥ, ଜା: ବ୍ରାହ୍ମଣ, ବା: ନଟପଡ଼ା |
| ୫୭ | ୨୫୬/୧୯ | ୫୨୪ | ୦.୦୨୦ | ୦.୦୨୦ | ଘରବାରି-୧ | ସେକ ସାହାଜହାନ, ପି: ସେକ ଅବଦୁଲ ସତ୍ତାର, ଜା: ମୁସଲମାନ, ବା: ହରିପୁର, ଥା: ଯାଜପୁର |
| ୫୮ | ୧୮୯ | ୫୭୧ | ୦.୦୫୬ | ୦.୦୦୬ | ବଗାୟତ-୨ | ରଘୁନାଥ ଦାସ, ଭିକାରି ଚରଣ ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ, ଅଇଁଠୁ ଦାସ, ସ୍ୱା: ସାଧୁ ଦାସ, ରାମଚନ୍ଦ୍ର ଦାସ, ପି: କାଳନ୍ଦି ଦାସ, ବାବାଜି ଦାସ, ପି: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି: ପଞ୍ଚୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୫୯ | ୧୮୯ | ୫୭୨ | ୦.୦୫୫ | ୦.୦୦୭ | ବଗାୟତ-୨ | ରଘୁନାଥ ଦାସ, ଭିକାରି ଚରଣ ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ, ଅଇଁଠୁ ଦାସ, ସ୍ୱା: ସାଧୁ ଦାସ, ରାମଚନ୍ଦ୍ର ଦାସ, ପି: କାଳନ୍ଦି ଦାସ, ବାବାଜି ଦାସ, ପି: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି: ପଞ୍ଚୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୦ | ୨୫୬/୩୭ | ୫୫୫/୧୧୪୭ | ୦.୦୯୦ | ୦.୦୦୭ | ଘରବାରି-୧ | ବାସନ୍ତୀ ରାଉତ, ସ୍ୱା: କପିଳ ଚରଣ ରାଉତ, ଜା: ଖଣ୍ଡାୟତ, ବା: କୁରୁଳି |
| ୬୧ | ୧୮୮ | ୫୫୩ | ୦.୦୪୧ | ୦.୦୨୮ | ଶାରଦ ଜଳ ଦୋଫସଲ-୨ | ରଘୁନାଥ ଦାସ, ଭିକାରି ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ,ଅଇଁଠୁ ଦାସ, ପି: ସାଦୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୨ | ୧୭୭ | ୫୫୪ | ୦.୩୦୩ | ୦.୦୧୬ | ଶାରଦ ଜଳ-୨ | ମାୟାଧର ସାହୁ, ଗୟାଧର ସାହୁ, ପି: ମାଗୁଣି ସାହୁ, ଜା: କୁବେର, ବା: ପ୍ରହରାଜପୁର |
| ୬୩ | ୨୫୬/୨୪ | ୫୫୫ | ୦.୧୨୦ | ୦.୦୧୧ | ଘରବାରି-୧ | ସୁରେନ୍ଦ୍ର ଦାସ, ନରେନ୍ଦ୍ର ଦାସ, ପି: ବାବାଜି ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୪ | ୧୭୭ | ୫୫୪/୧୧୮୭ | ୦.୦୮୦ | ୦.୦୧୦ | ଘରବାରି-୧ | ମାୟାଧର ସାହୁ, ଗୟାଧର ସାହୁ, ପି: ମାଗୁଣି ସାହୁ, ଜା: କୁବେର, ବା: ପ୍ରହରାଜପୁର |
| ୬୫ | ୨୫୬/୫୨ | ୫୨୬/୧୫୯୧ | ୦.୦୪୦ | ୦.୦୧୦ | ଶାରଦ ଜଳ-୨ | ଆୟୁବ ଖାଁ, ପି: ରସିଦ ଖାଁ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୬୬ | ୨୫୬/୫୪ | ୫୨୬ | ୦.୧୨୪ | ୦.୦୧୮ | ଶାରଦ ଜଳ-୨ | ଇସୁଫ ଅଲ୍ଲି ଖାଁ, ପି: ରସିଦ ଖାଁ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୬୭ | ୨୫୬/୫୫ | ୫୨୬/୧୫୯୭ | ୦.୦୪୭ | ୦.୦୧୦ | ଶାରଦ ଜଳ-୨ | ନୁର ଉଦ୍ଦିନ, ପି: ରସିଦ ଖାଁ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୬୮ | ୨୫୬/୨୩ | ୫୫୫/୧୧୭୯ | ୦.୨୦୦ | ୦.୦୨୦ | ଘରବାରି-୧ | ରାମଚନ୍ଦ୍ର ଦାସ, ପି: କାଳନ୍ଦି ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୯ | ୨୫୬/୧୩୮ | ୩୬୧/୧୬୫୮ | ୦.୦୫୦ | ୦.୦୩୪ | ଘରବାରି-୨ | ଗୋକୁଳାନନ୍ଦ ନାୟକ, ପି: ପୂର୍ଣ୍ଣ ଚନ୍ଦ୍ର ନାୟକ, ଜା: ହଂସୀ, ବା: ନିଜଗାଁ |
| ୭୦ | ୨୫୬/୨୦୦ | ୩୬୧/୧୧୭୮ | ୦.୦୩୦ | ୦.୦୨୦ | ଘରବାରି-୨ | ଭୀମସେନ ନାୟକ, ପି. ପୂର୍ଣ୍ଣଚନ୍ଦ୍ର ନାୟକ, ଜା: ହଂସି, ବା: ନିଜଗାଁ |
| ୭୧ | ୨୫୬/୧୨୧ | ୧୫୨/୧୬୪୪ | ୦.୨୦୬ | ୦.୦୬୦ | ଘରବାରି | ବସନ୍ତ କୁମାର ସାହୁ, ପି: ବଳରାମ ସାହୁ, ବା:, ବାସନ୍ତୀ ଲତା ସାହୁ, ସ୍ୱା: ବସନ୍ତ କୁମାର ସାହୁ, ଜା: ତେଲି, ବା: ନହରପଦା |
| ୭୨ | ୨୫୬/୧୨୧ | ୧୫୨/୧୬୪୫ | ୦.୦୪୫ | ୦.୦୨୦ | ଘରବାରି | ବସନ୍ତ କୁମାର ସାହୁ, ପି: ବଳରାମ ସାହୁ, ବା: ବାସନ୍ତୀ ଲତା ସାହୁ, ସ୍ୱା: ବସନ୍ତ କୁମାର ସାହୁ, ଜା: ତେଲି, ବା: ନହରପଦା |
| ୭୩ | ୨୫୬/୧୧୯ | ୧୫୨/୧୬୪୬ | ୦.୧୦୦ | ୦.୦୪୫ | ଘରବାରି-୨ | ମୂଷି ସାହୁ, ସ୍ୱା: ବଳରାମ ସାହୁ, ଜା: ତେଲି, ବା: ନହରପଦା |
| ୭୪ | ୨୫୬/୨୦୮ | ୫୯୧/୧୬୯୬ | ୦.୦୭୯ | ୦.୦୧୩ | ଘରବାରି-୧ | ବିଜୟ କୁମାର ଖୁଣ୍ଟିଆ, ପି: କୁଞ୍ଜବିହାରୀ ଖୁଣ୍ଟିଆ, ଜା: ଖଣ୍ଡାୟତ, ବା: ଛତିଆ, ଥା- ବଡ଼ଚଣା |
| ୭୫ | ୨୫୬/୨୦୯ | ୫୯୧/୧୬୯୭ | ୦.୦୭୯ | ୦.୦୧୭ | ଘରବାରି-୧ | ଜ୍ଞାନରଂଜନ ମିଶ୍ର, ପି: ବାବାଜି ମିଶ୍ର, ଜା: ବ୍ରାହ୍ମଣ, ବା: ଗୌଡସାହି, ଥା- ବିଂଝାରପୁର |
| ୭୬ | ୧୨୪ | ୭୦୫ | ୧.୦୦୩ | ୦.୦୦୮ | ଶାରଦ ଜଳ-୨ | ବଳରାମ ସାହୁ, ପି: ଅଲେଖ ସାହୁ, ଜା: ତେଲି, ବା: ନାଏକ ସାହି |
| ୭୭ | ୫୫ | ୬୯୮ | ୦.୧୨୨ | ୦.୦୦୫ | ଘରବାରି-୨ | ଗୋକୁଳାନନ୍ଦ ନାଏକ, ପି: ନାରଣ ନାଏକ, ଜା: ହଂସୀ, ବା: ପ୍ରହରାଜପୁର |
| ୭୮ | ୧୮୦ | ୬୯୯ | ୦.୧୨୦ | ୦.୦୦୯ | ଘରବାରି-୨ | ମାଗୁଣି ନାଏକ, ପି: ନାରଣ ନାଏକ, ଜା: ହଂସି, ବା: ପ୍ରହରାଜପୁର |
| ୭୯ | ୯୪ | ୭୦୦ | ୦.୧୨୩ | ୦.୦୦୯ | ଘରବାରି-୨ | ନବ କିଶୋର ନାୟକ, ପି: ନାରଣ ନାୟକ, ଜା: ହଂସି, ବା: ପ୍ରହରାଜପୁର |
| ୮୦ | ୧୧୦ | ୭୦୧ | ୦.୧୦୫ | ୦.୦୦୯ | ଘରବାରି-୨ | ନିଳ ଦାସ, ସ୍ୱା: ନନ୍ଦ କିଶୋର ଦାସ, ଜା: ହଂସି, ବା: ବରୁଆଡି |
| ୮୧ | ୨ | ୭୦୨ | ୦.୦୯୦ | ୦.୦୧୦ | ବଗାୟତ-୧ | ଅଇଠି ଦାସ, ପି: ସାଧୁ ଦାସ, ରଘୁ ଦାସ, ଭିକାରି ଦାସ, ପି: ଶୁକଦେବ ଦାସ, ଶୁକ ଦାସ, ସ୍ୱା: ଶୁକଦେବ ଦାସ, କିଶୋର ନାଏକ, ମାଗୁଣି ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ପି: ନାରଣ ନାଏକ, ଜା: ହଂସୀ, ବା: ପ୍ରହରାଜପୁର |
| ୮୨ | ୨ | ୭୦୩ | ୦.୧୦୮ | ୦.୦୧୧ | ବଗାୟତ-୧ | ଅଇଠି ଦାସ, ପି: ସାଧୁ ଦାସ, ରଘୁ ଦାସ, ଭିକାରି ଦାସ, ପି: ଶୁକଦେବ ଦାସ, ଶୁକ ଦାସ, ସ୍ୱା: ଶୁକଦେବ ଦାସ, କିଶୋର ନାଏକ, ମାଗୁଣି ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ପି: ନାରଣ ନାଏକ, ଜା: ହଂସୀ, ବା: ପ୍ରହରାଜପୁର |
| ୮୩ | ୭୨ | ୫୮୨ | ୦.୦୪୩ | ୦.୦୧୧ | ଘରବାରି-୨ | ଜନାର୍ଦ୍ଦନ ମିଶ୍ର, ଧରଣୀଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି: ଭିକାରି ମିଶ୍ର, ଜା: ବ୍ରାହ୍ମଣ, ବା: ୟୁନିଟ ନମ୍ବର - 5 ସାମିଲ ଦେବିଦ୍ୱାର, ଭିକାରି ଚରଣ ବେହେରା, ପି. ଏକାଦ୍ରଶୀ ବେହେରା, ଜା: ହଂସି, ବା: ୟୁନିଟ ନମ୍ବର-16 ପ୍ରହରାଜପୁର |
| ୮୪ | ୭୨ | ୫୮୩/୧୭୪୫ | ୦.୦୮୦ | ୦.୦୧୭ | ଘରବାରି | ଜନାର୍ଦ୍ଦନ ମିଶ୍ର, ଧରଣୀଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି: ଭିକାରି ମିଶ୍ର, ଜା: ବ୍ରାହ୍ମଣ, ବା: ୟୁନିଟ ନମ୍ବର - 5 ସାମିଲ ଦେବିଦ୍ୱାର, ଭିକାରି ଚରଣ ବେହେରା, ପି. ଏକାଦ୍ରଶୀ ବେହେରା, ଜା: ହଂସି, ବା: ୟୁନିଟ ନମ୍ବର-16 ପ୍ରହରାଜପୁର |
| ୮୫ | ୧୮୮ | ୫୮୯ | ୦.୦୨୮ | ୦.୦୦୮ | ଶାରଦ ଜଳ-୨ | ରଘୁନାଥ ଦାସ, ଭିକାରି ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ, ଅଇଁଠୁ ଦାସ, ସ୍ୱା: ସାଦୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୮୬ | ୧୮୮ | ୫୯୦ | ୦.୦୪୮ | ୦.୦୦୯ | ଶାରଦ ଜଳ-୨ | ରଘୁନାଥ ଦାସ, ଭିକାରି ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ, ଅଇଁଠୁ ଦାସ, ସ୍ୱା: ସାଦୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୮୭ | ୨୫୬/୨୧୦ | ୫୯୧ | ୦.୦୭୯ | ୦.୦୧୫ | ଘରବାରି-୧ | ସନ୍ତୋଷ କୁମାର ଦାଶ, ପି: ଭରତ ଚନ୍ଦ୍ର ଦାଶ, ଜା: ବ୍ରାହ୍ମଣ, ବା: ବାଇଁଶିରିଆ, ବା- ବରୀରାମଚନ୍ଦ୍ରପୁର |
| ୮୮ | ୧୮୯ | ୫୯୨ | ୦.୦୧୬ | ୦.୦୦୭ | ଶାରଦ ଜଳ-୨ | ରଘୁନାଥ ଦାସ, ଭିକାରି ଚରଣ ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ, ଅଇଁଠୁ ଦାସ, ସ୍ୱା: ସାଧୁ ଦାସ, ରାମଚନ୍ଦ୍ର ଦାସ, ପି: କାଳନ୍ଦି ଦାସ, ବାବାଜି ଦାସ, ପି: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି: ପଞ୍ଚୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୮୯ | ୧୮୯ | ୫୯୫ | ୦.୦୩୦ | ୦.୦୦୬ | ଶାରଦ ଜଳ-୨ | ରଘୁନାଥ ଦାସ, ଭିକାରି ଚରଣ ଦାସ, ପି: ଶୁକ ଦାସ, ଶୁକି ଦାସ, ସ୍ୱା: ଶୁକ ଦାସ, ଅଇଁଠୁ ଦାସ, ସ୍ୱା: ସାଧୁ ଦାସ, ରାମଚନ୍ଦ୍ର ଦାସ, ପି: କାଳନ୍ଦି ଦାସ, ବାବାଜି ଦାସ, ପି: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି: ପଞ୍ଚୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୯୦ | ୨୫୬/୯୧ | ୫୯୬ | ୦.୦୩୦ | ୦.୦୦୮ | ଶାରଦ ଜଳ-୨ | ଗୟାଧର ଦାସ, ପି: ଅଇଁଠି ଦାସ, ଜା: ହଂସି, ବା: ନିଜଗାଁ |
| ୯୧ | ୨୫୬/୨୬୯ | ୭୦୫/୧୧୮୬ | ୦.୦୮୦ | ୦.୦୦୭ | ଶାରଦ ଜଳ-୨ | ଗୟାଧର ଦାସ, ପି: ଅଇଁଠୁ ଦାସ, ଜା: ହଂସି, ବା: ପ୍ରହରାଜପୁର, ହା. ବା. ନିଜଗାଁ |
| ୯୨ | ୨୫୬/୧୧୫ | ୭୦୫/୧୬୪୯ | ୦.୦୬୦ | ୦.୦୦୫ | ଘରବାରି-୧ | ଅମିନ ଚନ୍ଦ୍ର ରାଉତ, ପି: ଶ୍ରୀଧର ରାଉତ, ଜା: ଖଣ୍ଡାୟତ, ବା: ଡିହବାରିଙ୍ଗ, ଥା: ବିଂଝାରପୁର |
| ୯୩ | ୨୫୬/୧୧୫ | ୭୦୫/୧୬୩୯ | ୦.୧୦୦ | ୦.୦୧୦ | ଘରବାରି-୧ | ଅମିନ ଚନ୍ଦ୍ର ରାଉତ, ପି: ଶ୍ରୀଧର ରାଉତ, ଜା: ଖଣ୍ଡାୟତ, ବା: ଡିହବାରିଙ୍ଗ, ଥା: ବିଂଝାରପୁର |
| ୯୪ | ୧୫ | ୨୭୯ | ୦.୨୩୦ | ୦.୧୧୦ | ଘରବାରି-୧ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି: ରଫି ଉଦ୍ଦିନ, ରହେମନ ବିବି, ପି: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି: ହାଫିଉଦ୍ଦିନ, ସମସୁନ ନିଶା ବିବି, ସ୍ୱା: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୯୫ | ୨୫୬/୩୨୯ | ୩୦୧ | ୦.୦୭୦ | ୦.୦୭୦ | ଘରବାରି-୧ | ପ୍ରଶାନ୍ତ କୁମାର ବିସୋଇ, ପି: ଭରତ ଚନ୍ଦ୍ର ବିସୋଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| ୯୬ | ୨୫୬/୩୨୮ | ୩୦୨ | ୦.୦୧୮ | ୦.୦୧୮ | ଘରବାରି-୧ | ହଗୁରୀ ସାହୁ, ପି: ଗୋପିନାଥ ବିଶୋଇ, ଜା: ଗୁଡ଼ିଆ, ବା: ନିଜଗାଁ |
| ୯୭ | ୨୫୬/୭୮ | ୩୦୨/୧୬୨୦ | ୦.୦୪୫ | ୦.୦୪୫ | ଘରବାରି-୧ | ଭରତ ଚନ୍ଦ୍ର ବିଶୋଇ, ପି: ପ୍ରହ୍ଲାଦ ବିଶୋଇ, ଜା: ଗୁଡ଼ିଆ, ବା: ନିଜଗାଁ (ଦେବିଦ୍ୱାର) |
| ୯୮ | ୨୫୬/୧୪୦ | ୩୦୨/୧୬୬୦ | ୦.୦୬୦ | ୦.୦୬୦ | ଘରବାରି | ପଦ୍ମନାଭ ବିଶୋଇ, ପି: ପ୍ରହ୍ଲାଦ ବିଶୋଇ, ଜା: ଗୁଡ଼ିଆ, ବା: ଦେବୀଦ୍ୱାର |
| ୯୯ | ୨୫୬/୯୩ | ୩୦୩/୧୩୬୦ | ୦.୦୨୩ | ୦.୦୨୩ | ଘରବାରି-୧ | ଲକ୍ଷ୍ମୀଧର ବିସେଇ, ପି: ପ୍ରହଲ୍ଲାଦ ବିସେଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| ୧୦୦ | ୨୫୬/୯୪ | ୩୦୩/୧୬୩୧ | ୦.୦୨୨ | ୦.୦୨୨ | ଘରବାରି-୧ | ଅଶୋକ କୁମାର ବିସେଇ, ପି: ସତ୍ରୃଘନ ବିସେଇ, ଖୋଲଣା ବିସେଇ, ସ୍ୱା: ସତୃଘନ ବିସେଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| ୧୦୧ | ୨୫୬/୯୨ | ୩୦୩/୧୬୩୨ | ୦.୦୧୯ | ୦.୦୧୯ | ଘରବାରି-୧ | ପଦ୍ମଲାଭ ବିସେଇ, ପି: ପ୍ରହଲ୍ଲାଦ ବିସେଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| ୧୦୨ | ୨୫୬/୯୬ | ୩୦୩/୧୬୨୯ | ୦.୦୧୩ | ୦.୦୧୩ | ଘରବାରି-୧ | ପଦ୍ମନାଭ ବିସେଇ, ପି: ପ୍ରହଲ୍ଲାଦ ବିସେଇ, ଖୁଲଣା ବିସେଇ, ସ୍ୱା: ଶତୃଘନ ବିସେଇ, ଅଶୋକ କୁମାର ବିସେଇ, ପି: ଶତୃଘନ ବିସେଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| ୧୦୩ | ୩୩୧ | ୩୦୬ | ୦.୦୭୯ | ୦.୦୭୯ | ଘରବାରି-୧ | ହରିହର ବିଶେଇ, ପି: ଜଗନ୍ନାଥ ବିଶେଇ, ଶୁକ ବିଶେଇ, ସ୍ୱା: ଜଗନ୍ନାଥ ବିଶେଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| ୧୦୪ | ୨୫୬/୧୫୬ | ୩୧୧ | ୦.୦୧୦ | ୦.୦୧୦ | ଘରବାରି-୨ | ନନ୍ଦ କିଶୋର ରଣା, ପି: ଚେମ ରଣା, ଜା: ମାଳି, ବା: ଦେବିଦ୍ୱାର |
| ୧୦୫ | ୨୫୬/୧୫୬ | ୩୧୪ | ୦.୦୭୬ | ୦.୦୭୬ | ଘରବାରି-୨ | ନନ୍ଦ କିଶୋର ରଣା, ପି: ଚେମ ରଣା, ଜା: ମାଳି, ବା: ଦେବିଦ୍ୱାର |
| ୧୦୬ | ୧୧ | ୩୧୫ | ୦.୧୨୦ | ୦.୧୨୦ | ଘରବାରି-୨ | ସେକ ଅମିରୁଦ୍ଦିନ, ସେକ ଆଲ୍ଲାଉଦ୍ଦିନ, ସେକ ସଲ୍ଲାଉଦ୍ଦିନ, ପି: ସେକ ହପିରୁଦ୍ଦିନ, ସେକ ନୁରଉଦ୍ଦିନ, ସେକ ସରଫୁ ଉଦ୍ଦିନ, ପି: ସେକ ନସିରଉଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୧୦୭ | ୨୫୬/୨୦୧ | ୩୧୬ | ୦.୦୪୦ | ୦.୦୪ | ଘରବାରି-୨ | ସେକ ମଙ୍ଗୁ ଓରଫ ସେକ ହାଫିଜୁଦ୍ଦିନ, ପି: ସେକ ରମଜାନ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୧୦୮ | ୧୫ | ୩୨୬ | ୦.୦୯୨ | ୦.୦୯୨ | ଘରବାରି-୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି: ରଫି ଉଦ୍ଦିନ, ରହେମନ ବିବି, ପି: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି: ହାଫିଉଦ୍ଦିନ, ସମସୁନ ନିଶା ବିବି, ସ୍ୱା: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୧୦୯ | ୨୫୬/୨୩୮ | ୩୧୬/୧୫୭୫ | ୦.୦୪୦ | ୦.୦୪୦ | ଘରବାରି-୨ | ଇଜେତୁନ ବିବି, ସ୍ୱା: ସେକ୍ ଅଲ୍ଲୀ, ଜା: ମୁସଲମାନ, ବା: ନିଜଗାଁ |
| ୧୧୦ | ୨୫୬/୯୭ | ୩୦୩/୧୬୨୬ | ୦.୦୦୨ | ୦.୦୦୨ | ଘରବାରି-୧ | ଲକ୍ଷ୍ମୀଧର ବିସେଇ, ପି: ପ୍ରହଲ୍ଲାଦ ବିସେଇ, ଅଶୋକ କୁମାର ବିସେଇ, ପି: ଶତୃଘନ ବିସେଇ, ବା: ଖୁଲଣା ବିସେଇ, ସ୍ୱା: ଶତୃଘନ ବିସେଇ, ଜା: ଗୁଡ଼ିଆ, ବା: ଦେବିଦ୍ୱାର |
| | | ମୋଟ | ଏ୧୭.୮୧୬ଡି | ଏ୯.୦୬୯ଡି | | |

OIPR-24163/14/0032/2324

ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

# ମନେ ରହିବେ

ମୃତ୍ୟୁ ଚିରନ୍ତନ । ଦିନେ ନା ଦିନେ ସମସ୍ତେ ସଂସାରରୁ ବାହୁଡ଼ିବେ । ଏହି କ୍ରମରେ ସ୍ୱକୀୟ କୃତିରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମେ ହରାଇଛୁ ବିଦାୟୀ ବର୍ଷରେ। କଳା, ସଂସ୍କୃତି, ଶିକ୍ଷା, ସାହିତ୍ୟ, ରାଜନୀତି, ମନୋରଞ୍ଜନ, ସମାଜସେବା ଶିଳ୍ପ, କ୍ରୀଡ଼ା ଆଦି କ୍ଷେତ୍ରରେ ଅଭୁଲା ସନ୍ତକ ଛାଡ଼ିଯାଇଥିବା ସେହି ବ୍ୟକ୍ତିମାନେ ସ୍ମରଣୀୟ ହୋଇରହିବେ ।



୨୭-୮ ଜୟନ୍ତ ମହାପାତ୍ର
୧୪-୧୧ ସୁବ୍ରତ ରୟ



୧୬-୯ ଗୀତା ମେହେଟ୍ଟା
୨୮-୯ ଏମ୍.ଏସ୍. ସ୍ୱାମୀନାଥନ୍



୨୮-୧ ହୁସେନ ରବି ଗାନ୍ଧୀ
୨୩-୧୧ ଫାତିମା ବିବି
୧୪-୬ ଡା. ଜଗନ୍ନାଥ ମହାପାତ୍ର
୯-୩ ସତୀଶ କୌଶିକ
୪-୨ ବାଣୀ ଜୟରାମ
୨-୯ ସୂର୍ଯ୍ୟ ନାରାୟଣ ପାତ୍ର
୧୨-୧ ଶରଦ ଯାଦବ



୭-୧୧ ମହେଶ୍ୱର ମହାନ୍ତି
୫-୨ ପରଭେଜ ମୁଶରଫ
୧୫-୧୦ ଏମ୍.ଏସ୍. ଗିଲ୍
୩୧-୧ ଶାନ୍ତି ଭୂଷଣ
୨୫-୪ ପ୍ରକାଶ ସିଂ ବାଦଲ
୨୧-୪ ତ୍ରିଲୋଚନ କାନୁନ୍‌ଗୋ
୧୮-୭ ଓମାନ୍ ଚାଣ୍ଡି



୬-୮ ଗୁମାଦି ଭିଟ୍ଠଲ ରାଓ (ଗଦର)
୫-୬ ଗୁଫି ପେଣ୍ଟାଲ
୮-୧୦ ଜୁନିୟର ମେହମୁଦ
୧୫-୬ ଅନିଲ ହରିପାଲ
୯-୩ ପିଣ୍ଟୁ ନନ୍ଦ
୨୯-୧ ନବ କିଶୋର ଦାସ
୧୭-୧୦ ସ୍ୱରୂପ ନାୟକ



୩-୧ ଆଳୟ ମହାନ୍ତି
୧୪-୧୧ ପିଆର୍‌ଏସ୍ ଓବେରୟ
୧୦-୧୦ ଶରତ ଚନ୍ଦ୍ର ମିଶ୍ର
୧୬-୬ ଅନାଦି ଚରଣ ଦାସ
୧୬-୧୦ ବିନୋଦିନୀ ଦେବୀ
୧୨-୪ କେଶବ ମହିନ୍ଦ୍ରା
୪-୩ ଏ.ଏମ୍. ଅହମଦୀ



୨୩-୧୦ ବିଶେନ ସିଂ ବେଦୀ
୨-୫ ଅରୁଣ ଗାନ୍ଧୀ
୬-୨ ନିର୍ମଳାପ୍ରଭା ନାୟକ
୧୭-୫ ଏସ୍.ପି. ହିନ୍ଦୁଜା
୨୮-୯ ମିଚେଲ ଗାମ୍ବୋନ୍
୧୯-୩ ପି.ଭି. ସତୀଶ
୨୨-୮ ମକର ଦାସ



୧୯-୧୧ ଡା. ଜେ.ପି. ଦାସ
୧-୧୧ ସରସ୍ୱତୀ ପ୍ରଧାନ
୧୬-୧୦ ଯୁଧିଷ୍ଠିର ସାମନ୍ତରାୟ
୧୯-୩ ବୀରେନ୍ଦ୍ର ପାଣ୍ଡେ
୪-୨ ଅର୍ଜୁନ ଦାସ
୨୪-୭ ରମେଶ ସୋରେନ
୧୦-୮ ନିବେଦିତା ପ୍ରଧାନ

# ଅପେକ୍ଷା ନୂଆବର୍ଷକୁ

ଆଉ ମାତ୍ର ଦିନ କେଇଟାରେ ସରିଯିବ ବର୍ଷ ୨୦୨୩। ଏବର୍ଷ ଅନେକଙ୍କୁ ସଫଳତା ସହ ବହୁ ଖୁସି ଦେଇ ଯାଉଛି ତ ପୁଣି କାହାର ଲକ୍ଷ୍ୟ ପୂରଣ ନ ହୋଇ ମନରେ ଛାଡ଼ିଯାଉଛି କିଛି ଗ୍ଲାନି ଓ ଅବସୋସ। ହେଲେ ଏଥିପାଇଁ ଦୁଃଖ କରିବା କିମ୍ବା ହାରିଯିବା ବଦଳରେ ଅନେକେ ନିଜ ଲକ୍ଷ୍ୟ ହାସଲ ପାଇଁ ଏକ ନୂତନ ବର୍ଷ ଆଗମନ ସହ ପୁଣି ଥରେ ଭିଡ଼ିଛନ୍ତି ଅଣ୍ଟା। ଜାଣିବା ଏଭଳି କେତେଜଣଙ୍କ ସମ୍ପର୍କରେ...




ନୂଆବର୍ଷଟିଏ ଆସିଲେ ସଭିଙ୍କ ମନରେ ଅନେକ ଆଶା ଓ ଆକାଂକ୍ଷା ଭରିଯାଏ। ଆଉ ନିଜ ଆଶା ଓ ଲକ୍ଷ୍ୟ ପୂରଣ କରିବାକୁ ସେମାନେ ସାରା ବର୍ଷ ଉଦ୍ୟମ ଚଳାନ୍ତି। ହେଲେ ବର୍ଷ ଶେଷ ବେଳକୁ ନିଜ ଲକ୍ଷ୍ୟରେ ସଫଳତା ପାଇ ଅନେକେ ବେଶ୍ ଆନନ୍ଦିତ ହେଉଥିବା ବେଳେ କାହା ପାଇଁ ଏଥିରେ ବିଫଳତା ମନରେ ଭରିଦିଏ ଅବସୋସ, ଯାହାକୁ ପୂରଣ କରିବାକୁ ସେମାନେ ଅପେକ୍ଷା କରି ବସନ୍ତି ଆଉ ଗୋଟେ ନୂଆବର୍ଷକୁ ...

### ଅଧିକ ଇଣ୍ଟରନ୍ୟାଶନାଲ୍ ଗେମ୍‌ରେ ସଫଳ ହେବାର ଇଚ୍ଛା

ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତର ଝିଙ୍କିରିଆର ଯୁବ କ୍ରୀଡ଼ାବିତ୍ ବାପି ହାଁସଦା। ବାପା ରବି ହାଁସଦା ଓ ମାଆ ସୁକାନ୍ତିଙ୍କର ସେ ସାନ ପୁଅ। ପିଲାଟିଦିନୁ ଖେଳକୁଦ ପ୍ରତି ତାଙ୍କର ପ୍ରବଳ ଆଗ୍ରହ। ଏବେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ବିଭାଗରେ ଅଧ୍ୟୟନ କରୁଛନ୍ତି। ସେ କୁହନ୍ତି, କ୍ରୀଡ଼ା ମୋର ନିଶା। ଯାଜପୁର ଏନ୍.ସି. ହାଇସ୍କୁଲରେ



ବାପି ହାଁସଦା

ପଢ଼ା ସାରିବା ପରେ ଭୁବନେଶ୍ୱର ରିଲାଏନ୍ସ ହାଇ ପରଫର୍‌ମାନ୍ସ ସେଣ୍ଟରରେ କ୍ରୀଡ଼ା ଶିକ୍ଷା କରିବା ନିମନ୍ତେ ଆଡ୍‌ମିଶନ ନେଲି। ସେଠାରେ ଇଂଲଣ୍ଡର କୋଚ ମାର୍ଟିନ ୱନ୍‌ଙ୍କ ସଂସ୍ପର୍ଶରେ ଆସି ଦୌଡ଼କୁଦର ବିଭିନ୍ନ କୌଶଳ ହାସଲ କରିପାରିଲି। ପାରିବାରିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲେ ବି ମାଆ ଓ ଅନ୍ୟ ଚାରି ଭାଇ ମୂଲ ମଜୁରି ଓ ଚାଷବାସ କରି ଯାହା ରୋଜଗାର କରନ୍ତି, ମୋ ଖର୍ଚ୍ଚ ପାଇଁ ଟଙ୍କା ଯୋଗାଇବାରେ କେବେବି କୁଣ୍ଠାବୋଧ କରନ୍ତି ନାହିଁ। ଯେଉଁଥିପାଇଁ କ୍ରୀଡ଼ା କ୍ଷେତ୍ରରେ ସଫଳ ହେବା ଲକ୍ଷ୍ୟରେ ଆଗେଇ ଆସିଲି। କର୍ନାଟକର ଉଡୁପିଠାରେ ଅନୁଷ୍ଠିତ ଅଷ୍ଟାଦଶ ଜାତୀୟ ଯୁବ ଦୌଡ଼କୁଦ ପ୍ରତିଯୋଗିତାର ୪୦୦ ମିଟର ବାଳକ ବିଭାଗ ହଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋ ପାଇଁ ଗୌରବର ବିଷୟ ଥିଲା। ଏହାପରେ ଅନେକ ପ୍ରତିଯୋଗିତାରେ ବିଜେତା ହୋଇଛି। ଚଳିତବର୍ଷ ତ୍ରିନ୍‌ବାଗୋ କମନ୍‌ୱେଲ୍‌ଥ ଯୁଥ୍ ଗେମ୍, ଯାହାକି ଥିଲା ମୋର ଦ୍ୱିତୀୟ ଇଣ୍ଟରନ୍ୟାଶନାଲ୍ ଗେମ୍, ସେଥିରେ ୪୦୦ମିଟର୍ସ ହଡଲ୍ସରେ ଫାଇନାଲ୍‌ରେ ଦୌଡୁଥିବା ସମୟରେ ହଠାତ୍ ପଡ଼ିଯାଇଥିବାରୁ ମୋର ଜିତିବାର ସ୍ୱପ୍ନ ଅଧା ରହିଗଲା। ଏହା ଏବର୍ଷ ମୋର ସବୁଠୁ ବଡ଼ ଅବସୋସ। ତେଣୁ ମୁଁ ଆଗାମୀ ନୂଆବର୍ଷରେ ଅଧିକରୁ ଅଧିକ ଇଣ୍ଟରନ୍ୟାଶନାଲ୍ ଗେମ୍ ଖେଳି ଓଡ଼ିଶା ପାଇଁ ପଦକ ହାସଲ କରିବାକୁ ଆଶା ରଖିଛି।

### ପ୍ରଡ୍ୟୁସର ହେବାକୁ ଲକ୍ଷ୍ୟ





ଶେଖ୍ ଆଜାଦ୍ ଜଣେ ର୍ୟାପର ଭାବେ ବ୍ରହ୍ମପୁର ସହରରେ ବେଶ୍ ଜଣାଶୁଣା। ବାପା ସବିର ଶେଖ୍ ଓ ମାଆ ଶେହେନାଜ ବେଗମ୍‌ଙ୍କ ଏକ ମାତ୍ର ପୁଅ ଆଜାଦ୍‌ଙ୍କ ପିଲାଟି ବେଳୁ ଗୀତ ଶୁଣିବା ସହ ଗାଇବାରେ ବହୁ ଆଗ୍ରହ ରହିଥିଲା। ତେବେ ବର୍ତ୍ତମାନ ପିଢ଼ିର ଚାହିଦା ଅନୁସାରେ ସେ ର୍ୟାପ୍ ସଙ୍ଗ୍ ବା ମ୍ୟୁଜିକ୍‌କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ପୁରାତନ ସଂସ୍କୃତି ଓ ପରମ୍ପରାକୁ ର୍ୟାପ୍‌ର ଛୁଙ୍କ ଦେବାରେ ସେ ଧୁରନ୍ଧର। ସେ ହିନ୍ଦୀ, ଇଂଲିଶ୍ ଓ ଓଡ଼ିଆ ତିନୋଟି ଭାଷାରେ ର୍ୟାପ୍‌ସଙ୍ଗ ନିଜେ ଲେଖନ୍ତି ଓ ଗାଆନ୍ତି। ସେ ଦେଶର ବିଭିନ୍ନ ସ୍ଥାନରେ ର୍ୟାପ୍‌କୁ ନେଇ ଅନେକ ଷ୍ଟେଜ ଶୋ' କରି ବହୁତ ପ୍ରଶଂସା ସାଉଁଟିଛନ୍ତି। ସେ କୁହନ୍ତି, ମୋର ର୍ୟାପ୍ ସଙ୍ଗ ବହୁତ ପସନ୍ଦ। ପୂର୍ବରୁ ଜିରୋ ନାମରେ ଏକ ର୍ୟାପ୍ ସଙ୍ଗ ବହୁତ ଲୋକପ୍ରିୟତା ହାସଲ କରିଥିବା ବେଳେ ସମ୍ବଲପୁରୀ ଆଲ୍‌ବମ ରସରକେଲୀରେ ମଧ ର୍ୟାପ୍ କରି ଶ୍ରୋତାଙ୍କ ଭଲପାଇବା ପାଇଛି। ଚଳିତବର୍ଷ ବ୍ରହ୍ମପୁର ଆନ୍ଥମ ନାଁରେ ବ୍ରହ୍ମପୁର ସହରର ପରମ୍ପରା, ସଂସ୍କୃତି, ଖାଦ୍ୟପେୟ ସମ୍ପର୍କରେ ବ୍ରହ୍ମପୁର ଭାଷାରେ ଏକ ର୍ୟାପ୍ ରିଲିଜ୍ କରିଛି, ଯାହାକୁ ସୋସିଆଲ୍ ମିଡିଆରେ ଭଲ ରେସ୍‌ପନ୍ସ ମଧ ମିଳିଛି। ବର୍ତ୍ତମାନ ମୋ ହାତରେ ବହୁ ମ୍ୟୁଜିକ ଭିଡିଓ ଅଫର ରହିଛି। ହେଲେ ଚଳିତବର୍ଷ ନିଜେ ପ୍ରଡ୍ୟୁସର ଭାବେ କାର୍ଯ୍ୟ କରିବାକୁ ଯୋଜନା ଥିଲା, ଯାହାକି କେତେକ କାରଣରୁ ପୂର୍ଣ୍ଣ ହୋଇ ପାରିନାହିଁ। ତେଣୁ ନୂଆବର୍ଷରେ ଅନେକ ନୂଆ ର୍ୟାପ୍ ସଙ୍ଗ୍ ଶ୍ରୋତାଙ୍କୁ ଭେଟି ଦେବା ସହ ନିଜେ ମଧ ଭିଡିଓ ଆଲ୍‌ବମ୍ ପ୍ରଡ୍ୟୁସ୍ କରିବାକୁ ଲକ୍ଷ୍ୟ ରଖିଛି।



ଶେଖ୍ ଆଜାଦ୍





## ଜାଣନ୍ତୁ ଦୁନିଆ

# ନିଆରା ସ୍କୁଲ୍

ପୃଥିବୀର ପ୍ରତ୍ୟେକ ଦେଶରେ ଅନେକ ଛୋଟ ବଡ଼ ସ୍କୁଲ ରହିଛି। ଆସନ୍ତୁ ଜାଣିବା ସେମାନଙ୍କ ମଧ୍ୟରୁ କେତୋଟି ନିଆରା ସ୍କୁଲ୍ ସମ୍ପର୍କରେ...

**ସବୁଠୁ ପୁରୁଣା ସ୍କୁଲ୍:** ପୃଥିବୀର ସର୍ବପୁରାତନ ସ୍କୁଲ୍ ରହିଛି ଚାଇନାର ଚେଙ୍ଗ୍‌ଡୁଠାରେ, ଯାହାର ନାମ ଶିଶି ହାଇସ୍କୁଲ୍। ଏହି ସ୍କୁଲ୍ ୧୪୧-୧୪୩ ମସିହା ବେଳକୁ ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ପରେ ୧୯୦୨ ମସିହାରେ ଏହାକୁ ଆଧୁନିକୀରଣ କରାଯାଇଥିଲା।

**ବଟଲ୍ ସ୍କୁଲ୍:** ଫିଲିପାଇନ୍ସରେ ରହିଛି ଏକ ବଟଲ୍ ସ୍କୁଲ୍। ନାଁ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ତେବେ ଏହି ସ୍କୁଲ୍‌ର ଏପରି ନାମକରଣ କରାଯିବାର କାରଣ ହେଉଛି ଏହା ପ୍ରାୟ ୯୦୦୦ଟି ପୁନଃ ବ୍ୟବହାରଯୋଗ୍ୟ ପପ୍ ବୋତଲରେ ନିର୍ମାଣ କରାଯାଇଛି। ଏହି ବୋତଲକୁ ମଜଭୁତ କରିବା ଲାଗି ନଡ଼ା, ବାଲି ଏବଂ ସିମେଣ୍ଟ ବ୍ୟବହାର କରାଯାଇଛି।






**ସର୍ବାଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲ:** ଆମ ଦେଶର ଉତ୍ତର ପ୍ରଦେଶ ରାଜ୍ୟର ଲକ୍ଷ୍ନୌଠାରେ ଥିବା ସିଟି ମଣ୍ଟେଶ୍ୱରୀ ସ୍କୁଲ୍ ହେଉଛି ପୃଥିବୀର ସର୍ବାଧିକ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲ୍। ଯେଉଁଠାକୁ ପ୍ରତିଦିନ ୬୧ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପଢ଼ିବାକୁ ଆସୁଥିବା ବେଳେ ଏଠାରେ ପ୍ରାୟ ୪୫୦୦ ଷ୍ଟାଫ୍ କାର୍ଯ୍ୟ କରୁଛନ୍ତି, ଯେଉଁଥିପାଇଁ ଏହି ସ୍କୁଲ୍‌ର ନାମ ୨୦୧୯ ମସିହାରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡରେ ସ୍ଥାନ ପାଇଛି।

**ସବୁଠୁ ଉଚ୍ଚତମ ସ୍କୁଲ୍:** ପୃଥିବୀର ସବୁଠୁ ଉଚ୍ଚତମ ସ୍କୁଲ୍ ରହିଛି ତିବ୍ବତର ଫୁମା ଟାଙ୍ଗଥାଙ୍ଗ୍‌ରେ। ଏହା ସମୁଦ୍ରପତନଠାରୁ ପ୍ରାୟ ୫,୩୭୫ ମିଟର ଅର୍ଥାତ୍ ପୃଥିବୀର ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟର ବେସ୍ କ୍ୟାମ୍ପଠାରୁ ୨୦୦ ମିଟର ଉଚ୍ଚତାରେ ଅବସ୍ଥିତ।

**ଭାସମାନ ସ୍କୁଲ୍:** ବାଂଲାଦେଶରେ ଅଧିକାଂଶ ସମୟରେ ବନ୍ୟା ହେଉଥିବାରୁ ସେଠାରେ ପ୍ରାୟ ୧୦୦ରୁ ଅଧିକ ଭାସମାନ ସ୍କୁଲ୍ ବା ଡଙ୍ଗା ଉପରେ ସ୍କୁଲ ରହିଛି। ତେବେ ଏହି ସ୍କୁଲ୍‌ଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ବେଳେ ସେଥିରେ ପାଠାଗାର ଏବଂ ଇଣ୍ଟରନେଟ୍‌ର ବ୍ୟବସ୍ଥା ମଧ ରହିଛି।

**ସବୁଠୁ ଛୋଟ ସ୍କୁଲ୍:** ଇଟାଲୀରେ ଥିବା ଟ୍ୟୁରିନ୍‌ରେ ରହିଛି ପୃଥିବୀର ସବୁଠୁ ଛୋଟ ସ୍କୁଲ୍। ୨୦୧୪ ମସିହାରେ ଏହି ସ୍କୁଲ୍‌ରେ ମାତ୍ର ଜଣେ ଶିକ୍ଷକ ଏବଂ ଜଣେ ଛାତ୍ର ଥିଲେ।

## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ............ ଦେଶ ପକ୍ଷରୁ ଗ୍ଲୋବାଲ ପାର୍ଟନରଶିପ୍ ଅନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆୟୋଜନ କରାଯାଇଛି ?
୨- ଆର୍ଜେଣ୍ଟିନାର ନୂତନ ପ୍ରେସିଡେଣ୍ଟ ............ ?
୩- ସିଆଚିନ୍ ଗ୍ଲାସିୟରରେ ଯୋଗଦେଇଥିବା ପ୍ରଥମ ମହିଳା ମେଡିକାଲ ଅଫିସର ................ ?
୪- ଦିବ୍ୟ କଳା ମେଳା ................ରାଜ୍ୟରେ ପାଳନ କରାଯାଏ ?
୫- ମିରାକିଲ୍ସ ଅଫ୍ ଫେସ୍ ୟୋଗା ପୁସ୍ତକ .......... ଲେଖିଛନ୍ତି ?

## ଗତ ସପ୍ତାହର ଉତ୍ତର

୧ ଶ୍ରୀଲଙ୍କା
୨ ଆସାମ
୩ ମହାକାଶଚାରୀ
୪ ଗଙ୍ଗାଧର ତିଳକ
୫ ହସ୍ତୁରାସ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ
ଭୁବନେଶ୍ୱର



ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଛୋଟ ଚଢ଼େଇ



୧- ବି ହମିଂବାର୍ଡ ................................ ୫ ସେଣ୍ଟିମିଟର
୨- ୱିବିଲ୍ ................................ ୮-୯ ସେଣ୍ଟିମିଟର
୩- ପାର୍ଡାଲୋଟ୍ ................................ ୮-୧୨ ସେଣ୍ଟିମିଟର
୪- ଗୋଲ୍ଡ ହେଡେଡ୍ ସିଷ୍ଟିକୋଲା ................ ୧୦ ସେଣ୍ଟିମିଟର
୫- ଗୋଲ୍ଡ କ୍ରେଷ୍ଟ................................ ୯ ସେଣ୍ଟିମିଟର
୬- ବ୍ରାଉନ୍ ଜେରିଗୋନ୍ ................................ ୮-୧୦ ସେଣ୍ଟିମିଟର
୭- ଆମେରିକାନ୍ ଗୋଲ୍ଡଫିଞ୍ଚ୍ ................ ୧୧- ୧୪ ସେଣ୍ଟିମିଟର
୮- ବାନାନାକ୍ୱିଟ୍................................ ୧୦- ୧୩ ସେଣ୍ଟିମିଟର
୯- ଟ୍ରପିକାଲ୍ ପାରୁଲା ................................ ୧୧ ସେଣ୍ଟିମିଟର
୧୦- କ୍ରିମ୍‌ସନ୍ ଚାଟ୍ ................................ ୧୦-୧୩ ସେଣ୍ଟିମିଟର୍

## ୟୁଥ୍ ଆଲର୍ଟ

# ଶୀତରେ ପାଣି କମ୍ ପିଉଥିଲେ

ଶୀତଦିନେ ଥଣ୍ଡା ପାଗରେ ଆବଶ୍ୟକ ମାତ୍ରାରେ ପାଣି ପିଇବାରେ ଅନେକେ ଅବହେଳା କରିଥା'ନ୍ତି। ହେଲେ ଏହା ଦ୍ୱାରା ଡିହାଇଡ୍ରେଶନ୍ ହେବା ସହ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ...

- ଶୀତଦିନେ ପରିବେଶ ଥଣ୍ଡା ଥିବାରୁ ଦେହରୁ ଝାଳ ବାହାରି ନ ଥାଏ ଏବଂ ଶୋଷ ଲାଗି ନ ଥାଏ। ସେଥିପାଇଁ ଅନେକେ ପାଣି ପିଇବାକୁ ଭୁଲି ଯାଆନ୍ତି। ହେଲେ କମ୍ ପାଣି ପିଇବା ଦ୍ୱାରା ଶରୀରରେ ପାଣିର ଅଭାବ ହେବା ଯୋଗୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ଓ ମସ୍ତିଷ୍କରେ ପ୍ରଭାବ ପଡ଼େ। ମୁଣ୍ଡବିନ୍ଧା ସହିତ ଭୁଲିଯିବା ବା ସ୍ମରଣଶକ୍ତି କମିବା ଭଳି ସମସ୍ୟା ଉପୁଜିଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା କେବେକେବେ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧି ଷ୍ଟ୍ରୋକ୍ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।
- ପାଣି କମ୍ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ତଥା ବର୍ଜ୍ୟ ପଦାର୍ଥ ଭଲ ଭାବେ ନିଷ୍କାସନ ହୋଇ ପାରେନାହିଁ। ଫଳରେ ଅନେକ ସମସ୍ୟା ଦେଖାଦିଏ। ବିଶେଷକରି ଏଥିପାଇଁ ମୁହଁରେ ବ୍ରଣ, ଦାଗ, ରିଙ୍କଲ୍ ମାର୍କ, ଡାର୍କ ସ୍ପଟ ଆଦି ଦେଖାଦିଏ।
- ଶରୀରରେ ପାଣି ଅଭାବ ହେବା ଯୋଗୁ ଆଣ୍ଠୁ ଗଣ୍ଠି ଆଦି ସ୍ଥାନରେ ଚିକ୍କଣ



ଅଂଶ ଶୁଖି ବିନ୍ଧିବା, ଦରଜ ହେବା ଭଳି ସମସ୍ୟା ଦେଖାଦିଏ।
- ପାଣି ଅଭାବରୁ ଶରୀରରେ ରକ୍ତ ଦ୍ୱାରା ଅମ୍ଳଜାନ ସବୁ ଅଙ୍ଗକୁ ବିଶେଷ ଭାବେ ମସ୍ତିଷ୍କକୁ ଭଲ ଭାବେ ପହଞ୍ଚି ନ ପାରିବାରୁ ଥକା ଏବଂ ହାଲିଆ ଲାଗିଥାଏ।
- ପାଣି ଅଭାବର ସବୁଠୁ ବେଶୀ ପ୍ରଭାବ ପଡ଼ିଥାଏ କିଡ୍‌ନୀ ଉପରେ। ଯାହା ଦ୍ୱାରା ପରିସ୍ରାପୋଡ଼ା, ୟୁରିନାରୀ ଟ୍ରାକ୍ ଇନ୍‌ଫେକ୍ସନ୍ ଭଳି ସମସ୍ୟା ଉପୁଜିଥାଏ।
- ତେଣୁ ଏସବୁ ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଦିନକୁ ଅତିକମ୍‌ରେ ୩-୪ ଲିଟର ପାଣି ପିଇବା ଭଲ। ଅଳ୍ପ ଉଷୁମ ପାଣି ପିଇଲେ ଏଦିନେ ବେଶୀ ଭଲ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଡିସେମ୍ବର ୨୪/୨୦୨୩ Bhubaneswar, Sunday, December 24/ 2023

# ଆଜିଠାରୁ ଅଲ୍‌ଟିମେଟ ଖୋ ଖୋ




ଖବରଦାତା ସମ୍ମିଳନୀରେ ଅଲ୍‌ଟିମେଟ ଖୋ ଖୋ'ର ସିଇଓ ତେଞ୍ଜିଙ୍ଗ ନିୟୋଗି ଓ ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ସହ ୬ ଫ୍ରାଞ୍ଚାଇଜର ଅଧିନାୟକ। (ଫଟୋ- ବିକାଶ ନାୟକ)

**ଭୁବନେଶ୍ୱର, ୨୩।୧୨(ବିଜୟ ରଣା)**

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅଲ୍‌ଟିମେଟ ଖୋ ଖୋ'ର ସିଜନ-୨ ରବିବାରଠାରୁ ଖେଳାଯିବ। ଏଥିରେ ପ୍ରତିଷ୍ଠିତ ଭାରତୀୟ କର୍ପୋରେଟ ସଂସ୍ଥା ଓ କ୍ରୀଡ଼ା ନିବେଶକଙ୍କ ମାଲିକାନାରେ ଥିବା ୬ଟି ଦଳ ଭାଗ ନେବେ। ସେଗୁଡ଼ିକ ହେଲା ଓଡ଼ିଶା ସରକାରଙ୍କ ମାଲିକାନାରେ ରହିଥିବା ଓଡ଼ିଶା ଜଗରନଟ୍ସ, ରାଜସ୍ଥାନ ୱାରିୟର୍ସ(କାପ୍ରି ଗ୍ଲୋବାଲ ଗ୍ରୁପ୍), ଚେନ୍ନାଇ କ୍ୱିକ୍ ଗନ୍ସ (କେଏଲଓ ସ୍ପୋର୍ଟ୍ସ), ଗୁଜରାଟ ଜାଏଣ୍ଟ୍ସ (ଆଦାନୀ ସ୍ପୋର୍ଟ୍ସ ଲାଇନ୍), ମୁମ୍ବାଇ ଖିଲାଡିସ୍ (ପୁନିତ ବାଲାନ ଗ୍ରୁପ୍) ଏବଂ ଗତ ସଂସ୍କରଣର ରନରଅପ୍ ତେଲୁଗୁ ଯୋଦ୍ଧାସ (ଜିଏମ୍‌ଆର ସ୍ପୋର୍ଟ୍ସ)।

ଏହି ପ୍ରତିଯୋଗିତା ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୩୦ଟି ମ୍ୟାଚ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇଥର ଭେଟିବେ। ପ୍ରିଲିମିନାରି ପର୍ଯ୍ୟାୟରୁ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଜାନୁୟାରୀ ୧୩ରେ ଫାଇନାଲ ଖେଳାଯିବ। ରବିବାର ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଗତଥରର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ହେବ। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଲ୍‌ଟିମେଟ ଖୋ ଖୋ ଲିଗ୍'ର ସିଇଓ ତଥା କମିଶନର ତେଞ୍ଜିଂ ନିୟୋଗୀ ଏ ବିଷୟରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଏବଂ ୬ଟି ଦଳର ଅଧିନାୟକ ଉପସ୍ଥିତ ଥିଲେ। ଗତବର୍ଷ ତୁଳନାରେ ଟୁର୍ନାମେଣ୍ଟ ଏଥର ଅଧିକ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେବ ବୋଲି ଅଲ୍‌ଟିମେଟ ଖୋ ଖୋ ଲିଗ୍'ର ସିଇଓ ତେଞ୍ଜିଂ ନିୟୋଗୀ ପ୍ରକାଶ କରିଛନ୍ତି। ଅଂଶଗ୍ରହଣ କରୁଥିବା ୧୪୫ ଖେଳାଳିଙ୍କ ମଧ୍ୟରୁ ୩୩ଜଣ ଖେଳାଳିଙ୍କ ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ ରହିଛି। ସେମାନେ ପ୍ରଥମ ଥର ଏହି ଲିଗ୍‌ରେ ଖେଳିବାକୁ ଯାଉଛନ୍ତି। ସେ କହିଛନ୍ତି, ପ୍ରଥମ ସଂସ୍କରଣରେ ମୋଟ ଦର୍ଶକଙ୍କ ସଂଖ୍ୟା ୧୪୬ ନିୟୁତରେ ପହଞ୍ଚିଥିଲା। ଏଥର ଦର୍ଶକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି। ଆଗକୁ ଟୁର୍ନାମେଣ୍ଟରେ ଦଳ ସଂଖ୍ୟା ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ମହିଳା ଲିଗ୍ କରିବା ଲାଗି ଯୋଜନା ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଦଶନ୍ଧି ଧରି ବିଭିନ୍ନ କ୍ରୀଡ଼ାକୁ ପ୍ରୋତ୍ସାହିତ କରି ଆସୁଥିବାରୁ ନିୟୋଗୀ ତାହାର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରତିଯୋଗିତାର ସିଧାପ୍ରସାରଣ ସୋନି ସ୍ପୋର୍ଟ୍ସ ନେଟଓ୍ୱାର୍କ ଚ୍ୟାନେଲ ଓ ସୋନି ଲାଇଭ୍ ଆପ୍‌ରେ ଦେଖି ହେବ।

## ଓଡ଼ିଶା ଜଗରନଟ୍ସ ପ୍ରସ୍ତୁତ

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାରଠାରୁ ହେବାକୁ ଥିବା ଅଲ୍ଟିମେଟ ଖୋ-ଖୋର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଗତଥର ଚାମ୍ପିୟନ ଦଳ ଭାବେ ଏହାର ଆଧିପତ୍ୟ ଜାହିର କରି ଟାଇଟଲ ବଜାୟ ରଖିବାକୁ ଉଦ୍ୟମ କରିବ। ଘରୋଇ ଦର୍ଶକଙ୍କ ସମର୍ଥନ ଦଳକୁ ସହାୟକ ହେବ। ଏଥର ପ୍ଲେୟର ଡ୍ରାଫ୍ଟରେ ଏହି ଦଳ ୪ଜଣ ପ୍ରମୁଖ ଖେଳାଳିଙ୍କୁ ରଖିବା ସହ ଅନେକ ଯୁବ ଖେଳାଳିଙ୍କୁ ସାମିଲ କରିଛି।

୨୦ ବର୍ଷୀୟ ଅଲରାଉଣ୍ଡର ଦିଲ୍ଲୀପ ଖଣ୍ଡଭିଙ୍କ ସହ ଅଲରାଉଣ୍ଡର ଦୀପେଶ ମୋରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ଡିଫେଣ୍ଡର ଗୌତମ ଏମକେ ଏବଂ ବିଶାଲ ମଧ୍ୟ ଦଳରେ ରହିବେ। ଖେଳାଳି ନିଲାମରେ ଓମ୍‌କାର ସୋନାୱାନେ, ରୋହନ ଶିଙ୍ଗାଡେ, ଅକ୍ଷୟ ମାସାଲ, ମହେଶା ପି, ମନୋଜ ପାଟିଲ, ଅବିନାଶ ଦେଶାଇ, ମନୋଜ କୁମାର, ବିଶାଗ ଏସ, ଦେବେନ୍ଦ୍ର ନାଥ, ନିଖିଲ କୁମାର, ବିଶାଲ ଓରାମ, ସଞ୍ଜୟ କୁମାର ଭି, ଦୀପକ କୁମାର ସାହୁ, ନିଖିଲ ବି, ଏମଡି ମିରାଜୁଲ, ସୁଶାନ୍ତ କଲଧୋନ, ସୋଭାଗ ଭି ଶ୍ରୀଗଣ୍ଡା, ନିରଞ୍ଜନ ସାମଲ, ସାବୀର ଅହମ୍ମଦ, ସୁରେଶ କୁମାର ଓ ସିଦ୍ଧେଶ୍ୱର ଟୁଡୁ ପ୍ରମୁଖଙ୍କୁ କ୍ରୟ କରାଯାଇ ଦଳରେ ସାମିଲ କରାଯାଇଛି। ଓଡ଼ିଶା ଯୁବ ଦଳର ମୁଖ୍ୟ ପ୍ରଶିକ୍ଷକ ବିନୟ କୁମାର ଜୟସ୍ୱାଲ କହିଛନ୍ତି, ତାଙ୍କ ଦଳ ମୂଳ ରଣନୀତିକୁ ବଜାୟ ରଖିବାକୁ ଚେଷ୍ଟା କରିବ। ଓମ୍‌କାର ସୋନାୱାନେ, ରୋହନ ସିଙ୍ଗାଡେ ଏବଂ ମନୋଜ କୁମାରଙ୍କ ସମେତ ଆମେ ଚାହୁଁଥିବା ସମସ୍ତ ଖେଳାଳିଙ୍କୁ ପାଇଛୁ। ଦଳରେ ଅନେକ ଯୁବ ଖେଳାଳି ଅଛନ୍ତି, ଯେଉଁମାନେ ଆରମ୍ଭରେ ଚାପ ସୃଷ୍ଟି କରିପାରନ୍ତି। ଏଥର ଜଗରନଟ୍ସ ଦଳରେ ଦେବେନ୍ଦ୍ର ନାଥ, ବିଶାଲ ଓରାମ, ଦୀପକ କୁମାର ସାହୁ, ନିରଞ୍ଜନ ସାମଲ ଓ ସିଦ୍ଧେଶ୍ୱର ଟୁଡୁଙ୍କ ସମେତ ୫ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। କୋଚ ଦଳର ଶ୍ରେଷ୍ଠ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି।

# ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ଭାରତ




ନେଟ୍ସ ସେସନ ଅବସରରେ ପ୍ରସିଦ୍ଧ କ୍ରିଷ୍ଣା।

**ସେଞ୍ଚୁରିଅନ, ୨୩।୧୨(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ଭାରତୀୟ ମ୍ୟାନେଜମେଣ୍ଟ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏହାର ଶ୍ରେଷ୍ଠ ଦଳ ଘୋଷଣା କରିବ। ତେବେ ଚୂଡାନ୍ତ ଏକାଦଶ କଣ ରହିବ ତାକୁ ନେଇ ଅନେକ ପ୍ରଶ୍ନବାଚୀ ରହିଛି। ଦଳରେ ଦୁଇଟି ସ୍ଥାନକୁ ନେଇ ରାହୁଲ ଦ୍ରାଭିଡ ଚିନ୍ତାରେ ଅଛନ୍ତି। ଉଇକେଟ କିପର ଓ ମହମ୍ମଦ ଶାମିଙ୍କ ବିକଳ୍ପ ଖେଳାଳି ଚୟନକୁ ନେଇ ଦ୍ରାଭିଡ ସମସ୍ୟାରେ ପଡି ପାରନ୍ତି। ଲୋକେଶ ରାହୁଲଙ୍କୁ ଟେଷ୍ଟରେ ଉଇକେଟ କିପର ଭାବରେ ଖେଳାଇବାକୁ ଟିମ ଇଣ୍ଡିଆ ନିଷ୍ପତ୍ତି ନେଇପାରେ। ତେବେ ମହମ୍ମଦ ଶାମିଙ୍କ ବିକଳ୍ପ ଭାବରେ ପ୍ରସିଦ୍ଧ କ୍ରିଷ୍ଣା ଓ ମୁକେଶ କୁମାରଙ୍କ ମଧ୍ୟରୁ କିଏ ଖେଳିବ ତାକୁ ନେଇ ଦ୍ୱନ୍ଦ୍ୱ ଦେଖା ଦେଇଛି।

ସେଞ୍ଚୁରିଅନର ପିଚ୍‌ରେ ସର୍ବଦା ବାଉନ୍ସ ଦେଖିବାକୁ ମିଳିଥାଏ। ବୋଲରଙ୍କ ଭୂସ୍ୱର୍ଗ କୁହାଯାଉଥିବା ପିଚ୍‌ରେ ଶାମିଙ୍କ ପରି ଅନୁଭବୀ ବୋଲରଙ୍କ ଅଭାବ ନିଶ୍ଚୟ ଅନୁଭୂତ ହେବ। ୱେଷ୍ଟଇଣ୍ଡିଜ୍‌ରେ ପଦାର୍ପଣ କରିଥିବା ମୁକେଶ ଏହି ଦଳ ପାଇଁ ଫେଭରିଟ୍। ତେବେ ଦିନିକିଆ ଓ ଟି୨୦ ସିରିଜ୍‌ରେ ମୁକେଶଙ୍କ ବୋଲିଂ ପ୍ରଭାବହୀନ ମନେ ହୋଇଥିଲା। ବେଙ୍ଗଲ ସିମର ୪୦ ରଣଜୀ ଟ୍ରଫି ମ୍ୟାଚ୍‌ରୁ ୧୫୧ ଉଇକେଟ ନେଇଥିବା ବେଳେ ରିଭର୍ସ ସୁଇଂ କରିବାରେ ସମର୍ଥ। ଉଇକେଟ ପିଛା ତାଙ୍କର ଆଭରେଜ ୨୧ ରହିଛି। ତେବେ ପ୍ରସିଦ୍ଧ କ୍ରିଷ୍ଣା ହେଉଛନ୍ତି ହିଟ୍ ଦ ଡେକ୍ ହାର୍ଡ ବୋଲର। ବାଉନ୍ସି ଉଇକେଟ ତାଙ୍କୁ ସାମିଲ କରିବାର ଆଉ ଏକ କାରଣ ହୋଇପାରେ। ଏକମାତ୍ର ଅନ୍ ଅଫିସିଆଲ ଟେଷ୍ଟରେ ମଧ୍ୟ ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ବୋଲିଂ କରିଥିଲେ। ସେହିପରି ଭାରତ ଉଇକେଟ କିପର ବ୍ୟାଟର ଭାବରେ ରାହୁଲଙ୍କୁ ଖେଳାଇବ କି କେବଳ ବ୍ୟାଟର ରାହୁଲଙ୍କୁ ଖେଳାଇବ ତାକୁ ନେଇ ଏଯାଏ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

# ପ୍ରିମିୟର ଲିଗ୍‌ରେ ପ୍ରଥମ ମହିଳା ରେଫରି ରେବେକା




**ଲଣ୍ଡନ, ୨୩।୧୨ (ଏପି)**

ରେବେକା ୱେଲ୍‌ଚ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ମହିଳା ରେଫରି ବିବେଚିତ ହୋଇଛନ୍ତି। ଶନିବାର ସେ ଫୁଲହାମ ବନାମ ବର୍ନଲି ମ୍ୟାଚ ପରିଚାଳନା କରିଛନ୍ତି। ୱେଲ୍‌ଚ ପୂର୍ବରୁ ନଭେମ୍ବର ୪ରେ ପ୍ରିମିୟର ଲିଗ୍‌ରେ ଫୁଲହାମ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାଚରେ ଚତୁର୍ଥ ଅଫିସିଆଲ ଦାୟିତ୍ୱ ତୁଲାଇଛନ୍ତି। ସେ ସେକେଣ୍ଡ-ଟିୟର ଚାମ୍ପିୟନଶିପ୍ ଏବଂ ଏଫ୍‌ଏ କପ୍‌ରେ ରେଫରି ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ସେ ଫୁଲ୍ ଟାଇମ୍ ମ୍ୟାଚ ଅଫିସିଆଲ ହେବା ପୂର୍ବରୁ ନ୍ୟାଶନାଲ ହେଲ୍‌ଥ ସର୍ଭିସରେ ତାଙ୍କ ଚାକିରୀ ସହିତ ସନ୍ତୁଳନ ରକ୍ଷା କରି ରେଫରି ଦାୟିତ୍ୱ ତୁଲାଇ ଆସୁଥିଲେ।

**ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା**

# ପ୍ରଥମ ସ୍ଥାନରେ ଓଡ଼ିଶା




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୩।୧୨(ସରୋଜ ଜେନା)**

ସୁକୋକୋଇ କରାଟେ ଡୋ ୟୁନିୟନ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାର ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ଓଡ଼ିଶା। ଶନିବାର ଦ୍ୱିତୀୟ ଦିନରେ ୧୩ ବର୍ଷରୁ କମ୍ ପୁରୁଷ, ୧୪-୧୫ ବର୍ଷ ବୟସ ବର୍ଗର ପୁରୁଷ ଓ ମହିଳା ଓ ୧୬-୧୭ ବର୍ଷ ବୟସ ବର୍ଗର ପୁରୁଷ ଓ ମହିଳା ବିଭାଗର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କରାଟେ ସଂଘର ସଭ୍ୟ ଆଡଭୋକେଟ କାଳିପ୍ରସାଦ ନନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଓ ଝାଡଖଣ୍ଡ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ଡେଭିସ୍‌କପ୍: ଭାରତୀୟ ଦଳ ପାକିସ୍ତାନ ଯିବ

**ନୂଆଦିଲ୍ଲୀ, ୨୩।୧୨ (ପି.ଟି.)**

ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଟ୍ରିବ୍ୟୁନାଲରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା)ର ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଫଳତଃ ଦୀର୍ଘ ୬୦ ବର୍ଷ ପରେ ଭାରତୀୟ ଟେନିସ ଦଳ ପାକିସ୍ତାନ ଗସ୍ତ କରିବ ଏବଂ ଇସ୍‌ଲାମାବାଦରେ ଘରୋଇ ଦଳର ସହ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେଅଫ୍ ମ୍ୟାଚ ଖେଳିବ। ପାକିସ୍ତାନ ଗସ୍ତ ନ କରିଲେ ଭାରତ ପରାଜିତ ବୋଲି ଗଣାଯିବ ଏବଂ ୱାର୍ଲ୍ଡ ଗ୍ରୁପ୍-୨କୁ ଖସି ଆସିବ। ଗତ ଥର ଭାରତ ୧୯୬୪ରେ ପାକିସ୍ତାନ ଯାଇଥିଲା ଏବଂ ଆୟୋଜକ ଦେଶକୁ ୪-୦ରେ ପରାସ୍ତ କରିଥିଲା। ଆଇଟା ସେକ୍ରେଟାରୀ ଜେନେରାଲ ଅନୀଲ ଧୂପର କହିଛନ୍ତି, ପାକିସ୍ତାନକୁ ଦଳ ପଠା ଯିବ କି ନା ସେନେଇ ସୋମବାର ଆମେ କ୍ରୀଡ଼ା ମନ୍ତ୍ରଣାଳୟର ପରାମର୍ଶ ଲୋଡ଼ିବୁ। ସୂଚନାଯୋଗ୍ୟ, ଫେବୃୟାରୀ ୩ରୁ ୪ ଖେଳାଯିବାକୁ ଥିବା ଏହି ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ ଅଫ୍ ମୁକାବିଲା ପାଇଁ ଆଇଟା ନିକଟରେ ଏକ ୫ ଜଣ ସଦସ୍ୟ ବିଶିଷ୍ଟ ଦଳ ଘୋଷଣା କରିଥିଲା। ଭାରତ ଏହି ମୁକାବିଲା ନିରପେକ୍ଷ ଭେନ୍ୟୁରେ କରିବା ଲାଗି ଅନୁରୋଧ କରିଥିଲା। ୧୫ ଜଣିଆ ଡେଭିସ କପ୍ କମିଟି (ଡିସିସି) ଏହାକୁ ଅଗ୍ରାହ୍ୟ କରିବା ପରେ ଜାତୀୟ ମହାସଂଘ ଆଇଟିଏଫ୍‌ର ଦ୍ୱାରସ୍ଥ ହୋଇଥିଲା।

**ନର୍ଥଇଷ୍ଟ ଯୋଗାସନ ଓ ସନ୍ତରଣ ପ୍ରତିଯୋଗିତା**

# କିଟ୍ ମହିଳା ଦଳ ଦ୍ୱିତୀୟ

**ଭୁବନେଶ୍ୱର, ୨୩।୧୨(ସରୋଜ ଜେନା)**

କିଟ୍ ଓ କିସ୍ ପରିସରରେ ଅନୁଷ୍ଠିତ ୩ ଦିନିଆ ନର୍ଥଇଷ୍ଟ ଯୋଗାସନ ଓ ସନ୍ତରଣ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ଯୋଗାସନ ବର୍ଗରେ କିଟ୍ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଛି। ୨୦୦ରୁ ଅଧିକ ବିଶ୍ୱ ବିଦ୍ୟାଳୟ ଓ ୨୫୦୦ରୁ ଅଧିକ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଯୋଗାସନର ପୁରୁଷ ଦଳଗତ ଇଭେଣ୍ଟରେ ଭିୱାନୀର ଚୌଧାରୀ ବଂଶୀଲାଲ ବିଶ୍ୱବିଦ୍ୟାଳୟ ଓ ମହିଳା ଦଳଗତ ଇଭେଣ୍ଟରେ ପଞ୍ଜାବ ୟୁନିଭରସିଟି ପ୍ରଥମ ସ୍ଥାନ ହାସଲ କରିଥିଲା। କିଟ୍ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ମହିଳା ବ୍ୟକ୍ତିଗତ ଇଭେଣ୍ଟରେ କିଟ୍‌ର ସନ୍ତୋଷ ଜାନି ଓ ଜୁଲି ନାଏକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଯୋଗାସନ ପର୍ଯ୍ୟବେକ୍ଷକ ଡ. ମହେନ୍ଦ୍ର ସିଂ, ଡ. ଗୌରବ ରାୟ, ବିହାର ଭଲିବଲ ଆସୋସିଏଶନ ସଦସ୍ୟ ନୀଲ କମଲ ରୟ ଓ ଯୋଗାସନ ରେଫରୀ ନିଖିଲ କୁମାର ଦଳାଇ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ଅନ୍ତିମ ଦିନିକିଆ ଜିତିଲା ବାଂଲାଦେଶ

**ମ୍ୟାକଲରେନ୍, ୨୩।୧୨**

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଅନ୍ତିମ ମ୍ୟାଚକୁ ୯ ଉଇକେଟରେ ଜିତି ନେଇଛି ବାଂଲାଦେଶ। ପ୍ରଥମ ଦୁଇ ମ୍ୟାଚ୍‌କୁ ଜିତି ନ୍ୟୁଜିଲାଣ୍ଡ ଆଗୁଆ ସିରିଜ ଜିତି ସାରିଥିଲା। ବାଂଲାଦେଶ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ବେଳେ ନ୍ୟୁଜିଲାଣ୍ଡ ୯୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ବାଂଲାଦେଶ ୧ ଉଇକେଟ ହରାଇ ୯୯ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା।

ପେସ୍ ବୋଲରଙ୍କୁ ସହାୟତା ମିଳୁଥିବା ପିଚ୍‌ରେ ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ଦଳ ୫୮ ରନ୍‌ରେ ୨ ଉଇକେଟ ହରାଇଥିବା ବେଳେ ବାକି ୮ ଉଇକେଟ ମାତ୍ର ୪୦ ରନ୍‌ରେ ପତନ ଘଟିଥିଲା। ଦଳ ପକ୍ଷରୁ ମାତ୍ର ୪ ଜଣ ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁବାରେ ସକ୍ଷମ ହୋଇଥିଲେ। ଓପନର ୱିଲ ୟଙ୍ଗ ସର୍ବାଧିକ ୨୬ ରନ୍ କରିଥିବା ବେଳେ ଟମ୍ ଲାଥାମ ୨୧, ଜୋଶ କ୍ଲାର୍କସନ୍ ୧୬ ଓ ଆଦିତ୍ୟ ଅଶୋକ ୧୦ ରନ୍ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଶୋରିଫୁଲ ଇସଲାମ, ଟାଞ୍ଜିମ୍ ହସନ୍ ସାକିବ୍ ଓ ସୌମ୍ୟ ସରକାର ୩ଟି ଲେଖାଏ ଉଇକେଟ ନେଇଥିଲେ। ମୁସ୍ତାଫିଜୁର ରେହମାନ ଅନ୍ୟ ଉଇକେଟଟି ନେଇଥିଲେ। ଘରୋଇ ଦଳ ୩୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ୍ କରିଥିଲା।




ଉଇକେଟ୍ ପରେ ଉଲ୍ଲସିତ ଶୋରିଫୁଲ ଇସଲାମ।

୯୯ ରନ୍ ଜବାବରେ ବାଂଲାଦେଶ ପ୍ରଥମ ଉଇକେଟରେ ୮୪ ରନ୍ ଯୋଡିଥିଲା। ସୌମ୍ୟ ସରକାର ମାତ୍ର ୪ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ତେବେ ଆନାମୁଲ ହକ୍(୩୭) ଓ ଅଧିନାୟକ ନଜମୁଲ ହୋସେନ ଶାନ୍ତୋ(୫୧*) ପ୍ରଥମ ଉଇକେଟରେ ୮୪ ରନ୍ ଯୋଡିଥିଲେ। ୱିଲ ଓ ରୁରକେଙ୍କ ବଲ୍‌ରେ ହକ୍ ଆଉଟ ହେବା ପରେ ଶାନ୍ତୋ ଓ ଲିଟନ୍ ଦାସ(୧*) ଦଳକୁ ବିଜୟୀ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ ୩୪.୧ ଓଭରରେ ୯୮/୧୦(ୱିଲ ୟଙ୍ଗ -୨୬, ଟମ୍ ଲାଥାମ-୨୧, ଜୋଶ କ୍ଲାର୍କସନ୍-୧୬, ଶୋରିଫୁଲ ଇସଲାମ-୩/୨୨, ଟାଞ୍ଜିମ୍ ହସନ୍ ସାକିବ୍-୩/୧୪, ସୌମ୍ୟ ସରକାର-୩/୧୮)। ବାଂଲାଦେଶ ୧୫.୧ ଓଭରରେ ୯୯/୧(ଆନାମୁଲ ହକ-୩୭, ନଜମୁଲ ହୋସେନ ଶାନ୍ତୋ-୫୧*,ୱିଲ ଓ ରୁରକେ-୧/୩୩)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୨୪/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Sunday, December 24/2023



# ନକଲି କାଗଜପତ୍ରରେ କ୍ରେଡିଟ୍ କାର୍ଡ: ୬ ଗିରଫ





## ଠକେଇ ର୍ୟାକେଟରେ ବ୍ୟାଙ୍କ କର୍ମଚାରୀ, ହସ୍ପିଟାଲ କର୍ମଚାରୀ

ଭୁବନେଶ୍ୱର,୨୩।୧୨ (ସୂର୍ଯ୍ୟକାନ୍ତ ବେହେରା)

ନକଲି କାଗଜପତ୍ର ପ୍ରସ୍ତୁତ କରି ଲୋକଙ୍କ ଅଜାଣତରେ ତାଙ୍କ ନାଁରେ କ୍ରେଡିଟ୍ କାର୍ଡ ଇସ୍ୟୁ କରୁଥିଲେ। ପରେ ବିଭିନ୍ନ ହସ୍ପିଟାଲ, ଓମଫେଡ ବୁଥ୍ ଭଳି ବିଭିନ୍ନ ସ୍ଥାନରେ ସ୍ୱାଇପ୍ କରି ନଗଦ ଟଙ୍କା ନେଉଥିଲେ। ଏଭଳି ଢଙ୍ଗରେ କୋଟିକୋଟି ଟଙ୍କା ଠକୁଥିବା ଏକ ରାକେଟର ୬ଜଣଙ୍କୁ ଭୁବନେଶ୍ୱର ସାଇବର ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ପିପିଲି ଅଞ୍ଚଳର ମାଷ୍ଟରମାଇଣ୍ଡ ବିଜୁ ତ୍ରିପାଠୀ ଓ ତାଙ୍କ ସହଯୋଗୀ ପ୍ରସନ୍ନଜିତ ଦାସ, ମୁକେଶ ମନ୍ତ୍ରୀ, ହସ୍ପିଟାଲ ବିଲିଂ ଏଜେଣ୍ଟ ଅବ୍ଦୁଲ ରହେମାନ, ରାଜେଶ ଦାସ ଏବଂ ଆଇସିଆଇସିଆଇ ବ୍ୟାଙ୍କର କର୍ମଚାରୀ ପ୍ରଦୀପ କୁମାର ସାମନ୍ତରାୟ। ସେମାନଙ୍କଠାରୁ ୩ଟି ବସ୍ତାରେ ଥିବା ନଗଦ ୭ଲକ୍ଷ ୭ ହଜାର ୮୦୦ ଟଙ୍କା, ୪୫୦ ଡେବିଟ ଓ କ୍ରେଡିଟ କାର୍ଡ, ୫୦ ଚେକ୍ ବୁକ୍, ୭୮ ପାସ୍‌ବୁକ୍, ୬ ମୋବାଇଲ, ୬ ସ୍ୱାଇପ ମେଶିନ୍ ଜବତ ହୋଇଥିବା ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏଥିସହ ଏହି ଗ୍ୟାଙ୍ଗ୍‌ରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ଉପରେ ତଦନ୍ତ ଚାଲିଛି ବୋଲି ଡିସିପି ସିଂ କହିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ ୧୩୧/୨୩) ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ ଅଭିଯୋଗକାରୀ ରାକେଶ ପାତ୍ରପଡ଼ାରେ ଆଇସିଆଇସିଆଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ୩୦ ହଜାର ଟଙ୍କା ଜମା କରିଛନ୍ତି। ତେବେ ଟଙ୍କା ଆବଶ୍ୟକ ପଡ଼ିବାରୁ ସେ ଋଣ ପାଇଁ ଆବେଦନ ☞ପୃଷ୍ଠା-୨

# ପୂର୍ବତନ ରାଜ୍ୟପାଳ ଏମ୍. ଏମ୍. ରାଜେନ୍ଦ୍ରନଙ୍କ ପରଲୋକ



## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୩।୧୨(ଅସମାପିକା ସାହୁ)

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍. ଏମ୍. ରାଜେନ୍ଦ୍ରନଙ୍କର ଶନିବାର ପରଲୋକ ଘଟିଛି। ଚେନ୍ନାଇର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କ ପାଖରେ ସ୍ତ୍ରୀ ସୁଶୀଲା ରାଜେନ୍ଦ୍ରନ, ଏକମାତ୍ର ଝିଅ ଓ ଦୁଇ ପୁଅ ଥିଲେ। ୧୯୩୫ ମସିହା ଏପ୍ରିଲ୍ ୧୨ରେ ଆନ୍ଧ୍ରପ୍ରଦେଶରେ ଜନ୍ମଗ୍ରହଣ କରିଥିବା ରାଜେନ୍ଦ୍ରନ୍ ୧୯୫୭ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ) ଟପ୍ପର ଥିଲେ। ତାମିଲନାଡୁର ମୁଖ୍ୟ ଶାସନ ସଚିବ ଓ ପରେ କେନ୍ଦ୍ର ☞ପୃଷ୍ଠା-୨

# 'ମୁଖ୍ୟମନ୍ତ୍ରୀ କାମରେ ବିଶ୍ୱାସ କରନ୍ତି'


କୋରାପୁଟରେ ଲୋକଙ୍କ ସହ ହାତ ମିଳାଉଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## କୋରାପୁଟରେ କାର୍ତ୍ତିକ
## ଅପପ୍ରଚାରକାରୀଙ୍କୁ ଉଚିତ ଜବାବ ଦେବାକୁ ଆହ୍ୱାନ

ଭୁବନେଶ୍ୱର,୨୩।୧୨(ଅନିଲ ଦାସ), କୋରାପୁଟ/ଜୟପୁର, (ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟବାସୀଙ୍କ ପାଇଁ ସେ ୨୪ ଘଣ୍ଟା ପରିଶ୍ରମ କରୁଛନ୍ତି। କିନ୍ତୁ କେତେଜଣ ଲୋକ ଓଡ଼ିଶାକୁ ବଦନାମ କରିବା ପାଇଁ ଅପପ୍ରଚାର କରୁଛନ୍ତି। ସେମାନଙ୍କୁ ଜବାବ ଦେବାକୁ ହେବ ବୋଲି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। କୋରାପୁଟ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ ଜିଲ୍ଲା। ଅବିଭକ୍ତ କୋରାପୁଟ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି ବୋଲି ସେ କହିଛନ୍ତି।

କୋରାପୁଟ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ୨ଟି ବିଶ୍ୱବିଦ୍ୟାଳୟ ଦେଇଛନ୍ତି। କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ୨୦୦୭-୦୮ରେ ମୁଖ୍ୟମନ୍ତ୍ରୀ ଦାବି ଉପସ୍ଥାପନ କରି ଏଠାରେ ପ୍ରତିଷ୍ଠା କରିଥିଲେ। ଏବେ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। କିନ୍ତୁ କୋରାପୁଟକୁ ମିଳିଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ମଧ୍ୟ କିଛି ଲୋକ ଅସଫଳ ଉଦ୍ୟମ କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ତାହା ହେବାକୁ ଦେଇନାହାନ୍ତି ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଟଙ୍କିଆ ଚାଉଳଠୁ ଆରମ୍ଭ କରି ଲକ୍ଷ୍ମୀ ବସ୍, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଆଦି ବିଭିନ୍ନ ଯୋଜନା ଅବିଭକ୍ତ କୋରାପୁଟରୁ ହିଁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି। ୨୫ଟି ଜିଲ୍ଲା ଲକ୍ଷ୍ମୀ ବସ୍‌କୁ ଅପେକ୍ଷା ☞ପୃଷ୍ଠା-୨




**ଦିଲ୍ଲୀ ହସ୍ପିଟାଲକୁ ନକଲି ଔଷଧ ଯୋଗାଣର ସିବିଆଇ ତଦନ୍ତ ହେବ**

ଦିଲ୍ଲୀର ସରକାରୀ ହସ୍ପିଟାଲଗୁଡ଼ିକୁ ନିମ୍ନ ମାନର ଔଷଧ ଯୋଗାଣ ଅଭିଯୋଗ ଉପରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ସ୍ୱାସ୍ଥ୍ୟ ସଚିବଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗର ସିବିଆଇ ତଦନ୍ତ ନିମନ୍ତେ ଉପରାଜ୍ୟପାଳ ଭି.କେ. ସାକ୍ସେନା ସୁପାରିସ କରିଛନ୍ତି।



## 'ମୁଖ୍ୟମନ୍ତ୍ରୀ କାମରେ...

ପ୍ରଥମ ପୃଷ୍ଠାରୁ...

କରିଥିବାବେଳେ କୋରାପୁଟବାସୀ ଲକ୍ଷ୍ମୀ ବସ୍ ପାଇସାରିଛନ୍ତି। ପ୍ରତି ଯୋଜନାରେ ମୁଖ୍ୟମନ୍ତ୍ରୀ କୋରାପୁଟକୁ ଯୋଡ଼ିଥିବା ବେଳେ ଏ ଧାରା ଜାରି ରହିବ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି।

କୋରାପୁଟ ଜିଲାରେ ପାଣ୍ଡିଆନ ୩ଟି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ କୋରାପୁଟ କଲେଜରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୋରାପୁଟର ଲାଣ୍ଡିଗୁଡା ସରକାରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଥିଲା। ପାଣ୍ଡିଆନଙ୍କ ସହ କରମର୍ଦ୍ଦନ କରିବା ଓ ସେଲ୍‌ଫି ନେବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏଠାରେ ଛାତ୍ରୀଛାତ୍ରଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ ପାଣ୍ଡିଆନ। ସେ କହିଥିଲେ, ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପିଲାମାନଙ୍କ ମଧ୍ୟରେ ଥିବା ଜ୍ଞାନର ବିକାଶ ହେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ଏପରି କ୍ଷେତ୍ରରେ କଠିନ ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ଓ ଯୁବତୀଯୁବକମାନେ ଜୀବନରେ ସଫଳତା ପାଇବା ପାଇଁ ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରନ୍ତୁ। ଯଦି ଏଥିରେ ଥରେ ହାରୁଛନ୍ତି ତେବେ ନିରାଶ ନ ହୋଇ ଆଗକୁ ବଢ଼ିବାର ପ୍ରୟାସ ରଖନ୍ତୁ, ସଫଳତା ନିଶ୍ଚୟ ଆସିବ ବୋଲି ସେ କହିଥିଲେ। ଏହାପରେ ଜୟପୁର ଦଶହରା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ସେ ଯୋଗ ଦେଇଥିଲେ। ଏଠାରେ ପାଣ୍ଡିଆନ କହିଥିଲେ ଯେ ଜିଲାରେ ଥିବା ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଆଦିର ରୂପାନ୍ତରଣ ପାଇଁ ଦରଖାସ୍ତ ଦେଇଛନ୍ତି କୋରାପୁଟବାସୀ। ଆସନ୍ତା ୭ ଦିନ ମଧ୍ୟରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଖୁସି ଖବର ମିଳିବ। ମୁଖ୍ୟମନ୍ତ୍ରୀ ଯେଉଁ ଟଙ୍କା ମଞ୍ଜୁର କରିବେ, ତାହା ଲୋକମାନଙ୍କର ଟଙ୍କା। ପ୍ରତ୍ୟେକ ଟଙ୍କାକୁ ନିଜର ଭାବି ସ୍ୱଚ୍ଛତା ସହକାରେ କାମ କରିବାକୁ ଜନସାଧାରଣଙ୍କୁ ୫-ଟି ଅଧ୍ୟକ୍ଷ ନିବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭଲ କାମ କଲେ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି ସେ କହିଛନ୍ତି।

ଜୟପୁର ଦଶହରା ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା। ଭିଡ଼ କାଟି ମଞ୍ଚ ଉପରକୁ ଯିବାକୁ ପାଣ୍ଡିଆନଙ୍କୁ ପାଖାପାଖି ଅଧଘଣ୍ଟା ସମୟ ଲାଗିଯାଇଥିଲା। ସେଠାରେ ସେ କହିଥିଲେ ଯେ ପୂର୍ବରୁ ଉଚ୍ଚଶିକ୍ଷା ପାଇଁ କୋରାପୁଟବାସୀଙ୍କୁ ବ୍ରହ୍ମପୁରକୁ ଯିବାକୁ ପଡୁଥିଲା। ଛାତ୍ରୀଛାତ୍ରମାନେ ବହୁତ ଖର୍ଚ୍ଚାନ୍ତ ହେଉଥିଲେ। କିନ୍ତୁ ଏବେ ବିକ୍ରମଦେବ କଲେଜକୁ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟରେ ପରିଣତ କରିଛନ୍ତି। ଜିଲାକୁ ଲକ୍ଷ୍ମୀ ବସ୍ ଯୋଜନା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମେତ ସବୁ ଯୋଜନାରେ ଯୋଡ଼ାଯାଇଛି। ମାତ୍ର ୫ ଟଙ୍କାରେ ମହିଳାମାନେ ବସ୍ ଯୋଗେ ଯାଉଛନ୍ତି। ଆଗକୁ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସୁବିଧା ଖୋଲାଯିବ। ମିଶନ ଶକ୍ତି ମା'ମାନେ ଏହି ବ୍ୟାଙ୍କ ସେବା ଦ୍ୱାରା ବହୁତ ଉପକୃତ ହେବେ। ଏଥିସହିତ କୋରାପୁଟରେ ଜଗନ୍ନାଥ ମନ୍ଦିର , କାଳୀ ମନ୍ଦିର , ମସ୍‌ଜିଦ୍,ଚର୍ଚ୍ଚ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏନେଇ କାମ ଚାଲୁ ରହିଛି। ଜଗନ୍ନାଥ ସାଗର ପାଇଁ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭଲ କାମ କଲେ ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ମଞ୍ଜୁର ହେବ ବୋଲି ସେ କହିଛନ୍ତି। ଜୟପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଇଁ ୨୪ ଘଣ୍ଟା ପରିଶ୍ରମ କରୁଛନ୍ତି। କିନ୍ତୁ କିଛି ଲୋକ ଓଡ଼ିଶାକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ଏଥିପ୍ରତି ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହିତ ସରକାରଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ସେ ନିବେଦନ କରିଛନ୍ତି। ଲୋକଙ୍କ ଦାବିକୁ କେଉଁ ସରକାର ୭ ଦିନ ମଧ୍ୟରେ ସମାଧାନ କରନ୍ତି ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାମରେ ବିଶ୍ୱାସ କରୁଥିଲା ବେଳେ କିଛି ଲୋକ ଅପପ୍ରଚାରକୁ ଅସ୍ତ୍ର କରି ବିକାଶ ରଥକୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କୁ ଜବାବ ଦେବାର ଅଛି ବୋଲି ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ଜୟପୁରଠାରେ ଆୟୋଜିତ ସାଧାରଣ ସଭାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରଣବ ବଳବନ୍ତରାୟ, କୋରାପୁଟ ଜିଲା ବିଜେଡି ସଭାପତି ଝିନ ହିକକା, କୋରାପୁଟ ବିଧାୟକ ରଘୁରାମ ପୋଡାଲ,ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ସାଂସଦ ରମେଶ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀ,ଝରିଗାଁ ବିଧାୟକ ପ୍ରକାଶ ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବରିଷ୍ଠ ବିଜେଡି ନେତା ରବି ନନ୍ଦ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ପ୍ରଫୁଲ୍ଲ ପାଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, କୋରାପୁଟ ଜିଲା ବିଜେଡି ମହିଳା ପର୍ଯ୍ୟବେକ୍ଷକ ମୀରା ପରିଡ଼ା, ଜୟପୁର ପୌର ପରିଷଦ ଉପାଧ୍ୟକ୍ଷା ବି.ସୁନୀତା ଓ ବରିଷ୍ଠ ବିଜେଡି ନେତା ଈଶ୍ୱର ପାଣିଗ୍ରାହୀ, ସୁବାସ ରାଉତ, ଅନୁପ ପାତ୍ର, ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ଦୁର୍ଗା ମିଶ୍ର, ବିନ୍ଦୁରାଣୀ ମିଶ୍ର,ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା, ଜିଲାପାଳ ଅବଦୁଲ ଏମ୍. ଅଖତାର, ଏସ୍‌ପି ଅଭିନବ ସୋନକାର, ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ବତନ ରାଜ୍ୟପାଳ...

ସରକାରଙ୍କ ଦୁଇ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟକରି ୧୯୯୩ରେ ଅବସର ଗ୍ରହଣ କରିଥିଲେ। ୧୯୯୯ ମସିହାରେ ଏମ୍‌ଏମ୍ ରାଜେନ୍ଦ୍ରନଙ୍କୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ। ୨୦୦୪ ପର୍ଯ୍ୟନ୍ତ ଏଠାରେ ସେ ରାଜ୍ୟପାଳ ରହିଥିଲେ। ତାଙ୍କ ସମୟରେ ଓଡ଼ିଶା ଇତିହାସର ସବୁଠାରୁ ବଡ଼ ବିପର୍ଯ୍ୟୟ 'ମହାବାତ୍ୟା-୧୯୯୯'କୁ ଓଡ଼ିଶାବାସୀ ସାମ୍ନା କରିଥିଲେ। ତେବେ ବାତ୍ୟା ପରବର୍ତ୍ତୀ ଉଦ୍ଧାରକାର୍ଯ୍ୟ ଓ ରିଲିଫ କାର୍ଯ୍ୟକୁ ଠିକ୍ ଭାବେ ପରିଚାଳନା କରି ରାଜେନ୍ଦ୍ରନ୍ ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ୧୯୬୪ରେ ତାମିଲନାଡୁର ରାମନାଥପୁରମ୍‌ରେ ହୋଇଥିବା ବଡ଼ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଅଭିଜ୍ଞତା ରହିଥିଲା। ଏହି ଅଭିଜ୍ଞତା ୧୯୯୯ ଓଡ଼ିଶା ମହାବାତ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ସରକାରୀ କଳକୁ ଦିଗ୍‌ଦର୍ଶନ ଦେବାରେ ବଡ଼ ସହାୟକ ହୋଇଥିଲା। ରାଜ୍ୟପାଳ ଥିବା ସମୟରେ ସେ ତିନିଜଣ ମୁଖ୍ୟମନ୍ତ୍ରୀଙ୍କ ସହିତ କାମ କରିବାର ସୁଯୋଗ ପାଇଥିଲେ। ସେ ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିବାବେଳେ ଗିରିଧର ଗମାଙ୍ଗ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ପରେ ହେମାନନ୍ଦ ବିଶ୍ୱାଳ ଓ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ନିଜ ଅଟୋବାୟୋଗ୍ରାଫି 'ସର୍ଭିସ ଅନ୍‌ଇଣ୍ଟରପ୍‌ଟେଡ୍:ମେମୋରିଜ୍ ଅଫ୍ ଏମ୍.ଏମ୍. ରାଜେନ୍ଦ୍ରନ୍' ଲେଖିଥିଲେ। ସେ ଶେଷଥର ଗତବର୍ଷ ଓଡ଼ିଶା ଆସି ମେ' ୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ପୁସ୍ତକ ପ୍ରଦାନ କରିବା ସହ ଓଡ଼ିଶା ସ୍ମୃତି ସାଉଣ୍ଟିଥିଲେ। ସେହିପରି ଗତ ଜୁଲାଇରେ ଏହାର ଏକ କପିକୁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ବର୍ତ୍ତମାନର ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରି ଉତ୍ସର୍ଗୀକୃତ ଜନସେବା ପାଇଁ ସ୍ୱର୍ଗତ ରାଜେନ୍ଦ୍ରନ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି।

## ନକଲି କାଗଜପତ୍ରରେ...

କରିବା ସମୟରେ ସିଭିଲ ଖରାପ ଥିବାରୁ ଋଣ ମଞ୍ଜୁର ହୋଇପାରି ନ ଥିଲା। ପରେ ଖୋଳତାଡ଼ ପରେ ତାଙ୍କ ନାଁରେ କ୍ରେଡିଟ କାର୍ଡ ଥିବା ଜାଣିବାକୁ ପାଇବା ସହ ତାଙ୍କ କାର୍ଡରେ ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ନାମକୁ ବ୍ୟବହାର କରି ଠକମାନେ ଠକେଇ କରିଥିବା ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ବିଜୁଙ୍କ ଘରେ ଚଢାଉ କରି ଗିରଫ କରିଥିଲା। ପରେ ତାଙ୍କ ତଥ୍ୟ ଆଧାରରେ ପୋଲିସ ତାଙ୍କ ସହଯୋଗୀଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତମାନେ ହସ୍ପିଟାଲ ବିଲିଂ ଏଜେଣ୍ଟଙ୍କ ସହ ମିଶି ଯୋଜନାବଦ୍ଧ ଭାବେ ଠକେଇ କରୁଥିଲେ। ହସ୍ପିଟାଲଗୁଡିକ ରୋଗୀ ବିଲିଂ କରିବା ସମୟରେ ବିଲିଂ ଏଜେଣ୍ଟ ଅଭିଯୁକ୍ତଙ୍କ ନିକଟରେ ଥିବା କ୍ରେଡିଟ କାର୍ଡ ମାଧ୍ୟମରେ ସ୍ୱାଇପ କରି ଟଙ୍କା ନେଉଥିଲେ। ହେଲେ ଏହି ଟଙ୍କା ସବୁ ଠକ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯାଉଥିଲା ବୋଲି ସାଇବର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଜେଲଦଣ୍ଡ ପାଇଥିବା ଭାଜପା ବିଧାୟକଙ୍କ ସଭ୍ୟପଦ ରଦ୍ଦ

ଲକ୍ଷ୍ନୌ,୨୩।୧୨



ରାମଦୁଲାର ଗୋଣ୍ଡ

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗତ ୧୫ ତାରିଖରେ ୨୫ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା ଉତ୍ତରପ୍ରଦେଶର ଭାଜପା ବିଧାୟକ ରାମଦୁଲାର ଗୋଣ୍ଡଙ୍କ ସଭ୍ୟପଦ ରଦ୍ଦ ହୋଇଛି। ଜନପ୍ରତିନିଧି ଆଇନ ଅନୁଯାୟୀ ଜଣେ ଆଇନପ୍ରଣେତା ୨ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଜେଲଦଣ୍ଡ ପାଇଲେ ତାଙ୍କ ସଦସ୍ୟତା ରଦ୍ଦ ହୋଇଥାଏ ଓ ସେ ପରବର୍ତ୍ତୀ ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷିତ ହୋଇଥାନ୍ତି। ୨୦୧୪ରେ ସୋନଭଦ୍ରା ଜିଲା ଦୁଦ୍ଧି ଆସନର ଆଦିବାସୀ ବିଧାୟକ ଗୋଣ୍ଡ ନାବାଳିକାଙ୍କୁ ବଳାତ୍କାର କରିବା ସହ ପୀଡ଼ିତାଙ୍କ ପରିବାରକୁ ଧମକ ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା।


**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 23.12.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Supply of Trailer Mounted mobile Power Substation. | TPSODL/OT/ 2023-24/065 | 2,00,000 | 5,000 | 03.01.2024; 18:00 Hrs. |
| 2 | RC for Repairing & Reconditioning of Distribution Transformers of various ratings at BA's works shop PAN TPSODL. | TPSODL/OT/ 2023-24/067 | 2,00,000 | 5,000 | 03.01.2024; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**


# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ
## ଘୋଷଣା

No. 1372 Date: 21.11.23

No.I-13:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କଟକଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଗୁପ୍ତମାଣିକ, ଥାନା- କାନପୁର ନଂ..-୩୬, ତହସିଲ- ନରସିଂହପୁର, ଜିଲ୍ଲା- କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ହାଡୁଆ ମଧ୍ୟମ ଜଳସେଚନ ପ୍ରକଳ୍ପର ହାଡୁଆ ଜଳଭଣ୍ଡାର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୬୩୮ ତା୦୪।୧୧।୨୦୨୨ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଗୁପ୍ତମାଣିକ, ଥାନା- କାନପୁର ନଂ.-୩୬, ତହସିଲ- ନରସିଂହପୁର, ଜିଲ୍ଲା- କଟକରେ ବିସ୍ଥାପିତ ପରିବାର ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇଅଛି। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ, କଟକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ)ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲାପାଳଙ୍କ ୱେବ୍‌ସାଇଟ www.cuttack.nic.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁରସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ-କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କଟକ ତହସିଲ- ନରସିଂହପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁପ୍ତମାଣିକ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୯୪.୪୮ | ଏକର ୮୯.୭୩ | ଏଥିସହିତ ସଂଲଗ୍ନ କରାଗଲା |

### ତଫସିଲ-ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କଟକ ତହସିଲ- ନରସିଂହପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଂସାଇଲୋ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୨୮.୭୯ | ଏକର ୨୮.୭୯ | ଏଥିସହିତ ସଂଲଗ୍ନ କରାଗଲା |

ଅଧିସୂଚନାର ବୈଧ ତାରିଖ: ୨୪।୧୧।୨୦୨୨

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, କଟକ**

### ତଫସିଲ-ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
**ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, ଜିଲ୍ଲା- କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ**
**ମୌଜା: କଂସାଇଲୋ, ଥାନା- କାନପୁର, ନଂ.-୨୯, ତହସିଲ- ନରସିଂହପୁର, ଜିଲ୍ଲା- କଟକ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| ୬୬ | ୧୮୫ | ୨.୪୫ | ୨.୪୫ | ତଇଲା | ଆବାଦ ଯୋଗ୍ୟ ଅନାବାଦୀ ସରକାରୀ ଜମି |
| | ୧୮୬ | ୩.୭୨ | ୩.୭୨ | ତଇଲା | |
| | ୧୮୫/୮୯୫ | ୧.୬୭ | ୧.୬୭ | ତଇଲା | |
| | ୧୮୫/୮୯୬ | ୧.୪୧ | ୧.୪୧ | ତଇଲା | |
| | ୧୮୫/୮୯୭ | ୧.୨୪ | ୧.୨୪ | ତଇଲା | |
| | ୧୮୫/୮୯୮ | ୦.୯୦ | ୦.୯୦ | ତଇଲା | |
| | ୧୮୬/୯୦୦ | ୨.୯୫ | ୨.୯୫ | ତଇଲା | |
| | ୧୮୫/୯୦୨ | ୨.୮୦ | ୨.୮୦ | ତଇଲା | |
| | ୧୮୮/୯୦୩ | ୩.୮୦ | ୩.୮୦ | ତଇଲା | |
| | ୧୮୭ | ୨.୩୫ | ୨.୩୫ | ତଇଲା | |
| | ୧୮୮ | ୫.୪୦ | ୫.୪୦ | ତଇଲା | |

ମୋଟ ରକବା= ଏ.୨୮.୭୯ ଏ.୨୮.୭୯

### ତଫସିଲ-କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
**ଭୂ-ଅର୍ଜନ ମାମଲା ସଂଖ୍ୟା, ୦୩/୨୦୨୨**
**ହାଡୁଆ ଜଳସେଚନ ପ୍ରକଳ୍ପ, ନରସିଂହପୁର, କଟକର ହାଡୁଆ ଜଳଭଣ୍ଡାର ନିମନ୍ତେ**
**ମୌଜା- ଗୁପ୍ତମାଣିକ, ଥାନା- କାନପୁର ନଂ.-୩୬, ତହସିଲ- ନରସିଂହପୁର, ଜିଲ୍ଲା- କଟକ**

| ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅଧିସୂଚିତ ଜମିର ପରିମାଣ | କିସମ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୪୭ | ୧.୦୨ | ୧.୦୨ | ଶାରଦ ଦୁଇ | ଅନନ୍ତ ପାଇ, ପି. ମଦନ ପାଇକ, ଜା. ସୁଦ ପାଇକ, ବା. ନିଜଗାଁ |
| | ୪୮ | ୦.୩୫ | ୦.୩୫ | ଘରବାରି | |
| | ୭୬ | ୦.୨୪ | ୦.୨୪ | ଶାରଦ ଦୁଇ | |
| | ୭୭ | ୦.୦୫ | ୦.୦୫ | ଶାରଦ ଦୁଇ | |
| | ୭୮ | ୦.୦୬ | ୦.୦୬ | ଶାରଦ ଦୁଇ | |
| ୨ | ୧୨/୧୨୭୧ | ୨.୨୫ | ୦.୧୫ | ଶାରଦ ଦୁଇ | ଇନ୍ଦ୍ରମଣି ପଧାନ, ପି. ଈଶ୍ୱର ପଧାନ, ଯୁଗଳ କିଶୋର ପଧାନ, ପି. ଇନ୍ଦ୍ରମଣି ପଧାନ, ଜା. କନ୍ଧ, ବା. ନିଜଗାଁ |
| ୫ | ୪ | ୪.୯୬ | ୪.୯୬ | ତଇଲା | କୁନ୍ତଳା ପାଇକ, ପି. କପିଳ ପାଇକ, ପରମାନନ୍ଦ ପାଇକ, ଭ୍ରମରବର ପାଇକ, ଯଜ୍ଞେଶ୍ୱର ପାଇକ, ପି. ବିଛେଇ ପାଇକ, ନେପାଳ ପାଇକ, ପି. ଚିନ୍ତାମଣି ପାଇକ, ସଂସାରି ସାମଲ, ଚନ୍ଦ୍ରମଣି ସାମଲ, ନରେଶ ସାମଲ, ସୁରେଶ ସାମଲ, ପି. ଲୋକେଇ ସାମଲ, ଫକିର ସାମଲ, ସଙ୍ଗାଳି ସାମଲ, ପି. ଚିନ୍ତାମଣି ସାମଲ, ଅଲେଖ ଖଟୁଆ, ପି. ଧରମୁ ଖଟୁଆ, ମେଘ ଖଟୁଆ, ପହଲି ଖଟୁଆ, ରବି ଖଟୁଆ, ପି. ଭାବ ଖଟୁଆ, କଣ୍ଟୁରି ବିଶୋଇ, ପି. ପଦନ ବିଶୋଇ, ପ୍ରେମ ଆମାତ, ହେମ ଆମାତ, କୁମ ଆମାତ, ପି. କାଳିଆ ଆମାତ, ଆଶେଲି ଗଡ଼ନାୟକ, ପି. ସମ୍‌କୁ ଗଡ଼ନାୟକ, ଶ୍ୟାମ ଗଡ଼ନାୟକ, ରାଜ ଗଡ଼ନାୟକ, ଶରତ ଗଡ଼ନାୟକ, ପି. ହଟ ଗଡ଼ନାୟକ, ଅମୁଲି ଗଡ଼ନାୟକ, ପି. ଗଡୁଆ ଗଡ଼ନାୟକ, ରବି ଗଡ଼ନାୟକ, ପି. ମୋହନ ଗଡ଼ନାୟକ, ବାସୁଦେବ ଗଡ଼ନାୟକ, ପି. ପୁନିଆ ଗଡ଼ନାୟକ, ଚୈତନ୍ୟ ଗଡ଼ନାୟକ, କୀର୍ତ୍ତନ ଗଡ଼ନାୟକ, ପି. ପରିକ୍ଷିତ ଗଡ଼ନାୟକ, ବସନ୍ତ ଗଡ଼ନାୟକ, ପି. ଲିଙ୍ଗରାଜ ଗଡ଼ନାୟକ, ବୀର ଗଡ଼ନାୟକ, ପି. ମନ୍ଦର ଗଡ଼ନାୟକ, ମୁରଲି ଗଡ଼ନାୟକ,, ପି. ଚନ୍ଦ୍ର ଗଡ଼ନାୟକ, କୈଳାଶ ଗଡ଼ନାୟକ, ପି. ଭ୍ରମର ଗଡ଼ନାୟକ, କମଳା ପ୍ରଧାନ, ପି. ଅମିନ ପ୍ରଧାନ, ଶିବ ପ୍ରଧାନ, ପି. ଗାଣ୍ଠୁ ପ୍ରଧାନ, ଜା. ସୁଦ ପାଇକ, ବଳଭଦ୍ର ପ୍ରଧାନ, ପି. ହୃଷି ପ୍ରଧାନ, ମଧୁ ପ୍ରଧାନ, ପି. ହାଡୁ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ପି. ଗୁରୁବାରି ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ସଦାନନ୍ଦ ପ୍ରଧାନ, ପି. ଦୈତାରି ପ୍ରଧାନ, ଅଧିକ ପ୍ରଧାନ, ପି. ଭୋଳି ପ୍ରଧାନ, ଧ୍ରୁବ ବିଶ୍ୱାଳ, ବି. ମହାଦେବ ବିଶ୍ୱାଳ, ଲୋଚନ ଜାନି, ଚୈତନ୍ୟ ଜାନି, ପି. ଦଣ୍ଡୁଆ ଜାନି, ଜା. କନ୍ଧ, ବା. ନିଜଗାଁ, ଚୈତନ୍ୟ ସାହୁ, ପି. ଗୋପି ସାହୁ, ଦୁଆରି ସାହୁ, ପି. ହୃଷି ସାହୁ, ଜା. ଗୁଡିଆ, ବା. ବିଚଣାବାଟି, ନୀଳମଣି ସାହୁ, ପି. ମଦନ ସାହୁ, କାଶି ସାହୁ, ପି. ଭୀମ ସାହୁ, ଜା. ତେଲି, ବା. ଭାଲୁବେରଣି, ଥା. ବଡ଼ମ୍ବା |
| | ୧୦ | ୧୫.୫୮ | ୧୫.୫୮ | ତଇଲା | |
| | ୧୧ | ୧.୭୮ | ୧.୭୮ | ତଇଲା | |
| | ୧୫ | ୩.୩୮ | ୩.୩୮ | ତଇଲା | |
| | ୧୬ | ୦.୯୬ | ୦.୯୬ | ତଇଲା | |
| ୬ | ୫/୧୨୭୨ | ୧.୮୮ | ୧.୮୮ | ତଇଲା | କୁମର ଜାନି, ପି. ପଞ୍ଚୁ ଜାନି, ଜା. କନ୍ଧ, ବା. ନିଜଗାଁ |
| ୯ | ୧୨/୧୨୬୮ | ୧.୦୦ | ୧.୦୦ | ତଇଲା | ଗୋବିନ୍ଦ ଜାନି, ପି. ପତର ଜାନି, ଜା. କନ୍ଧ, ବା. ନିଜଗାଁ |
| ୧୨ | ୧୨/୧୨୬୬ | ୧.୦୦ | ୧.୦୦ | ତଇଲା | ଚନ୍ଦ୍ରମଣି ସାମଲ, ପି. ଲୋକନାଥ ସାମଲ, ଜା. ସୁଦ ପାଇକ, ବା. ନିଜଗାଁ |
| ୧୩ | ୧୨/୧୨୬୫ | ୧.୫୦ | ୧.୫୦ | ତଇଲା | ଚୈତନ୍ୟ ଜାନି, ପି. ଦଣ୍ଡଧର ଜାନି, ଜା. କନ୍ଧ, ବା. ନିଜଗାଁ |
| ୧୫ | ୧୨୭ | ୦.୫୧ | ୦.୫୧ | ନାଳ | ଜୟଦେବ ପାଇକ, ଗୋକୁଳ ପାଇକ, ପି. ହରି ପାଇକ, ଜା. ସୁଦ, ବା. ନିଜଗାଁ |
| | ୧୩୯ | ୦.୫୦ | ୦.୫୦ | ବିଆଳି | |
| ୧୬ | ୧୧୯ | ୦.୩୯ | ୦.୩୯ | ଶାରଦ ଦୁଇ | ଜୟଦେବ ପାଇକ, ଗୋକୁଳ ପାଇକ, ପି. ହରି ପାଇକ, କୁନ୍ତଳା କୁମାରୀ ପାଇକ, ପି. କପିଳ ପାଇକ, ରବୀନ୍ଦ୍ର ପାଇକ, ଶେଷଦେବ ପାଇକ, ପି. ବଂଶୀ ପାଇକ, କଇନ୍ତା ପାଇକ, ସ୍ୱା. ବଂଶୀ ପାଇକ, ସାଇବ ପାଇକ, ପି. ଚିନ୍ତା ପାଇକ, ପରମାନନ୍ଦ ପାଇକ, ଭ୍ରମର ପାଇକ, ଗୁଣ୍ଡିରି ପାଇକ, ନେପାଳ ପାଇକ, ପି. ବଛେଇ ପାଇକ, ଜା. ସୁଦ ପାଇକ, ବା. ନିଜଗାଁ |
| | ୧୨୨ | ୦.୦୮ | ୦.୦୮ | ଶାରଦ ଏକ | |
| | ୧୨୩ | ୧.୩୪ | ୧.୩୪ | ଶାରଦ ଏକ | |
| | ୧୨୯ | ୦.୧୦ | ୦.୧୦ | ଶାରଦ ଦୁଇ | |
| ୧୭ | ୧୨୫ | ୦.୮୦ | ୦.୮୦ | ଶାରଦ ଦୁଇ | ଯଜ୍ଞେଶ୍ୱର ପାଇକ, ପି. ବଛେଇ ପାଇକ, ଜା. ସୁଦ ପାଇକ, ବା.ନିଜଗାଁ |
| ୭୮/୨୮ | ୧୧୭ | ୦.୧୦ | ୦.୧୦ | ଶାରଦ ତିନି | ପ୍ରମୋଦ କୁମାର ରାଉତ, ପି. ଲିଙ୍ଗରାଜ ରାଉତ, ଜା. ଚଷା, ବା. ବାସେଳୀହତା, ପୋ. ବାଲିଝରୀ, ଥା. କାନପୁର. ଜି. କଟକ |
| | ୧୧୭/ ୧୧୫୦ | ୦.୯୦ | ୦.୯୦ | ତଇଲା | |
| ୨୪ | ୧୨/ ୧୨୬୭ | ୨.୦୦ | ୨.୦୦ | ତଇଲା | ଦୁର୍ଯ୍ୟୋଧନ ପ୍ରଧାନ, ପି. ଗୁରୁବାରି ପ୍ରଧାନ, ଜା. କନ୍ଧ, ବା. ନିଜଗାଁ |
| ୨୯ | ୧୨ /୧୨୬୯ | ୧.୫୦ | ୧.୫୦ | ତଇଲା | ନୀଳକଣ୍ଠ ଜାନି, ପି. ପରିକ୍ଷିତ ଜାନି, ଜା. କନ୍ଧ, ବା. ନିଜଗାଁ |
| ୩୦ | ୧୧୫ | ୦.୫୦ | ୦.୫୦ | ଶାରଦ ଦୁଇ | ପଙ୍କଜ ପାଇକ, ପି. ଲିଙ୍ଗରାଜ ପାଇକ, ଜା. ସୁଦ, ବା. ନିଜଗାଁ |
| | ୧୧୬ | ୦.୫୦ | ୦.୫୦ | ଶାରଦ ତିନି | |
| ୩୨ | ୫୨ | ୦.୧୨ | ୦.୧୨ | ଘରବାରି (ବାରି) | ପଙ୍କଜ ପାଇକ, ବ୍ରଜବନ୍ଧୁ ପାଇକ, ପି. ଲିଙ୍ଗରାଜ ପାଇକ, ତ୍ରିଲୋଚନ ପାଇକ, ଗୋବର୍ଦ୍ଧନ ପାଇକ, ଦିନବନ୍ଧୁ ବାଇକ, ପି. ବିଶୁନ ପାଇକ, ଜା. ସୁଦ ପାଇକ, ବା. ନିଜଗାଁ |
| | ୫୩ | ୦.୦୩ | ୦.୦୩ | ଘରବାରି (ବାରି) | |
| | ୫୪ | ୦.୦୬ | ୦.୦୬ | ଘରବାରି (ବାରି) | |
| | ୫୫ | ୦.୦୪ | ୦.୦୪ | ଘରବାରି (ବାରି) | |
| ୪୨ | ୮୫ | ୧.୫୦ | ୧.୫୦ | ଶାରଦ ଦୁଇ | ଭ୍ରମର ଜାନି, ପି. ହଟ ଜାନି, ଜା. କନ୍ଧ, ବା. ନିଜଗାଁ |
| ୫୧ | ୭୧ | ୦.୧୨ | ୦.୧୨ | ଘରବାରି (ବାରି) | ମାଧବ ନାୟକ, ପି. ଦୁଃଶାସନ ନାୟକ, ଜା. ଦଳଖଣ୍ଡାୟତ, ବା. ଶ୍ୟାମସୁନ୍ଦରପୁର |
| | ୭୨ | ୦.୧୦ | ୦.୧୦ | ରାସ୍ତା (ଘରୋଇ ରାସ୍ତା) | |
| | ୭୩ | ୦.୨୧ | ୦.୨୧ | ଶାରଦ ଦୁଇ | |
| | ୧୧୨ | ୦.୧୨ | ୦.୧୨ | ଶାରଦ ଦୁଇ | |
| | ୧୧୩ | ୦.୦୫ | ୦.୦୫ | ଶାରଦ ଦୁଇ | |
| | ୧୨୦ | ୦.୧୨ | ୦.୧୨ | ଶାରଦ ଦୁଇ | |
| | ୧୨୧ | ୦.୨୪ | ୦.୨୪ | ପତିତ | |
| ୫୨ | ୮୬ | ୧.୮୦ | ୧.୮୦ | ତଇଲା | ମିଟୁ ଜାନି, ପି. ଦିନା ଜାନି, ଜା. କନ୍ଧ, ବା. ନିଜଗାଁ |
| ୫୩ | ୩୪ | ୦.୧୩ | ୦.୧୩ | ଶାରଦ ତିନି | ମିଟୁ ଜାନି, ଦେବ ଜାନି, ପି. ଦିନା ଜାନି, ଲୋଚନ ଜାନି, ଝେଟନ ଜାନି, ପି. ଦଣ୍ଡଧର ଜାନି, ଗୋବିନ୍ଦ ଜାନି, ପି. ପତର ଜାନି, କଣ୍ଡ ଜାନି, ପି. ପରିକ୍ଷିତ ଜାନି, ଖରିକା ପଧାନ, ସ୍ୱା. ସଙ୍ଗାଳି ପଧାନ, ଯୁଗଳ ପଧାନ, କମଳା ପଧାନ, ପି. ସଙ୍ଗାଳି ପଧାନ, ଇନ୍ଦ୍ରମଣି ପଧାନ, ପି. ଈଶ୍ୱର ପଧାନ, ଜା. କନ୍ଧ, ବା. ନିଜଗାଁ |
| | ୩୭ | ୦.୨୩ | ୦.୨୩ | ଶାରଦ ତିନି | |
| | ୩୮ | ୦.୦୭ | ୦.୦୭ | ଶାରଦ ଦୁଇ | |
| | ୩୯ | ୦.୦୯ | ୦.୦୯ | ଶାରଦ ତିନି | |
| | ୪୦ | ୦.୩୩ | ୦.୩୩ | ଶାରଦ ତିନି | |
| | ୪୧ | ୦.୦୭ | ୦.୦୭ | ଶାରଦ ତିନି | |
| | ୪୨ | ୦.୧୧ | ୦.୧୧ | ଶାରଦ ଦୁଇ | |
| | ୪୩ | ୩.୨୧ | ୧.୧୫ | ତଇଲା | |
| | ୮୧ | ୦.୩୯ | ୦.୩୯ | ଶାରଦ ଦୁଇ | |
| | ୮୩ | ୦.୦୫ | ୦.୦୫ | ଶାରଦ ଦୁଇ | |
| | ୮୪ | ୦.୦୯ | ୦.୦୯ | ଶାରଦ ତିନି | |
| | ୮୨/ ୧୨୧୭ | ୦.୨୫ | ୦.୨୫ | ଶାରଦ ଦୁଇ | |
| ୫୯ | ୧୨୬ | ୦.୧୮ | ୦.୧୮ | ଶାରଦ ଦୁଇ | ରବୀନ୍ଦ୍ର ପାଇକ, ଶେଷଦେବ ପାଇକ, ପି. ବଂଶୀ ପାଇକ, କଇନ୍ତା ପାଇକ, ସ୍ୱା. ବଂଶୀ ପାଇକ, ଜା. ସୁଦ, ବା. ନିଜଗାଁ |
| ୬୦ | ୧ | ୬.୫୮ | ୬.୫୮ | ତଇଲା | ରବୀନ୍ଦ୍ର ନାଥ ଦଳେଇ, ଅନନ୍ତ ଚରଣ ଦଳେଇ, ରୋହିତ ଦଳେଇ, ପି. ଗୁଣ୍ଡିଚା ଦଳେଇ, ଶତ୍ରୁଘ୍ନ ଦଳେଇ, ପି. ରଘୁନାଥ ଦଳେଇ, ନାରାୟଣ ଦାସ, ପି.ଫକିର ମହାପାତ୍ର, ଲକ୍ଷ୍ମଣ ହାତୀ, ପି. ରଘୁ ହାତୀ, ଜା. କୈବର୍ତ୍ତ, ବିଶ୍ୱନାଥ ମହାରଣା, ପି. ନୀଳମଣି ମହାରଣା, ଜା. ବଢ଼େଇ, ରମେଶ ବାରିକ, ପି. ଦୁଆରି ବାରିକ, ଜା. ଭଣ୍ଡାରି, ବିଶ୍ୱନାଥ ରାଉତ, ପି. ଗୋବିନ୍ଦ ରାଉତ, ଦୁଆରି ରାଉତ, ଅଲେଖ ରାଉତ, ପି. ପରେଇ ରାଉତ, ଲକ୍ଷ୍ମଣ ରାଉତ, ପି. ମାଧବ ରାଉତ, ପ୍ରହ୍ଲାଦ ନାୟକ, ପି. ଭରତ ନାୟକ, ଫକିର ନାୟକ, ପି. ସନାତନ ନାୟକ, ଉଦ ନାୟକ, ମାନ ନାୟକ, ପି. ଖଳେଶ୍ୱର ନାୟକ, ନରସିଂହ ରାଉତ, ପି. ଧର୍ମା ରାଉତ, ସୁଦର୍ଶନ ରାଉତ, ପି. ନରସିଂହ ରାଉତ, ଶଚ୍ଚିଦାନନ୍ଦ ନାୟକ, ପି. ଉଦ୍ଧବ ନାୟକ, ମଥୁରା ନାୟକ, ପି. ଦିନବନ୍ଧୁ ନାୟକ, କବିର ନାୟକ ପି. ଦାମ ନାୟକ, ଶେଷଦେବ ନାୟକ, ଆନନ୍ଦ ନାୟକ, ଦୁଃଶାସନ ନାୟକ, ପି. ପବନି ନାୟକ,ଜା. ଖଣ୍ଡାୟତ, ବା. ବାଲିଝରି |
| | ୮ | ୦.୫୧ | ୦.୫୧ | ତଇଲା | |
| | ୧୩ | ୧୫.୯୧ | ୧୫.୯୧ | ତଇଲା | |
| ୬୨ | ୧୨/ ୧୨୭୦ | ୧.୫୦ | ୧.୫୦ | ତଇଲା | ଲିଙ୍ଗରାଜ ପଧାନ, ପି. ଦଇତାରି ପଧାନ, ଜା. କନ୍ଧ, ବା. ନିଜଗାଁ |
| ୬୩ | ୨୫ | ୦.୪୯ | ୦.୪୯ | ଶାରଦ ଦୁଇ | ଲୋଚନ ଜାନି, ପି. ଦଣ୍ଡଧର ଜାନି, ଜା. କନ୍ଧ, ବା. ନିଜଗାଁ |
| | ୨୭ | ୧.୦୯ | ୦.୫୦ | ଶାରଦ ଦୁଇ | |
| ୭୪ | ୨୧ | ୫.୦୨ | ୫.୦୨ | ତଇଲା | ସ୍ୱପ୍ନେଶ୍ୱର ନାୟକ, ପି. ଅନନ୍ତ ନାୟକ, ଜା. ଖଣ୍ଡାୟତ, ବା. କୁରାଞ୍ଜି |
| | ୨୪ | ୦.୨୩ | ୦.୨୩ | ତଇଲା | |
| ୭୫ | ୨୨ | ୭.୫୨ | ୭.୫୨ | ତଇଲା | ସୌଦାମିନି ଦାଶ, ସ୍ୱା. ସଦାନନ୍ଦ ଦାଶ, ଜା. ବ୍ରାହ୍ମଣ, ବା. ମୁଳିଆପଡ଼ା ଶାସନ |
| | ୨୩ | ୦.୩୬ | ୦.୩୬ | ତଇଲା | |
| ୭୭ | ୭୫ | ୦.୩୩ | ୦.୩୩ | ଶାରଦ ଦୁଇ | ହଟ ଜାନି, ବଳଭଦ୍ର ଜାନି, କୃଷ୍ଣ ଜାନି, ପି. କପିଳ ଜାନି, ଜା. କନ୍ଧ, ବା. ନିଜଗାଁ |

ମୋଟ ରକବା = ଏ.୯୪.୪୮ ଏ.୮୯.୭୩

OIPR-24178/14/0011/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାପ୍ତାହିକ ଖବରକାଗଜ ପ୍ରତିଜ୍ଞାର ବାର୍ଷିକୋତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଜାତୀୟ ଉପଭୋକ୍ତା ଦିବସର ରାଜ୍ୟସ୍ତରୀୟ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୭ମ ପ୍ରାନ୍ତୀୟ ଅଧିବେଶନ, ସୋଆ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ମଧ୍ୟାହ୍ନ ୧୨ଟା ୩୦।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ସାରସ୍ୱତ ସମାଜର ୧୩ତମ ସ୍ୱନକ୍ଷତ୍ର ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୩ଟା ୩୦।
- ବନ୍ଧୁଘର ସାହିତ୍ୟ ପିଣ୍ଡାର ସାହିତ୍ୟ ଆସର, ଅନୁଷ୍ଠାନ ପରିସର, ସମ୍ ହସ୍ପିଟାଲ ଛକ ନିକଟ, ଅପରାହ୍ନ ୪ଟା।
- ଶ୍ୱେତ ସଙ୍କେତର ମାସିକ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ, ଅପରାହ୍ନ ୫ଟା ୩୦।
- ପ୍ରଥମ ପ୍ରବାସୀ ନୃତ୍ୟ ସଙ୍ଗମ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।
- ଗୀତ ଗୀତିକାର ୧୩ତମ ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ଯୋଗିନୀ ପୀଠ ପରିସର, ହୀରାପୁର, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ମା' ଗେହ୍ଲାଦେବୀ ପାଲା ଅନୁଷ୍ଠାନ ପକ୍ଷରୁ ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ସମ୍ମିଳନୀ, ସୁନ୍ଦରାପାଟଣା- ରୁଦ୍ରପୁର ଗ୍ରାମର ସରସ୍ୱତୀ ଶିକ୍ଷା ମନ୍ଦିର ନିକଟ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ନବମ ବାର୍ଷିକ ସାଇ ନାମ ସଂକୀର୍ତ୍ତନର କଳସ ଯାତ୍ରା ଓ ଘଟ ସ୍ଥାପନ, ରଙ୍ଗବଜାର ନିକଟ ଇନ୍ଦ୍ରପାଳର ଶ୍ରୀସାଇ କ୍ଷେତ୍ରପାଳ ସେବାଶ୍ରମ, ଅପରାହ୍ନ ୩ଟା।
- ଶ୍ରୀମଦ୍ ଭାଗବତ ପୁରାଣ ଉପରେ ପ୍ରବଚନ, ଗଡ଼ନହରକଣ୍ଟାସ୍ଥିତ ମହାଦେବଙ୍କ ସଭାମଣ୍ଡପ, ସନ୍ଧ୍ୟା ୬ଟା।

ଡିଗିରିଆ

- ଆର୍‌ପି ଆବାସିକ ମାଧମିକ ବିଦ୍ୟାଳୟର ୧୧ ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ୮ ମ ବାର୍ଷିକ ପାଝଗାଁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ପାଝଗାଁ ମିନି ଷ୍ଟାଡିୟମ, ଅପରାହ୍ନ ୩ଟା।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଉଦ୍‌ଘାଟିତ ୨ ଦିନିଆ 'ପ୍ରଥମ ପ୍ରବାସୀ ନୃତ୍ୟ ସଙ୍ଗମ'ରେ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ। ଅତିଥିମାନେ କୁମ୍‌କୁମ୍ ମହାନ୍ତିଙ୍କୁ 'ପ୍ରଥମ ପ୍ରବାସୀ ନୃତ୍ୟ ସଙ୍ଗମ ସମ୍ମାନ' ପ୍ରଦାନ କରୁଛନ୍ତି।

# କୁମ୍‌କୁମ୍ ମହାନ୍ତିଙ୍କୁ 'ପ୍ରଥମ ପ୍ରବାସୀ ନୃତ୍ୟ ସଙ୍ଗମ ସମ୍ମାନ'

**ଭୁବନେଶ୍ୱର,୨୩।୧୨(ଶର୍ମିଷ୍ଠା ପାଣିଗ୍ରାହୀ)**

### ପ୍ରବାସୀ ନୃତ୍ୟ ସଙ୍ଗମ ଉଦ୍‌ଘାଟିତ

**ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ 'ଆନ୍ତର୍ଜାତିକ ଆଇକନ' ଓ ଜ୍ୟୋତି ରାଉତଙ୍କୁ 'ପ୍ରବାସୀ ନୃତ୍ୟ ଗୁରୁ ସମ୍ମାନ'**

ଓଡିଶା ପରିବାର ନିର୍ଦ୍ଦେଶାଳୟ ଓ ଆମେରିକାସ୍ଥିତ ନୃତ୍ୟ ସାଧନା ସଂସ୍ଥା ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ସହଯୋଗରେ 'ପ୍ରଥମ ପ୍ରବାସୀ ନୃତ୍ୟ ସଙ୍ଗମ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ନୃତ୍ୟ ସାଧନା ନିର୍ଦ୍ଦେଶକ ଡ. ତାପସୀ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ପ୍ରଥମ ପ୍ରବାସୀ ନୃତ୍ୟ ସଙ୍ଗମ ସମ୍ମାନ', ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ 'ଆନ୍ତର୍ଜାତିକ ଆଇକନ' ଓ ଜ୍ୟୋତି ରାଉତଙ୍କୁ 'ପ୍ରବାସୀ ନୃତ୍ୟ ଗୁରୁ ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି ନୃତ୍ୟ ସାଧନା ସଂସ୍ଥାର ତପସ୍ୟା ରାୟଙ୍କୁ ପ୍ରବାସୀ ଯୁବ ପ୍ରତିଭା ଓ ପ୍ରୀତିଶା ମହାପାତ୍ରଙ୍କୁ 'ଯୁବ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଗୁରୁ ସିକତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ନୃତ୍ୟଶିଳ୍ପୀମାନେ ପାରମ୍ପରିକ ନୃତ୍ୟ ସହ ଏକକ ଓ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସୁଚିଲଗ୍ନା ପାଣିଗ୍ରାହୀ ଓ ତାଙ୍କ ସାଥୀ ଉଦ୍‌ଘାଟନୀ ନୃତ୍ୟ ପରିବେଷଣ କରିଥିବାବେଳେ ରାଜେନ୍ଦ୍ର ପ୍ରସାଦ ଓ ତାଙ୍କ ଦଳ ଯୋଡ଼ିଶଙ୍ଖ ନୃତ୍ୟ ପରିବେଷଣ କରିଥିଲେ। ପରେ ଓଡ଼ିଶୀରେ ସୁଚିଲଗ୍ନା ପାଣିଗ୍ରାହୀ, ଜ୍ୟୋତି ରାଉତ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ସୁଜାତା ମହାପାତ୍ର ଓ ସାଥୀ, ଡ. ଗଜେନ୍ଦ୍ର ପଣ୍ଡା ଓ ସାଥୀ, ଶାଶ୍ୱତ ଜୋଷୀ ଓ ସାଥୀ, ରୁଦ୍ରାକ୍ଷ ଗ୍ରୁପ, ଗୋଟିପୁଅରେ ଗୌତମ ମହାପାତ୍ର ଓ ଗ୍ରୁପ୍ ପ୍ରଦର୍ଶନ ରଖିଥିଲେ। ବିଶ୍ୱଜିତ ବଳିୟାରସିଂ ମଞ୍ଚ ସଞ୍ଚାଳନ କରିଥିଲେ।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

**ପୁରୀ,୨୩।୧୨(ଅଜିତ୍ ମହାନ୍ତି):** ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଣ୍ଡିଆନ୍ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ପ୍ରଥମେ ଚତୁର୍ଦ୍ଧାବିଗ୍ରହ ଓ ପରେ ଭିତରବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ସେଠାରେ ବିତାଇବା ପରେ ଫେରିଆସିଥିଲେ। ଏହାପରେ ସେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବା ସହ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଭକ୍ତଙ୍କ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଆଦି ନିମନ୍ତେ ପଦକ୍ଷେପ ନିଆଯାଉଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ସହ ମଠଗୁଡ଼ିକର ପୁନରୁଦ୍ଧାର କାମ ଅନୁଧ୍ୟାନ କରିଥିଲେ। ପ୍ରଶାସନ ପକ୍ଷରୁ ନିର୍ମାଣ ଚାଲିଥିବା ଶ୍ରୀଦାଣ୍ଡ ବା ଶ୍ରୀମାର୍ଗ ରାସ୍ତାରେ ଯାଇ କାର୍ଯ୍ୟ ତ୍ୱରାନ୍ୱିତ ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିପରି ଭକ୍ତଙ୍କ ପାଇଁ ନିର୍ମାଣାଧୀନ ଏସି ଶେଡ୍ କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳକୁ ଯାଇ ସେଠାରେ ନିର୍ମାଣ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ମ୍ୟାପ୍ ଦେଖି କାର୍ଯ୍ୟର ଅଗ୍ରଗତି ନେଇ ୫-ଟି ଅଧ୍ୟକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିବା ସୂଚନା ମିଳିଛି।



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପୁରୀରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରବିନ୍ଦ



@ ବାପୁନ



@ ଦୀପକ



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ସାମାଜିକ ନ୍ୟାୟ ଏବଂ
ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ

**ବର୍ଷ ୨୦୨୩-୨୪ ପାଇଁ ଏସ୍‌ସି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା**
**ଅଧୀନରେ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ଉପେକ୍ଷିତ ସମୂହ ପାଇଁ ବିଦ୍ୟାଳୟ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ**

## ୨୬ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି

ସମ୍ପର୍କରେ ଘୋଷଣା କରୁଛନ୍ତି

| ଯୋଗ୍ୟତା | ପରିସର | ହକ୍‌ଦାରିତା |
|---|---|---|
| ଉପାଦାନ – ୧<br>• ଏସ୍‌ସି ବର୍ଗର ଛାତ୍ରଛାତ୍ରୀ<br>• ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଶ୍ରେଣୀ ୯ମ ଓ ୧୦ମରେ ପଢୁଥିବା ବିଦ୍ୟାର୍ଥୀ<br>• ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ ରୁ ₹୭୦୦୦ର ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |
| ଉପାଦାନ – ୨<br>• ଏପରି ଛାତ୍ରଛାତ୍ରୀ ଯେଉଁମାନଙ୍କର ପିତାମାତା/ଅଭିଭାବକ ସଫେଇ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଧନ୍ଦାରେ ନିୟୋଜିତ ହୋଇଥିବେ ।<br>• ଆୟ ସମ୍ବନ୍ଧୀୟ କୌଣସି ମାନଦଣ୍ଡ ନାହିଁ । | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ<br>• ଦରଖାସ୍ତଗୁଡ଼ିକ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ ।<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ରୁ ₹୮୦୦୦ ପର୍ଯ୍ୟନ୍ତ ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ

**http://socialjustice.gov.in/schemes/23**

cbc 38101/11/0056/2324



DADLS - 63



## ଜାତୀୟ ଉପଭୋକ୍ତା ଦିବସ-୨୦୨୩
## ବାର୍ତ୍ତା

ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି ।

ଉପଭୋକ୍ତାମାନଙ୍କର ଦୈନନ୍ଦିନ ଜୀବନରେ ଘଟୁଥିବା ଖାଉଟି ସମ୍ବନ୍ଧୀୟ ଅସୁବିଧାକୁ ଦୂର କରିବା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର: ୧୮୦୦-୩୪୫୬-୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର: ୧୯୬୭ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ କାର୍ଯ୍ୟ କରୁଅଛି । ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା 'ଜାତୀୟ ଉପଭୋକ୍ତା ଦିବସ ୨୦୨୩' ର ବାର୍ତ୍ତା ହେଉଛି – 'ଇ-ବାଣିଜ୍ୟ ଓ ଡିଜିଟାଲ ବ୍ୟବସାୟ ଯୁଗରେ ଖାଉଟି ସୁରକ୍ଷା' ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ଅତନୁ ସବ୍ୟସାଚୀ ନାୟକ)
ମନ୍ତ୍ରୀ

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ**

OIPR-07001/13/0010/2324

## ସଂକ୍ଷେପରେ

### ଭୁବନେଶ୍ୱରରେ ସିବିଆଇ ଅତିରିକ୍ତ ନିର୍ଦ୍ଦେଶକ

ଭୁବନେଶ୍ୱର,୨୩।୧୨(ସୂର୍ଯ୍ୟକାନ୍ତ ବେହେରା)

ସିବିଆଇର ଅତିରିକ୍ତ ନିର୍ଦ୍ଦେଶକ ମନୋଜ ଶଶିଧର ଶନିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କର ଏହି ଗସ୍ତର କାରଣ ସମ୍ପର୍କରେ ସୂଚନା ମିଳି ନ ଥିଲେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛି ପୁରୁଣା ଫାଇଲ୍ ଖୋଲିପାରେ ଆଶଙ୍କା କରାଯାଉଛି। ସେହିପରି ମଦ ବେପାରୀଙ୍କଠାରୁ ଆଇଟି ବିଭାଗ ଜବତ କରିଥିବା ୩୫୧ କୋଟି ଟଙ୍କା ସଂକ୍ରାନ୍ତରେ ଶଶିଧର ଏଠାକୁ ଆସିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

### ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୩।୧୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟ -୩ର ବିଚାରପତି ପୂଜା ଜୈନ ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଯାଇଥିବା ଏକ ଚୋରି ମାମଲାର ବିଚାର କରି ଅଭିଯୁକ୍ତ ସୁରେଶ ନାୟକ, ଦିଲୀପ ବିଷୋୟୀ ଓ କାହ୍ନା ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଛନ୍ତି। ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ୩ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲଦଣ୍ଡାଦେଶ ଶୁଣାଇବା ସହ ୫୦୦ ଟଙ୍କା ଜାରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ ଓ ସରୋଜ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଗତ ଜୁନରେ ଅଭିଯୁକ୍ତମାନେ ଜଣେ ବ୍ୟକ୍ତିଙ୍କ ଘରୁ ମୋଟରସାଇକେଲ, ଏଲିଡି ଟିଭି, କ୍ୟାମେରା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ।

**ଗାଡ଼ି ଦେବ ନାଁରେ ବହୁ କୋଟି ଠକେଇ ମାମଲା**

### ସରିଲା ରିମାଣ୍ଡ, ଜେଲ ଫେରିଲେ ଅକ୍ଷୟ

ଭୁବନେଶ୍ୱର,୨୩।୧୨(ସୂର୍ଯ୍ୟକାନ୍ତ ବେହେରା)

ଅଧା ଦାମରେ କାର ଓ ବାଇକ ଦେବାର ପ୍ରଲୋଭନ ଦେଖାଇ ଶତାଧିକ ଲୋକଙ୍କଠାରୁ ଗଞ୍ଜାମ ଦମ୍ପତି ଅକ୍ଷୟ ଗୌଡ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ବାରିକ ବହୁ କୋଟି ଟଙ୍କା ଠକିବା ମାମଲାରେ ନୟାପଲ୍ଲୀ ଥାନା ପୋଲିସ ତଦନ୍ତ ଜାରି ରଖିଛି। ତେବେ ଠକେଇ ର୍‌ୟାକେଟ ସହ ସେ ଠୁଳ କରିଥିବା ସମ୍ପତ୍ତିର ଉତ୍ସ ଜାଣିବା ପାଇଁ ପୋଲିସ ଅଭିଯୁକ୍ତ ଅକ୍ଷୟଙ୍କୁ ଦିନିକିଆ ରିମାଣ୍ଡରେ ଆଣି ମାରାଥନ ଜେରା କରିଥିଲେ ମଧ୍ୟ ସେମିତି କିଛି ତଥ୍ୟ ହାସଲ କରିପାରି ନ ଥିବା ଜଣାପଡିଛି। ଶନିବାର ରିମାଣ୍ଡ ଅବଧି ସରିବା ପରେ ପୋଲିସ ତାଙ୍କୁ କୋର୍ଟରେ ହାଜର କରିଥିଲା। ସେଠାରୁ ତାଙ୍କୁ ପୁଣି ଜେଲ୍‌କୁ ପଠାଇ ଦିଆଯାଇଛି।

# ‘ଖାଲି ପଡ଼ିଥିବା ସରକାରୀ ଜାଗା ଚିହ୍ନଟ କର’

ଭୁବନେଶ୍ୱର, ୨୩।୧୨ (ବନ୍ଦନା ସେଠୀ)




ଭୁବନେଶ୍ୱର ମହାନଗର ନିଗମରେ ଥିବା ଅନେକ ଖାଲି ଜାଗାକୁ ସାଧାରଣ ଲୋକେ ମାଡି ବସୁଛନ୍ତି। ବିଶେଷକରି ସରକାରୀ ଜାଗାରେ ଦୋକାନ ବଜାର ସହିତ ଅନେକ ଲୋକ ଘର କରି ରହୁଛନ୍ତି। ତେଣୁ ଜବରଦଖଲରୁ ବଞ୍ଚାଇବା ପାଇଁ ଖାଲି ପଡିଥିବା ସରକାରୀ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଜନସାଧାରଣଙ୍କ ପାଇଁ ମିନି ପାର୍କ, ଖେଳପଡିଆ କିମ୍ବା ଅନ୍ୟାନ୍ୟ ନିର୍ମାଣ କରାଯିବ। ତେବେ ଏହି ସରକାରୀ ସ୍ଥାନ ଚିହ୍ନଟ କରିବା ଦାୟିତ୍ୱ ବିଏମ୍‌ସିର ୱାର୍ଡ ଅଫିସରଙ୍କ ମୁଣ୍ଡରେ ପଡିଛି। ଏହାକୁ ନେଇ ଏବେ ୱାର୍ଡ ଅଫିସରଙ୍କର ଭାଳେଣି ପଡିଛି। ହାତରେ ମାତ୍ର ଆଉ ୩ମାସ ସମୟ ଥିବାବେଳେ ରାଜସ୍ୱ ଆଦାୟ ପାଇଁ ଲାଗିବେ ନା ୱାର୍ଡ ବୁଲି ଖାଲି ସ୍ଥାନ ଚିହ୍ନଟ କରିବେ ସେ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି।

ଭୁବନେଶ୍ୱର ମହାନଗର ନିଗମରେ ମୋଟ୍ ୬୭ଟି ୱାର୍ଡ ଥିବାବେଳେ ୩୪ଜଣ ୱାର୍ଡ ଅଫିସର ଥିଲେ। ଗତ କିଛିଦିନ ତଳେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ତଥା ରାଜସ୍ୱ ଆଦାୟରେ ନଗଣ୍ୟ ପ୍ରଦର୍ଶନ ପାଇଁ ଜଣେ ୱାର୍ଡ ଅଫିସରଙ୍କୁ ସସ୍‌ପେଣ୍ଡ କରାଯାଇ ଥିବାରୁ ଏବେ ଏହି ସଂଖ୍ୟା ୩୩ରେ ପହଞ୍ଚିଛି। ତେଣୁ ପ୍ରତି ଜଣେ ୱାର୍ଡ ଅଫିସରଙ୍କୁ ୨ଟି ଲେଖାଏ ୱାର୍ଡର ଦାୟିତ୍ୱ ତୁଲାଇବାକୁ ପଡୁଛି। ଏଥିସହ ସଫେଇ କାର୍ଯ୍ୟ ତନଖି କରିବା, ଷ୍ଟ୍ରିଟ୍ ଲାଇଟ୍ ଦେଖିବା, ଡ୍ରେନ୍ ସଫା କାମ ତନଖି କରିବା ଠାରୁ ଆରମ୍ଭ କରି ଭତ୍ତା ବଣ୍ଟନ, ଭୋଟର କାର୍ଡ ସଂଶୋଧନ ଭଳି ବିଭିନ୍ନ କାର୍ଯ୍ୟର ଭାର ୱାର୍ଡ ଅଫିସରଙ୍କୁ ଦିଆଯାଉଛି। ଫଳରେ ସେମାନଙ୍କର ମୁଖ୍ୟ ଦାୟିତ୍ୱ ରାଜସ୍ୱ ଆଦାୟ ଠିକ୍ ଭାବେ ହୋଇ ପାରୁନାହିଁ। ଚଳିତ ବର୍ଷ କେବଳ ହୋଲ୍ଡିଂ ଟିକସ ଆଦାୟ ଲକ୍ଷ୍ୟ ୧୧୫କୋଟି ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଡିସେମ୍ବର ଶେଷ ସୁଦ୍ଧା ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟର ଏକ ତୃତୀୟାଂଶ ମଧ୍ୟ ଛୁଇଁପାରି ନାହିଁ। ଏପରି ସ୍ଥିତିରେ ୱାର୍ଡ ବୁଲି ସରକାରୀ ଖାଲି ସ୍ଥାନ ଚିହ୍ନଟ କରିବା ସେମାନଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ବିଡିଏ (ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ) ପକ୍ଷରୁ ‘ଆମ ଭୂମି’ ଯୋଜନା ଅନ୍ତର୍ଗତ ୱାର୍ଡ ଅଫସରଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଜାଗା ଚିହ୍ନଟ କରି ଜଣାଇବା ପରେ ଅମିନ ସେଠାକୁ ଯାଇ ମାପଚୁପ କରିବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ କିଛି ୱାର୍ଡ ଅଫିସର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ବିଡିଏର ନିଜ ଅଧିକାରୀ ଏବଂ ବିଏମ୍‌ସିର ଭୂବିଭାଗରେ ହେଡ୍ ଅମିନ, ଆରଆଇ, ଚେନ୍‌ମ୍ୟାନ୍ ଥିବାବେଳେ ୱାର୍ଡ ଅଫିସରମାନେ ନିଜ କାମ ଛାଡି ତହସିଲଦାର କାମ କାହିଁକି କରିବେ ବୋଲି କିଛି ୱାର୍ଡ ଅଫିସରମାନେ ପ୍ରଶ୍ନ କରିଛନ୍ତି। ପୁଣି ଧାର୍ଯ୍ୟ ସମୟ ମଧ୍ୟରେ ରାଜସ୍ୱ ଆଦାୟର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀ ନିର୍ଦ୍ଦେଶ ଦେଇଥିବା କାମ ନ କଲେ କିମ୍ବା ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ନ ହେଲେ ସସ୍‌ପେଣ୍ଡ, ବଦଳି ନଚେତ୍ ଦରମା ବନ୍ଦର ଚେତାବନୀ ଦିଆଯାଉଛି। ତେଣୁ କେତେବେଳେ କୋଉ କାମ କରିବେ ସେ ନେଇ ଏବେ ହରଡ଼ଘଣାରେ ପଡିଛନ୍ତି। ଗୋଟେପଟେ ବିଏମ୍‌ସି ଆବଶ୍ୟକ ସଂଖ୍ୟକ ୱାର୍ଡ ଅଫିସର ନିଯୁକ୍ତ କରୁ ନ ଥିବାବେଳେ ନିଜର ସମସ୍ତ ଯୋଜନାର ସଫଳ ରୂପାୟନ ଦାୟିତ୍ୱ ସେମାନଙ୍କ ଉପରେ ଲଦି ଦେଇ ଖସି ଯାଉଥିବା ଅଭିଯୋଗ ହେଉଛି।

**ୱାର୍ଡ ଅଫିସରଙ୍କ ମୁଣ୍ଡରେ ଆଉ ଏକ ବୋଝ**

## ସୂର୍ଯ୍ୟସ୍ନାତାଙ୍କୁ ‘ଦିଲ୍ଲୀ ଷ୍ଟାର୍ ଆୱାର୍ଡ’

ଭୁବନେଶ୍ୱର, ୨୩।୧୨(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଆ କଳାକାର ଡ. ସୂର୍ଯ୍ୟସ୍ନାତା ମହାନ୍ତିଙ୍କୁ ‘ଦି ଇନୋଭେଟର ଅଫ୍ ଦି ଇୟର’ ବର୍ଗରେ ମର୍ଯ୍ୟାଦାଜନକ ଦିଲ୍ଲୀ ଷ୍ଟାର୍ ଆୱାର୍ଡ-୨୦୨୩ରେ ସମ୍ମାନିତ କରାଯାଇଛି। ଅଧିକାର ମଞ୍ଚ ଏବଂ ପଞ୍ଜାବ କେଶରୀ ଗଣମାଧ୍ୟମ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ଏହି ପୁରସ୍କାର ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥାଏ। ମହାନ୍ତିଙ୍କ ହାତରେ ଚିତ୍ରିତ ‘କଳସ’ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା। ଦେଶର ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ‘ମେରି ମାଟି ମେରା ଦେଶ’ ଅଭିଯାନରେ ଏହାକୁ ଶ୍ରେଷ୍ଠ କଳସ ଭାବେ ଚୟନ କରିଥିଲେ। ଏଥିରେ ଓଡ଼ିଶାର ପାରମ୍ପରିକ ‘ଝୋଟି ଓ ଚିତା’ କଳା ସ୍ଥାନ ପାଇଥିଲା। ଦେଶର କଳା ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରଦର୍ଶିତ କରିବା ପାଇଁ ଭାରତ ସରକାରଙ୍କ ଏକ ପ୍ରମୁଖ ପ୍ରକଳ୍ପ ଇଣ୍ଡିଆ ଆର୍ଟ ଆର୍କିଟେକ୍ଚର ଆଣ୍ଡ୍ ଡିଜାଇନ ବିଏନାଲେ (ଆଇଏଏଡିବି)ରେ ତାଙ୍କର କଳା ଦକ୍ଷତା ପ୍ରଦର୍ଶନ କରାଯାଇଛି। ଡ. ମହାନ୍ତି ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟ ଓ କିସ୍‌ର ଯୁଗ୍ମ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଛନ୍ତି।

## ଏସ୍‌ପ୍ଲାନେଡ୍ ମଲ୍‌ରେ ୪୯ ଫୁଟ ଉଚ୍ଚର ଖ୍ରୀଷ୍ଟମାସ ଟ୍ରି



ଭୁବନେଶ୍ୱର, ୨୩।୧୨(ଅନୁରାଧା ମହାରଣା)

ନେକ୍ସସ ଏସ୍‌ପ୍ଲାନେଡ୍ ମଲ୍‌ରେ ୪୯ ଫୁଟ୍ ଉଚ୍ଚର ଖ୍ରୀଷ୍ଟମାସ ଟ୍ରି ପ୍ରଦର୍ଶିତ ହୋଇଛି। ଏହାକୁ ମଲ୍‌ର ସେଣ୍ଟର ଡାଇରେକ୍ଟର ପାର୍ଥ ପ୍ରତୀମ ନାୟକ ଉଦ୍‌ଘାଟନ କରିଥିଲେ। ମଲ୍‌ର ସମସ୍ତ ଟିମ୍ ମେମ୍ବର, ଖୁଚୁରା ବ୍ୟବସାୟୀ, ଗ୍ରାହକ, ବ୍ଲଗରଙ୍କ ଉପସ୍ଥିତିରେ ଏହି ଖ୍ରୀଷ୍ଟମାସ ଟ୍ରି ଲଞ୍ଚ ହୋଇଥିଲା। ଏହି ଅବସରରେ ପାର୍ଥ ପ୍ରତିମ କହିଛନ୍ତି, ସେ ଏହି ଉଚ୍ଚତମ ଖ୍ରୀଷ୍ଟମାସ ଟ୍ରି ଲଞ୍ଚ କରି ଖୁସି ଅଛନ୍ତି ଓ ମଲକୁ ଆସୁଥିବା ସମସ୍ତ ଗ୍ରାହକଙ୍କୁ ଏହା ଆକୃଷ୍ଟ କରିବ। ନେକ୍ସସ ଏସ୍‌ପ୍ଲାନେଡ୍‌ରେ ଖ୍ରୀଷ୍ଟମାସ କାର୍ନିଭାଲ ମାସଟି ଗ୍ରାହକଙ୍କ ପାଇଁ ଶପିଂ ଉପରେ ରୋମାଞ୍ଚକର ଉପହାର ସହିତ ଗ୍ରାହକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଏଣ୍ଡ୍ ଅଫ୍ ସିଜନ ସେଲ୍‌ର ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି।

## ‘ଉତ୍ତମ ଖାଦ୍ୟ ନ ଥିଲେ, ଉତ୍ତମ ଶିକ୍ଷା ସମ୍ଭବ ନୁହେଁ’




ଉତ୍ସବରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ଲିଖିତ ପୁସ୍ତକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୩।୧୨(ଅନୁରାଧା ମହାରଣା)

**ଓଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ‘ସ୍ୱେକ୍ସା’ ଉଦ୍‌ଘାଟିତ**

ଉତ୍ତମ ଖାଦ୍ୟ ନ ଥିଲେ, ଉତ୍ତମ ଶିକ୍ଷା ସମ୍ଭବ ନୁହେଁ। ଦେଶର ବିଭିନ୍ନ ରାଜ୍ୟରେ ଚାଉଳ ଅଭାବ ରହିଥିବାବେଳେ ଓଡ଼ିଶାରେ ପର୍ଯ୍ୟାପ୍ତ ଚାଉଳ ରହିଛି। ରାଜ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ମଧ୍ୟ ରହିଛି। ଡିଗ୍ରୀ ହାସଲ ପରେ ଆଶାୟୀଙ୍କୁ ଚାକିରି ପାଇଁ ବାହାର ଦେଶକୁ କିମ୍ବା ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ସରକାରୀ ବେସରକାରୀସ୍ତରରେ ଉଚ୍ଚ ପଦବୀରେ ଛାତ୍ରୀଛାତ୍ର ନିଯୁକ୍ତି ପାଇପାରିବେ। ଏଥିପାଇଁ ପିଲାମାନେ ପାଠପଢ଼ାରେ ଏକାଗ୍ରତା ରଖିବା ଉଚିତ ଏବଂ ଅଭିଭାବକମାନେ ଏଥିରେ ପିଲାମାନଙ୍କୁ ସହଯୋଗ କରିବା ଉଚିତ। ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ‘ସ୍ୱେକ୍ସା-୨୦୨୩’କୁ ଉଦ୍‌ଘାଟନ କରି ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି। ‘ବସୁଧୈବ କୁଟୁମ୍ବକମ୍’ର ବାର୍ତ୍ତା ନେଇ ଆୟୋଜିତ ଏହି ସମାରୋହରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ପୌରୋହିତ୍ୟ କରି ବିଦ୍ୟାଳୟର ସଫଳ ଯାତ୍ରା ସମ୍ପର୍କରେ କହିଥିଲେ। ଏହି ଅବସରରେ ଡ. ମୀନକେତନଙ୍କ ଲିଖିତ ପୁସ୍ତକ ‘ଆପଣ ଆପଣଙ୍କ ପିଲାର ଭାଗ୍ୟ ବଦଳାଇପାରିବେ’ ଓ ‘ୟୁ କ୍ୟାନ ପ୍ଲାନ୍ ୟୋର ରାଇଟ୍ କ୍ୟାରିୟର’ ଉନ୍ମୋଚିତ ହୋଇଥିଲା। ଏଥିସହ ୨୦୨୨-୨୩ ଶିକ୍ଷାବର୍ଷରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀ ସ୍ୱାତୀ ସୁଚରିତା ସାହୁ ଏବଂ ଯୁକ୍ତ ୨ର କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ ଦାସ, ଡ. ଜ୍ୟୋତ୍ସ୍ନା ମହାପାତ୍ର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଡିନ୍ ପ୍ରଫେସର ସନ୍ଧ୍ୟାରାଣୀ ସାହୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

**ଯୋଗଦେବେ ୨୦୦ ଆଦିବାସୀ ଯୁବକ ଯୁବତୀ**

ଭୁବନେଶ୍ୱର, ୨୩।୧୨(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ରବିବାରଠାରୁ ୧୫ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ୭ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ନକ୍ସଲ ଅଧ୍ୟୁଷିତ ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ପାଖାପାଖି ୨୦୦ ଯୁବତୀଯୁବକ ଯୋଗଦେବେ। ସମାଜର ମୁଖ୍ୟ ସ୍ରୋତରେ ଆଦିବାସୀ ଯୁବତୀଯୁବକଙ୍କୁ ସାମିଲ୍ କରିବା ସହ ସେମାନଙ୍କ ଖାଦ୍ୟ, ସଂସ୍କୃତି ଓ ପରମ୍ପରା ଆଦାନ ପ୍ରଦାନ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଯୁବ ଅଧିକାରୀ ବିପିନ କୁମାର, ସହାୟକ ନିର୍ଦ୍ଦେଶକ ଶକ୍ତିସ୍ୱରୂପ ସିଂ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର ରୋହିତ ନନ୍ଦେଶ୍ୱର, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଆଡ୍‌ଭାଇଜର ଶୁଭେନ୍ଦ୍ରନାଥ ସାହୁ ସୂଚନା ଦେଇଛନ୍ତି। ଅଂଶଗ୍ରହଣକାରୀମାନେ ରହଣି ସମୟରେ ରାଜଭବନ, ପୁରୀ, କୋଣାର୍କ, ଐତିହ୍ୟ କୀର୍ତ୍ତିସ୍ଥଳକୁ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଥିବା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଆମ୍ରି ହସ୍ପିଟାଲରେ ଆଣ୍ଠୁ ଅସ୍ତ୍ରୋପଚାରର ଲାଇଭ୍ ପ୍ରଦର୍ଶନ




ରୋବୋଟିକ୍ସ ଆଣ୍ଠୁ ପ୍ରତିସ୍ଥାପନ କର୍ମଶାଳାରେ ଉପସ୍ଥିତ ବିଶେଷଜ୍ଞମାନେ।

ଭୁବନେଶ୍ୱର, ୨୩।୧୨(ଅନୁରାଧା ମହାରଣା)

ଭାରତର ବିଶିଷ୍ଟ ରୋବୋଟିକ୍ସ ସର୍ଜନ ଡାକ୍ତର ନରେନ୍ଦ୍ର ବୈଦ୍ୟଙ୍କ ଦ୍ୱାରା ଆମ୍ରି ହସ୍ପିଟାଲରେ ରୋବୋଟିକ୍ସ ସହାୟତାରେ ଆଣ୍ଠୁ ଅସ୍ତ୍ରୋପଚାର କରାଯାଇଛି। ଶନିବାର ଏହି ସଫଳ ଅସ୍ତ୍ରୋପଚାର ପ୍ରକ୍ରିୟାର ଲାଇଭ୍ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନଙ୍କ ସହିତ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲରେ ଇଣ୍ଟରଆକ୍ଟିଭ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପାଠ୍ୟକ୍ରମ ସଂଯୋଜକ ଡ. ସୁନୀଲ ଦାଶଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଉକ୍ତ ଅସ୍ତ୍ରୋପଚାର ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସୂଚନା ଥାଉ କି, ଡ. ଦାଶଙ୍କ ଦ୍ୱାରା ୨୦୦ରୁ ଅଧିକ ଗଣ୍ଠି ପ୍ରତିସ୍ଥାପନ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ହୋଇଛି। ଅସ୍ତ୍ରୋପଚାର ପଦ୍ଧତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ପ୍ରଥମ ରୋବୋଟିକ୍ସ ଆଣ୍ଠୁ ପ୍ରତିସ୍ଥାପନ କର୍ମଶାଳା କରାଯାଇଛି। ଏହି କର୍ମଶାଳାରେ ଅତ୍ୟାଧୁନିକ ରୋବୋଟିକ୍ସ ସହାୟତା କୌଶଳ ଉପରେ ଆଲୋକପାତ କରାଯିବା ସହ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏକ ଅନନ୍ୟ ଶିକ୍ଷଣ ପ୍ଲାଟ୍‌ଫର୍ମ ଉପଲବ୍ଧ ହେବ। ରୋବୋଟିକ୍ସ ଆଣ୍ଠୁ ପ୍ରତିସ୍ଥାପନରେ ସଦ୍ୟତମ ଅଗ୍ରଗତି ଉପରେ ଆଲୋଚନା ହୋଇଛି। ରୋବୋଟିକ୍ସ ଓ ଅର୍ଥୋପେଡିକ ସର୍ଜରି ବିଶେଷଜ୍ଞ, ଚିକିତ୍ସକ ଏବଂ ଉତ୍ସାହୀମାନଙ୍କୁ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ସେଣ୍ଟ ଯୋସେଫ ହାଇସ୍କୁଲର ଫ୍ୟାନସି ଡ୍ରିଲ ଡିସ୍‌ପ୍ଲେ



ଭୁବନେଶ୍ୱର,୨୨।୧୨(ବନ୍ଦନା ସେଠୀ)

ସେଣ୍ଟ ଯୋସେଫ ଇଂଲିଶ ମିଡିୟମ ହାଇସ୍କୁଲ୍‌ରେ ଫ୍ୟାନସି ଡ୍ରିଲ ଡିସପ୍ଲେ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ରଣଜୀ କ୍ରିକେଟର ସତ୍ୟଜିତ ଶତପଥୀ, ସମ୍ମାନିତ ଅତିଥି ଭାବେ ସେଣ୍ଟ ଯୋସେଫ ହାଇସ୍କୁଲ ସଭାପତି ସିଷ୍ଟର ଲିନା ଜାକବ, ଅନ୍ତର୍ଦ୍ଦେଶୀୟ କବାଡି ପ୍ରଶିକ୍ଷିକା ସଂହିତା ଦାସ, ସେଣ୍ଟ ଆରନଲଡ୍ ସ୍କୁଲର ମ୍ୟାନେଜର ଫାଦର ରିଚାର୍ଡ ବ୍ୟାଜ, ସେଣ୍ଟ ଜେସେଫ ହାଇସ୍କୁଲର ମ୍ୟାନେଜର ସିଷ୍ଟର ପଲିନ ଓ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ସିନିୟର ଜୁନିୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ କାର୍ଯ୍ୟକ୍ରମ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଦଶମଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ତିନିଜଣଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନଶିକ୍ଷୟତ୍ରୀ ସିଷ୍ଟର ଅର୍ଚ୍ଚନା ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ।

## ‘ଛାତ୍ରୀଛାତ୍ର ଅଧ୍ୟୟନ ପିପାସୁ, ନୀତିନିଷ୍ଠ ହେବା ଉଚିତ’

**ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ୍‌ର ବାର୍ଷିକ ଉତ୍ସବ**

ଭୁବନେଶ୍ୱର, ୨୩।୧୨(ଅନୁରାଧା ମହାରଣା)



ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ୍‌ର ଦୁଇଦିନିଆ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ସିବିଏସ୍‌ଇର ଆଞ୍ଚଳିକ ଅଧ୍ୟକ୍ଷ କେ. ଶ୍ରୀନିବାସନ, ୱାର୍ଡ ନଂ.୬ର କର୍ପୋରେଟର ପ୍ରୀତିନନ୍ଦା ରାଉତ, ବଲିଉଡ୍ କୋରିଓଗ୍ରାଫର ଅରୁନ୍ଧତୀ ଗଡ଼ନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ସୂର୍ଯ୍ୟପ୍ରକାଶ ପତି, ବିଦ୍ୟାଳୟ ପରିଚାଳନା ପରିଷଦ ଉପାଧ୍ୟକ୍ଷ ଶଶାଙ୍କ ଶେଖର ପତି, ଆଡ୍‌ମିନିଷ୍ଟ୍ରେଟର ହିମାଂଶୁ ଶେଖର ପତି, ସେକ୍ରେଟେରୀ ବିଜୟ କୁମାର ନାୟକ ଯୋଗଦେଇ ଅଭିଭାଷଣ ରଖିଥିଲେ। ଛାତ୍ରୀଛାତ୍ର ଓ ଯୁବସମାଜ ପାଠ ପଢ଼ି କେବଳ ଚାକିରି କରି ଅର୍ଥାଭିମୁଖୀ ହେବା ଅପେକ୍ଷା ନିଜର ଅଧ୍ୟବସାୟ, କଠିନ ପରିଶ୍ରମ, ନୈତିକତା ସମ୍ପନ୍ନ ସେବା, ତ୍ୟାଗ, ସଂଗ୍ରାମ ଓ ଦେଶ ପ୍ରାଣତାର ବିଚାରକୁ ଅନୁସରଣ କରିପାରିଲେ ସେମାନେ ଉଭୟ ନିଜର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ସଫଳ ନାଗରିକ ହୋଇପାରିବେ ବୋଲି ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଜି. ରାମା କିଶୋର, ଉପାଧ୍ୟକ୍ଷ ମହେଶ କୁମାର ମିଶ୍ର ସଭା ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ଖ୍ରୀଷ୍ଟମାସ ଉପଲକ୍ଷେ ଦିଲ୍ଲୀ ପବ୍ଲିକ୍ ସ୍କୁଲ (ଡିପିଏସ୍) କଳିଙ୍ଗରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଣ୍ଟା କ୍ଲଜ୍ ସହ ଛାତ୍ରଛାତ୍ରୀ।

## ଜାତୀୟ ବିଜ୍ଞାନ ସମ୍ମିଳନୀରେ ଓଡ଼ିଆ ଚାଷୀଙ୍କ ଯନ୍ତ୍ରପାତି ପ୍ରଦର୍ଶିତ

ଭୁବନେଶ୍ୱର, ୨୩।୧୨(ଅସମାପିକା ସାହୁ)



ଗୁଜରାଟର ଅହମ୍ମଦାବାଦ ସାଇନ୍ସ ସିଟିରେ ଚାଲିଥିବା ଜାତୀୟ ବିଜ୍ଞାନ ସମ୍ମିଳନୀରେ ଓଡ଼ିଆ ଚାଷୀଙ୍କ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି। କୃଷି କର୍ମଣ ବିଜେତା ଚାଷୀ ଦିଲୀପ କୁମାର ବରାଳ ଓଡ଼ିଶାର ଏକମାତ୍ର କୃଷି ଯନ୍ତ୍ରପାତି ଉଦ୍ଭାବକ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି। ଭାରତ ସରକାରଙ୍କ ବିଜ୍ଞାନ ଏବଂ ବୈଷୟିକ ବିଭାଗ ଦ୍ୱାରା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀକୁ ଦିଲୀପଙ୍କୁ ଆମନ୍ତ୍ରିତ କରାଯାଇଥିଲା। ସେ ନିଜେ ଉଦ୍ଭାବନ କରିଥିବା ଟମାଟୋ ଏବଂ ବାଇଗଣ ମଞ୍ଜି ପୃଥକୀକରଣ ଯନ୍ତ୍ରକୁ ପ୍ରଦର୍ଶନ କରିଛନ୍ତି। ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ରେସିଙ୍ଗା ଗ୍ରାମର ଯୋଗେନ୍ଦ୍ର ନାଥ ବରାଳଙ୍କ ଜ୍ୟେଷ୍ଠ ପୁତ୍ର ବରାଳ ହେଉଛନ୍ତି ଦେଶରେ ଜଣେ ଆଗଧାଡ଼ିର ବିହନ ଉତ୍ପାଦନକାରୀ ଚାଷୀ। ଉନ୍ନତ ଏବଂ ଅଧିକ ଅମଳକ୍ଷମ ବିହନ ଉତ୍ପାଦନ କରି ସେ ୨୦୧୪-୧୫ ବର୍ଷ ଜାତୀୟ କୃଷି କର୍ମଣ ପୁରସ୍କାର ପାଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଧାନ ଓ ରବି ଜାତୀୟ ଫସଲର ପ୍ରାମାଣିକ ବିହନ ଉତ୍ପାଦନ ସହିତ ବରାଳ ପନିପରିବାର ପ୍ରାମାଣିକ ବିହନ ଉତ୍ପାଦନ କରିଥାନ୍ତି। ପନିପରିବା ବିହନ ଉତ୍ପାଦନକୁ ସହଜ ଓ ସରଳ କରିବା ପାଇଁ ସେ ୨୦୧୯ରେ ଏହି ମଞ୍ଜି ପୃଥକୀକରଣ ଯନ୍ତ୍ର ଉଦ୍ଭାବନ କରିଥିଲେ। ଏଥିପାଇଁ ତାଙ୍କୁ ୨୦୧୯ ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ପ୍ରଦାନ କରାଯାଇଥିଲା। ଦିଲୀପଙ୍କ ଏହି କୃଷି ଯନ୍ତ୍ରପାତିଟି ଜାତୀୟ ସ୍ତରରେ ଖୁବ୍ ଖ୍ୟାତି ଅର୍ଜନ କରିଛି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

ବେଗୁନିଆ,୨୩।୧୨(ହରପ୍ରସନ୍ନ ପଣ୍ଡା)

ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ବାଘମାରୀ ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ପ୍ରଭାତ ସେଠୀ। ତାଙ୍କ ନିକଟରୁ ୧୫.୭୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୧/୨୩)ମଧ୍ୟ ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଭାତ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଖବରପାଇ ପୋଲିସ ଅତର୍କିତ ଚଢ଼ାଉ କରି ତାଙ୍କୁ ଧରିଥିଲା।

### କଣ୍ଟାବାଡ଼ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବେଗୁନିଆ,୨୩।୧୨(ହର ପ୍ରସନ୍ନ ପଣ୍ଡା)

ରାଜ୍ୟସ୍ତରୀୟ କଣ୍ଟାବାଡ଼ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସୁପ୍ରିମକୋର୍ଟର ଆଡଭୋକେଟ ନିର୍ଭୟ କୁମାର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ଶିଳ୍ପପତି ଶିବନାରାୟଣ ମିଶ୍ର, ସାମାଜିକ କର୍ମୀ ସୁରେନ୍ଦ୍ର ପଣ୍ଡା, ଇଣ୍ଡିଆନ ବ୍ୟାଙ୍କ ବିଶାଖାପାଟଣା ଜୋନର ଡେପୁଟି ଜୋନାଲ ମ୍ୟାନେଜର ଶଶୀ ଭୂଷଣ ମିଶ୍ର, ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ରାଧାଶ୍ୟାମ ସାହୁ, ପ୍ରଭାତ ପଣ୍ଡା, ଉପେନ୍ଦ୍ର ଦାଶ, କୈଳାସ ନାଥ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଢେଙ୍କାନାଳର ସୁରପ୍ରତାପ କ୍ରିକେଟ କ୍ଲବ ଓ ଚୌଦ୍ୱାର ଜାକୋବିନ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ସୁରପ୍ରତାପ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୨୪୩ ରନ ସଂଗ୍ରହ କରିଥିଲା। ଜବାବରେ ଜାକୋବିନ କ୍ରିକେଟ କ୍ଲବ ୧୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୧୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ସୁରପ୍ରତାପ କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମର ମହମ୍ମଦ ସୁଲେମାନଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରମାକାନ୍ତ ପାତ୍ର ଏବଂ ବିଜୟ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସଭ୍ୟ ସୁନିଲ କୁମାର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ମାନସ ରଞ୍ଜନ ଦାଶ, ସୂର୍ଯ୍ୟ ନାରାୟଣ ଓଝା, ସୌମ୍ୟରଞ୍ଜନ ଦାଶ, ବାମଦେବ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା ସଫଳତା ଆଣେ

## ୧୯ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ ଉଦ୍‌ଘାଟିତ

ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ବରୁଣେଇ ପାହାଡ଼ସ୍ଥିତ ରାଜ୍ୟ ତାଲିମ୍‌କେନ୍ଦ୍ର ପରିସରରେ ୧୯ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୨୪୮୦ ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଯୋଗଦେଇଛନ୍ତି। ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ଜାମ୍ବୋରେଟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରାଜ୍ୟ ଭାରତ ସ୍କାଉଟ୍ସ ଗାଇଡ୍ସ ସଭାପତି ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି, ମହିଳା କମିଶନର ତଥା ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ଉପସଭାପତି ମିନତି ବେହେରା, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଶାନ୍ତିର ବାର୍ତ୍ତା ସ୍ୱରୂପ ବିଭିନ୍ନ ରଙ୍ଗିନ ବେଲୁନ ଉଡ଼ାଇଥିଲେ।

ଏହି ଅବସରରେ ମନ୍ତ୍ରୀ ନାୟକ କହିଥିଲେ, ଶୃଙ୍ଖଳିତ ଜୀବନଶୈଳୀ ସଫଳତା ଆଣିଥାଏ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ନିଜ ମାଟି, ମାତୃଭୂମି ପ୍ରତି ସମର୍ପିତ ଭାବ ରଖ। ଦେଶର ପ୍ରଗତି, ସମୃଦ୍ଧି ଛାତ୍ରୀଛାତ୍ରଙ୍କ ଗଠନମୂଳକ ଚିନ୍ତାଧାରା ଉପରେ ପର୍ଯ୍ୟବସିତ। ଜାମ୍ବୋରେଟ ଆୟୋଜନ ପଛରେ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭାଇଚାରା ଜାଗ୍ରତ ଏହାର ଲକ୍ଷ୍ୟ ରହିଛି। ସେହିପରି ମୁଖ୍ୟ ଅତିଥି ମନ୍ତ୍ରୀ ମାରାଣ୍ଡି କହିଥିଲେ, ଭବିଷ୍ୟତର ଭାରତ ଛାତ୍ରସମାଜ ଉପରେ ନିର୍ଭର କରେ। ଇଚ୍ଛାଶକ୍ତି, ଦୃଢ଼ ଆତ୍ମବିଶ୍ୱାସ ହିଁ ସଫଳତାର ମାପକାଠି। ପୁସ୍ତକ, ଖବରକାଗଜ ପଢ଼। ବିଭିନ୍ନ ବିଷୟରେ ପାରଦର୍ଶିତା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ନିଜ ଆଚାର, ଉଚ୍ଚାରଣ, ବ୍ୟବହାରରେ ଶାଳୀନତା, ସଂଯମତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ। ମହିଳା କମିଶନର ବେହେରା କହିଥିଲେ, ସମ୍ପର୍କ ଯୋଡ଼ିଲେ ଆଗକୁ ବଢ଼ିପାରିବ। ଛାତ୍ରସମାଜ ଶୃଙ୍ଖଳିତ ହେଲେ ସମାଜ ଶୃଙ୍ଖଳିତ ହେବ। ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ସହ ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ମିତ୍ର କହିଥିଲେ, ଖୋର୍ଦ୍ଧା ଏକ ଐତିହାସିକ ମାଟି। ଏହି ମାଟିର ପାଇକ ବୀରମାନେ ଇଂରେଜ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ନିଜ ଗରିମାମୟ ଇତିହାସକୁ ଜାଣିବା ଜରୁରୀ। ରାଜ୍ୟ ଭାରତ ସ୍କାଉଟ୍ସ ଗାଇଡ୍ସ କମିଶନର ମିଶ୍ର ଏହି ଜାମ୍ବୋରେଟ ଆୟୋଜନର ଉଦ୍ଦେଶ୍ୟ ତଥା ରାଜ୍ୟରେ ବର୍ଷବ୍ୟାପୀ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇ କହିଥିଲେ, ଜାମ୍ବୋରେଟ ଆୟୋଜନର ଉଦ୍ଦେଶ୍ୟ ହେଉଛି ପିଲାଙ୍କ ମଧ୍ୟରେ ଜାତୀୟ ସଂହତି, ଭାଇଚାରା ଜାଗ୍ରତ କରିବା। ପିଲାମାନେ ନିଜ ଦେଶର ସଂସ୍କୃତି, ପରମ୍ପରା, ସଂହତି ସୁରକ୍ଷା ଦିଗରେ ଦାୟିତ୍ୱବାନ୍ ହେବା ସହ କର୍ତ୍ତବ୍ୟପଥରେ ଆଗକୁ ବଢିପାରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ର ଦଳଗତ ଭାବେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରି ଭାଇଚାରା, ଭ୍ରାତୃତ୍ୱର ଭାବ ପ୍ରଦାନ କରିଥିଲେ। ଏଥିସହିତ ଛାତ୍ରୀଛାତ୍ରମାନେ ବିଭିନ୍ନ ପାରମ୍ପରିକ ବେଶ ଧାରଣ କରି ଏକତ୍ରିତ ଭାବେ ମୋ ଓଡ଼ିଶା ନୃତ୍ୟଗୀତରେ ଉପସ୍ଥିତ ଅତିଥି, ବୁଦ୍ଧିଜୀବୀଙ୍କୁ ବିମୋହିତ କରିଥିଲେ।



ରାଜ୍ୟସ୍ତରୀୟ ଜାମ୍ବୋରେଟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ନୀରୋଗ ଜୀବନଯାପନ ପାଇଁ ଯୋଗାଭ୍ୟାସ ଜରୁରୀ

ବେଗୁନିଆ,୨୩।୧୨(ହରପ୍ରସନ୍ନ ପଣ୍ଡା)

କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପରିସରରେ ଯୋଗ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦିଲୀପ କୁମାର ସାଥୁଆଙ୍କ ତତ୍ତ୍ୱାବଧାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ୩ ଡିଗ୍ରୀ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର ଦାଶ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟ ଖୋର୍ଦ୍ଧା ପତଞ୍ଜଳି ଯୋଗ ସମିତିର ସହପ୍ରଭାରୀ ଇଞ୍ଜିନିୟର ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ସଭ୍ୟ ଭୀମସେନ ଦାସ ଓ ପ୍ରମିଳା ପ୍ରଧାନ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ସୁସ୍ଥ ଓ ନୀରୋଗ ଜୀବନଯାପନ କରିବାକୁ ହେଲେ ଦୈନନ୍ଦିନ ଯୋଗାଭ୍ୟାସ କରିବା ଜରୁରୀ ବୋଲି ଅତିଥି ଦାଶ କହିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁ, ବିଭୂତି ଭୂଷଣ ହରିଚନ୍ଦନ, ନାରାୟଣ ବନ୍ଧୁ ପଟ୍ଟନାୟକ, ଶ୍ରୀନିବାସ ସାହୁ, ରଘୁନାଥ ଦାସ, ହୃଷୀକେଶ ମାର୍ଥା, ଅଧ୍ୟାପିକା ସୌମ୍ୟା ଷଡ଼ଙ୍ଗୀ, ପ୍ରଜ୍ଞାରାଣୀ ବେହେରା, ଧରିତ୍ରୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବଡ଼ଦିନ ଉପଲକ୍ଷେ ଜଟଣୀସ୍ଥିତ ବାପ୍ଟିଷ୍ଟ ଚର୍ଚ୍ଚକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। (ଫଟୋ-ରବୀନ୍ଦ୍ରନାଥ ମହାକୁଡ଼)

### ଗୁରୁକୁଳ ଆଶ୍ରମର ବାର୍ଷିକୋତ୍ସବ

ବେଗୁନିଆ,୨୩।୧୨(ହର ପ୍ରସନ୍ନ ପଣ୍ଡା)

ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଆଶ୍ରମର ଚତୁର୍ଥ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ବିରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରବଚକ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସ୍ୱାମୀ ଶାନ୍ତାନନ୍ଦ ସରସ୍ୱତୀ, ଡ.ବିକାଶ ପଣ୍ଡା, ଅଜୟ ନାୟକ, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାତଃରେ ଯୋଗାଭ୍ୟାସ, ୫୧କୁଣ୍ଡୀୟ ଯଜ୍ଞ, ବୈଦିକ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତାପ ପଟ୍ଟନାୟକ, ରବି ନାରାୟଣ ଲେଙ୍କା, ଲକ୍ଷ୍ମୀଧର ପଣ୍ଡା, ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ସଂପୁରରେ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ


କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଅନ୍ୟମାନେ।

ବୋଲଗଡ଼,୨୩।୧୨(ଦେବବ୍ରତ ହୋତା)

କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମରେ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶ ତଥା ରାଜ୍ୟର ପ୍ରଗତି ପାଇଁ କଂଗ୍ରେସ ହିଁ ବିକଳ୍ପ ବୋଲି ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ କଂଗ୍ରେସରେ ସାମିଲ ହୋଇ ଦଳକୁ ମଜଭୁତ କରିବାକୁ ଦଳୀୟ ନେତା ଓ କର୍ମୀମାନେ ଆହ୍ୱାନ ଦେଇଥିଲେ। ଏଥିରେ ଖଙ୍ଗୁରିଆ ପଞ୍ଚାୟତର କଂଗ୍ରେସ ସଭାପତି ଶ୍ରୀଧର ଦତ୍ତ, ବରିଷ୍ଠ କଂଗ୍ରେସ ନେତା ବିଜୟ ମହାନ୍ତି, ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୀବ କୁମାର ସୁବୁଦ୍ଧି, ଯୁବ କଂଗ୍ରେସ ସଭାପତି ଗଣେଶ୍ୱର ସୁବୁଦ୍ଧି, ଛବି ମହାନ୍ତି, ଭଗବାନ୍ ମଙ୍ଗରାଜ, ସନ୍ତୋଷ କୁମାର ମହାପାତ୍ର, ପ୍ରହଲ୍ଲାଦ ମଙ୍ଗରାଜ, ସମ୍ବିତ୍ କୁମାର ରାଉତରାୟ, ଆରତ ସ୍ୱାଇଁ, ଦିଲୀପ ସୁବୁଦ୍ଧି, ଅର୍ଜୁନ ନିଶଙ୍କ, ନାରାୟଣ ପଣ୍ଡା, ବାଙ୍କନିଧି ସିଂହ, ପାଣ୍ଡ ସିଂହ, କାବୁଲି ଦେଓଙ୍କ ସମେତ ବହୁ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ସାମିଲ ହୋଇଥିଲେ।

# ଅନ୍ତର୍ନିହିତ ପ୍ରତିଭା ବିକାଶ କରେ ପ୍ରତିଯୋଗିତା

ଜଟଣୀ,୨୩।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟରେ ଗତ ୧୦ଦିନ ଧରି ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବବ୍ରତ ଘୋଷ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ କହିଥିଲେ, ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ଏକାନ୍ତ ଅପରିହାର୍ଯ୍ୟ। ସମ୍ମାନିତ ଅତିଥିଭାବେ ଜଟଣୀ ନଗରପାଳ ଅନନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜୀବ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ଅନୁପ କୁମାର ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନୂଆ-ଓ କାର୍ଯ୍ୟକ୍ରମ ଅବସରରେ ପ୍ରତିଦିନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରୁ ମୋଟ୍ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁନ୍ଦର ସବୁଜିମା ସୃଷ୍ଟି ଉଦ୍ଦେଶ୍ୟରେ ଡ. ଅମିତ୍ ବିକ୍ରମ ପଟ୍ଟନାୟକଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଡ. ଲିଙ୍ଗରାଜ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଯୁକ୍ତ ୩ ବାଳକ ବିଭାଗରେ ଅଭିଷେକ ମହାନ୍ତି ଓ ବାଳିକା ବିଭାଗରେ ରୂପା ନାୟକ ଚାମ୍ପିୟନ ହୋଇଛନ୍ତି। ସେହିପରି ଯୁକ୍ତ ୨ ବାଳକ ବିଭାଗରେ ଏନ୍. ଆଲୋକ ରେଡ୍ଡୀ ଏବଂ ବାଳିକା ବିଭାଗରେ ଦିଶା ଜଗଦ୍ଦେବ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ଉକ୍ତ ଉତ୍ସବ ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ସେମିରେ କିଆଁଝର ଢେଙ୍କାନାଳ

କଳାପଥର,୨୩।୧୨(ଗଙ୍ଗାଧର ସାହୁ)

ଦିଶା ମିନି ଷ୍ଟାଡିୟମରେ ଚାଲିଥିବା ବୈଦ୍ୟେଶ୍ୱର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର 'ଗ୍ରୁପ୍-ଏ'ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ପିଓ୍ୱାଇସି ଅତ୍ରି ଓ କିଆଁଝର ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କିଆଁଝର ଟିମ୍ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୧୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ପିଓ୍ୱାଇସି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। କିଆଁଝର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଗୁନୁ ନନ୍ଦ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସାମାଜିକ କର୍ମୀ ପ୍ରଭାତ ମହାନ୍ତି, ଜୟକୃଷ୍ଣ ସାହୁ ଓ ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଭାଇଜାଗ ସିଟି କ୍ଲବ ବିଜୟୀ


ମ୍ୟାଚ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

ଟାଙ୍ଗୀ,୨୩।୧୨(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଶନିବାର ଭାଇଜାଗ ସିଟି କ୍ଲବ ଓ ଚାରବାଟିଆ ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଚାରବାଟିଆ ଟିମ୍‌ର ଚାନ୍ଦ ବାବୁ ଗୋଟିଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଭାଇଜାଗ ସିଟି କ୍ଲବର ଦୁର୍ଗା ପ୍ରସାଦ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ଉଭୟ ଟିମ୍ କେହି କାହାକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଭାଇଜାଗ ସିଟି କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛି। ପ୍ରଦୀପ ନାୟକ, ରାଜୁ ବାରିକ, ରାକେଶ ବେହେରା ଓ ଗୋପାଳ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଜୟ କୁମାର ରାଉତ ମ୍ୟାଚ୍ କମିଶନର ଥିଲେ। ଅତିଥିଭାବେ ଚିଲିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ଶୁଭେନ୍ଦୁ ମାନସିଂହ, ଶ୍ରୀବତ୍ସ ପରିଡ଼ା, ସମ୍ପାଦକ ମନୋଜ କୁମାର ମାନସିଂହ, ଅପର୍ତ୍ତି ବେହେରା, କମଳାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଚାରବାଟିଆ ଟିମ୍‌ର ଚାନ୍ଦ ବାବୁ ଓ ଭାଇଜାଗ ଟିମ୍‌ର ମାଇକ ଜଟାଙ୍କୁ ସମ୍ମାନିତ କରାଯାଇଥିଲା। ରବିବାର ଭଞ୍ଜନଗର ଏବଂ ୟୁନିୟନ୍ ସ୍ପୋର୍ଟିଂ କୋଲ୍‌କାତା ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଫାଇନାଲରେ ସୋଲାର କ୍ଲବ କଟକ

## ରାଜ୍ୟସ୍ତରୀୟ ସବ୍ୟସାଚୀ-ଦିନେଶ ମେମୋରିଆଲ ଗିନି କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ (କେଡିସିଏ) ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ସବ୍ୟସାଚୀ-ଦିନେଶ ମେମୋରିଆଲ 'ଗିନି କପ୍' କ୍ରିକେଟ୍ ଟୁର୍ନାମେଣ୍ଟରେ ଶନିବାର ସୋଲର କ୍ଲବ କଟକ ଓ ମୁକ୍ତେଶ୍ୱର କ୍ଲବ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ୩୦ ଓଭର ଏବଂ ଦୁଇଟି ଇନିଂସ୍ ବିଶିଷ୍ଟ ମ୍ୟାଚ୍‌ରେ ଟସ୍ ଜିତି ସୋଲାର କ୍ଲବ ପ୍ରଥମ ଇନିଂସ୍‌ରେ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମ୍ବିତ ସାହୁ ୨୮ରନ ଓ ରିତିକ ମହାନ୍ତି ୨୭ରନ କରିଥିଲେ। ମୁକ୍ତେଶ୍ୱର ଟିମର ଅଶିଷ ଭୂୟାଁ ଓ ଶୁଭମ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ସେହିପରି ମୁକ୍ତେଶ୍ୱର ଟିମ୍ ପ୍ରଥମ ଇନିଂସ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୯୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୋନକ ବାଣ୍ଡୁଆ ୨୮ରନ ଓ ପ୍ରତିକ ଦାସ ୨୫ରନ କରିଥିଲେ। ସୋଲାର କ୍ଲବ ପକ୍ଷରୁ ମଳୟ ଜେନା ୩ଟି ଉଇକେଟ ନେଇଥିଲେ। ସେହିପରି ଦ୍ୱିତୀୟ ଇନିଂସରେ ସୋଲର କ୍ଲବ ୧୫ ଓଭରରେ ୪ ଉଇକେଟ ବିନିମୟରେ ୧୭୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଦିପ୍ତ ଦାସ ୫୧ରନ ଓ ସନ୍ଦିପ ପାତ୍ର ୪୭ରନ କରିଥିଲେ। ମୁକ୍ତେଶ୍ୱର ଟିମ୍ ପକ୍ଷରୁ ପ୍ରତିକ ଦାସ, ଜୀବନ ଜେନା, ଆଶିଷ ଭୂୟାଁ, ସେହେରାଜ ପଟ୍ଟନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୁକ୍ତେଶ୍ୱର ଟିମ୍ ୨୦୪ରନର ପିଛା କରି ୭ ଉଇକେଟ ବିନିମୟରେ ୧୫୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ସୋଲର କ୍ଲବ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସୋଲାର କ୍ଲବର ମଳୟ ଜେନା ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହେବା ସହିତ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଚନ୍ଦ୍ରମୋହନ ବରାଳ ଓ ଅଭିନନ୍ଦନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଏକ ପ୍ରଦର୍ଶନୀ ମ୍ୟାଚ ହେବାକୁ ଥିବା ବେଳେ, ସୋମବାର କଟକର ସୋଲର କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ସୁପର ଓଭରରେ ଜିତିଲା କାଶୀପୁର

ନିରାକାରପୁର,୨୩।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତ କାୟାସ୍ଥିତ ମା' ଦଧିଖାଇ କ୍ରିକେଟ ଆସୋସିଏଶନ ପକ୍ଷରୁ ନୃସିଂହ ଦେବଙ୍କ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ କାଶୀପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଟାଙ୍ଗୋଳ କ୍ରିକେଟ କ୍ଲବ ଓ କାଶୀପୁର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଟାଙ୍ଗୋଳ ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ କାଶୀପୁର ଟିମ୍ ମଧ୍ୟ ୮୭ ରନ୍ ସଂଗ୍ରହ କରିଥିଲା। ଫଳରେ ସୁପରଓଭର ଖେଳାଯାଇଥିଲା। ଏଥିରେ କାଶୀପୁର ଟିମ୍ ୨ ରନ୍‌ରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବବୁ ମାର୍ଥା ଓ ସମୀର ରଣସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ସମ୍ମାନିତ ଅତିଥି ସମିତିସଭ୍ୟ ଗୌତମ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମନୋଜ କୁମାର ମାର୍ଥା, ପ୍ରକାଶ ପାଢଶାଣୀ, ରାଜେନ୍ଦ୍ର ପାଲ୍‌ଟାସିଂ, ହିତେଶ ମଙ୍ଗରାଜଙ୍କ ସମେତ କମିଟିର କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ବଡ଼ଦିନ ପାଇଁ ସଜେଇ ହୋଇଛି ଚର୍ଚ୍ଚ, ହୋଟେଲ

ପୁରୀ,୨୩।୧୨(ଅଜିତ୍ ମହାନ୍ତି)



ବଡ଼ଦିନ ପାଇଁ ପୁରୀ ସହର ଏବେ ଚଳଚଞ୍ଚଳ ହୋଇଉଠିଛି। ଖ୍ରୀଷ୍ଟମାସ ସେଲିବ୍ରେଶନକୁ ସ୍ମରଣୀୟ କରିବା ପାଇଁ ସହରରେ ଥିବା ବିଭିନ୍ନ ହୋଟେଲରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚର୍ଚ୍ଚ ଓ ନାମୀଦାମୀ ହୋଟେଲଗୁଡ଼ିକୁ ଆକର୍ଷଣୀୟ ଆଲୋକମାଳା, ସାନ୍ତାକ୍ଲସ୍, ଖ୍ରୀଷ୍ଟମାସ ଟ୍ରିରେ ସଜାଯାଇଛି। ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ଜନ୍ମ ଓ ଜୀବନୀ ବୃତ୍ତାନ୍ତ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେହିପରି କେତେକ ବଡ଼ ହୋଟେଲରେ କେକ୍ ପ୍ରସ୍ତୁତି ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ପୁରୀରେ ଥିବା କ୍ୟାଥୋଲିକ୍ ଚର୍ଚ୍ଚ ଓ ବାପ୍ଟିଷ୍ଟ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଚାଲିଛି। ପୁରୀରେ ରହୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନେ ନୂଆ ପୋଷାକ କିଣିବା ସହ ନିଜ ଘରକୁ ସଜାଇବା ସହ ସମସ୍ତ ପ୍ରସ୍ତୁତି ସାରିଦେଲେଣି। ନାମିଦାମୀ ହୋଟେଲଗୁଡିକରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଓଡ଼ିଶାର ପାରମ୍ପାରିକ ଖାଦ୍ୟ, ଇଣ୍ଡିଆନ୍, ଚାଇନିଜ୍ ଏବଂ କନିନେଣ୍ଟାଲ୍ ଫୁଡ୍ ଭଳିକି ଭଳି ପର୍ଯ୍ୟଟକଙ୍କ ପାଇଁ ପ୍ରସ୍ତୁତ କରାଯିବ ବୋଲି ହୋଟେଲିୟର କହିଛନ୍ତି। ଅପରପକ୍ଷରେ ବଡ଼ଦିନକୁ ସେଲିବ୍ରେଶନ କରିବା ପାଇଁ ପୁରୀରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ଶ୍ରୀମନ୍ଦିରକୁ ଅଧିକ ସଂଖ୍ୟକ ଭକ୍ତଙ୍କ ଆଗମନ ସମ୍ଭାବନା ଥିବାରୁ ଶ୍ରୀମନ୍ଦିର ଭିତରେ, ବାହାରେ, ବଡ଼ଦାଣ୍ଡରେ ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ସୁପରିଚାଳନା ପାଇଁ ଅଧିକ ପୋଲିସ ଫୋର୍ସଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ହେବେ ବୋଲି ପୁରୀ ଏସ୍‌ପି କନଓ୍ୱର ବିଶାଲ ସିଂ ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳାରେ କିଭଳି ପର୍ଯ୍ୟଟକମାନେ ବଡ଼ଦିନ ସେଲିବ୍ରେଶନ କରିବେ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ସମୁଦ୍ର କୂଳରେ ପର୍ଯ୍ୟଟକଙ୍କ ଅଧିକ ସମାଗମ ହେବା ସମ୍ଭାବନା ଥିବାରୁ ଭିଡ଼ ନିୟନ୍ତ୍ରଣ ସହ ଟ୍ରାଫିକ ସୁପରିଚାଳନା ପାଇଁ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସୁରକ୍ଷିତ ସମୁଦ୍ର ସ୍ନାନ ପାଇଁ ଅଗ୍ନିଶମ ବାହିନୀ ସମନ୍ୱୟରେ ଆବଶ୍ୟକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ସେହିପରି ବଡ଼ଦିନ ସେଲିବ୍ରେଶନ ବେଳେ ହୋଟେଲଗୁଡ଼ିକରେ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ସମସ୍ତ ନିୟମ ଅନୁପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।




୨୩।୧୨।୨୦୨୩

| | |
|---|---|
| ୮,୨୧,୪୧୧ ଟଙ୍କା | |
| ସୁନା | ୩.୭୦୦ ଗ୍ରାମ୍ |
| ରୁପା | ୨୯.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଅକ୍ଷତ କଳସକୁ ସମ୍ବର୍ଦ୍ଧନା

ନିମାପଡ଼ା,୨୩।୧୨(ବିଚିତ୍ରାନନ୍ଦ ସାହୁ)

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାଠାରୁ ଆସିଥିବା ଅକ୍ଷତ କଳସକୁ ଶତାଧିକ କର୍ମୀ, ଭକ୍ତ, ଶ୍ରଦ୍ଧାଳୁମାନେ ନିମାପଡ଼ାଠାରେ ଶୁକ୍ରବାର ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ଏସ୍‌ର ସଂଘ ଚାଳକ ଡ. ଅମୂଲ୍ୟ ପ୍ରସାଦ ଦାଶ ସଭାରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ନିମାପଡ଼ା ଶାଖା ସମ୍ପାଦକ ସଞ୍ଜୟ ବାରିକ୍, ପ୍ରାନ୍ତ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ରାମ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ଘଣ୍ଟାଘଣ୍ଟ, ସଂକୀର୍ତ୍ତନ ମାଧ୍ୟମରେ ଅକ୍ଷତ କଳସର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା, ମୀନଲତା ମହାନ୍ତି, ନିରଞ୍ଜନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଅକ୍ଷତ କଳସକୁ ସ୍ୱାଗତ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ତପନ ରାଉତରାୟ, ନୀହାର ମହାରଣା, ଶୁଭ୍ରଜିତ୍ ବାରିକ୍, ଜ୍ୟୋତି ଛୋଟରାୟ, ଅଶ୍ୱିନୀ ଓଝା ପ୍ରମୁଖ ଏହି ଶୋଭାଯାତ୍ରାର ସଂଯୋଜନା ଓ ପରିଚାଳନା କରିଥିଲେ। ନିମାପଡ଼ାର ପ୍ରତ୍ୟକ ଗ୍ରାମରେ ଏହି ଅକ୍ଷତ କଳସ ପରିକ୍ରମା କରିବାକୁ ନିଷ୍ପତ୍ତି ହୋଇଥିଲା।

### ମହେଶ୍ୱର ମହାନ୍ତିଙ୍କ ସ୍ମୃତିରେ ମାଗଣା ସ୍ୱାସ୍ଥ୍ୟ ଶିବିର

ପୁରୀ,୨୩।୧୨(ଅଜିତ୍ ମହାନ୍ତି):

ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସ୍ମୃତିରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅଡଙ୍ଗ ତିଆଡ଼ି ଯାଗା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାମାୟଣୀ ଯୁବ ସାଂସ୍କୃତିକ ସଂସଦ, ହାଇଟେକ୍ ହସ୍ପିଟାଲ ଏବଂ ହାଇଟେକ୍ ମେଡିକାଲ କଲେଜର ସହଭାଗିତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରାମାୟଣୀ ଯୁବ ସାଂସ୍କୃତିକ ସଂସଦର ମୁଖ୍ୟ ମାର୍ଗଦର୍ଶକ ବିଜୟକୃଷ୍ଣ ବ୍ରହ୍ମା ଏବଂ ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ମଧୁମେହ, ସ୍ନାୟୁ, ଶଲ୍ୟ, ଶିଶୁ, ନାସା କର୍ଣ୍ଣ ଓ ଗଳା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ଥିଲେ। ଶିବିରରେ ପୌରପାଳିକା ଅଧୀନ ୱାର୍ଡ ୬, ୭,୮, ୯,୧୦ର ୪ଶହରୁ ଊର୍ଦ୍ଧ୍ୱ ସାହିବାସିନ୍ଦା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# 'ଶ୍ରୀକ୍ଷେତ୍ରରେ ନିର୍ବାଣ ପ୍ରାପ୍ତ ହୋଇଥାଏ'



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ପୁରୀ, ୨୩।୧୨(ଅଜିତ୍ ମହାନ୍ତି):

ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ଯେ ନିର୍ବାଣ ମିଳେ, ଏହା ଗଳ୍ପ, କାହାଣୀ କି ଲୋକକଥା ନୁହେଁ। କେଉଁ ଯୁଗରୁ ପୁରାଣ-ମହାପୁରାଣ ଏକଥା ଜଣାଇଛି। ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟଠାରୁ ବାମଦେବ ସଂହିତା ପର୍ଯ୍ୟନ୍ତ ସବୁଠାରେ ଶ୍ରୀକ୍ଷେତ୍ର ଯେ ନିର୍ବାଣର କ୍ଷେତ୍ର ଏହା ସୂକ୍ଷ୍ମ ଭାବେ ବର୍ଣ୍ଣିତ ରହିଛି। କେବଳ ମଣିଷ ନୁହେଁ,ପଶୁ,ପକ୍ଷୀ ଠାରୁ କୀଟପତଙ୍ଗ ଏହି କ୍ଷେତ୍ରରେ ମୃତ୍ୟୁ ଲଭି ମୁକ୍ତି ପାଇଥାନ୍ତି। ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ଶ୍ରୀମନ୍ଦିରରେ ପ୍ରବେଶ, ମହାପ୍ରସାଦ ସେବନ ଏପରିକି କଣିକାଏ ନିର୍ମାଲ୍ୟ ପାଇଁ ଏହି କ୍ଷେତ୍ରକୁ ଧାଇଁ ଆସନ୍ତି ଲକ୍ଷଲକ୍ଷ ଭକ୍ତ। ପ୍ରତ୍ୟେକ ମଣିଷ ଠାକୁରଙ୍କ ନିକଟରେ ସମର୍ପିତ ହେବା ଓ ସତ୍‌ମାର୍ଗରେ ଯାଇ ସମସ୍ତଙ୍କୁ ଅନ୍ତରତମ ପ୍ରଦେଶରୁ ଭଲପାଇଲେ ନିର୍ବାଣ ମିଳିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରେଡିଓ ଶ୍ରୀକ୍ଷେତ୍ର ଓ ନୂଆଦିଲ୍ଲୀର ପଲ୍ଲିବାଣୀ ମିଶନ ପକ୍ଷରୁ ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଶନିବାର ଖବରଦାତା, ସଙ୍ଗଠକ ତଥା ସମାଜସେବୀ ରାମଚନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ 'ନିର୍ବାଣ ଶ୍ରୀକ୍ଷେତ୍ର ପୁରୀ' ଶୀର୍ଷକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କବି, ଚିତ୍ରକର ତଥା ପ୍ରଶାସକ ଡ. କୁଳମଣି ବିଶ୍ୱାଳ, ଐତିହ୍ୟ ବିଶାରଦ ତଥା ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, ସେବାୟତ ରାଜା ସ୍ୱାଇଁ ମହାପାତ୍ର, ସେବାୟତ ନୀଳମଣି ଗୁରୁ, ପ୍ରଶାସକ ଶ୍ରୀକାନ୍ତ ପରିଜା ଏବଂ ଗୀତିକାର କଥାକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ନିର୍ବାଣ କ'ଣ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିବା ସହ ଶ୍ରୀକ୍ଷେତ୍ରର ମହିମା, ମହାପ୍ରଭୁଙ୍କ ଲୀଳା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଯଦି ମହାପ୍ରଭୁ ଚାହାନ୍ତି ତେବେ ପୁରୀରେ ଦୁଇଦିନିଆ ଆଲୋଚନାଚକ୍ର ଆୟୋଜନ ହେବା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ପଣ୍ଡିତମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ନାଥ ସୂଚନା ଦେଇଛନ୍ତି। ଉକ୍ତ ଆଧ୍ୟାତ୍ମିକ ଆଲେଚନାଚକ୍ରରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସେବାୟତ ଯୋଗ ଦେଇଥିଲେ। ଖବରଦାତା ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଉଜ୍ଜୟିନୀଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଭେଟି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ନିବେଦନ କରିଛନ୍ତି । ତେବେ ଶଙ୍କରାଚାର୍ଯ୍ୟ ଆଗାମୀ ମାସରେ ପୁରୀ ଆସିବା ପରେ ତାଙ୍କୁ ଗଜପତି ମହାରାଜାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଭେଟି ପାରମ୍ପାରିକ ରୀତିରେ ନିମନ୍ତ୍ରଣ କରିବେ ବୋଲି ସୂଚନା ମିଳିଛି ।

# ନୀତି ଆଦର୍ଶର ମଣିଷ ଥିଲେ ବାଳକୃଷ୍ଣ ଦାସ

ଗୋପ,୨୩।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପଞ୍ଚଶିଷ୍ୟ ଭାବରେ ବାଳକୃଷ୍ଣ ଦାସ ସଦାସର୍ବଦା ସାଧାରଣ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରୁଥିଲେ। ଶନିବାର ଗୋପ ସୁବର୍ଣ୍ଣପୁରୀସ୍ଥିତ ଗୋପବନ୍ଧୁ ଦାସ ସେବା ସଦନଠାରେ ଅନୁଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ବାଳକୃଷ୍ଣ ଦାସଙ୍କ ୧୩ତମ ଶ୍ରାଦ୍ଧ ଦିବସରେ ବକ୍ତାମାନେ ଏହା କହିଥିଲେ। ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟପୀର ନାୟକ, ରାଜେନ୍ଦ୍ର ନାୟକ, ଆଇନଜୀବୀ ରଞ୍ଜିତ୍ ସାହୁ, ସୁଧୀର ମହାନ୍ତି, ଶିକ୍ଷାବିତ୍ ଲିଙ୍ଗରାଜ ହୋତା, ନରେନ୍ଦ୍ର ଦାଶ, ତପନ ଦାଶ, ବିଷ୍ଣୁପ୍ରିୟା ଦେବୀ ପ୍ରମୁଖ ଯୋଗଦେଇ ବାଳକୃଷ୍ଣ ଦାସଙ୍କ ନୀତି ଆଦର୍ଶର ମଣିଷ ଥିଲେ ବୋଲି କହିଥିଲେ। ଏପରି କି ଦେଶ ସ୍ୱାଧୀନ ହେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜେଲ୍ ଯିବାକୁ ପଡିଥିଲା। ଦାସ ଗୋପ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ସର୍ବଦା ନିୟୋଜିତ ରହୁଥିଲେ। ସୁବର୍ଣ୍ଣପୁରଠାରେ ସେ ଏକ ଗୋପବନ୍ଧୁ ଦାସ ସେବା ସଦନ କରିଥିଲେ ମଧ୍ୟ ସେ ଏବେ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାବେଳେ ସରକାର ଅଦ୍ୟାବଧି ଦୃଷ୍ଟି ଦେଇପାରିନାହାନ୍ତି।

# ଜଳିଗଲା ଏକରରୁ ଅଧିକ ଜମିରେ ଧାନ

ଅସ୍ତରଙ୍ଗ,୨୩।୧୨
(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ବେଗୁନିଆବନ୍ତ ନିକଟରେ ଶନିବାର ଅପରାହ୍ନ ସମୟରେ ଏକରରୁ ଅଧିକ ଜମିରେ ଧାନଗଛ ଜଳିଯାଇଛି। ଏହି ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏହି ଜମିଗୁଡ଼ିକର କିଛି ସ୍ଥାନରେ ଧାନ କଟାଯାଇ ଗଚ୍ଛିତ ରଖାଯାଇଥିବାବେଳେ ଅନେକ ସ୍ଥାନରେ ଧାନ କଟାଯାଇ ନ ଥିଲା। ଏହି ଜମି ନିକଟରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ସୂଚନା ମୁତାବକ, ବେଗୁନିଆବନ୍ତ ଗ୍ରାମର ପୀତବାସ ସ୍ୱାଇଁଙ୍କ ୧ଏକର, ମାଧବାନନ୍ଦ ବରାଳଙ୍କ ୧.୫ଏକର, ବଟକୃଷ୍ଣ ବରାଳଙ୍କ ୧୫ଗୁଣ୍ଠ, ହୃଷୀକେଶ ବରାଳଙ୍କ ୧୫ଗୁଣ୍ଠ ଜମିରେ ଏହି ଅଗ୍ନିକାଣ୍ଡ ଘଟିଛି। ନିଆଁ ଜଳୁଥିବା ଦେଖି ଗ୍ରାମବାସୀ ନିକଟରେ ଥିବା ପୋଖରୀରୁ ପାଣି ଆଣି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଫଳରେ ପାଖାପାଖି ଜମିକୁ ଅଗ୍ନି ସଂଯୋଗରୁ ସୁରକ୍ଷିତ କରାଯାଇ ପାରିଛି। ଚାଷୀମାନେ ଋଣ କରି ଅନେକ ପରିଶ୍ରମ କରି ଚାଷ କରିଥିଲେ। ଅମଳ ସମୟରେ ଏଭଳି ଘଟଣା ସେମାନଙ୍କୁ ମର୍ମାହତ କରିଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଉକ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକ୍ଷା ସମାଜ ଗଠନର ମୂଳଦୁଆ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ପିପିଲି,୨୩।୧୨(ପ୍ରଭାତ ମହାପାତ୍ର)

## ଗୁରୁ ନାନକ ଇଂଲିଶ ମିଡିୟମ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ପିପିଲି ଗୁଡ଼ିଆପୋଖରୀସ୍ଥିତ ଗୁରୁ ନାନକ ଇଂଲିଶ ମିଡିୟମ ପବ୍ଲିକ ସ୍କୁଲ ଓ ଭୁବନେଶ୍ୱର ରାମମନ୍ଦିର ଗୁରୁ ନାନକ ଇଂଲିଶ ମିଡିୟମ ପବ୍ଲିକ ସ୍କୁଲର ମିଳିତ ବାର୍ଷିକ 'ଭାର୍ଗବୀ ଫେଷ୍ଟ' ସାଂସ୍କୃତିକ ଉତ୍ସବ ଧୁମଧାମ ସହ ଗୁଡ଼ିଆପୋଖରୀ ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଭୁବନେଶ୍ୱର ଓ ପିପିଲି ଅଞ୍ଚଳରେ ସୁନାମପ୍ରାପ୍ତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଭାବେ ଏହି ସ୍କୁଲ ଶିକ୍ଷାକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କେନ୍ଦ୍ର ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସ୍କୁଲର ଭୁରିୟସୀ ପ୍ରଶଂସା କରିଥିଲେ। ଶିକ୍ଷା ସମାଜ ଗଠନର ମୂଳଦୁଆ। ଗୁରୁ ନାନକଙ୍କ ଆଦର୍ଶ ପଥ ସହିତ ଗୁରୁଦ୍ୱାରର ଶୃଙ୍ଖଳିତ ଜୀବନଯାପନ ପଦ୍ଧତି ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ତେଣୁ ଶିକ୍ଷା ବାସ୍ତବରେ ଏହିପରି ଚରିତ୍ର ଓ ସଂସ୍କାର ଉପଯୋଗୀ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଜେନା କହିଥିଲେ। ସମ୍ମାନିତ ଅତିଥି ଭାବେ ଗୁରୁଦ୍ୱାର ସିଂ ସଭା ସଭାପତି ସ୍କୁଲର ରାଜେନ୍ଦ୍ର ସିଂ ଭୁରଜି, ପରିଚାଳନା କମିଟି ସଭାପତି ସତପାଲ ସିଂ, ଉପସଭାପତି କୁଲଦୀପ ସିଂ ଚାୱଲା, କମିଟି ସଭ୍ୟ ଲାଜପତ ଚାୱଲା, ଯଶପାଲ ସିଂ, ଅମରଜିତ୍ ସିଂ ଆନନ୍ଦ, ମହେନ୍ଦ୍ର ସିଂ ଖାଲସି, ସୁରିନ୍ଦର ସିଂ ଓବରାଇ ଏବଂ ବିଦ୍ୟାଳୟ ବରିଷ୍ଠ ଅଧକ୍ଷା ମଧୁମିତା ସାହୁ, ଅଧକ୍ଷଦ୍ୱୟ ଡ. ମନୋଜ ନାୟକ ଓ ଚନ୍ଦନା ମଣ୍ଡଳ ପ୍ରମୁଖ ମଞ୍ଚାସୀନ ହୋଇ ଶିକ୍ଷାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଇତ୍ୟବସରରେ ମାଗାଜିନ 'ପିନାକଲ -୨୦୨୩' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୃତୀ ବିଦ୍ୟାର୍ଥୀଙ୍କୁ ବିଭିନ୍ନ କୃତିତ୍ୱ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଭାର୍ଗବୀ ଫେଷ୍ଟ -୨୦୨୩ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାହାକି ସ୍ୱତନ୍ତ୍ର ଭାବେ ଛାତ୍ରୀଛାତ୍ର କଳାକାରମାନେ ପ୍ରସ୍ତୁତ କରି ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ।

# ଆଜିଠାରୁ ମା' ଲଙ୍କେଶ୍ୱରୀ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

ବଲଙ୍ଗା,୨୩।୧୨(କେଦାରେଶ୍ୱର ନନ୍ଦ)

ବଲଙ୍ଗା ମା' ଲଙ୍କେଶ୍ୱରୀ ଫୁଟବଲ କ୍ଲବ ପକ୍ଷରୁ ବଲଙ୍ଗା ମିନି ଷ୍ଟାଡିୟମରେ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ମା' ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଆଠଗୋଟି ଦଳ ଯଥା କିଶୋର କ୍ଲବ ଭୁବନେଶ୍ୱର, ବରୁଣେଇ କ୍ଲବ କଟକ, ନୀଳାଚଳ କ୍ଲବ ପୁରୀ, ଲଙ୍କେଶ୍ୱରୀ କ୍ଲବ ବଲଙ୍ଗା, ଗଣ୍ଡରପୁର ୟୁଥ୍ କ୍ଲବ କଟକ, ଫ୍ରେଣ୍ଡ୍‌ସ ପାରାଡାଇଜ କ୍ଲବ ଜଟଣୀ, ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ଓ ଭଞ୍ଜ ଫୁଟ୍‌ବଲ୍ କ୍ଲବ ଭଞ୍ଜନଗର ଅଂଶଗ୍ରହଣ କରିବେ ବୋଲି କ୍ଲବ ସମ୍ପାଦକ କୃପାସିନ୍ଧୁ ଦତ୍ତ ପ୍ରକାଶ କରିଛନ୍ତି।

# ଶିକ୍ଷା ଆମ ମେରୁଦଣ୍ଡ ସଦୃଶ




ଉତ୍ସବରେ ସ୍କୁଲ ଫାଉଣ୍ଡେଶନ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଗୋପ,୨୩।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ଆମର ମେରୁଦଣ୍ଡ ସଦୃଶ। ନବୀନ ସରକାର ଶିକ୍ଷାର ଭୋକର ଭୂଗୋଳକୁ ପରିବର୍ତ୍ତନ କରିଥିବାବେଳେ ଦୁଆର ମୁହଁରେ ଶିକ୍ଷା କ୍ଷେତ୍ର ଯୋଗାଇ ଦେଇ ଆଗକୁ ଯିବାକୁ ସମସ୍ତ ବ୍ୟବସ୍ଥା କରିଛନ୍ତି। ସତ୍ୟନାରାୟଣ ବିଦ୍ୟାପୀଠଠାରେ ଶନିବାର ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହା କହିଥିଲେ। ଯୁବ ନେତା ସତ୍ୟବ୍ରତ ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର କୁମର ବର ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ମୀନକେତନ, ପୂର୍ବତନ ଛାତ୍ର ସଂସଦ ସଭାପତି ବିକ୍ରମ ନାୟକ, ସମ୍ପାଦକ କଲ୍ୟାଣ ଜେନା, ଶିକ୍ଷାବିତ୍ ତଥା ଗୋପ ବ୍ଲକର ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଆମେ କିପରି ଆଗକୁ ଯାଇପାରିଛେ ସେ ସମ୍ପର୍କରେ ମତାମତ ରଖିଥିଲେ। ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ସତ୍ୟନାରାୟଣ ବିଦ୍ୟାପୀଠ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାଠପଢ଼ା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ଡେଲାଙ୍ଗ,୨୩।୧୨(ରଶ୍ମିରଞ୍ଜନ ପ୍ରଧାନ)

ମୁନିଦାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ୪୦ତମ ଜିଲାସ୍ତରୀୟ ଶିଶୁ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଆୟୋଜିତ ଏହି ୨ ଦିନିଆ କାର୍ଯ୍ୟକ୍ରମରେ ଜିଲାର ୧୧ ବ୍ଲକରୁ ୨୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୦ ପ୍ରତିଯୋଗୀ ରାଜ୍ୟସ୍ତରକୁ ଚୟନ ହୋଇଛନ୍ତି। ଉତ୍ସବରେ ଓଷ୍ଟାର ସ୍ଥାୟୀ ସଭାପତି ବିଜୟ ବରାଳ ଏଥିରେ ସଭାପତିତ୍ୱ କରିଥିଲେ। ସମାବେଶରେ ଓଷ୍ଟାର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ପ୍ରଫେସର ଶଶାଙ୍କ ଚୂଡ଼ାମଣି, ବ୍ଲକ ଶିକ୍ଷାଧିକାରୀ ବିନୋଦ ପରମାଣିକ, ବିଭୁଦତ୍ତ ନାୟକ, ପବିତ୍ରମୋହନ ଦାଶ, ଅଜୟ ଆଚାର୍ଯ୍ୟ, ଲକ୍ଷ୍ମୀଧର ଉପାଧ୍ୟାୟ, ପ୍ରତାପଚନ୍ଦ୍ର ପଲାଇ, ତରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ବିଭିନ୍ନ କଳା, କ୍ରୀଡ଼ା ଦିଗରେ ଶିକ୍ଷକ ଓ ଅଭିଭାବକମାନେ ଗୁରୁତ୍ୱ ଦେବା ସହ ପ୍ରଶିକ୍ଷଣ ଦେଲେ ଜଣେ ଶିକ୍ଷାର୍ଥୀ ଆଗକୁ ଅଗ୍ରଗତି କରିପାରିବ ବୋଲି ଦାଶ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକକ ଅଭିନୟ, ନୃତ୍ୟ ଓ କ୍ଷୁଦ୍ରନାଟକ ପରିବେଷଣ କରାଯାଇଥିଲା। ଶିକ୍ଷକ ରମେଶଚନ୍ଦ୍ର ପରିଡ଼ା, ବୈଜୟନ୍ତିମାଳା ହରିଚନ୍ଦନ, ପ୍ରବୀର ମହାପାତ୍ର, ସୂର୍ଯ୍ୟନାରାୟଣ ଜେନା, ସୁଶୀଲ ମୁକୁଟମଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ପୁରସ୍କୃତ ପ୍ରତିଯୋଗୀଙ୍କ ସହ ଅତିଥିମାନେ ।

# ଆଜିର ଛାତ୍ର ସମାଜ ଆଗାମୀ ଦିନରେ ନେତୃତ୍ୱ ନେବେ

ନିମାପଡ଼ା,୨୩।୧୨(ବିଚିତ୍ରାନନ୍ଦ ସାହୁ)

ଆଜିର ଯୁବ ଛାତ୍ର ସମାଜ ଆଗାମୀ ଦିନରେ ଦେଶ ଓ ରାଜ୍ୟର ପଥ ପ୍ରଦର୍ଶକ। ଏହି ଛାତ୍ର ଓ ଯୁବକମାନେ ହିଁ ଭବିଷ୍ୟତରେ ଦେଶ ଓ ରାଜ୍ୟର ନେତୃତ୍ୱ ନେବେ। ତେଣୁ ଏବେଠାରୁ ଛାତ୍ରୀଛାତ୍ରମାନେ ନିଜକୁ ଠିକ୍ ମାର୍ଗରେ ଗଢି ତୋଳିବା ଆବଶ୍ୟକ। ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ କହିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ଅଧକ୍ଷା ପୁଷ୍ପିତା ରାଜଗୁରୁ, କଲେଜ ନୋଡାଲ ଅଫିସର ଅଧ୍ୟାପିକା ଅମ୍ବିକା ପ୍ରସାଦ ଷଡ଼ଙ୍ଗୀ, ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ସଚେତନତା ଆଦି ବିଭିନ୍ନ ପ୍ରତିଯୋଗିତାରେ ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବିଭିନ୍ନ ପ୍ରତିଯୋଗିତାର ୩ଶହ କୃତୀ ଛାତ୍ରୀଛାତ୍ରଙ୍କୁ କଲେଜର ହୀରକ ଜୟନ୍ତୀ ସମାରୋହରେ ପୁରସ୍କାର ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ ଅତିଥି, ଦର୍ଶକଙ୍କୁ ବିମୋହିତ କରିଥିଲା। ଆଗାମୀ ୨୭ରୁ ୨୯ ତାରିଖରେ କଲେଜର ହୀରକ ଜୟନ୍ତୀ ସମାରୋହରେ କଲେଜର ସମସ୍ତ ଆଲୁମ୍ନି, ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅଧକ୍ଷା ରାଜଗୁରୁ ନିବେଦନ ଓ ଆମନ୍ତ୍ରଣ କରିଛନ୍ତି। ଏହି ଅବସରରେ ୧୪ ଲକ୍ଷ ଟଙ୍କା ବ୍ୟୟରେ କଲେଜ ପରିସରରେ ୭ଟି ହାଇମାଷ୍ଟ ଲାଇଟ୍ ଲଗାଯାଇ ଆଲୋକୀକରଣ ବ୍ୟବସ୍ଥାକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି। ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତି, ପ୍ରଦୀପ ଦାଶ, ଅଧ୍ୟାପିକା ମମତାରାଣୀ ସ୍ୱାଇଁ, ସ୍ୱପ୍ନାରାଣୀ ମିଶ୍ର ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।




ଉତ୍ସବରେ ବିଦ୍ୟାର୍ଥୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ତରୁଣକାନ୍ତି ମିଶ୍ର ପାଇବେ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ**

କଟକ,(ଶିକ୍ଷାପ୍ରିୟଦର୍ଶିନୀ):କଥାଶିଳ୍ପୀତଥାପୂର୍ବତନମୁଖ୍ୟଶାସନସଚିବତରୁଣକାନ୍ତିମିଶ୍ରପାଇବେପୀତାମ୍ବରମିଶ୍ରସାରସ୍ୱତସମ୍ମାନ।ପୀତାମ୍ବରମିଶ୍ରଫାଉଣ୍ଡେସନ ପକ୍ଷରୁ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହ ଆସନ୍ତା ୨୫ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନରେ ଅନୁଷ୍ଠିତ ହେବ। ଏଥିରେ ମିଶ୍ରଙ୍କୁ ସମ୍ମାନିତ କରାଯିବ। ଏହି ଉତ୍ସବରେଛତିଶଗଡ଼ରାଜ୍ୟପାଳଡ.ବିଶ୍ୱଭୂଷଣହରିଚନ୍ଦନଯୋଗଦେବେବାରକାର୍ଯ୍ୟକ୍ରମରହିଥିବାନେଇଫାଉଣ୍ଡେସନରସମ୍ପାଦକଜୀବାନନ୍ଦମିଶ୍ରସୂଚନାଦେଇଛନ୍ତି।

## ସଂକ୍ଷେପରେ

### ଆର୍‌ଟିଆଇ ଜରିଆରେ ଦୁର୍ନୀତି ଲୋକଲୋଚନକୁ ଆଣିହେବ

ଚୌଦ୍ୱାର,୨୩।୧୨(ଆଶୁତୋଷ ଦାସ)

ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନ୍ ହଲ୍‌ରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ୨ ଦିନିଆ ରାଜ୍ୟସ୍ତରୀୟ ମହାସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୂଚନା ଅଧିକାର ଆଇନ୍‌ର ପୂର୍ବତନ କମିଶନର ସୁନିଲ କୁମାର ମିଶ୍ର ଯୋଗଦେଇ କହିଥିଲେ, ସମାଜରେ ହେଉଥିବା ଦୁର୍ନୀତି ଲୋକଲୋଚନକୁ ଆଣିବାରେ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ସହାୟକ ହୋଇପାରୁଛି। ଶେଷଦେବ ନାଗ, ଖବରଦାତା ସତ୍ୟପ୍ରକାଶ ନାୟକ, ଶ୍ରୀକାନ୍ତ ପାକଳ, ମନୋଜ କୁମାର ସାହୁ ଯୋଗଦେଇ ଦୁର୍ନୀତି, ଭ୍ରଷ୍ଟାଚାର ମୁକ୍ତ ଓଡ଼ିଶା ଗଠନରେ ସାଧାରଣ ନାଗରିକଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ ଉପରେ ଆଲୋଚନା କରିଥିଲେ। ଭୀମସେନ ବିଶ୍ୱାଳ, ନବକିଶୋର ଦାସ, ହରିହର ବେଉରା, ସଚ୍ଚି ପ୍ରଧାନ, ରଞ୍ଜିତ ମଲ୍ଲିକ, ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଜିଲାର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### 'ନନ୍ଦକିଶୋରଙ୍କ ସାହିତ୍ୟରେ ପଲ୍ଲୀର ନିଚ୍ଛକ ପ୍ରତିଛବି ଭରି ରହିଛି'

ମାହାଙ୍ଗା, ୨୩।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ନନ୍ଦକିଶୋର ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦ୍‌ଘାଟକ ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇଥିଲେ। ଆଇନଜୀବୀ ଶ୍ରୀବନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସାହିତ୍ୟରେ ପଲ୍ଲୀର ନିଚ୍ଛକ ପ୍ରତିଛବି ଭରି ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, କୁସୁପୁର ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ରାଉତରାୟ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସାମାଜିକ କର୍ମୀ ଅନିଲ ଜେନା,ସମିତିସଭ୍ୟା ମେନକା ଦାସ ପ୍ରମୁଖ ଯୋଗଦେଇ ପଲ୍ଲୀକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ଶରତ ସାମଲ ଅତିଥି ପରିଚୟ ଓ ସରପଞ୍ଚ ମମତା ସାହୁ ଧନ୍ୟବାଦ ଦେଇଥିଲେ।

# ସାମୂହିକ କାର୍ଯ୍ୟକ୍ରମରେ ଯୁବକ ସାମିଲ ହୁଅନ୍ତୁ



କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଅନ୍ୟମାନେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କଟକ,୨୩।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ତାଳଦଣ୍ଡା କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ତଥା ପୂର୍ବତନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନେତୃତ୍ୱରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ ମହାବିଦ୍ୟାଳୟ ଭାବେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅବସରରେ କଟକର ୧୧ରୁ ଅଧିକ ମହାବିଦ୍ୟାଳୟର ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ସାମୂହିକ ସେବାମୂଳକ କାର୍ଯ୍ୟକ୍ରମରେ ଯୁବକମାନେ ସାମିଲ ହେବା ଦରକାର। ଏଥିସହ ସେମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧତା ବୃଦ୍ଧି ପାଇବା ଓ ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ସୁମନ ଦାସ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ କଟକର ବିଭିନ୍ନ କଲେଜ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସ୍ୱାଇଁ, ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିରାମ ଦାସ, ପୂର୍ବତନ ଜିଲା ଜରୁରିକାଳୀନ ଅଧିକାରୀ ପ୍ରଦୀପ ତ୍ରିପାଠୀ, କର୍ପୋରେଟର ଶୁଭାଶିଷ ପଟ୍ଟନାୟକଙ୍କ ସମେତ ପୋଲିସ, ଅଗ୍ନିଶମ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




କଟକ ମାଛୁଆ ବଜାରସ୍ଥିତ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖାଠାରେ ଅତିଥିମାନେ ବାର୍ଷିକ ପତ୍ରିକା 'ସଂଗ୍ରାମର ବାର୍ତ୍ତା' ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

## ଜାତୀୟ କୃଷକ ଦିବସ ପାଳିତ

ଫୁଲନଖରା,୨୩।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

ବାଲିଅନ୍ତା ବ୍ଲକ ଜଗନ୍ନାଥ ପଞ୍ଚାୟତସ୍ଥିତ ଭୀମପୁରଠାରେ ଥିବା ଏସିଏସ୍‌ଇନ୍ ଏଗ୍ରି ସାଇନ୍ସ ପ୍ରଡକ୍ଟ ଡେଭଲପମେଣ୍ଟ ଫାର୍ମରେ ଶନିବାର କୃଷକ ଦିବସ ପାଳିତ ହୋଇଯାଇଛି। ଏଥିରେ କଟକ, ପୁରୀ, ବରଗଡ଼, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଭଦ୍ରକ, ଗଞ୍ଜାମ ଆଦି ୨୦ ଜିଲାର କୃଷକ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିକାଶ ସିଡ୍‌ସ ମାଲିକ ବୈଦ୍ୟନାଥ ବେହେରା ଯୋଗଦେଇ କୃଷକମାନଙ୍କୁ ଉନ୍ନତ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ସମ୍ବର୍ଦ୍ଧିତ କରିଥିଲେ। ଦେଶ ତଥା ରାଜ୍ୟରେ ସଂସ୍ଥା ପକ୍ଷରୁ ଯୋଦ୍ଧା, ମେସି ଓ ଲୋକେସ କିସମର ବିଲାତି, ଆଲେକ୍ସା ଫୁଲକୋବି, ସୋଫିଆ କାକୁଡ଼ି, ପାରାଡାଇଜ କଖାରୁ, ହ୍ୱାଇଟପଲ ଓ ରେଡ ଆଞ୍ଜେଲ ଚେଲକି, ପାଲକି ମୂଳା, ଅଙ୍କିତା ବାଇଗଣ, ଇଗଲ ଲଙ୍କା, କସ୍ତୁରୀ ଧନିଆ, ସଙ୍କର ଭେଣ୍ଡି, ଉତ୍ତମ ବନ୍ଧାକୋବି ଭଳି ୧୫୦ ପ୍ରକାରର ମଞ୍ଜି ଓ ବିହନ କୃଷକମାନଙ୍କୁ ଯୋଗାଇ ଦିଆଯାଉଛି। କମ୍ପାନୀର ଟେରିଟୋରି ମ୍ୟାନେଜର ଶିବା ଆଚାରୀ, ପ୍ରଦ୍ୟୁମ୍ନ ପାଢ଼ୀ, ପ୍ରଡକ୍ଟ ଡେଭଲପମେଣ୍ଟ ଅଫିସର ବଳରାମ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚକ୍ରଧର ସ୍ୱାଇଁ, ଶ୍ରୀଧର ସାହୁ, ନିରଞ୍ଜନ ବାରିକ ପ୍ରମୁଖ ଚାଷୀ ଯୋଗ ଦେଇଥିଲେ।

## ମାତୃ, ଶିଶୁ ମୃତ୍ୟୁହାର ରୋକିବା ଲକ୍ଷ୍ୟ

### ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

କଟକ,୨୩।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଜଟିଳ ପ୍ରସବ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ଏକ କର୍ମଶାଳା ଶନିବାର ଏସ୍‌ସିବି ମେଡ଼ିକାଲସ୍ଥିତ ଆନେସ୍ଥେସିଆ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଦେବପ୍ରସାଦ ମହାନ୍ତି, ସ୍ତ୍ରୀ ଓ ପ୍ରସୂତି ବିଭାଗୀୟ ମୁଖ୍ୟ ପ୍ରଫେସର ଡ. କୀର୍ତ୍ତିରେଖା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଡିଏମ୍‌ଇଟି ପ୍ରଫେସର ଡା. ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସହକାରୀ ଡିଏମଇଟି ପ୍ରଫେସର ଡା. ବ୍ରଜକିଶୋର ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ବିଶେଷଜ୍ଞ ଡା. ସୁନୀଲ ପାଣ୍ଡ୍ୟା, ଡା. କୌଶଲ୍ୟା ଚକ୍ରବର୍ତ୍ତୀ ମୁଖ୍ୟ ତାଲିମଦାତା ଭାବେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଭେଷଜ ମହାବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟର ନିଶ୍ଚେତକ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗର ୧୫୦ରୁ ଅଧିକ ବିଶେଷଜ୍ଞ ଅଂଶଗ୍ରହଣ କରି ଜଟିଳ ପ୍ରସବ ଜନିତ ସମସ୍ୟା ସମ୍ପର୍କରେ ତାଲିମ ନେଇଥିଲେ। ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ସହିତ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଏହି କର୍ମଶାଳାର ଲକ୍ଷ୍ୟ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ଡା. ଦେବ ପ୍ରସାଦ ମହାନ୍ତି, ଲକ୍ଷ୍ମୀଧର ଦାଶ, ତରଙ୍ଗିନୀ ଦାସ, ସିଦ୍ଧାର୍ଥ ଶ୍ରବଣ ରାଉତରାୟ, କମଳାକାନ୍ତ ସ୍ୱାଇଁ, ଡା. ଅଭିଷେକ ବିଶ୍ୱାଳ ଉପସ୍ଥିତ ରହିଥିଲେ।

## ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଅନ୍ୟମାନେ।

ଖୁଣ୍ଟୁଣୀ/ କଟକ,୨୩।୧୨ (ସଚ୍ଚିଦାନନ୍ଦ ପଣ୍ଡା/ ଶିକ୍ଷା ପ୍ରିୟଦର୍ଶିନୀ)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ରବିନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ. ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ନୋଡାଲ ଅଫିସର ସୁରେନ୍ଦ୍ର କୁମାର ପେଣ୍ଟୋଇ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କଲେଜ ପରିଚାଳନା କମିଟିର ସଦସ୍ୟ ନୃସିଂହ ଚରଣ ସାହୁ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନିରୁଦ୍ଧ ପତ୍ରୀ, ସୁରେନ୍ଦ୍ର ସେନାପତି, ଚିତ୍ତରଞ୍ଜନ ଦାଶ, ବଜ୍ରଭୂଷଣ ପାତ୍ର, ଭାସ୍କର ଚନ୍ଦ୍ର ପଟ୍ଟନାୟକ, ପବିତ୍ର ମୋହନ ଦାଶ, ଶିଶିର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଖ୍ରୀଷ୍ଟ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଅଧ୍ୟାପକ ଡ. ଦୈତାରୀ ଶୁକ୍ଳ ଅତିଥି ପରିଚୟ, ପ୍ରାଧ୍ୟାପକ ଶୋଭନ ପଣ୍ଡା ଓ ଡ. କ୍ଷଣପ୍ରଭା ନନ୍ଦ ବିବରଣୀ ପ୍ରଦାନ, ଡ. ଜିତା ରାୟ ସଭା ସଂଯୋଜନା, ପ୍ରାଧ୍ୟାପିକା ଦେବଯାନୀ ଦାଶ ଧନ୍ୟବାଦ ଦେଇଥିଲେ। ଡ. ବିନୀତା ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତାଧିକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ସମ୍ପାଦକ ବିକାଶ ଚନ୍ଦ୍ର ରାଉତ, ଡ. ପ୍ରଶାନ୍ତ ମହାନ୍ତି, ଡ. ସାରଦା ପ୍ରସାଦ କର, ଶ୍ୱାତୀ ଦାଶ, ଡ. ଅଶୋକ କୁମାର ସାହୁ ଓ ନିବେଦିତା ଦାସ ଯୋଗଦେଇଥିଲେ।

## ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର କର୍ମକର୍ତ୍ତା ନିର୍ବାଚିତ




ନିର୍ବାଚିତ ହୋଇଥିବା ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର କର୍ମକର୍ତ୍ତା।

କଟକ, ୨୩।୧୨(ଶିକ୍ଷା ପ୍ରିୟଦର୍ଶିନୀ)

ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ ଅଜୟ ବିନୟ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ ସଭ୍ୟ ଏବଂ ଏହାର ଅନୁବନ୍ଧିତ ଜିଲା କ୍ଷୁଦ୍ର ଶିଳ୍ପ ସଂଘଗୁଡ଼ିକର ପ୍ରତିନିଧି ଯୋଗଦେଇ ୨୦୨୩-୨୫ ବର୍ଷ ପାଇଁ କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରିଥିଲେ। ଏଥିରେ ସଭାପତି ଭାବେ ସ୍ମରଜିତ ମହାନ୍ତି, ଉପସଭାପତି(ସାଧାରଣ) ହିମାଂଶୁ ଶେଖର ମିଶ୍ର, ଉପସଭାପତି (କେନ୍ଦ୍ରୀୟ) ଅମିୟ କୁମାର ମାହାଲିକ, ଉପସଭାପତି(ପୂର୍ବାଞ୍ଚଳ) କେଦାରନାଥ ଦାସ, ଉପସଭାପତି(ପଶ୍ଚିମାଞ୍ଚଳ) ଶରତ କୁମାର ପରିଡ଼ା, ଉପସଭାପତି(ଉତ୍ତରାଞ୍ଚଳ) ବିବେକ ରାଜ ବାଜପେୟୀ, ଉପସଭାପତି (ଦକ୍ଷିଣାଞ୍ଚଳ) ରାଜେଶ ମୋଦି, ସମ୍ପାଦକ ଭାବେ ସଞ୍ଜୟ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ସହସମ୍ପାଦକ ଭାବେ ଦୀପାଂଶୁ ଶେଖର ସାହୁ, ମାନସ ମୋଦି, ନବ କିଶୋର ସାହୁ, ଆଶିଷ ମହାପାତ୍ର, ରଞ୍ଜିତ ଜେନା, ଉମଙ୍ଗ ଭଓସିଙ୍କା, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି।

## 'ବ୍ୟବସାୟିକ ବିଶ୍ଲେଷଣତା, କର୍ମନିଯୁକ୍ତି' ଆଲୋଚନାଚକ୍ର

ଭୁବନେଶ୍ୱର,୨୩।୧୨(ଅନୁରାଧା ମହାରଣା)




ଆଲୋଚନାଚକ୍ରରେ ଅତିଥି ଓ ଅନ୍ୟମାନେ।

କଟକ ଜିଲା ଅଡ଼ଶପୁରସ୍ଥିତ ଉଦୟନାଥ ମହାବିଦ୍ୟାଳୟ ଏବଂ କଣ୍ଟାବାଡ଼ସ୍ଥିତ ଆଇଆଇଏମ୍‌ଟି ପକ୍ଷରୁ ମହାବିଦ୍ୟାଳୟ ପରିସରରେ 'ବ୍ୟବସାୟିକ ବିଶ୍ଲେଷଣତା, କର୍ମନିଯୁକ୍ତି' ଉପରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱ କରିଥିଲେ। ଆଇଆଇଏମ୍‌ଟିର ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟବସାୟିକ ବିଶ୍ଲେଷଣତା କ୍ଷେତ୍ରରେ କମ୍ପ୍ୟୁଟରର ଉପାଦେୟତା, ପ୍ରତିଯୋଗିତାରେ ଋଣଗ୍ରହୀତା, ବ୍ୟକ୍ତିର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଶ୍ଲେଷଣତା, ବ୍ୟକ୍ତିର ଆପରାଧିକ ରେକର୍ଡ ଉପରେ ଅନୁଧ୍ୟାନ, ବିଭିନ୍ନ ଘଟଣା ଉପରେ ଡାଟାର ନିରୀକ୍ଷଣତା ଉପରେ ତର୍ଜମା କରି ଛାତ୍ରମାନେ ଡାଟା ସାଇନ୍ସ ଅଧ୍ୟୟନ କରିବା ବର୍ତ୍ତମାନ ସମୟରେ ଆବଶ୍ୟକତା ବୋଲି ଡ. ପଟ୍ଟନାୟକ କହିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ସାହୁ ସମୟକୁ ତାଳ ଦେଇ ଓ ସମୟର ଆବଶ୍ୟକତା ଉପରେ ଜୋର୍ ଦେଇ ବ୍ୟବସାୟିକ ଶିକ୍ଷାକୁ କର୍ମନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦେବାକୁ କହିଥିଲେ। ଆଇଆଇଏମ୍‌ଟିର ପ୍ରଶାସନିକ ତଥା ଛାତ୍ରକଲ୍ୟାଣ ଡିନ୍ ଡ. ଜଗମୋହନ ପଟ୍ଟନାୟକ ଯୋଗଦେଇ ନିଜେ ଛୋଟ ବଡ଼ ଶିଳ୍ପ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କୁ ରୋଜଗାର ଦେଇପାରିଲେ ପ୍ରତ୍ୟେକ ପରିବାରର ଆର୍ଥିକ ଉନ୍ନତି ହୋଇପାରିବ ବୋଲି କହିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ କୁମ୍ କୁମ୍ ମହାପାତ୍ର, ଆଇଆଇଏମ୍‌ଟିର ଆସିଷ୍ଟାଣ୍ଟ ପ୍ରଫେସର ସୃଜନୀ ମହାନ୍ତି ଏବଂ ମାର୍କେଟିଂଙ୍କ ମୁଖ୍ୟ ଜୟ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଓଡ଼ିଆ ଜାତିର ଅସ୍ମିତା

କଟକ ସଦର ୨୩।୧୨(ସୁଶାନ୍ତ କୁମାର ଜେନା)



ମୁଖ୍ୟ ଅତିଥି ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମାରୋହକୁ ଉଦ୍‌ଘାଟନ କରୁଛନ୍ତି।

### ଗୋପାଳ ସ୍ମୃତି ବିଦ୍ୟାପୀଠରେ ପ୍ଲାଟିନମ୍ ଜୁବିଲି ସମାରୋହ

କଟକ ସଦର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠର ପ୍ଲାଟିନମ ଜୁବିଲି ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ରଘୁନାଥ ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ କହିଛନ୍ତି, ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ରଚିତ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ଓଡ଼ିଆ ଜାତିର ଅସ୍ମିତା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ମୁଖ୍ୟବକ୍ତା ଭାବେ ଦାଶ ବେନହୁର ଯୋଗଦେଇଥିଲେ। କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ, ସମ୍ପାଦକ ଉମେଶ ଚନ୍ଦ୍ର ଜେନା ବିବରଣୀ ପାଠ ଏବଂ କରୁଣାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବନ୍ଦନା ତ୍ରିପାଠୀ, ଯୋଗେନ୍ଦ୍ର ଭୋଇ ଓ ସହଯୋଗୀମାନେ ସ୍ୱାଗତ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ସ୍ମରଣିକା 'ଭାଷାୟନ' ଉନ୍ମୋଚିତ ହୋଇଥିଲା। ସକାଳେ ଏହି ସମାରୋହକୁ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।





ବଡ଼ଦିନ ପାଳନ ଉପଲକ୍ଷେ କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ଓ କନିକା ଛକସ୍ଥିତ କଟକଚଣ୍ଡୀ ଖ୍ରୀଷ୍ଟିୟାନ୍ ସମାଜ ଗୃହକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।




ବଡ଼ଦିନ ପାଇଁ କଟକ ମିଶନରୋଡ୍‌ରେ ଖୋଲିଥିବା ଏକ ଷ୍ଟଲରୁ ସାଣ୍ଟାକ୍ଲଜ କିଣୁଥିବା ଯୁବତୀ।

# ସ୍ୱତନ୍ତ୍ର ହସ୍ତତନ୍ତ ମେଳାରେ ଗହଳି ନାହିଁ

## ପ୍ରଚାର ପ୍ରସାର ଅଭାବରୁ ଲୋକେ ଜାଣିପାରୁନାହାନ୍ତି




ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଏବଂ ଜିଲା ପ୍ରଶାସନର ସହଯୋଗରେ ଖୋର୍ଦ୍ଧା ସ୍ଥିତ ଓର୍ମାସ କାର୍ଯ୍ୟାଳୟ ପରିସରରେ ଚାଲିଛି ସ୍ୱତନ୍ତ୍ର ହସ୍ତତନ୍ତ ମେଳା। ନଭେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବୟନିକା କର୍ତ୍ତୃପକ୍ଷଙ୍କ ସୂଚନା ପ୍ରକାରେ, ଚଳିତ ବର୍ଷ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ବିଭିନ୍ନ ଭେରାଇଟି ଉପରେ ଫୋକସ କରାଯାଇଛି। ଯୁବକଙ୍କ ପାଇଁ ବିଭିନ୍ନ ଷ୍ଟାଇଲର ଶାର୍ଟ, କପଡ଼ା ରହିଥିବା ବେଳେ ଯୁବତୀଙ୍କ ପାଇଁ ଚୁଡ଼ିଦାର କପଡ଼ା, ସମ୍ବଲପୁରୀ କପଡ଼ା ରହିଛି। ସେହିଭଳି ମହିଳାମାନଙ୍କ ପାଇଁ ସମ୍ବଲପୁରୀ, ସୋନପୁର ଶାଢ଼ି, ବମକେଇ ପାଟ, ଖଣ୍ଡୁଆ, ସାଲ୍, ବେଡ୍‌ଶିଟ୍ ଏକାଧିକ ଭେରାଇଟି ରହିଛି। ଗତ ୨୧ ତାରିଖ ସୁଦ୍ଧା ପ୍ରାୟ ୨୫ଲକ୍ଷ ଟଙ୍କା ବେପାର ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଚାଲିଥିବା ତୋଷାଳି ମେଳାକୁ ବିଭାଗୀୟ କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ପଡ଼ିଥିବା ମେଳାକୁ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଚାର ପ୍ରସାର ଅଭାବ ତଥା ସହରଠାରୁ ଦୂରରେ ଏହି ମେଳା ହେଉଥିବାରୁ ଗ୍ରାହକ ଆସୁନାହାନ୍ତି। ପୂର୍ବାହ୍ନ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ମେଳା ଖୋଲା ରହୁଥିବା ବେଳେ ହାତଗଣତି ଗ୍ରାହକଙ୍କୁ ଛାଡ଼ିଦେଲେ ମେଳା ସମ୍ପୂର୍ଣ୍ଣ ଖାଁ ଖାଁ ରହୁଛି। ଫଳରେ ଏହି ମେଳା ଏକପ୍ରକାର ଫିକା ପଡ଼ିଛି। ଏ ସମ୍ପର୍କରେ ବୟନିକା ମାର୍କେଟିଂ ମ୍ୟାନେଜର ଆର୍ତ୍ତରଞ୍ଜନ ମହାପାତ୍ର କହିଛନ୍ତି, ହସ୍ତତନ୍ତ ମେଳାକୁ ଅଧିକ ଆକର୍ଷଣୀୟ ପାଇଁ ଗୁରୁତ୍ୱ ଦିଆଯିବ। ଖୋର୍ଦ୍ଧାରେ ବୟନିକାର ମେଗା ଶୋ'ରୁମ ଖୋଲିବା ପାଇଁ ପ୍ରସ୍ତାବ ରହିଛି। ଆଗକୁ ଗ୍ରାହକଙ୍କୁ ଆକର୍ଷଣ ପାଇଁ ଅଧିକ ଗୁରୁତ୍ୱ ଦିଆଯିବ। ଏଥିଲାଗି ବିଭାଗ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି।

# ପୌର ପରିଷଦସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ) ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେପୌର ପରିଷଦ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଥିଲେ, ପାଠପଢ଼ା ସହ କ୍ରୀଡ଼ାର ବିକାଶ ଜରୁରୀ। କ୍ରୀଡ଼ା ଆଗକୁ ବଢିବାକୁ ସୁଯୋଗ ଦେଇଥାଏ। ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ଦିଗରେ ଏକ ଅଭିନବ ପ୍ରୟାସ। ମୁଖ୍ୟମନ୍ତ୍ରୀ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ନିଜ ପ୍ରତିଭା ବିକାଶ ସହ ଖେଳୁଆଡ ମନୋଭାବ ନେଇ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପ୍ରୟାସ ଯୁବପିଢ଼ିଙ୍କ ବିକାଶ ପାଇଁ ଉଦାହରଣ ପାଲଟିଛି। ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ନିର୍ବାହୀ ଅଧିକାରୀ ରିଜୱାନା କଅକବ କହିଥିଲେ ଦୃଢ ଇଚ୍ଛାଶକ୍ତି ସଫଳତା ଆଣିଦିଏ। ରାଜ୍ୟରେ କ୍ରୀଡାର ବିକାଶ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତିଭାବାନ ଖେଳାଳି ରାଜ୍ୟ ତଥା ଜାତୀୟସ୍ତରରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇଛି। ହକି କପ ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି।

# 'ପ୍ରତିଭାକୁ ପରିଚୟ ଦିଏ ପୁରସ୍କାର'

ବୋଲଗଡ଼,୨୩।୧୨(ଦେବବ୍ରତ ହୋତା) ଘୋରାଡ଼ିଆସ୍ଥିତ ମୋହନ ସତ୍ୟପ୍ରିୟ ବିଧାର ୟୁପି ସ୍କୁଲ ପରିସରରେ ଶନିବାର ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ସମ୍ମାନିତ ଅତିଥି ସହଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ସାହୁ ଯୋଗଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ମନମୋହନ କହଲସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଯସ୍ମିନ ଦାଶ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା 'ସାଧବ ଝିଅର ଦୁଃଖ କାହାଣୀ' ନାଟକ ପରିବେଷଣ କରାଯାଇଥିଲା।


**Pharmaceuticals & Medical Devices Bureau of India (PMBI)**
(Under Department of Pharmaceuticals, Govt. of India)
E-1, 8th Floor, Videocon Tower, Jhandewalan Extn., New Delhi-110055
Telephone: 011-49431800 | Website: janaushadhi.gov.in

**ସର୍ବସାଧାରଣ ବିଜ୍ଞପ୍ତି**

**ଜନ ଔଷଧି ସମ୍ବନ୍ଧୀୟ ଠକାମିପୂର୍ଣ୍ଣ କଲ୍ ପ୍ରତି ସାବଧାନ**

**ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି ପରିଯୋଜନା (ପିଏମ୍‌ବିଜେପି)**ର କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି **ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ୍ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ (ପିଏମ୍‌ବିଆଇ)** [ଯାହା ପୂର୍ବରୁ ବ୍ୟୁରୋ ଅଫ୍ ଫାର୍ମା ପିଏସ୍‌ୟୁସ୍ ଅଫ୍ ଇଣ୍ଡିଆ (ବିପିପିଆଇ) ଭାବେ ପରିଚିତ ଥିଲା] ନଜରକୁ ଏହା ଆସିଛି ଯେ କେତେଜଣ ବ୍ୟକ୍ତି ଠକାମି ଉଦ୍ଦେଶ୍ୟ ରଖି ପିଏମ୍‌ବିଆଇ ଏବଂ ପିଏମ୍‌ବିଜେପି ସମ୍ପର୍କରେ ଭ୍ରମାତ୍ମକ ସୂଚନା ଦେଉଛନ୍ତି ଏବଂ ଲୋକମାନଙ୍କୁ ୫୦୦୦/- କିମ୍ବା ତା'ଠାରୁ ଅଧିକ ଟଙ୍କାର ଜମା ବଦଳରେ 'ଜନ ଔଷଧି କେନ୍ଦ୍ର' ଖୋଲିବା କିମ୍ବା ଡିଷ୍ଟ୍ରିବ୍ୟୁଟରଶିପ୍ ଆବଣ୍ଟନ କରିବାର ଆଳ ଦେଖାଇ ସେମାନଙ୍କୁ ଠକିବାର ଚେଷ୍ଟା କରୁଛନ୍ତି ।

ପିଏମ୍‌ବିଆଇ ସ୍ପଷ୍ଟ କରିଦେଉଛି ଯେ ପରିଯୋଜନା ସମ୍ପର୍କିତ ସମସ୍ତ ଖାଣ୍ଟି ସୂଚନା ଆନୁଷ୍ଠାନିକ ୱେବ୍‌ସାଇଟ୍ ଅର୍ଥାତ୍ www.janaushadhi.gov.inରେ ପ୍ରକାଶିତ ହୋଇଥାଏ ।

ପିଏମ୍‌ବିଆଇ ସମସ୍ତ ସ୍ୱାର୍ଥଧାରକଙ୍କୁ ସତର୍କ କରାଇଦେଉଅଛି ଯେ, ଏପରି ଠକାମିରୁ ସାବଧାନ ରୁହନ୍ତୁ ଏବଂ ନିଜକୁ ଜନ ଔଷଧି କିମ୍ବା ପିଏମ୍‌ବିଆଇର କର୍ମଚାରୀ ଭାବେ ଦାବି କରୁଥିବା ଲୋକମାନଙ୍କ ସହିତ କୌଣସି କାର୍ଯ୍ୟକଳାପ/କାରବାରରୁ ଦୂରେଇ ରୁହନ୍ତୁ । ସେମାନେ ଟୋଲ୍ ଫ୍ରି ନମ୍ବର **1800 180 8080**ରେ ସୂଚନାର ସତ୍ୟାସତ୍ୟକୁ ଯାଞ୍ଚ କରିବା ନିହାତି ଆବଶ୍ୟକ । ପିଏମ୍‌ବିଆଇର ବିପଣନ ଅଧିକାରୀଙ୍କ ରାଜ୍ୟ-କ୍ରମିକ ତାଲିକା ସହିତ ସେମାନଙ୍କ ଫୋନ୍ ନମ୍ବର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ । ଆବଶ୍ୟକତା ସ୍ଥଳରେ ସେମାନଙ୍କ ସହ ଯୋଗାଯୋଗ କରାଯାଇପାରିବ ।

ପିଏମ୍‌ବିଆଇର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ବ୍ୟକ୍ତିମାନଙ୍କ ବ୍ୟତୀତ ଏପରି ଅନ୍ୟ କୌଣସି ବ୍ୟକ୍ତିଙ୍କ ସହିତ କୌଣସି କାରବାର ପାଇଁ ପିଏମ୍‌ବିଆଇ ଦାୟୀ ରହିବ ନାହିଁ ।

**ସିଇଓ, ପିଏମ୍‌ବିଆଇ**


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ୱେତା ମାର୍କେଟିଙ୍ଗ୍, ଅଂଶୀଦାରମାନେ: ୧) କାଞ୍ଚଡା ଗୌତମ ସୁବୁଦ୍ଧି,** ପିତା: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, **୨) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି। **ଗ୍ୟାରେଣ୍ଟିଦାତାମାନେ: ୧) କାଞ୍ଚଡା ଗୌତମ ସୁବୁଦ୍ଧି,** ପିତା: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, **୨) ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, ୩) କାଞ୍ଚଡା ରଘୁନାଥମ୍ ସୁବୁଦ୍ଧି,** ଉଭୟଙ୍କ ପିତା: କାଞ୍ଚଡା ରାମଚନ୍ଦ୍ର ରାଓ, **୪) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି | **ସମ୍ପତ୍ତି-୧) ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି** ଏବଂ **କାଞ୍ଚଡା ରଘୁନାଥମ୍ ସୁବୁଦ୍ଧି,** ଉଭୟଙ୍କ ପିତା: କାଞ୍ଚଡା ରାମଚନ୍ଦ୍ର ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୪୩୩/୧୨୯, ପ୍ଲଟ୍ ନଂ.: ୬୪୫, କ୍ଷେତ୍ର: ଏକର ୦.୦୦୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୦୬୪ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୬୯ ଡିସିମିଲି।** ଏହାର ଚାରିପାର୍ଶ୍ୱରେ ଉତ୍ତର: ସର୍ବସାଧାରଣ ରାସ୍ତା, ଦକ୍ଷିଣ: ଜଟାଧାରେଶ୍ୱର ସ୍ୱାମୀ ମନ୍ଦିରର ପାଚେରୀ କାନ୍ଥ, ପୂର୍ବ: ଏସ୍. ରଘୁନାଥମ୍‌ଙ୍କ ଗୃହ, ପଶ୍ଚିମ: ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ଗୃହ, **ସମ୍ପତ୍ତି-୨) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧିଙ୍କ ନାମରେ ଥିବା ବାସୋପଯୋଗୀ ଖାଲି ଜମି ଯାହାର ମୌଜା: ପଥରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୮୪୯/୯୯୨, ପ୍ଲଟ୍ ନଂ.: ୩୬୪/୪୦୫୯, କ୍ଷେତ୍ର: ଏକର୦.୦୩୧ଡିସିମିଲି, ପ୍ଲଟ୍ ନଂ.: ୫୯୦/୪୦୬୦, କ୍ଷେତ୍ର: ୦.୦୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୪୧ ଡିସିମିଲି।** ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀମତୀ ରୀନା ବେହେରାଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ରଘୁନାଥ ବିଶୋଇଙ୍କ ଜମି, ପୂର୍ବ: ଶ୍ରୀ ଏସ୍ ରବିକୁମାରଙ୍କ ଜମି | ୦୬.୧୦.୨୦୨୩ | ୨୨.୧୨.୨୦୨୩ | ୦୬.୧୦.୨୦୨୩ ସୁଦ୍ଧା ଟ.୧,୭୬,୮୬,୫୧୨/- + ସେବାବଦ ତତ୍ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୩.୧୨.୨୦୨୩

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

## ବିଜ୍ଞାନମେଳାରେ ୭୮ ପ୍ରକଳ୍ପ ପ୍ରଦର୍ଶିତ

ଜଟଣୀ,୨୩।୧୨(ରବୀନ୍ଦ୍ରନାଥ ମହାକୁଡ଼) ଜଟଣୀ ସଂଲଗ୍ନ ହରିରାଜପୁରସ୍ଥିତ ବିକାଶ ପରିଷଦ ଶିଶୁ ମନ୍ଦିର ପକ୍ଷରୁ ଚତୁର୍ଦ୍ଦଶ ଆମ ବିଦ୍ୟାଳୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ସାହୁ ବିଜ୍ଞାନମେଳକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୋଟ୍ ୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକଭାବେ ନିଉଟନ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ.ମହେନ୍ଦ୍ର କୁମାର ସ୍ୱାଇଁ, କନ୍ଧିଆ ମହିଳା ମହାବିଦ୍ୟାଳୟର ପ୍ରଫେସର ପ୍ରଜ୍ଞାପାରମିତା, ନମିତା ବେହେରା, ହେମଲତା ଦାସ ପ୍ରମୁଖ ଯୋଗଦେଇ ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହିତ ମୂଲ୍ୟାଙ୍କନ କରିଥିଲେ। ଏହି ମେଳାରେ ପ୍ରୀତିଲଗ୍ନା ଦାଶ ପ୍ରଥମ, ସାଇପ୍ରକାଶ ସ୍ୱାଇଁ ଦ୍ୱିତୀୟ, ଉଦୟ ଭାସ୍କର ଖୁଣ୍ଟିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ମଙ୍ଗରାଜ, ସନ୍ଧ୍ୟାରାଣୀ ମହାପାତ୍ର, ସ୍ୱର୍ଣ୍ଣଲତା ମହାନ୍ତି, ନମିତା ବେହେରା, ସସ୍ମିତା ପଣ୍ଡା, ନିରୁପମା ଦାସ, କାମଲିନୀ ସେଠୀ, ସ୍ୱପ୍ନା ପଟେଲ, ଗିରିଶ କୁମାର ବଳବନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। କିଶୋର କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ) ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୭ତମ ବାର୍ଷିକ ସାଧାରଣ ସଭା ଜୟୀ ରାଜଗୁରୁ ଭବନ ତଥା ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ବନଶ୍ରୀ ମଲ୍ଲିକ ବିବରଣୀ ପାଠ କରିଥିଲେ। ବ୍ୟାଙ୍କର ସମସ୍ତ ଡାଇରେକ୍ଟର, ସିନିୟର ଏଆରସିଏସ୍ ଯୋଗଦେଇଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମସ୍ତ ସମିତିର ସଭାପତିମାନେ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ସଭାପତି ଏକବର୍ଷ କାର୍ଯ୍ୟକାଳ ଭିତରେ ବ୍ୟାଙ୍କର ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ବର୍ଣ୍ଣନା କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନବୀକରଣ ଏବଂ ଭୁବନେଶ୍ୱର ନାବାର୍ଡର ପାଖ ଯାଗାକୁ ବ୍ୟାଙ୍କ ଅଧୀନକୁ ଆଣିବା ଏବଂ ଆଗାମୀ ଏକବର୍ଷ ମଧ୍ୟରେ ବାଲୁଗାଁ ଓ ରଣପୁର ଶାଖାର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ।

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

No. RDM-LAA-BLS-0006-2022/38053 R&DM, Dated 27 OCT 2023

**No.III-5**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗଡ଼ପଦା**, ଥାନା-ବସ୍ତା ସଂ.୧୪୭, ତହସିଲ-ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ଏବଂ ଗଡପଦା ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୨୩, ତା.୦୪.୦୧.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗଡ଼ପଦା,** ଥାନା-ବସ୍ତା ସଂ.୧୪୭, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.balasore.nic.in/www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର ତହସିଲ-ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗଡ଼ପଦା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୧.୮୬ | ଏକର ୧.୨୧ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର ତହସିଲ-ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୫.୦୩.୨୦୨୩ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

**ଭୂମି ଅନୁସୂଚୀ** ଭୂ-ଅର୍ଜନ ମାମଲା ସଂଖ୍ୟା-୧୪/୨୦୨୨ ଏ.୧.୨୧ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ଏବଂ ଗଡ଼ପଦା ସବ୍ -ମାଇନର ନିମନ୍ତେ
ମୌଜା-ଗଡ଼ପଦା, ଥାନା-ବସ୍ତା ନଂ.-୧୪୭, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୦ | ୪୯ | ୧.୦୧ | ୦.୧୨ | ଚକ ନଂ.୪୨ | ଈଶ୍ୱର ସିଂ, ମହେଶ୍ୱର ସିଂ, ବୁଧିରାମ ସିଂ, ହରେକୃଷ୍ଣ ସିଂ, ଶୁକୁରା ସିଂ, ପି-ସୁନ୍ଦର ମୋହନ ସିଂ,ଜା-ଭୂମିଜ, ବା:ଆମ୍ବଗଡିଆ, ଥା:ବୈଶିଙ୍ଗା, ଜି:ମୟୂରଭଞ୍ଜ |
| ୧୭ | ୫୪ | ୧.୪୯ | ୦.୧୬ | ଚକ ନଂ. ୪୭ | ଖରବାନ ଖାଁ, ପି:ଗଫୁର ଖାଁ,ଜା:ମୁସଲମାନ,ବା:ନିଜଗାଁ |
| ୪୫ | ୧୬ | ୧.୮୭ | ୦.୪୨ | ଚକ ନଂ. ୧୨ | ନବି ଖାଁ,ପି:ଦବିର ଖାଁ, ଜା:ମୁସଲମାନ, ବା:ଓଡ଼ିଆଶାସନ |
| ୫୪ | ୨୦ | ୨.୯୬ | ୦.୧୦ | ଚକ ନଂ. ୧୬ | ପରମାନନ୍ଦ ପାଣିଗ୍ରାହୀ, ପି:ନରେନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଓଡ଼ିଆଶାସନ |
| ୧୩୫/୪୭ | ୮ | ୦.୪୫ | ୦.୧୧ | ଚକ ନଂ. ୮ | ଶଙ୍କର ହାଁସଦା, ଗୁହିଆ ହାଁସଦା, ପି:ଜଗତ ହାଁସଦା, ଜା:ସାନ୍ତାଳ, ବା: ବାର୍ହାପାଳ |
| ୧୩୫/୭୮ | ୨୧ | ୦.୭୪ | ୦.୦୧ | ଚକ ନଂ. ୧୭ | ବାବୁଲୁ ମାଝୀ, ପି:ଭାଦୁ ମାଝୀ, ଜା:ସାନ୍ତାଳ, ବା:ହୀରାପୁର |
| ୧୩୫/ ୧୦୮ | ୧୭ | ୦.୯୬ | ୦.୧୬ | ଚକ ନଂ. ୧୩ | ସେକ୍ ହକିମୁଦ୍ଦିନ, ପି:ସେକ୍ ଯୋଗା ଖାଁ, ଜା:ମୁସଲମାନ, ବା:ଓଡ଼ିଆଶାସନ |
| ୧୩୫/ ୧୦୯ | ୯ | ୦.୬୨ | ୦.୧୨ | ଚକ ନଂ. ୦୯ | ଅଜୟ କୁମାର ସେନାପତି, ପି:ଗଙ୍ଗାଧର ସେନାପତି, ଜା:ଗୋଲା, ବା:ଓଡ଼ିଆଶାସନ |
| ୧୩୫/୮୮ | ୭ | ୧.୭୬ | ୦.୦୧ | ଚକ ନଂ. ୦୭ | ଜଗନ୍ନାଥ ପାଣିଗ୍ରାହୀ, ପି:ପୁରୁଷୋତ୍ତମ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ବାର୍ହାପାଳ |
| ମୋଟ | ୯ ପ୍ଲଟ୍‌କୁ | ଏ. ୧୧.୮୬ ଡେ.ମି. | ଏ.୧.୨୧ ଡେ.ମି. | | |

Sd./- Zone Officer-cum-L.A. Collector, S.I.P., Laxmiposi Zone

Sd./- Spl. Land Acquisition Officer SIP, Baripada

OIPR-24001/14/0091/2324

**ଓଡ଼ିଶା ସରକାର**

**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଅଧିସୂଚନା**

ନଥି ସଂଖ୍ୟା-IX(E)-02/2021-366 ତାରିଖ-22.08.2023

**No.V-12:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ୍. ପୋଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ରିମୁଳି, ଥାନା-ଚମ୍ପୁଆ, ତହସିଲ-ଚମ୍ପୁଆ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ୦.୨୨୪ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ ପୋଲ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, (ଆର.ଡବ୍ଲୁ.) ଡିଭିଜନ-୨, କେନ୍ଦୁଝର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ ପୋଲ ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡିକ ନକରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡ଼ବିଲ | ରିମୁଳି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨.୯୯ | ୦.୨୨୪ | ସଂଲଗ୍ନ |
| | | | | | ମୋଟ | ୨.୯୯ | ୦.୨୨୪ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା./- ଆଶିଷ ଠାକ୍‌ରେ
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ - ଅରଡ଼େଇ ନଦୀ ଉପରେ ଏଚ୍.ଏଲ୍ ପୋଲ ନିର୍ମାଣ**
**ମୌଜା-ରିମୁଳି** **ଥାନା ନଂ.୧୦୫**
**ଥାନା-ଚମ୍ପୁଆ** **ତହସିଲ ନଂ.-୦୩**
**ତହସିଲ- ଚମ୍ପୁଆ**
**ଜିଲ୍ଲା-କେନ୍ଦୁଝର**

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୧ | ଦୁଃଖବନ୍ଧୁ ପାତ୍ର, ଅଞ୍ଜନି ପାତ୍ର, ବାସୁମତି ପାତ୍ର, ସାବିତ୍ରୀ ପାତ୍ର, କସ୍ତୁରି ପାତ୍ର, ପି-ବୁଧୁ ପାତ୍ର, ଟିକିଲି ପାତ୍ର, ସ୍ୱା-ବୁଧୁ ପାତ୍ର, ଜା-ପାଣ, ବା-ନିଜଗାଁ | ୨୮୨୦ | ବିଆଳି | ୧.୨୨ | ୦.୦୨୪ | |
| ୨ | ୨୬୬ | ବିରଞ୍ଚି ନାରାୟଣ ବେହେରା, ପି-କାଙ୍ଗାଳି ବେହେରା, ସାର ବେହେରା, ସ୍ୱା-କାଙ୍ଗାଳି ବେହେରା, ଜା-ଧୋବା, ବା-ନିଜଗାଁ | ୨୮୧୮ | ଶାରଦ-୨ | ୦.୪୨ | ୦.୧୦ | |
| ୩ | ୫୨୪/୬୮ | ଦୁଷ୍ମନ୍ତ ଦେହୁରି, ଦୁର୍ଯ୍ୟୋଧନ ଦେହୁରି, ପି-ମାୟାଧର ଦେହୁରି, ଭିକାରି ଦେହୁରି, ପି-ବୈକୁଣ୍ଠନାଥ ଦେହୁରି, ଜା-ଭୂୟାଁ, ବା-ନିଜଗାଁ, ବି.କେ. ନଂ. ୮୯/ସ୍ୱ-୧୯୮୫-୮୬ ମସିହା ଆଦେଶ ମତେ | ୨୮୨୨ | ଶାରଦ-୩ | ୦.୮୬ | ୦.୦୮ | |
| ୪ | ୫୨୪/୭୨ | କାଠିଆ ଦେହୁରି, ସନାତନ ଦେହୁରି, କହ୍ନେଇ ଦେହୁରି, ପି-ଜଗନ୍ନାଥ ଦେହୁରି, ଜା-ଭୂୟାଁ, ବା-ନିଜଗାଁ, ବି.କେ. ନଂ.-୮୮/ସ୍ୱ ୧୯୮୫-୮୬ ମସିହା ଆଦେଶ ମତେ | ୨୮୨୧ | ଶାରଦ-୩ | ୦.୧୪ | ୦.୦୧ | |
| ୫ | ୫୬ | କୁଶ ଟାଙ୍ଗଣିଆ, ପି-ଜଗ ଟାଙ୍ଗଣିଆ, ଜା-ସାଉଁନ୍ତି, ବା-ନିଜଗାଁ | ୨୮୨୩ | ତଇଳା-୧ | ୦.୩୫ | ୦.୦୧ | |
| | | | | ମୋଟ | ୨.୯୯ | ୦.୨୨୪ | |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ
କେନ୍ଦୁଝର

OIPR-24045/14/0008/2324

# ୨ ଡକାୟତି ଯୋଜନା ପଣ୍ଡ: ୯ ଗିରଫ

## ୨ ଖଣ୍ଡା, ରଡ୍, ଛୁରି ସମେତ ଅନ୍ୟ ସାମଗ୍ରୀ ଜବତ




ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି ।

**ପୁରୀ, ୨୩ା୧୨(ଅଜିତ୍ ମହାନ୍ତି):**

ଡକାୟତି ପାଇଁ ଯୋଜନା କରୁଥିବା ସମୟରେ ୯ ଜଣଙ୍କୁ ବାସେଳି ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହାତୀଶାଳ ଲୋକନାଥ ରୋଡ୍ ଅଞ୍ଚଳର ମହେଶ୍ୱର ଦାସ, ଗୋଖାସାହିର ଦିଲୀପ ବେହେରା, ଜଗନ୍ନାଥ ବସ୍ତିର ସତ୍ୟବାନ ବେହେରା, ହରିଜନ ବସ୍ତି ଟିଗିରିଆ ସାହିର ରକି ନାୟକ ଏବଂ ଅସ୍ତରଙ୍ଗ ଥାନା ଅଞ୍ଚଳର ବାଦଲ ମହାରଣା। ଏମାନଙ୍କଠାରୁ ୨ଟି ଖଣ୍ଡା, ଦୁଇଟି ଲୁହାରଡ୍, ଗୋଟିଏ ଛୁରି, ୨ଟି ଟର୍ଚ୍ଚଲାଇଟ, ଲଙ୍କାଗୁଣ୍ଡ ପ୍ୟାକେଟ, ବିୟର ବୋତଲ ଏବଂ ଦିଆସିଲି ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ ୨୮୦/୨୩) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମାଟିତୋଟା ପଡ଼ିଆ ନିକଟରେ ବସି ସ୍ଥାନୀୟ ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ଖବର ପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି ବଳିଆପଣ୍ଡା ଥାନା ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡ଼ାର ସନ୍ତୋଷ ଦାସ, ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ବାଲିଘାଟ ଅଞ୍ଚଳର ବାଦଲ ଦାସ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହି ବାଲି ଉପରର ବିମଳ ନାୟକ ଏବଂ ସଦର ଥାନା ଅନ୍ତର୍ଗତ ଭାରତୀପୁର ଗ୍ରାମର ସୁନିଲ କୁମାର ରଞ୍ଜିତ୍। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଛୁରି, ଦୁଇଟି ଲୁହାରଡ ଏବଂ ୧୦୦ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ.୧୯୭/୨୩) ରୁଜୁ ହୋଇଛି। ଅଭିଯୁକ୍ତମାନେ ବାଇପାସ ନିକଟରେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରିବା ସମୟରେ ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ଫେରାର ହୋଇଯାଇଥିଲେ।

# ପୁବାଶାସନ ମୌଜାରେ ଜମି ଜାଲିଆତି

**ପିପିଲି, ୨୩ା୧୨(ଦୁର୍ଗାମାଧବ ମିଶ୍ର)**

ପିପିଲି ତହସିଲ ଅଧୀନ ପୁବାଶାସନ ମୌଜାରେ ଏକ ଜମିକୁ ଚଞ୍ଚକତା କ୍ରମେ ବିକ୍ରୟ ହୋଇଥିବା ନେଇ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପିପିଲି ପୋଲିସ ମାମଲା ଆଗତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପୁବାଶାସନ ମୌଜାରେ ଥିବା ଏକ ଜମିକୁ କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳର ଜଣେ ବ୍ୟକ୍ତି ୨୦୦୧ ମସିହାରେ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାକୁ ବିକ୍ରୟ କରିଥିଲେ। ବିକ୍ରୟ ପରେ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ଓ ତାଙ୍କ କର୍ମୀ ଉକ୍ତ ଜମି ଉପରକୁ ଆସିବା ପରେ ତାଙ୍କୁ ଗାଳିଗୁଲଜ କରିବା ସହିତ ବୋମା ପକାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ପରେ ସେହି ଜମିକୁ ଚଞ୍ଚକତାକ୍ରମେ ୨୦୨୩ ମସିହାରେ ବିକ୍ରୟ କରିବାରୁ ଏନେଇ ସଂସ୍ଥାର ନିର୍ଦ୍ଦେଶକ ପିପିଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ବାଲିପୁଟ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ଭାରପ୍ରାପ୍ତ ସମ୍ପାଦକ ନିଲମ୍ବିତ

**ପୁରୀ, ୨୩ା୧୨(ଅଜିତ୍ ମହାନ୍ତି)**

ବାଲିପୁଟ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ଭାରପ୍ରାପ୍ତ ସମ୍ପାଦକ ସଚ୍ଚିକାନ୍ତ ଶତପଥୀଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପରିଚାଳନା ପରିଷଦ ଶତପଥୀଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରିଛି। ନିଲମ୍ବନ ଆଦେଶରେ ଦର୍ଶାଯାଇଛି ଯେ, ସମିତିରେ କରିଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ, କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା, ସମିତି ଅଫିସକୁ ଦୀର୍ଘଦିନ ଧରି ନ ଆସିବା ଆଦି କାରଣ ପାଇଁ ସମିତିର ନିଷ୍ପତ୍ତି ଅନୁଯାୟୀ ଶତପଥୀଙ୍କୁ ନିଲମ୍ବନ କରାଯାଇଛି। ସମିତିର ସମସ୍ତ ରେକର୍ଡପତ୍ର, ବ୍ୟାଙ୍କ ଦେଣନେଣ କାଗଜ, ଆସବାବପତ୍ର ଆଦି ସମିତିର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରୁଥିବା କାର୍ଯ୍ୟନିର୍ବାହୀଙ୍କୁ ହସ୍ତାନ୍ତର ନିମନ୍ତେ ଜଣାଇ ଦିଆଯାଉଛି। ସମିତିର ସଭାପତି ପୀତବାସ ଫାରକ ଏବଂ ସଭ୍ୟମାନଙ୍କ ଅନୁମୋଦନ କ୍ରମେ ଶତପଥୀଙ୍କୁ ନିଲମ୍ବନ କରାଯାଇଛି। ଏ ନେଇ ସଭାପତି ଫାରକ ଡିଆର୍‌ସିଏସି, ଏଆର୍‌ସିଏସି ପ୍ରମୁଖଙ୍କୁ ଚିଠି କରି ଅବଗତ କରିଥିବା ଜଣାପଡ଼ିଛି।

**Pharmaceuticals & Medical Devices Bureau of India (PMBI)**
(Under Department of Pharmaceuticals, Govt. of India)
E-1, 8th Floor, Videocon Tower, Jhandewalan Extn., New Delhi-110055
Telephone: 011-49431800 | Website: janaushadhi.gov.in

## ସର୍ବସାଧାରଣ ବିଜ୍ଞପ୍ତି
## ଜନ ଔଷଧି ସମ୍ବନ୍ଧୀୟ ଠକାମିପୂର୍ଣ୍ଣ କଲ୍ ପ୍ରତି ସାବଧାନ

ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି ପରିଯୋଜନା (ପିଏମ୍‌ବିଜେପି)ର କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି **ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ୍ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ (ପିଏମ୍‌ବିଆଇ)** [ଯାହା ପୂର୍ବରୁ ବ୍ୟୁରୋ ଅଫ୍ ଫାର୍ମା ପିଏସ୍‌ୟୁସ୍ ଅଫ୍ ଇଣ୍ଡିଆ (ବିପିପିଆଇ) ଭାବେ ପରିଚିତ ଥିଲା] ନଜରକୁ ଏହା ଆସିଛି ଯେ କେତେଜଣ ବ୍ୟକ୍ତି ଠକାମି ଉଦ୍ଦେଶ୍ୟ ରଖି ପିଏମ୍‌ବିଆଇ ଏବଂ ପିଏମ୍‌ବିଜେପି ସମ୍ପର୍କରେ ଭ୍ରମାତ୍ମକ ସୂଚନା ଦେଉଛନ୍ତି ଏବଂ ଲୋକମାନଙ୍କୁ ୫୦୦୦/– କିମ୍ବା ତା'ଠାରୁ ଅଧିକ ଟଙ୍କାର ଜମା ବଦଳରେ 'ଜନ ଔଷଧି କେନ୍ଦ୍ର' ଖୋଲିବା କିମ୍ବା ଡିଷ୍ଟ୍ରିବ୍ୟୁଟରଶିପ୍ ଆବଣ୍ଟନ କରିବାର ଆଳ ଦେଖାଇ ସେମାନଙ୍କୁ ଠକିବାର ଚେଷ୍ଟା କରୁଛନ୍ତି ।

ପିଏମ୍‌ବିଆଇ ସ୍ପଷ୍ଟ କରିଦେଉଛି ଯେ ପରିଯୋଜନା ସମ୍ପର୍କିତ ସମସ୍ତ ଖାଣ୍ଟି ସୂଚନା ଆନୁଷ୍ଠାନିକ ୱେବ୍‌ସାଇଟ୍ ଅର୍ଥାତ୍ www.janaushadhi.gov.inରେ ପ୍ରକାଶିତ ହୋଇଥାଏ ।

ପିଏମ୍‌ବିଆଇ ସମସ୍ତ ସ୍ୱାର୍ଥଧାରକଙ୍କୁ ସତର୍କ କରାଇଦେଉଅଛି ଯେ, ଏପରି ଠକାମିରୁ ସାବଧାନ ରୁହନ୍ତୁ ଏବଂ ନିଜକୁ ଜନ ଔଷଧି କିମ୍ବା ପିଏମ୍‌ବିଆଇର କର୍ମଚାରୀ ଭାବେ ଦାବି କରୁଥିବା ଲୋକମାନଙ୍କ ସହିତ କୌଣସି କାର୍ଯ୍ୟକଳାପ/କାରବାରରୁ ଦୂରେଇ ରୁହନ୍ତୁ । ସେମାନେ ଟୋଲ୍ ଫ୍ରି ନମ୍ବର **1800 180 8080**ରେ ସୂଚନାର ସତ୍ୟାସତ୍ୟକୁ ଯାଞ୍ଚ କରିବା ନିହାତି ଆବଶ୍ୟକ । ପିଏମ୍‌ବିଆଇର ବିପଣନ ଅଧିକାରୀଙ୍କ ରାଜ୍ୟ-କ୍ରମିକ ତାଲିକା ସହିତ ସେମାନଙ୍କ ଫୋନ୍ ନମ୍ବର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ । ଆବଶ୍ୟକତା ସ୍ଥଳରେ ସେମାନଙ୍କ ସହ ଯୋଗାଯୋଗ କରାଯାଇପାରିବ ।

ପିଏମ୍‌ବିଆଇର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ବ୍ୟକ୍ତିମାନଙ୍କ ବ୍ୟତୀତ ଏପରି ଅନ୍ୟ କୌଣସି ବ୍ୟକ୍ତିଙ୍କ ସହିତ କୌଣସି କାରବାର ପାଇଁ ପିଏମ୍‌ବିଆଇ ଦାୟୀ ରହିବ ନାହିଁ ।

**ସିଇଓ, ପିଏମ୍‌ବିଆଇ**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

## ଦଖଲ ନୋଟିସ୍
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ୱେତା ମାର୍କେଟିଙ୍ଗ, **ଅଂଶୀଦାରମାନେ: ୧) କାଞ୍ଚଡା ଗୌତମ ସୁବୁଦ୍ଧି,** ପିତା: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, **୨) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି। **ଗ୍ୟାରେଣ୍ଟିଦାତାମାନେ: ୧) କାଞ୍ଚଡା ଗୌତମ ସୁବୁଦ୍ଧି,** ପିତା: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, **୨) ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, ୩) କାଞ୍ଚଡା ରଘୁନାଥମ୍ ସୁବୁଦ୍ଧି,** ଉଭୟଙ୍କ ପିତା: କାଞ୍ଚଡା ରାମଚନ୍ଦ୍ର ରାଓ, **୪) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି | **ସମ୍ପତ୍ତି-୧) ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି** ଏବଂ **କାଞ୍ଚଡା ରଘୁନାଥମ୍ ସୁବୁଦ୍ଧି,** ଉଭୟଙ୍କ ପିତା: କାଞ୍ଚଡା ରାମଚନ୍ଦ୍ର ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୪୩୩/୧୨୯, ପ୍ଲଟ୍ ନଂ.: ୬୪୫, କ୍ଷେତ୍ର: ଏକର ୦.୦୦୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୦୬୪ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୬୯ ଡିସିମିଲି।** ଏହାର ଚାରିପାର୍ଶ୍ୱରେ ଉତ୍ତର: ସର୍ବସାଧାରଣ ରାସ୍ତା, ଦକ୍ଷିଣ: ଜଟାଧାରେଶ୍ୱର ସ୍ୱାମୀ ମନ୍ଦିରର ପାଚେରୀ କାନ୍ଥ, ପୂର୍ବ: ଏସ୍. ରଘୁନାଥମ୍‌ଙ୍କ ଗୃହ, ପଶ୍ଚିମ: ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ଗୃହ, **ସମ୍ପତ୍ତି-୨) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧିଙ୍କ ନାମରେ ଥିବା ବାସୋପଯୋଗୀ ଖାଲି ଜମି ଯାହାର ମୌଜା: ପଥରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୮୪୯/୯୯୨, ପ୍ଲଟ୍ ନଂ.: ୩୬୪/୪୦୫୯, କ୍ଷେତ୍ର: ଏକର୦.୦୩୧ଡିସିମିଲି, ପ୍ଲଟ୍ ନଂ.: ୫୯୦/୪୦୬୦, କ୍ଷେତ୍ର: ୦.୦୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୪୧ ଡିସିମିଲି।** ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀମତୀ ରୀନା ବେହେରାଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ରଘୁନାଥ ବିଶୋଇଙ୍କ ଜମି, ପୂର୍ବ: ଶ୍ରୀ ଏସ୍ ରବିକୁମାରଙ୍କ ଜମି | ୦୬.୧୦.୨୦୨୩ | ୨୨.୧୨.୨୦୨୩ | ୦୬.୧୦.୨୦୨୩ ସୁଦ୍ଧା ଟ.୧,୭୬,୮୬,୫୧୨/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୩.୧୨.୨୦୨୩

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

# ରାଧାକାନ୍ତ ଦେବଙ୍କ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ



**ଡେଲାଙ୍ଗ, ୨୩ା୧୨ (ରଶ୍ମିରଞ୍ଜନ ପ୍ରଧାନ)**

ଘୋରଡିଆ ଗ୍ରାମର ଆରାଧ୍ୟ ଶ୍ରୀଶ୍ରୀ ରାଧାକାନ୍ତ ଦେବ ମଠରେ ଶନିବାର ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ପାଳିତ ହୋଇଯାଇଛି। ମହାପ୍ରଭୁଙ୍କ ନିକଟରେ ୬୪ ପ୍ରକାର ନିରାମିଷ, ସ୍ୱାଦିଷ୍ଟ ବ୍ୟଞ୍ଜନ ପୂଜା କରାଯାଇଥିଲା। ଏଥିରେ ଅନ୍ନ, ଡାଲି, ଘିଅଅନ୍ନ, ଭଜା, ଖଟା, ଶାଗ, ଖିରୀ, ବେସର ତରକାରି ପ୍ରଭୃତି ରହିଥିଲା। ସେହିପରି ବିଭିନ୍ନ ଫଳମୂଳ, ବିରିବରା, ବୁଟସୋଲା, ଡାଲିମ୍ବ, ଗୁଡ଼ାଘଷା, ଖଇକୋରା ସହିତ ୬୪ ପ୍ରକାର ବ୍ୟଞ୍ଜନ ଠାକୁରଙ୍କ ନିକଟରେ ଲାଗି ହୋଇଥିଲା । ମଠ ମାଲିକ ଦେବଜ୍ୟୋତି ପଟ୍ଟନାୟକ ଓ ପରିଚାଳକ ଦୁଃଶାସନ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପୁରୋହିତ ତ୍ରିବିକ୍ରମ ମିଶ୍ର, ପୂଜକ ଗୀତା ପ୍ରସାଦ ଆଚାର୍ଯ୍ୟ, ସର୍ବେଶ୍ୱର ମିଶ୍ର, ସିନା ଭାଇନା ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ଓ ବ୍ୟଞ୍ଜନ ସମର୍ପଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନାମ ସଂକୀର୍ତ୍ତନ ଓ ବେଢା ପରିକ୍ରମା କରାଯାଇଥିଲା।

# ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନସିପ ଆରମ୍ଭ

**କୋଣାର୍କ, ୨୩ା୧୨(ଜ୍ୟୋତିରାଜ ମହାନ୍ତି)**

ଭଗବତୀ ମହାବିଦ୍ୟାଳୟ ପରିସରରେ ୩ ଦିନିଆ ୩୧ତମ ସିନିୟର ବଲ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର, ନଗର ବିଜେଡି ସଭାପତି ଗୋପାଳ ବେହେରା, ଏନ୍‌ସିସି ଅଧିକାରୀ ବିଜୟ ଭୂଷଣ ମହାନ୍ତି, ବଲ୍ ବ୍ୟାଡମିଣ୍ଟନ ଆସୋସିଏସନ୍ ସମ୍ପାଦକ ସୁକାନ୍ତ ଦାଶ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ବଲ୍ ବ୍ୟାଡମିଣ୍ଟନ ଆସୋସିଏସନ୍ ଓଡ଼ିଶା ପକ୍ଷରୁ ଏଥିରେ ୩୦ ଜିଲ୍ଲାର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No. RDM-LAA-BLS-0006-2022/38053 R&DM, Dated 27 OCT 2023

**No.III-5**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗଡ଼ପଦା**, ଥାନା-ବସ୍ତା ସଂ.୧୪୭, ତହସିଲ-ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ଏବଂ ଗଡପଦା ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୨୩, ତା.୦୪.୦୧.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗଡ଼ପଦା**, ଥାନା-ବସ୍ତା ସଂ.୧୪୭, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.balasore.nic.in/www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର ତହସିଲ-ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗଡ଼ପଦା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୧.୮୬ | ଏକର ୧.୨୧ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର ତହସିଲ-ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୫.୦୩.୨୦୨୩ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୧୪/୨୦୨୨ ଏ.୧.୨୧ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ଏବଂ ଗଡ଼ପଦା ସବ୍ -ମାଇନର ନିମନ୍ତେ
ମୌଜା-ଗଡ଼ପଦା, ଥାନା-ବସ୍ତା ନଂ.-୧୪୭, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୦ | ୪୯ | ୧.୦୧ | ୦.୧୨ | ଚକ ନଂ.୪୨ | ଈଶ୍ୱର ସିଂ, ମହେଶ୍ୱର ସିଂ, ବୁଧିରାମ ସିଂ, ହରେକୃଷ୍ଣ ସିଂ, ଶୁକୁରା ସିଂ, ପି-ସୁନ୍ଦର ମୋହନ ସିଂ,ଜା-ଭୂମିଜ, ବା:ଆମ୍ବଗଡିଆ, ଥା:ବୈଶିଙ୍ଗା, ଜି:ମୟୂରଭଞ୍ଜ |
| ୧୭ | ୫୪ | ୧.୪୯ | ୦.୧୬ | ଚକ ନଂ. ୪୭ | ଖରବାନ ଖାଁ, ପି:ଗଫୁର ଖାଁ,ଜା:ମୁସଲମାନ,ବା:ନିଜଗାଁ |
| ୪୫ | ୧୬ | ୧.୮୭ | ୦.୪୨ | ଚକ ନଂ. ୧୨ | ନବି ଖାଁ,ପି:ଦବିର ଖାଁ, ଜା:ମୁସଲମାନ, ବା:ଓଡ଼ିଆଶାସନ |
| ୫୪ | ୨୦ | ୨.୯୬ | ୦.୧୦ | ଚକ ନଂ. ୧୬ | ପରମାନନ୍ଦ ପାଣିଗ୍ରାହୀ, ପି:ନରେନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଓଡ଼ିଆଶାସନ |
| ୧୩୫/୪୭ | ୮ | ୦.୪୫ | ୦.୧୧ | ଚକ ନଂ. ୮ | ଶଙ୍କର ହାଁସଦା, ଗୁହିଆ ହାଁସଦା, ପି:ଜଗତ ହାଁସଦା, ଜା:ସାନ୍ତାଳ, ବା: ବାର୍ହାପାଳ |
| ୧୩୫/୭୮ | ୨୧ | ୦.୭୪ | ୦.୦୧ | ଚକ ନଂ. ୧୭ | ବାବୁଲୁ ମାଝୀ, ପି:ଭାଦୁ ମାଝୀ, ଜା:ସାନ୍ତାଳ, ବା:ହୀରାପୁର |
| ୧୩୫/୧୦୮ | ୧୭ | ୦.୯୬ | ୦.୧୬ | ଚକ ନଂ. ୧୩ | ସେକ୍ ହକିମୁଦ୍ଦିନ, ପି:ସେକ୍ ଯୋଗା ଖାଁ, ଜା:ମୁସଲମାନ, ବା:ଓଡ଼ିଆଶାସନ |
| ୧୩୫/୧୦୯ | ୯ | ୦.୬୨ | ୦.୧୨ | ଚକ ନଂ. ୦୯ | ଅଜୟ କୁମାର ସେନାପତି, ପି:ଗଙ୍ଗାଧର ସେନାପତି, ଜା:ଗୋଲା, ବା:ଓଡ଼ିଆଶାସନ |
| ୧୩୫/୮୮ | ୭ | ୧.୭୬ | ୦.୦୧ | ଚକ ନଂ. ୦୭ | ଜଗନ୍ନାଥ ପାଣିଗ୍ରାହୀ, ପି:ପୁରୁଷୋତ୍ତମ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ବାର୍ହାପାଳ |
| ମୋଟ | ୯ ପ୍ଲଟ୍‌କୁ | ଏ. ୧୧.୮୬ ଡେ.ମି. | ଏ.୧.୨୧ ଡେ.ମି. | | |

Sd./- Zone Officer-cum-L.A. Collector, S.I.P., Laxmiposi Zone

Sd./- Spl. Land Acquisition Officer SIP, Baripada

OIPR-24001/14/0091/2324

## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂଖ୍ୟା-IX(E)-02/2021-366 ତାରିଖ-22.08.2023

**No.V-12:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ୍. ପୋଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ରିମୁଳି, ଥାନା-ଚମ୍ପୁଆ, ତହସିଲ-ଚମ୍ପୁଆ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ୦.୨୨୪ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ ପୋଲ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, (ଆର.ଡବ୍ଲୁ.) ଡିଭିଜନ-୨, କେନ୍ଦୁଝର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ ପୋଲ ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡିକ ନକରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡ଼ବିଲ | ରିମୁଳି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨.୯୯ | ୦.୨୨୪ | ସଂଲଗ୍ନ |
| | | | | | ମୋଟ | ୨.୯୯ | ୦.୨୨୪ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା./- ଆଶିଷ ଠାକ୍‌ରେ
ଜିଲ୍ଲାପାଳ, କେନ୍ଦୁଝର

## ଭୂମି ଅନୁସୂଚୀ

ପ୍ରକଳ୍ପର ନାମ - ଅରଡ଼େଇ ନଦୀ ଉପରେ ଏଚ୍.ଏଲ୍ ପୋଲ ନିର୍ମାଣ
ମୌଜା-ରିମୁଳି
ଥାନା-ଚମ୍ପୁଆ
ତହସିଲ- ଚମ୍ପୁଆ
ଜିଲ୍ଲା-କେନ୍ଦୁଝର
ଥାନା ନଂ.୧୦୫
ତହସିଲ ନଂ.-୦୩

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୧ | ଦୁଃଖବନ୍ଧୁ ପାତ୍ର, ଅଞ୍ଜନି ପାତ୍ର, ବାସୁମତି ପାତ୍ର, ସାବିତ୍ରୀ ପାତ୍ର, କସ୍ତୁରି ପାତ୍ର, ପି-ବୁଧୁ ପାତ୍ର, ଟିକିଲି ପାତ୍ର, ସ୍ୱା-ବୁଧୁ ପାତ୍ର, ଜା-ପାଣ, ବା-ନିଜଗାଁ | ୨୮୨୦ | ବିଆଳି | ୧.୨୨ | ୦.୦୨୪ | |
| ୨ | ୨୬୬ | ବିରଞ୍ଚି ନାରାୟଣ ବେହେରା, ପି-କାଙ୍ଗାଳି ବେହେରା, ସାର ବେହେରା, ସ୍ୱା-କାଙ୍ଗାଳି ବେହେରା, ଜା-ଧୋବା, ବା-ନିଜଗାଁ | ୨୮୧୮ | ଶାରଦ-୨ | ୦.୪୨ | ୦.୧୦ | |
| ୩ | ୫୨୪/୬୮ | ଦୁଷ୍ମନ୍ତ ଦେହୁରି, ଦୁର୍ଯ୍ୟୋଧନ ଦେହୁରି, ପି-ମାୟାଧର ଦେହୁରି, ଭିକାରି ଦେହୁରି, ପି-ବୈକୁଣ୍ଠନାଥ ଦେହୁରି, ଜା-ଭୂୟାଁ, ବା-ନିଜଗାଁ, ବି.କେ. ନଂ. ୮୯/ସ୍ମ-୧୯୮୫-୮୬ ମସିହା ଆଦେଶ ମତେ | ୨୮୨୨ | ଶାରଦ-୩ | ୦.୮୬ | ୦.୦୮ | |
| ୪ | ୫୨୪/୭୨ | କାଠିଆ ଦେହୁରି, ସନାତନ ଦେହୁରି, କହ୍ନେଇ ଦେହୁରି, ପି-ଜଗନ୍ନାଥ ଦେହୁରି, ଜା-ଭୂୟାଁ, ବା-ନିଜଗାଁ, ବି.କେ. ନଂ.-୮୮/ସ୍ମ ୧୯୮୫-୮୬ ମସିହା ଆଦେଶ ମତେ | ୨୮୨୧ | ଶାରଦ-୩ | ୦.୧୪ | ୦.୦୧ | |
| ୫ | ୫୬ | କୁଶ ଟାଙ୍ଗଣିଆ, ପି-ଜଗ ଟାଙ୍ଗଣିଆ, ଜା-ସାଉଁନ୍ତି, ବା-ନିଜଗାଁ | ୨୮୨୩ | ତଇଲା-୧ | ୦.୩୫ | ୦.୦୧ | |
| | | | | ମୋଟ | ୨.୯୯ | ୦.୨୨୪ | |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ
କେନ୍ଦୁଝର

OIPR-24045/14/0008/2324

## ସପ୍ତଦଶ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଘାଟିତ

# ଶର୍ମିଳା ବିଶ୍ୱାସଙ୍କୁ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ

ବାଲକାଟୀ,୨୩।୧୨(ମନୋଜ ମଣ୍ଡଳ)

ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ହୀରାପୁର ଗ୍ରାମ୍ୟ କମିଟି ପକ୍ଷରୁ ସପ୍ତଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଓ କ୍ରିଷ୍ଣା ମିଶ୍ର ଭଜନ ପରିବେଷଣ କରିଥିଲେ। ନୃତ୍ୟ ପ୍ରତିଭା ଅନୁଷ୍ଠାନର କଳାକାର ଗଣେଶ ବନ୍ଦନା ଓ 'କାଞ୍ଚି ଅଭିଯାନ' ପରିବେଷଣ କରିଥିଲେ। ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଶର୍ମିଳା ବିଶ୍ୱାସ ରାମାୟଣର ବିଷୟବସ୍ତୁ କଥା ସୂର୍ପଣଖା ଅଭିବ୍ୟକ୍ତିକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ଛତିଶଗଡ଼ ରାୟପୁରର ନୃତ୍ୟଶିଳ୍ପୀ ଅନୁରାଧା ଦୁବେ କଥକ ନୃତ୍ୟ ପରେ ସମ୍ବଲପୁରୀ ନୃତ୍ୟ ପରିବେଷିତ



ଅତିଥିମାନେ ଶର୍ମିଳା ବିଶ୍ୱାସଙ୍କୁ ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରୁଛନ୍ତି।

ହୋଇଥିଲା। ଅନୁଷ୍ଠାନର ସଭାପତି ଡ. ରଜନୀ ରଞ୍ଜନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ଏମ୍‌ପି ମୁନ୍ନା ଖାନ୍, ଆଇଏଏସ୍ ଅଧିକାରୀ ଅସିତ ତ୍ରିପାଠୀ, ପ୍ରଗତିବାଦୀର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ବିରୂପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ନୃତ୍ୟ ପ୍ରତିଭା ସମ୍ପାଦିକା ପ୍ରତିଭା ପଣ୍ଡା, ଗ୍ରାମ୍ୟ କମିଟି ସଭାପତି ରବୀନ୍ଦ୍ର ନାୟକ ଓ ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। 'ଚଉଷଠି ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ' ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଶର୍ମିଳା ବିଶ୍ୱାସଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅର୍ପିତାଙ୍କ ଭାରତନାଟ୍ୟମ୍ ନୃତ୍ୟରେ ଅଭିଭୂତ ଦର୍ଶକ



**ଭୁବନେଶ୍ୱର,୨୩।୧୨(ଶର୍ମିଷ୍ଠା ପାଣିଗ୍ରାହୀ):** ଅନ୍ତରା ଇନ୍‌ଷ୍ଟିଚ୍ୟୁଟ ଅଫ୍ ପରଫର୍ମିଂ ଆର୍ଟ୍ସ ଦୁବାଇ ପକ୍ଷରୁ ରେଳ ଅଡିଟୋରିୟମରେ ଆୟୋଜିତ ନୃତ୍ୟ ସନ୍ଧ୍ୟାରେ ଦୁବାଇରୁ ଆସିଥିବା ଅର୍ପିତା ନାୟକଙ୍କ ଶାସ୍ତ୍ରୀୟ ଭାରତନାଟ୍ୟମ ନୃତ୍ୟ ଦର୍ଶକଙ୍କୁ ଅଭିଭୂତ କରିଥିଲା। ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ହୁରୁ ସୁଜାତା ମହାପାତ୍ର, ଡ. ସଙ୍ଗୀତା ଗୋସାଇଁ, ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଓ ଅର୍ପିତାଙ୍କ ଗୁରୁ ଭିମ୍ପି ଏସ୍ୱାର୍ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜାମ୍ବୋରେଟ ଉଦ୍‌ଘାଟିତ




କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା, ୨୩।୧୨ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ବରୁଣେଇ ପାହାଡ଼ସ୍ଥିତ ରାଜ୍ୟ ତାଲିମ୍‌କେନ୍ଦ୍ର ପରିସରରେ ୧୯ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୨୪୮୦ ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଯୋଗଦେଇଛନ୍ତି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ଜାମ୍ବୋରେଟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରାଜ୍ୟ ଭାରତ ସ୍କାଉଟ୍ସ ଗାଇଡ୍ସ ସଭାପତି ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି, ମହିଳା କମିଶନର ତଥା ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ଉପସଭାପତି ମିନତି ବେହେରା, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଶାନ୍ତିର ବାର୍ତ୍ତା ସ୍ୱରୂପ ବିଭିନ୍ନ ରଙ୍ଗିନ ବେଲୁନ ଉଡ଼ାଇଥିଲେ।


**Pharmaceuticals & Medical Devices Bureau of India (PMBI)**
(Under Department of Pharmaceuticals, Govt. of India)
E-1, 8th Floor, Videocon Tower, Jhandewalan Extn., New Delhi-110055
Telephone: 011-49431800 | Website: janaushadhi.gov.in

**ସର୍ବସାଧାରଣ ବିଜ୍ଞପ୍ତି**

**ଜନ ଔଷଧି ସମ୍ବନ୍ଧୀୟ ଠକାମିପୂର୍ଣ୍ଣ କଲ୍ ପ୍ରତି ସାବଧାନ**

**ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି ପରିଯୋଜନା (ପିଏମ୍‌ବିଜେପି)**ର କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି **ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ୍ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ (ପିଏମ୍‌ବିଆଇ)** [ଯାହା ପୂର୍ବରୁ ବ୍ୟୁରୋ ଅଫ୍ ଫାର୍ମା ପିଏସ୍‌ୟୁସ୍ ଅଫ୍ ଇଣ୍ଡିଆ (ବିପିପିଆଇ) ଭାବେ ପରିଚିତ ଥିଲା] ନଜରକୁ ଏହା ଆସିଛି ଯେ କେତେଜଣ ବ୍ୟକ୍ତି ଠକାମି ଉଦ୍ଦେଶ୍ୟ ରଖି ପିଏମ୍‌ବିଆଇ ଏବଂ ପିଏମ୍‌ବିଜେପି ସମ୍ପର୍କରେ ଭ୍ରମାତ୍ମକ ସୂଚନା ଦେଉଛନ୍ତି ଏବଂ ଲୋକମାନଙ୍କୁ ୫୦୦୦/- କିମ୍ବା ତା'ଠାରୁ ଅଧିକ ଟଙ୍କାର ଜମା ବଦଳରେ 'ଜନ ଔଷଧି କେନ୍ଦ୍ର' ଖୋଲିବା କିମ୍ବା ଡିଷ୍ଟ୍ରିବ୍ୟୁଟରଶିପ୍ ଆବଣ୍ଟନ କରିବାର ଆଳ ଦେଖାଇ ସେମାନଙ୍କୁ ଠକିବାର ଚେଷ୍ଟା କରୁଛନ୍ତି ।

ପିଏମ୍‌ବିଆଇ ସ୍ପଷ୍ଟ କରିଦେଉଛି ଯେ ପରିଯୋଜନା ସମ୍ପର୍କିତ ସମସ୍ତ ଖାଣ୍ଟି ସୂଚନା ଆନୁଷ୍ଠାନିକ ୱେବ୍‌ସାଇଟ୍ ଅର୍ଥାତ୍ www.janaushadhi.gov.inରେ ପ୍ରକାଶିତ ହୋଇଥାଏ ।

ପିଏମ୍‌ବିଆଇ ସମସ୍ତ ସ୍ୱାର୍ଥଧାରକଙ୍କୁ ସତର୍କ କରାଇଦେଉଅଛି ଯେ, ଏପରି ଠକାମିରୁ ସାବଧାନ ରୁହନ୍ତୁ ଏବଂ ନିଜକୁ ଜନ ଔଷଧି କିମ୍ବା ପିଏମ୍‌ବିଆଇର କର୍ମଚାରୀ ଭାବେ ଦାବି କରୁଥିବା ଲୋକମାନଙ୍କ ସହିତ କୌଣସି କାର୍ଯ୍ୟକଳାପ/କାରବାରରୁ ଦୂରେଇ ରୁହନ୍ତୁ । ସେମାନେ ଟୋଲ୍ ଫ୍ରି ନମ୍ବର **1800 180 8080**ରେ ସୂଚନାର ସତ୍ୟାସତ୍ୟକୁ ଯାଞ୍ଚ କରିବା ନିହାତି ଆବଶ୍ୟକ । ପିଏମ୍‌ବିଆଇର ବିପଣନ ଅଧିକାରୀଙ୍କ ରାଜ୍ୟ-କ୍ରମିକ ତାଲିକା ସହିତ ସେମାନଙ୍କ ଫୋନ୍ ନମ୍ବର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ । ଆବଶ୍ୟକତା ସ୍ଥଳରେ ସେମାନଙ୍କ ସହ ଯୋଗାଯୋଗ କରାଯାଇପାରିବ ।

ପିଏମ୍‌ବିଆଇର ଆନୁଷ୍ଠାନିକ ୱେବ୍‌ସାଇଟ୍‌ରେ ଉପଲବ୍ଧ ବ୍ୟକ୍ତିମାନଙ୍କ ବ୍ୟତୀତ ଏପରି ଅନ୍ୟ କୌଣସି ବ୍ୟକ୍ତିଙ୍କ ସହିତ କୌଣସି କାରବାର ପାଇଁ ପିଏମ୍‌ବିଆଇ ଦାୟୀ ରହିବ ନାହିଁ ।

**ସିଇଓ, ପିଏମ୍‌ବିଆଇ**


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡ଼ିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ୱେତା ମାର୍କେଟିଙ୍ଗ୍, ଅଂଶୀଦାରମାନେ: ୧) କାଞ୍ଚଡା ଗୌତମ ସୁବୁଦ୍ଧି,** ପିତା: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, **୨) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି। **ଗ୍ୟାରେଣ୍ଟିଦାତାମାନେ: ୧) କାଞ୍ଚଡା ଗୌତମ ସୁବୁଦ୍ଧି,** ପିତା: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, **୨) ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି, ୩) କାଞ୍ଚଡା ରଘୁନାଥମ୍ ସୁବୁଦ୍ଧି,** ଉଭୟଙ୍କ ପିତା: କାଞ୍ଚଡା ରାମଚନ୍ଦ୍ର ରାଓ, **୪) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି | **ସମ୍ପତ୍ତି-୧) ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧି** ଏବଂ **କାଞ୍ଚଡା ରଘୁନାଥମ୍ ସୁବୁଦ୍ଧି,** ଉଭୟଙ୍କ ପିତା: କାଞ୍ଚଡା ରାମଚନ୍ଦ୍ର ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୪୩୩/୧୨୯, ପ୍ଲଟ୍ ନଂ.: ୬୪୫, କ୍ଷେତ୍ର: ଏକର ୦.୦୦୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୦୬୪ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୬୯ ଡିସିମିଲି।** ଏହାର ଚାରିପାର୍ଶ୍ୱରେ ଉତ୍ତର: ସର୍ବସାଧାରଣ ରାସ୍ତା, ଦକ୍ଷିଣ: ଜଟାଧାରେଶ୍ୱର ସ୍ୱାମୀ ମନ୍ଦିରର ପାଚେରୀ କାନ୍ଥ, ପୂର୍ବ: ଏସ୍. ରଘୁନାଥମ୍‌ଙ୍କ ଗୃହ, ପଶ୍ଚିମ: ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ଗୃହ, **ସମ୍ପତ୍ତି-୨) ଶ୍ରୀମତୀ କାଞ୍ଚଡା ସୌଦାମିନୀ,** ସ୍ୱାମୀ: ଶ୍ରୀ କାଞ୍ଚଡା ଶିବନାରାୟଣ ସୁବୁଦ୍ଧିଙ୍କ ନାମରେ ଥିବା ବାସୋପଯୋଗୀ ଖାଲି ଜମି ଯାହାର ମୌଜା: ପଥରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୮୪୯/୯୯୨, ପ୍ଲଟ୍ ନଂ.: ୩୬୪/୪୦୫୯, କ୍ଷେତ୍ର: ଏକର୦.୦୩୧ଡିସିମିଲି, ପ୍ଲଟ୍ ନଂ.: ୫୯୦/୪୦୬୦, କ୍ଷେତ୍ର: ୦.୦୧୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୦୪୧ ଡିସିମିଲି।** ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀମତୀ ରୀନା ବେହେରାଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ରଘୁନାଥ ବିଶୋଇଙ୍କ ଜମି, ପୂର୍ବ: ଶ୍ରୀ ଏସ୍ ରବିକୁମାରଙ୍କ ଜମି | ୦୬.୧୦.୨୦୨୩ | ୨୨.୧୨.୨୦୨୩ | ୦୬.୧୦.୨୦୨୩ ସୁଦ୍ଧା ଟ.୧,୭୬,୮୬,୫୧୨/- + ସେବାବଦ ତତପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୨୩.୧୨.୨୦୨୩**

**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**

## ସମୂହ ଛୁଟିରେ ଯିବେ ଆୟୁଷ ଡାକ୍ତର

ଭୁବନେଶ୍ୱର, ୨୩।୧୨ (ଅନୁରାଧା ମହାରଣା)

ଆର୍‌ବିଏସ୍‌କେ ଆୟୁଷ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ପୂରଣ କ୍ଷେତ୍ରରେ ରାଜ୍ୟ ସରକାର ପ୍ରତାରଣା କରୁଥିବାରୁ ଆନ୍ଦୋଳନକୁ ଓହ୍ଲାଇବେ। ଶନିବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଆରବିଏସକେ ଆୟୁଷ ଡାକ୍ତର ସଂଘ ସଭାପତି କହିଛନ୍ତି, ରାଜ୍ୟ ସରକାର ୨୦୨୨ ଅକ୍ଟୋବର ୧୫ରୁ ଠିକା ବ୍ୟବସ୍ଥା ଉଚ୍ଛେଦ ଘୋଷଣା କରିଥିଲେ। ମାତ୍ର ଏଥିରୁ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ବାଦ ପଡ଼ିଛନ୍ତି। ଜାନୁୟାରୀ ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ଉକ୍ତ ମାସ ଶେଷ ସପ୍ତାହରେ ସେମାନେ ସମୂହ ଛୁଟିରେ ଯିବେ ବୋଲି ସଂଘ ଚେତାବନୀ ଦେଇଛନ୍ତି।

## ଏକାମ୍ରରେ ବିଜେଡିର ଜନ ସମ୍ପର୍କ ଅଭିଯାନ

ପୁରୁଣା ଭୁବନେଶ୍ୱର,୨୩।୧୨ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୬୪ ଓ ୬୬ରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୬୪ନଂ ୱାର୍ଡରେ ଯଦୁପୁର ଫୁଟ୍‌ବଲ ପଡ଼ିଆରୁ ପଦଯାତ୍ରା ଆରମ୍ଭ ହୋଇ ବେଗୁନିଆ ଛକ, ରାମମନ୍ଦିର, ନୂଆ ସାହି ପର୍ଯ୍ୟନ୍ତ ଯାଇଥିଲା। ସେହିପରି ୬୬ନଂ. ୱାର୍ଡରେ ମେଡିକାଲ ଛକ ଠାରୁ ଆରମ୍ଭ ହୋଇ ଶାସ୍ତ୍ରୀ ନଗର, ସତ୍ୟ ନଗର, କଳିଙ୍ଗ ସାହି, ରେହେମତ ନଗର ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ରାଜ୍ୟ କୋଠାବାଡ଼ିଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, କର୍ପୋରେଟର ସକିବା ମୁସାରତ, ଛବି ଦାସ, ମହାମାୟା ସ୍ୱାଇଁ, ଶ୍ରୀଧର ବେହେରା, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ, ମୁଜାହିଡ ହୁସେନ, ଡ.ସନ୍ତୋଷ ବେଜ, ସମରେଶ ବେଉରା, ରାଜେଶ ପାତ୍ର, ବର୍କତ ଗୁଲା, ପ୍ରତାପ ଜେନା, ଶିବପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ବାପିନା ପରିଜା, ଜକାବୁର ରେହମାନ, ଅର୍ମି ମହମ୍ମଦ, ହାକିମ ମାଲିଦା, ସ୍ନେହଲତା ବଳିୟାରସିଂହ, ସୁଶୀଲ ବିଶାଳ, ଅନୁପ ବେହେରା ଏବଂ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

**ଓଡ଼ିଶା ସରକାର**
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

**No. RDM-LAA-BLS-0006-2022/38053** **R&DM, Dated 27 OCT 2023**

**No.III-5**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗଡ଼ପଦା**, ଥାନା-ବସ୍ତା ସଂ.୧୪୭, ତହସିଲ-ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ଏବଂ ଗଡପଦା ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୨୩, ତା.୦୪.୦୧.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗଡ଼ପଦା,** ଥାନା-ବସ୍ତା ସଂ.୧୪୭, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.balasore.nic.in/www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.in. ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର — ତହସିଲ-ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗଡ଼ପଦା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୧.୮୬ | ଏକର ୧.୨୧ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ବାଲେଶ୍ୱର — ତହସିଲ-ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୫.୦୩.୨୦୨୩ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୧୪/୨୦୨୨
ଏ.୧.୨୧ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ଏବଂ ଗଡ଼ପଦା ସବ୍ -ମାଇନର ନିମନ୍ତେ
ମୌଜା-ଗଡ଼ପଦା, ଥାନା-ବସ୍ତା ନଂ.-୧୪୭, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୦ | ୪୯ | ୧.୦୧ | ୦.୧୨ | ଚକ ନଂ.୪୨ | ଈଶ୍ୱର ସିଂ, ମହେଶ୍ୱର ସିଂ, ବୁଧିରାମ ସିଂ, ହରେକୃଷ୍ଣ ସିଂ, ଶୁକୁରା ସିଂ, ପି-ସୁନ୍ଦର ମୋହନ ସିଂ,ଜା-ଭୂମିଜ, ବା:ଆମ୍ବଗଡିଆ, ଥା:ବୈଶିଙ୍ଗା, ଜି:ମୟୂରଭଞ୍ଜ |
| ୧୭ | ୫୪ | ୧.୪୯ | ୦.୧୬ | ଚକ ନଂ. ୪୭ | ଖରବାନ ଖାଁ, ପି:ଗଫୁର ଖାଁ,ଜା:ମୁସଲମାନ,ବା:ନିଜଗାଁ |
| ୪୫ | ୧୬ | ୧.୮୭ | ୦.୪୨ | ଚକ ନଂ. ୧୨ | ନବି ଖାଁ,ପି:ଦବିର ଖାଁ, ଜା:ମୁସଲମାନ, ବା:ଓଡ଼ିଆଶାସନ |
| ୫୪ | ୨୦ | ୨.୯୬ | ୦.୧୦ | ଚକ ନଂ. ୧୬ | ପରମାନନ୍ଦ ପାଣିଗ୍ରାହୀ, ପି:ନରେନ୍ଦ୍ର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ଓଡ଼ିଆଶାସନ |
| ୧୩୫/୪୭ | ୮ | ୦.୪୫ | ୦.୧୧ | ଚକ ନଂ. ୮ | ଶଙ୍କର ହାଁସଦା, ରୁହିଆ ହାଁସଦା, ପି:ଜଗତ ହାଁସଦା, ଜା:ସାନ୍ତାଳ, ବା: ବାର୍ହାପାଳ |
| ୧୩୫/୭୮ | ୨୧ | ୦.୭୪ | ୦.୦୧ | ଚକ ନଂ. ୧୭ | ବାବୁଲୁ ମାଝୀ, ପି:ଭାଦୁ ମାଝୀ, ଜା:ସାନ୍ତାଳ, ବା:ହୀରାପୁର |
| ୧୩୫/୧୦୮ | ୧୭ | ୦.୯୬ | ୦.୧୬ | ଚକ ନଂ. ୧୩ | ସେକ୍ ହକିମୁଦ୍ଦିନ, ପି:ସେକ୍ ଯୋଗା ଖାଁ, ଜା:ମୁସଲମାନ, ବା:ଓଡ଼ିଆଶାସନ |
| ୧୩୫/୧୦୯ | ୯ | ୦.୬୨ | ୦.୧୨ | ଚକ ନଂ. ୦୯ | ଅଜୟ କୁମାର ସେନାପତି, ପି:ଗଙ୍ଗାଧର ସେନାପତି, ଜା:ଗୋଲା, ବା:ଓଡ଼ିଆଶାସନ |
| ୧୩୫/୮୮ | ୭ | ୧.୭୬ | ୦.୦୧ | ଚକ ନଂ. ୦୭ | ଜଗନ୍ନାଥ ପାଣିଗ୍ରାହୀ, ପି:ପୁରୁଷୋତ୍ତମ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ବାର୍ହାପାଳ |
| ମୋଟ | ୯ ପ୍ଲଟ୍‌କୁ | ଏ. ୧୧.୮୬ ଡେ.ମି. | ଏ.୧.୨୧ ଡେ.ମି. | | |

**Sd./- Zone Officer-cum-L.A. Collector, S.I.P., Laxmiposi Zone**

**Sd./- Spl. Land Acquisition Officer SIP, Baripada**

**OIPR-24001/14/0091/2324**

**ଓଡ଼ିଶା ସରକାର**
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
**ଅଧିସୂଚନା**

ନଥି ସଂଖ୍ୟା-IX(E)-02/2021-366 ତାରିଖ-22.08.2023

**No.V-12:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ୍. ପୋଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ରିମୁଳି, ଥାନା-ଚମ୍ପୁଆ, ତହସିଲ-ଚମ୍ପୁଆ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ୦.୨୨୪ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ ପୋଲ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, (ଆର.ଡବ୍ଲୁ.) ଡିଭିଜନ-୨, କେନ୍ଦୁଝର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ରିମୁଳି ରାସ୍ତାରେ ଅରଡେଇ ନଦୀ ଉପରେ ଏଚ୍.ଏଲ ପୋଲ ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକାରାତ୍ମକ ପ୍ରଭାବଗୁଡ଼ିକ ନକରାତ୍ମକ ପ୍ରଭାବଠାରୁ ଯଥେଷ୍ଟ ଅଧିକ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ବଡ଼ବିଲ | ରିମୁଳି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୨.୯୯ | ୦.୨୨୪ | ସଂଲଗ୍ନ |
| | | | | | ମୋଟ | ୨.୯୯ | ୦.୨୨୪ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସ୍ୱା./- ଆଶିଷ ଠାକ୍‌ରେ
ଜିଲ୍ଲାପାଳ, କେନ୍ଦୁଝର

## ଭୂମି ଅନୁସୂଚୀ

ପ୍ରକଳ୍ପର ନାମ - ଅରଡ଼େଇ ନଦୀ ଉପରେ ଏଚ୍.ଏଲ୍ ପୋଲ ନିର୍ମାଣ
ମୌଜା-ରିମୁଳି — ଥାନା ନଂ.୧୦୫
ଥାନା-ଚମ୍ପୁଆ — ତହସିଲ ନଂ.-୦୩
ତହସିଲ- ଚମ୍ପୁଆ
ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୧ | ଦୁଃଖବନ୍ଧୁ ପାତ୍ର, ଅଞ୍ଜନି ପାତ୍ର, ବାସୁମତି ପାତ୍ର, ସାବିତ୍ରୀ ପାତ୍ର, କସ୍ତୁରି ପାତ୍ର, ପି-ବୁଧୁ ପାତ୍ର, ଟିକିଲି ପାତ୍ର, ସ୍ୱା-ବୁଧୁ ପାତ୍ର, ଜା-ପାଣ, ବା-ନିଜଗାଁ | ୨୮୨୦ | ବିଆଳି | ୧.୨୨ | ୦.୦୨୪ | |
| ୨ | ୨୬୬ | ବିରଞ୍ଚି ନାରାୟଣ ବେହେରା, ପି-କାଙ୍ଗାଳି ବେହେରା, ସାର ବେହେରା, ସ୍ୱା-କାଙ୍ଗାଳି ବେହେରା, ଜା-ଧୋବା, ବା-ନିଜଗାଁ | ୨୮୧୮ | ଶାରଦ-୨ | ୦.୪୨ | ୦.୧୦ | |
| ୩ | ୫୨୪/୬୮ | ଦୁଷ୍ମନ୍ତ ଦେହୁରି, ଦୁର୍ଯ୍ୟୋଧନ ଦେହୁରି, ପି-ମାୟାଧର ଦେହୁରି, ଭିକାରି ଦେହୁରି, ପି-ବୈକୁଣ୍ଠନାଥ ଦେହୁରି, ଜା-ଭୂୟାଁ, ବା-ନିଜଗାଁ, ବି.କେ. ନଂ. ୮୯/ସ୍ମ-୧୯୮୫-୮୬ ମସିହା ଆଦେଶ ମତେ | ୨୮୨୨ | ଶାରଦ-୩ | ୦.୮୬ | ୦.୦୮ | |
| ୪ | ୫୨୪/୭୨ | କାଠିଆ ଦେହୁରି, ସନାତନ ଦେହୁରି, କହ୍ନେଇ ଦେହୁରି, ପି-ଜଗନ୍ନାଥ ଦେହୁରି, ଜା-ଭୂୟାଁ, ବା-ନିଜଗାଁ, ବି.କେ. ନଂ.-୮୮/ସ୍ମ ୧୯୮୫-୮୬ ମସିହା ଆଦେଶ ମତେ | ୨୮୨୧ | ଶାରଦ-୩ | ୦.୧୪ | ୦.୦୧ | |
| ୫ | ୫୬ | କୁଶ ଟାଙ୍ଗଣିଆ, ପି-ଜଗ ଟାଙ୍ଗଣିଆ, ଜା-ସାଉଣ୍ଟି, ବା-ନିଜଗାଁ | ୨୮୨୩ | ତଇଳା-୧ | ୦.୩୫ | ୦.୦୧ | |
| | | | | ମୋଟ | ୨.୯୯ | ୦.୨୨୪ | |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ
କେନ୍ଦୁଝର

**OIPR-24045/14/0008/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ତୁଷାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଲ୍ଆଇସି ଇନ୍‌ଭେଷ୍ଟମେଣ୍ଟ ବିଲ୍ଡିଂର ଭୂମିପୂଜନ

ଭୁବନେଶ୍ୱର,୨୩।୧୨ (ଅଭୟ କୁମାର ଦାଶ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ଭୁବନେଶ୍ୱର ମଣ୍ଡଳର ସୂର୍ଯ୍ୟନଗର ଶାଖାଠାରେ ଏକ ଅତ୍ୟାଧୁନିକ ଇନ୍‌ଭେଷ୍ଟମେଣ୍ଟ ବିଲ୍ଡିଂର ଭୂମିପୂଜନ କାର୍ଯ୍ୟକ୍ରମ ଶନିବାର ଆନୁଷ୍ଠାନିକ ଭାବେ ଶେଷ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଫାଉଣ୍ଡେଶନ ଷ୍ଟୋନ୍ ଲେଇଂ ସେରେମନି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏଲ୍ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ ଭିତ୍ତିପ୍ରସ୍ତର ପକାଇଥିଲେ। ଏହି ଅବସରରେ ଏଲ୍ଆଇସିର ପୂର୍ବ ମଧ କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଂ) ଅରୂପ କୁଣ୍ଡୁ , ବି.ବି ଯାଦବ ଏବଂ ମୁଖ୍ୟଯନ୍ତ୍ରୀ ମୃଗାଙ୍କ ଘୋଷଙ୍କ ସମେତ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


କଟକର ସିଡିଏ ସେକ୍ଟର-୬୦ଠାରେ ଏଲ୍ଆଇସି ହାଉସିଂ ପ୍ରୋଜେକ୍ଟର ଆନୁଷ୍ଠାନିକ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍ଆଇସିର ଚେୟାରମ୍ୟାନ୍ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ଏଲ୍ଆଇସିର ବହୁ ବରିଷ୍ଠ ଅଧିକାରୀ ଓ କଟକ ଡିଭିଜନର କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।


ଭୁବନେଶ୍ୱରର ସୂର୍ଯ୍ୟନଗରଠାରେ ଏଲ୍ଆଇସି ଇନ୍‌ଭେଷ୍ଟମେଣ୍ଟ ବିଲ୍ଡିଂର ଭୂମିପୂଜନ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ଏଲ୍ଆଇସିର ବହୁ ବରିଷ୍ଠ ଅଧିକାରୀ ଓ ଭୁବନେଶ୍ୱର ମଣ୍ଡଳର କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ଏଲ୍ଆଇସିର ଏହି ଅଭିନବ ପ୍ରକଳ୍ପ (ଯୋଜନା) ଓଡ଼ିଶାରେ ପ୍ରଥମ ଥର ପାଇଁ ହୋଇଥିବାବେଳେ ଆଗାମୀ ଦିନରେ ନିଗମ ରାଜ୍ୟରେ ଅନେକ ବିକାଶମୂଳକ ପଦକ୍ଷେପ ସହ ଏଲ୍ଆଇସିକୁ ସୁଦୃଢ କରିବା ପାଇଁ ଆମେମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ ବୋଲି ସିଦ୍ଧାର୍ଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ପୂର୍ବାହ୍ନରେ କଟକର ସିଡିଏ ସେକ୍ଟର-୬୦ରେ ଏଲ୍ଆଇସି ହାଉସିଂ ପ୍ରୋଜେକ୍ଟର ଆନୁଷ୍ଠାନିକ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍ଆଇସିର ଚେୟାରମ୍ୟାନ୍ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ଏଲ୍ଆଇସିର ପୂର୍ବ ମଧ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଂ) ଅରୂପ କୁଣ୍ଡୁ, ବି.ବି ଯାଦବ, ମୁଖ୍ୟଯନ୍ତ୍ରୀ ମୃଗାଙ୍କ ଘୋଷ ଏବଂ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁଇ ଦିନିଆ ଓଡ଼ିଶା ଗସ୍ତରେ ସିଦ୍ଧାର୍ଥ

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି ନିକଟରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପ୍ରଥମ ଦିନ ପୁରୀ ଅଭିମୁଖେ ଯାଇଥିବାବେଳେ ଗସ୍ତର ୨ୟ ଦିନରେ ଉଭୟ ସରକାରୀ ଓ ନିଗମର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ କଟକ ଏବଂ ଭୁବନେଶ୍ୱରରେ ୨ଟି ଭୂମିପୂଜନ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ ଏଲ୍ଆଇସିର ନ୍ୟୁ ପଲିସି 'ଜୀବନ ଉତ୍ସବ'ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ରାଜ୍ୟର ସମସ୍ତ ହିତାଧିକାରୀଙ୍କ ବିଶ୍ୱାସଭାଜନ ଓ ସହଯୋଗ ପାଇଁ ସେ ଧନ୍ୟବାଦ ପ୍ରଦାନ କରିଥିଲେ।

# ଫେବୃୟାରୀ ୬ରୁ ଭାରତ ଶକ୍ତି ସପ୍ତାହର ୨ୟ ସଂସ୍କରଣ

ଭୁବନେଶ୍ୱର,୨୩।୧୨

ଭାରତ ଶକ୍ତି ସପ୍ତାହ (ଆଇଇଡବ୍ଲ୍ୟୁ)ର ୨ୟ ସଂସ୍କରଣ ୨୦୨୪ ଫେବୃୟାରୀ ୬ରୁ ୯ତାରିଖ ପର୍ଯ୍ୟନ୍ତ ଗୋଆର ଦକ୍ଷିଣ ଭାଗରେ ଥିବା ଓଏନ୍‌ଜିସିର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋଲିୟମ ସେଫ୍ଟି, ହେଲ୍‌ଥ ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ (ଆଇପିଏସ୍‌ଏଚ୍‌ଇଏମ୍)ଠାରେ ଆୟୋଜିତ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଦେଶର ୩୫,୦୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ଓଏନ୍‌ଜିସି ପକ୍ଷରୁ ଆଶା କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ପ୍ରାରମ୍ଭରେ ଆଇଇଡବ୍ଲ୍ୟୁର ପ୍ରଥମ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏପରିକି ପ୍ରଥମ ସଂସ୍କରଣର ସଫଳତାକୁ ଆଧାରକରି ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ପେଟ୍ରୋଲିୟମ୍ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଆଇଇଡବ୍ଲ୍ୟୁ-୨୦୨୪ରେ ଶିଳ୍ପ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଉଦ୍ୟୋଗୀମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା, ଜ୍ଞାନ ବିନିମୟ ଏବଂ ସହଯୋଗ ପାଇଁ ଏହା ଏକ ବୃହତ୍ ମଞ୍ଚ ହେବାକୁ ଯାଉଛି। ଏ ସମ୍ପର୍କରେ ଏଫ୍‌ଆଇପିଆଇର ମହାନିର୍ଦ୍ଦେଶକ ଗୁରମିତ୍ ସିଂହ କହିଛନ୍ତି, ଆଇଇଡବ୍ଲ୍ୟୁ-୨୦୨୪ର ଜଟିଳ ଶକ୍ତି ପରିଦୃଶ୍ୟକୁ ଭାରତ ପ୍ରଦର୍ଶିତ କରିବ। ଯେଉଁଥିରେ ବିବିଧ ଶକ୍ତି ମିଶ୍ରଣ, ଅକ୍ଷୟ ଶକ୍ତିର ଦ୍ରୁତ ଅଭିବୃଦ୍ଧି, ଶକ୍ତି ଉପଲବ୍ଧତା, ସହରୀକରଣ ଏବଂ ଅର୍ଥନୈତିକ ବିକାଶ ସମ୍ବନ୍ଧୀୟ ଆହ୍ୱାନ ଆଦିକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପରିପ୍ରେକ୍ଷୀରେ ଦର୍ଶାଯାଇଛି। ସେହିଭଳି ଓଏନ୍‌ଜିସି ଆଇପିଏସ୍‌ଏଚ୍‌ଇଏମ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ସଞ୍ଜୀବ ସିଂଘଲ କହିଛନ୍ତି, ଆଇଇଡବ୍ଲ୍ୟୁ-୨୦୨୪ ପର୍ଯ୍ୟଟକଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଆଣିବ ଏବଂ ସୁନ୍ଦର ରାଜ୍ୟ ଗୋଆକୁ ୩୫,୦୦୦ରୁ ଅଧିକ ଲୋକ ଆସିବେ।

# କେଏସ୍‌ଏଏର 'ରୂପାନ୍ତରୀତ ଯୋଜନା' ଉନ୍ମୋଚିତ



ଭୁବନେଶ୍ୱର,୨୩।୧୨

କଳିଙ୍ଗ ଷ୍ଟିମ୍‌ଶିପ୍ ଏଜେଣ୍ଟ୍ସ ଆସୋସିଏସନ (କେଏସ୍‌ଏଏ) ପକ୍ଷରୁ ହୋଟେଲ ଏମ୍ପାୟାର୍ସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମାବେଶ ଆୟୋଜିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ମେସର୍ସ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)ର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ସମାବେଶରେ କେଏସ୍‌ଏଏ ପକ୍ଷରୁ ଏକ ନୂଆ ଅଧ୍ୟାୟ 'ରୂପାନ୍ତରିତ ଯୋଜନା' ନିକଟରେ ଉନ୍ମୋଚିତ (ଆରମ୍ଭ) ହୋଇଯାଇଛି। ଅପରପକ୍ଷରେ ମିଶ୍ର ସଂଘର ପ୍ରଥମ ସଭାପତି ଭାବେ ଅବସ୍ଥାପିତ ହୋଇଛନ୍ତି।

ଏ ସମ୍ପର୍କରେ କେଏସ୍‌ଏଏ ସଭାପତି ଚର୍ଚ୍ଚିତ ମିଶ୍ର କହିଛନ୍ତି, ଏହି ପରିବର୍ତ୍ତନକାରୀ ଯୋଜନା ସଂଘର ପ୍ରତ୍ୟେକ ସଦସ୍ୟଙ୍କୁ ଖୋଲା ନିମନ୍ତ୍ରଣ କରୁଛି। ବିଶେଷକରି ଆମେ ସକ୍ରିୟ ଅଂଶଗ୍ରହଣକୁ ଅଧିକ ପ୍ରୋତ୍ସାହିତ କରୁଛୁ। କାରଣ ଏହା ଏକ ରୋମାଞ୍ଚକ ଯାତ୍ରାର ଆରମ୍ଭ ହୋଇଥିବାବେଳେ କଳିଙ୍ଗ ଷ୍ଟିମ୍‌ଶିପ୍ ଏଜେଣ୍ଟସ ଆସୋସିଏସନ ଭବିଷ୍ୟତକୁ ରୂପ ଦେବ।

ସେହିଭଳି କେଏସ୍‌ଏଏର ସମ୍ପାଦକ ତଥା ମେସର୍ସ ଇନ୍‌ଫିନିଟି ସିପିଂ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ୱଦେଶ ରଞ୍ଜନ ସ୍ୱାଇଁ କହିଛନ୍ତି, ଚର୍ଚ୍ଚିତ୍ ମିଶ୍ର ସଂଘର ନେତୃତ୍ୱ ନେଉଥିବାରୁ ଏବଂ ଆମର ପରିବର୍ତ୍ତନକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ଆମେ ପ୍ରତ୍ୟେକ ସଦସ୍ୟଙ୍କୁ ଏହି ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହେବାକୁ ନିମନ୍ତ୍ରଣ କରୁଛୁ। ଏପରିକି ଆମେ ମିଳିମିଶି ଆମର ସମ୍ପର୍କକୁ ନୂତନ ଉଚ୍ଚତାରେ ପହଞ୍ଚାଇପାରିବା ଏବଂ ଏହା ସମସ୍ତଙ୍କ ପାଇଁ ଏକ ମୂଲ୍ୟବାନ୍ ଏବଂ ସହାୟକ ସଂସ୍ଥା ହୋଇ ରହିବ ବୋଲି ସୁନିଶ୍ଚିତ କରିପାରିବା।

# କୃଷି ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୧୨



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ବିଶେଷକରି ଭାରତର ଗ୍ରାମୀଣ ସମ୍ପ୍ରଦାୟର ଉନ୍ନତି ପାଇଁ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିକୁ ବ୍ୟାପକ କରିବାର ପ୍ରତିବଦ୍ଧତାକୁ କମ୍ପାନୀ ଦୋହରାଇଛି। ଏପରିକି ଜୀବିକା ନିର୍ବାହ, କୃଷି ପ୍ରଯୁକ୍ତିବିଦ୍ୟା ଆଦି ବିଷୟରେ ଜ୍ଞାନ ବଢ଼ାଇବା, ନିରନ୍ତର କୃଷି ଅଭ୍ୟାସକୁ ବଢାଇବା ଏବଂ ବୃତ୍ତିଗତ ଅର୍ଥନୀତି ଗଠନ ପାଇଁ ଅନେକ ପଦକ୍ଷେପ ଗ୍ରହଣ ଦ୍ୱାରା କମ୍ପାନୀ କୃଷି ସମ୍ପ୍ରଦାୟ ସହିତ ସକ୍ରିୟ ଭାବେ ଜଡିତ ରହିଛି। ଅପରପକ୍ଷରେ ୧୦,୦୦୦ରୁ ଅଧିକ କୃଷକ ଉକ୍ତ ପ୍ରୟାସରୁ ଉପକୃତ ହୋଇଛନ୍ତି, ଯାହାକି ଓଡ଼ିଶା ଏବଂ ଛତିଶଗଡ଼ ଭଳି ରାଜ୍ୟରେ ଗ୍ରାମାଞ୍ଚଳର ସକାରାତ୍ମକ ପରିବର୍ତ୍ତନକୁ ପ୍ରଭାବିତ କରୁଛି। ସେହିଭଳି ଜୀବିକା ସମୃଦ୍ଧ କାର୍ଯ୍ୟକ୍ରମ ଓଡ଼ିଶାର ଝାରସୁଗୁଡ଼ାଠାରେ ବେଦାନ୍ତ ଆଲୁମିନିୟମ୍‌ର ମେଗା ଆଲୁମିନିୟମ୍ ଅପରେଶନ ପରିସରଠାରେ ନିୟୋଜିତ ହୋଇଛି। ବିଶେଷକରି କ୍ଷୁଦ୍ର କୃଷକମାନଙ୍କୁ ଅଧିକ ଚାଷ ପ୍ରଣାଳୀ ସହିତ ପରିଚିତ କରାଇବାକୁ ଏହା ଜରିଆରେ ଲକ୍ଷ୍ୟ ରଖାଯାଇଛି। ଏପରିକି ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ ନିକଟରେ ଆରମ୍ଭ କରାଯାଇଥିଲା, ଏକତ୍ରିତ ଭାବେ ୧୦୦୦ ଗ୍ରାମୀଣ ପରିବାର, ଜଳବାୟୁ-ସ୍ମାର୍ଟ ଅଭ୍ୟାସ ଏବଂ ବର୍ଦ୍ଧିତ କୃଷି ଅମଳ ପାଇଁ ଏକୀକୃତ ଜୈବିକ ଚାଷ ଅଭ୍ୟାସ ତଥା ପରିଚାଳନା ଉପରେ ଧ୍ୟାନ ଦେଇଥିଲେ। ଅଧିକନ୍ତୁ, ଓଡ଼ିଶାର ଲାଞ୍ଜିଗଡ଼ ଆଲୁମିନା ରିଫାଇନେରିଠାରେ କମ୍ପାନୀ ବ୍ୟବସାୟିକ ଯାନ ପାଇଁ ବାୟୋଡିଜେଲକୁ ଆଷ୍ଟେନେବୁଲ୍ ଇନ୍ଧନ ବିକଳ୍ପ ଭାବେ ବ୍ୟବହାର କରିବା ପାଇଁ ଟ୍ରାଏଲ୍ ରନ୍ ସଫଳତାର ସହ ପରିଚାଳନା କରିଛି। ଏହା ବାୟୋ ଇନ୍ଧନ ଫିଡ୍ ଷ୍ଟକ୍‌ଗୁଡିକର ଉତ୍ପାଦନକାରୀ ଚାଷ ଏବଂ ଜୈବିବ ଇନ୍ଧନ ଫସଲ ପାଇଁ ଏକ ସ୍ଥାୟୀ ବଜାରକୁ ବୃଦ୍ଧି କରିବ।

ଅପରପକ୍ଷରେ ମୋର ଜଳ ମୋର ମାଟି ପଦକ୍ଷେପ ଛତିଶଗଡ଼ର କୋର୍ବାଠାରେ ଅବସ୍ଥିତ ଭାରତର ପ୍ରତିଷ୍ଠିତ ଆଲୁମିନିୟମ୍ ଉତ୍ପାଦକ ବାଲ୍‌କୋ ଦ୍ୱାରା କାର୍ଯ୍ୟକାରୀ ହୋଇଛି, ଯାହାକି ନିକଟବର୍ତ୍ତୀ ସମ୍ପ୍ରଦାୟରେ ଫାର୍ମି ଫାର୍ମରେ ବିପ୍ଳବ ଆଣିବାରେ ସାହାଯ୍ୟ କରିବ। ଉକ୍ତ ପ୍ରକଳ୍ପ ସମୁଦାୟ ୩୨ ଗାଁରେ ପହଞ୍ଚି ୩୬୦୦ରୁ ଅଧିକ କୃଷକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



୰ଅଜୟ କୁମାର ବେଉରା
ମଞ୍ଚେଶ୍ୱର, ଭୁବନେଶ୍ୱର

ଚାହୁଁ ଚାହୁଁ ବର୍ଷେ ପୂରିଗଲା। ସେଦିନର ଅନେକ କଥା ଏବେବି ଆମ ସ୍ମୃତିରେ ଉଙ୍କି ମାରୁଛି। ଆଜି ତୁମର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା।

ଶୋକସନ୍ତପ୍ତ: ପ୍ରଦୀପ୍ତ, ପ୍ରଶାନ୍ତ ଓ ବନ୍ଧୁ, ପରିବାରବର୍ଗ ।

ଧ-୨୦୮୯

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧ୍ରୁବ ଚରଣ ମହାନ୍ତି
ପୋଖରୀପୁଟ, ଭୁବନେଶ୍ୱର

ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧

ଆଜିର ଶ୍ରାଦ୍ଧ ଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର: ପୁଅ: ମୁନ୍ନା, ବୋହୂ: ରିନି, ଝିଅ: ରୁନି, ରୁଜି ଓ ରେବା, ଜ୍ୱାଇଁ: ଗଗନ, ଅନିମେଷ ଓ ସୁବ୍ରତ, ନାତୁଣୀ ଓ ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍ ।

ଧ-୨୦୬୪



# Classified Everyday
0674-2580101, 2549949




## BRIDE WANTED

Handsome Karan Boy Judicial Magistrate/ Bhubaneswar (Caste no bar) 'SUHAG'. 9938199964. D-2095

Handsome Brahmin Boy 1990, 5'8" B.Tech (NIT), MBA (XIMB) Serving Manager MNC Bangalore, "Sunasansar". 9937512659, 8249969649. D-75285

## GROOM WANTED

Wanted qualified groom 35-38yrs. Service/Business for a beautiful bride 34yrs. Ph.D. Continue Bhubaneswar. Caste no bar. 8917585202. D-74314

ବୟସ 33, Government Clerk ଥିବା ବ୍ରାହ୍ମିନ୍ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75310




## SALE

MARUTI EECO 2020 ac 5str 26000km for sale. Contact 9555990006. D-2096




## SALE

4BHK Duplex Rera BMC approve at Hansapal, Genuine Plots near Mancheswar, Rangabazar, OEC, Bhingarpur, Uttara. 8847887273. D-2090

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ମୋର ନିଜସ୍ୱ ପ୍ଲଟ୍ ଖଣ୍ଡଗିରି ପାଖରେ ଏବଂ ଘାଟିକିଆରେ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-2088

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

Duplex sale at Bhubaneswar @57 lakhs only. Contact- 9777433701. D-75284

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Godown Space available 7500sqft. in Pratap Nagari At Back Side of Petrol Pump. 9601582967. D-2012




Spa Kerala body Massage best Therapist @ 699/- Bhubaneswar. Kajal-9337672475. D-2097

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

Newly open Spa positively health benefit with expert. Contact: 7749976301. D-2073

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Newly open Jyoti Spa positively health benefits (Expert Therapist). 8458067955. D-75179

## LOST

Notice is hereby given from Sri Paresh Kumar Dash that at present, I have lost the Original RSD No. 4427, Plot No.- 649/2061, which was kept in my hand bag while travelling from Badasankha to Market Chhaka, Puri in my bike on dated 15.12.2023 and despite my best efforts. I failed to trace the same. Therefore, if any body has found the same, Please contact with Mobile No.- 9892509101. D-2094


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧ (ଶ୍ରୀ ପ୍ରଦୀପ କୁମାର ମିଶ୍ର)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍.ମୋକଦ୍ଦମା ନମ୍ବର-୬୩୮/୨୦୧୭

ନୋଟିସ୍

(ଦେଓ୍ୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ସନ୍ଧ୍ୟାରାଣୀ ସେଠୀ, ବୟସ-ବ୪୮ର୍ଷ, ସ୍ୱାମୀ- ଫକୀର ମୋହନ ସେଠୀ, ସା- ପ୍ଲଟ୍ ନଂ.- ୪/୩୪୧, ଆଇ.ଆର୍.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
....ବାଦୀ

ବନାମ

ଶୈଳବାଳା ଦେଈ ଓଗେର ....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.-୧) ଶୈଳବାଳା ଦେଈ ଆଲିଆସ ପଟ୍ଟନାୟକ, ସ୍ୱାମୀ- ବିପ୍ରଚରଣ ପଟ୍ଟନାୟକ, ସା/ପୋ- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଏତଦ୍ୱାରା ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୩୦।୦୧।୨୦୨୪ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.-୫୩, ମୌଜା- ଚଣ୍ଡିହତା।

ସାବକ

ଖାତା ନମ୍ବର-୧୧, ପ୍ଲଟ୍ ନମ୍ବର-୩୦, କିସମ- ଶାରଦ ଦୁଇ, ରକବା-ଏ୦.୦୫୧.୯୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର-୫୫, ପ୍ଲଟ୍ ନମ୍ବର- ୧୦୪, କିସମ- ଶାରଦ ଅଣ ଜଳସେଚିତ ଏକ, ରକବା- ଏ୦.୦୫୧.୯୫ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୧ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ୨୧।୧୨।୨୦୨୩
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୦୮୭

# ଇନ୍‌ଡୋର ଆଥଲେଟିକ୍ସ ଆରେନାକୁ କାଟେଗୋରି-୧ ଯୋଗ୍ୟତା

## କଳିଙ୍ଗକୁ ଐତିହାସିକ ସଫଳତା

ଭୁବନେଶ୍ୱର,୨୩।୧୨(ସରୋଜ ଜେନା)


କଳିଙ୍ଗ ସ୍ପୋର୍ଟସ କମ୍ପ୍ଲେକ୍ସ ଅନ୍ତର୍ଗତ ଇନ୍‌ଡୋର ଆଥଲେଟିକ୍ସ ଆରେନା।

କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଥିବା ଭାରତର ସର୍ବବୃହତ ଇନ୍‌ଡୋର ଆଥଲେଟିକ୍ସ ଆରେନାକୁ କ୍ରୀଡ଼ା ନିୟନ୍ତ୍ରକ ସଂସ୍ଥା ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ସମ୍ମାନଜନକ କାଟେଗୋରୀ-୧ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ବିଶ୍ୱ କ୍ରୀଡ଼ା ମଞ୍ଚରେ କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଏକ ପ୍ରମୁଖ ସ୍ଥାନ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରଥମକରି ସ୍ଥାପନ କରାଯାଇଥିବା ଅତ୍ୟାଧୁନିକ ମୋଣ୍ଡୋ ଟ୍ରାକ ଏହାର ଅସାଧାରଣ ପ୍ରଦର୍ଶନ, ସ୍ଥାୟିତ୍ୱ ଏବଂ ଆଥଲେଟଙ୍କ ଅନୁକୂଳ ପୃଷ୍ଠଭୂମି ପାଇଁ ପ୍ରସିଦ୍ଧ। ଆଗାମୀ ଦିନରେ ଏହା ଇନ୍‌ଡୋର ଆଥଲେଟିକ୍ସ ଆରେନାକୁ ଶୀର୍ଷସ୍ତରୀୟ ପ୍ରତିଯୋଗିତା ଏବଂ ପ୍ରଶିକ୍ଷଣର ଏକ କେନ୍ଦ୍ର ଭାବରେ ପ୍ରତିପାଦନ କରିପାରିବ। କ୍ରୀଡ଼ାବିତମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଏହା ଓଡ଼ିଶାର ପ୍ରତିବଦ୍ଧତାକୁ ଜାହିର କରୁଛି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନୀଲ କ୍ରିଷ୍ଣା କହିଛନ୍ତି। ବର୍ଗ-୧ ସାର୍ଟିଫିକେଟ ସୂଚାଉଛି ଯେ କଳିଙ୍ଗ ଇନ୍‌ଡୋର ଆଥଲେଟିକ୍ସ ଆରେନା ଭିତ୍ତିଭୂମି, ସୁବିଧା ଏବଂ ବୈଷୟିକ ଦକ୍ଷତାର ସମସ୍ତ ମାନଦଣ୍ଡକୁ ଅନୁପାଳନ କରୁଛି। ଫଳରେ ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ଏହି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି ମାନ୍ୟତା ଦେଶର ଆଥଲେଟିକ ପ୍ରତିଭାକୁ ପ୍ରୋତ୍ସାହିତ କରିବା ସହ ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ପାଇଁ ରାସ୍ତା ପ୍ରଶସ୍ତ କରିଛି ବୋଲି କ୍ରୀଡା ସଚିବ ମତ ଦେଇଛନ୍ତି।

# ଶ୍ରଦ୍ଧାଞ୍ଜଳି ସହକାରୀ କୋଚ୍ ନିଯୁକ୍ତ

## ୧୯ ବର୍ଷରୁ କମ୍ ମହିଳା ଫୁଟ୍‌ବଲ



ଭୁବନେଶ୍ୱର,୨୩।୧୨(ବିଜୟ ରଣା)

ଆସନ୍ତାବର୍ଷ ଫେବୃୟାରୀରେ ସାଫ୍ ଚାମ୍ପିୟନଶିପ୍ ପୂର୍ବରୁ ଶନିବାର ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଭାରତୀୟ ଦଳର ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ୧୯ ବର୍ଷରୁ କମ୍ ଜାତୀୟ ମହିଳା ଫୁଟ୍‌ବଲ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ସେ ୧୭ ବର୍ଷରୁ କମ୍ ଦଳର ସହକାରୀ କୋଚ ଥିଲେ। ପୂର୍ବରୁ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ସଫଳତାର ସହ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ନୂଆ ନିଯୁକ୍ତି ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଗଣ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଶୁଭ କାମନା କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଭାରତ ଖେଳାଳି ଶୁକ୍ଲା ଦତ୍ତଙ୍କୁ ଦେଶର ୧୯ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ କରାଯାଇଛି। ଦତ୍ତ ହେଉଛନ୍ତି ୧୭ ବର୍ଷରୁ କମ୍ ଭାରତ ମହିଳା ଦଳର ଜଣେ ପୂର୍ବତନ କୋଚ୍। ରୋନିବାଲା ଚାନୁଙ୍କୁ ଗୋଲକିପିଙ୍ଗ କୋଚ୍ କରାଯାଇଛି। ଭାରତ ଦଳ ଆସନ୍ତା ମାସ ଆରମ୍ଭରେ ସାଫ୍ ଚାମ୍ପିୟନଶିପ୍ ପାଇଁ ଏହାର ପ୍ରସ୍ତୁତି ଆରମ୍ଭ କରିବ। ଗୋଆଠାରେ ଦଳର ଟ୍ରେନିଂ କ୍ୟାମ୍ପ ଡିସେମ୍ବର ୨୬ରୁ ଆରମ୍ଭ ହେବ। ଏହି ଅବସରରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟକାରୀ ସେକ୍ରେଟାରି ଜେନେରାଲ ଏମ୍. ସତ୍ୟନାରାୟଣ କହିଛନ୍ତି, ପରବର୍ତ୍ତୀ ସ୍ତରକୁ ଯିବା ଲାଗି ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଏହି ଟୁର୍ନାମେଣ୍ଟ ଏକ ଭଲ ପ୍ଲାଟଫର୍ମ। ଖୁସିର ବିଷୟ ଯେ ଦଳର ସମସ୍ତ ଟେକ୍‌ନିକାଲ ଷ୍ଟାଫ ହେଉଛନ୍ତି ମହିଳା। ସାଫ୍ ଚାମ୍ପିୟନଶିପ୍ ୨୦୧୮ରେ ଆରମ୍ଭ ହୋଇଥିଲା। ଏଥିରେ ଭାରତ ୪ ଥର ଅଂଶଗ୍ରହଣ କରିଛି। ଦଳ ୨୦୨୨ରେ ଚାମ୍ପିୟନ ହୋଇ ପାରିଥିଲା। ୨୦୨୧ ସଂସ୍କରଣରେ ବାଂଲାଦେଶଠାରୁ ହାରି ଦଳ ରନରଅପ୍ ହୋଇଥିଲା। ଏହି ବର୍ଷ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତର ପୂର୍ବତନ ଅଧିନାୟକ ଆଇ.ଏମ୍. ବିଜୟନଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ବୈଠକରେ ସପୋର୍ଟ ଷ୍ଟାଫ୍ ଚୟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣଙ୍କ ବ୍ୟତୀତ ମନୋରଞ୍ଜନ ଭଟ୍ଟାଚାର୍ଯ୍ୟ (ଡେପୁଟି ଚେୟାରମ୍ୟାନ ଟେକ୍‌ନିକାଲ କମିଟି), ସୟଦ ସବୀର ପାଶା (ଟେକ୍‌ନିକାଲ ଡାଇରେକ୍ଟର) ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତ, ଓଏମ୍‌ସିର ବୃହତ୍ ବିଜୟ

## ଚାରିଟେବଲ କର୍ପୋରେଟ୍ କ୍ରିକେଟ୍ ଲିଗ୍


ଟିପିସିଓଡିଏଲ୍ ସିଏସଆର୍ ମୁଖ୍ୟ ପ୍ରଦୀପ ଘୋଷାଲ (ଡାହାଣ)ଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର,୨୩।୧୨(ସରୋଜ ଜେନା)

ହାଇଟେକ୍ ମେଡିକାଲ୍ କଲେଜ୍ ଗ୍ରାଉଣ୍ଡରେ ୱି ଫର୍ ୟୁ ପକ୍ଷରୁ ଅନୁଷ୍ଠିତ ଚ୍ୟାରିଟେବଲ କର୍ପୋରେଟ୍ କ୍ରିକେଟ୍ ଲିଗ୍‌ର ଦ୍ୱିତୀୟ ଦିବସରେ ଶନିବାର ୯ଟି ମ୍ୟାଚ୍ ଖେଳାଯାଇଛି। ୧୮ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ଟି୧୦ ଫର୍ମାଟରେ ସମସ୍ତ ମ୍ୟାଚ୍ ଖେଳାଯାଉଛି। ଶନିବାର ବେଦାନ୍ତ ଦୁଇଟି ମ୍ୟାଚ୍ ଓ ଓଏମ୍‌ସି ୩ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ବେଦାନ୍ତ ଏହାର ଉଭୟ ମ୍ୟାଚ୍‌ରେ ହାଇସ୍କେଲର ଓ ମୋଟ୍‌ୱାନୀ କନଷ୍ଟ୍ରକସନକୁ ୧୦ ଉଇକେଟରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଓଏମ୍‌ସି ୩ ମ୍ୟାଚ୍ ଖେଳି ଏସିଆରଇ ବିପକ୍ଷରେ ୩୦ ରନ୍, ଖିମଜୀ ବିପକ୍ଷରେ ୧୨୮ ରନ୍ ଓ ମିଡିଆ ଏକାଦଶ ବିପକ୍ଷରେ ୧୦୫ ରନ୍‌ରେ ବିଜୟ ହାସଲ କରିଥିଲା। ଅନ୍ୟ ମ୍ୟାଚ୍ ଗୁଡିକ ମଧ୍ୟରେ ପାରାଦୀପ ଫସଫେଟ୍ ଲିମିଟେଡ୍ ୧୦ ଉଇକେଟରେ ସନ୍‌ସାଇନ୍‌କୁ ପରାସ୍ତ କରିଥିଲା। ଟିପିସିଓଡିଏଲ୍ ସିଏସଆର୍ ମୁଖ୍ୟ ପ୍ରଦୀପ ଘୋଷାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

# ଭାରତୀୟ ଅଲିମ୍ପିକ ପଦକ ବିଜେତାଙ୍କୁ ନେଇ କ୍ୟାଲେଣ୍ଡର

ଭୁବନେଶ୍ୱର, ୨୩।୧୨



ଅଲିମ୍ପିକ କ୍ୟାଲେଣ୍ଡର ସହିତ ବଶିଷ୍ଟ।

ଆସୁଛି ନୂଆବର୍ଷ ଏବଂ ଆଶା ଓ ଅପେକ୍ଷାର ଦିନ। କେକ୍, କ୍ୟାଲେଣ୍ଡର, ଡାଏରିର ଦିନ। ନୂଆବର୍ଷ ୨୦୨୪ ମଧ୍ୟ ଅଲିମ୍ପିକ୍ସର ବର୍ଷ। ୧୦୦ ବର୍ଷ ପରେ ପ୍ୟାରିସକୁ ଫେରିଛି ଅଲିମ୍ପିକ୍ସ। ଏହି ଅବସରରେ କାଲିକଟସ୍ଥିତ ମାଲାବାର ଖ୍ରିଷ୍ଟିଆନ କଲେଜ କାଲିକଟର ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବଶିଷ୍ଠ ୨୦୨୪କୁ ସ୍ୱାଗତ କରିବାକୁ ଯାଇ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ଭାରତର ଅଲିମ୍ପିକ ପଦକ ବିଜେତାମାନଙ୍କୁ ସମ୍ମାନ ପ୍ରଦାନ କରିବାକୁ ଯାଇ ସେ ପ୍ରସ୍ତୁତ କରିଥିବା କ୍ୟାଲେଣ୍ଡରର ଶୀର୍ଷକ ରଖିଛନ୍ତି 'ପ୍ରାଇଡ୍ ଅଫ୍ ଇଣ୍ଡିଆ'। ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସଠାରୁ ଆରମ୍ଭ କରି ୨୦୨୦ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତ ମୋଟ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୬ ବ୍ରୋଞ୍ଜ ପଦକ ଜିତିଛି। କ୍ୟାଲେଣ୍ଡରରେ ଭାରତୀୟ ପଦକ ବିଜେତାଙ୍କ ବିବରଣୀ ରହିଛି। ଏହି କ୍ୟାଲେଣ୍ଡରଟି 'ଭାରତର ଗୌରବ, ରାଷ୍ଟ୍ରୀୟ ଏକତା ପାଇଁ ଖେଳର ବାର୍ତ୍ତା ବହନ କରୁଛି।

## ୧୯ ବର୍ଷରୁ କମ୍ କ୍ରିକେଟ

# ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବ ଭାରତ

ନୂଆଦିଲ୍ଲୀ, ୨୩।୧୨ (ପି.ଟି.)

ଆଇସିସି ପୁରୁଷ ୧୯ବର୍ଷରୁ କମ୍ ବିଶ୍ୱକପ୍ ପୂର୍ବରୁ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଜୋହାନ୍ସବର୍ଗଠାରେ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ। ଏଥିରେ ଆୟୋଜକ ଦକ୍ଷିଣ ଆଫ୍ରିକା ବ୍ୟତୀତ ଆଫଗାନିସ୍ତାନ ଦଳ ଭାଗ ନେବ। ଏଥିରେ ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇ ଥର ଲେଖାଏ ଭେଟିବେ। ଭାରତ ଡିସେମ୍ବର ୨୯ରେ ପ୍ରଥମେ ଆଫଗାନିସ୍ତାନ ସହ ମୁକାବିଲା କରିବ। ପରେ ଜାନୁୟାରୀ ୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଫାଇନାଲ ମ୍ୟାଚ ଜାନୁୟାରୀ ୧୦ରେ ହେବ। ୧୯ବର୍ଷରୁ କମ୍ ବିଶ୍ୱକପ୍ ଜାନୁୟାରୀ ୧୯ରେ ବ୍ଲୋଏମଫୋଣ୍ଟିନଠାରେ ଆରମ୍ଭ ହେବ। ଏଥିରେ ବାଂଲାଦେଶ, ଆୟର୍ଲାଣ୍ଡ ଓ ୟୁଏସ୍‌ଏ ସହ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଭାରତ ଏହାର ପ୍ରଥମ ମ୍ୟାଚ ଜାନୁୟାରୀ ୨୦ରେ ବାଂଲାଦେଶ ବିପକ୍ଷରେ ଖେଳିବ।




## ପୁରସ୍କାର ଫେରାଇବା ପ୍ରସଙ୍ଗ

# ମନ୍ତବ୍ୟ ଦେଲେନି ଅନୁରାଗ ଠାକୁର

ବେଙ୍ଗାଲୁରୁ,୨୩।୧୨(ପି.ଟି.)

କୁସ୍ତିଯୋଦ୍ଧାମାନେ ପଦକ ଫେରସ୍ତ କରୁଥିବା ବେଳେ ଏହି ମାମଲାରୁ ନିଜକୁ ଦୂରେଇ ରଖିଛନ୍ତି କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର। ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇ ସଭାପତି ଭାବେ ନିର୍ବାଚିତ ହେବା ପ୍ରତିବାଦରେ ପ୍ରଥମେ ବଜରଙ୍ଗ ପୁନିଆ ଓ ଶନିବାର ବୀରେନ୍ଦ୍ର ସିଂ ଯାଦବ ନିଜର ପଦକ ପ୍ରତ୍ୟାହାର କରିଥିଲେ। ତେବେ ଏହା ଉପରେ କୌଣସି ମନ୍ତବ୍ୟ ରଖିବାକୁ ମନା କରିଛନ୍ତି ଅନୁରାଗ। ଶନିବାର ବେଙ୍ଗାଲୁରୁ ସ୍ଥିତ ସାଇ ସେଣ୍ଟରରେ ଥିବା ବେଳେ ଠାକୁର କହିଛନ୍ତି ଏହି ମାମଲାକୁ ନେଇ ମୁଁ ଅନେକ କିଛି କହି ସାରିଛି। ତେଣୁ ଆଉ କିଛି କହିବାକୁ ଚାହୁଁନାହିଁ। ସାଇର ଅନ୍ତେବାସୀଙ୍କ ପାଇଁ ନୂତନ ହଷ୍ଟେଲ ଓ ସିନ୍ଥେଟିକ୍ ଟ୍ରାକ୍‌ର ଉଦ୍‌ଘାଟନ ଅବସରରେ ଠାକୁର ଏହି ମତ ରଖିଛନ୍ତି। ଏସିଆଡ୍‌ରେ ଆମର ଆଥଲେଟ୍ ମାନେ ପଦକ ସଂଖ୍ୟାରେ ଶତକ ହାସଲ କରିଛନ୍ତି। ଏହାକୁ ଆମେ ଅଧିକ ହାଇଲାଇଟ୍ କରିବା ଆବଶ୍ୟକ ବୋଲି ଠାକୁର କହିଛନ୍ତି। ବରିଷ୍ଠ ଆଥଲେଟ୍ ମାନେ ଆଗକୁ ଆସି ଯୁବ ଖେଳାଳିଙ୍କ ପାଇଁ ପ୍ରେରଣା ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଭାରତ ଦିନକୁ ଦିନ ଏକ ସ୍ପୋର୍ଟିଂ ନେଶନ ଆଡକୁ ଅଗ୍ରସର ହେଉଛି। ଗତବର୍ଷ ଆମେ ଥୋମାସ କପ୍ ଚାମ୍ପିୟନ ହୋଇଥିବା ବେଳେ ହକି ଓ ଆଥଲେଟିକ୍ସରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛୁ। ବରିଷ୍ଠ ଖେଳାଳି ମାନେ ନିଜ ଅଭିଜ୍ଞତା ଯୁବ ଖେଳାଳିଙ୍କ ସହ ଶେୟାର କରିବା ଦ୍ୱାରା ଏହି ପରମ୍ପରା ଆଗକୁ ଜାରି ରହିବ।

## ମହିଳା ଟେଷ୍ଟ

# ଅଷ୍ଟ୍ରେଲିଆ ୪୬ ରନ୍‌ରେ ଆଗୁଆ

ମୁମ୍ବାଇ,୨୩।୧୨(ପି.ଟି.)



ଏଲିସା ହିଲିଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ହରମନ୍ ପ୍ରୀତ୍

ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ମହିଳା ଟେଷ୍ଟକୁ ନିୟନ୍ତ୍ରଣରେ ରଖିଛି ଭାରତ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୨୩୩ ରନ୍ କରିବା ସହିତ ୪୬ ରନ୍‌ରେ ଆଗୁଆ ରହିଛି। ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ଏହି ମ୍ୟାଚ୍‌ଟି ବର୍ତ୍ତମାନ ପାଖାପାଖି ଭାରତ ସପକ୍ଷରେ ରହିଛି।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୭ ଉଇକେଟରେ ୩୭୬ ରନରୁ ଖେଳ ଆରମ୍ଭ କରି ଭାରତ ୪୦୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦୁଇ ଅପରାଜିତ ବ୍ୟାଟର ଦୀପ୍ତି ଶର୍ମା(୭୮) ଓ ପୂଜା ବସ୍ତ୍ରକାର (୪୭) ସଅଳ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୩୯୬ ରନ୍‌ରେ ପୂଜା ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ୮ ଜଣ ବୋଲର ନିୟୋଜିତ ହୋଇଥିବା ବେଳେ ଆଶ୍‌ଲେ ଗାର୍ଡନର ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ ଗାର୍ଥ ଓ ଆନାବେଲ ସଦରଲାଣ୍ଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୯ ରନ କରିଥିବା ବେଳେ ଭାରତ ୧୮୭ ରନ୍‌ରେ ଆଗୁଆ ରହିଥିଲା।

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ବେଳେ ଦୁଇ ଓପନର ବେଥ୍ ମୁନି(୪୯) ଓ ଫିବ୍ ଲିଚଫିଲ୍ଡ(୧୮) ପ୍ରଥମ ଉଇକେଟରେ ୪୯ ରନ୍ ଯୋଡିଥିଲେ। ମୁନି ରନ୍‌ଆଉଟ ହୋଇଥିବା ବେଳେ ଫିବ୍‌ଙ୍କୁ ବୋଲ୍ଡ କରିଥିଲେ ସ୍ନେହ ରାଣା। ତେବେ ଏଲିସ୍ ପେରୀ(୪୫) ଓ ଟାଲିଆ ମ୍ୟାକ୍‌ଗ୍ରା(୭୩) ତୃତୀୟ ଉଇକେଟରେ ୮୪ ରନ୍ ଯୋଡିଥିଲେ। ପେରୀ ୯୧ ବଲ୍ ଖେଳି ୫ ଚୌକା ସହାୟତାରେ ୪୫ ରନ୍ କରିଥିବା ବେଳେ ମ୍ୟାକ୍‌ଗ୍ରା ୧୭୭ ବଲ୍ ଖେଳି ୧୦ ଚୌକା ମାରିଥିଲେ। ପେରୀଙ୍କୁ ଆଉଟ କରି ରାଣା ଭାରତକୁ ଦ୍ୱିତୀୟ ସଫଳତା ପ୍ରଦାନ କରିଥିଲେ। ଅଧିନାୟିକା ଏଲିସା ହିଲୀ(୩୨) ଓ ଟାଲିଆ ମ୍ୟାକ୍‌ଗ୍ରା ଚତୁର୍ଥ ଉଇକେଟରେ ୬୬ ରନ୍ ଯୋଡିଥିଲେ। ତେବେ ପାର୍ଟ ଟାଇମର ତଥା ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର ଉଭୟଙ୍କୁ ମାତ୍ର ୧୫ ରନ୍ ବ୍ୟବଧାନରେ ଆଉଟ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଆନାବେଲ୍ ସଦରଲାଣ୍ଡ(୧୨) ଓ ଆସ୍‌ଲେ ଗାର୍ଡନର(୭) ରନ୍‌ରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ହରମନପ୍ରୀତ୍ କୌର ଓ ସ୍ନେହ ରାଣା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:୨୧୯।**

ଭାରତ ପ୍ରଥମ ଇନିଂସ: ୪୦୬/୧୦ (ଦୀପ୍ତି ଶର୍ମା-୭୮, ସ୍ମୃତି ମନ୍ଧାନା-୭୪, ଜେମିମା ରୋଡ୍ରିଗ୍ସେଜ-୭୩, ରିଚା ଘୋଷ-୫୨, ପୂଜା ବସ୍ତ୍ରକାର-୪୭, ଆଶ୍‌ଲେ ଗାର୍ଡନର-୪/୧୦୦, କିମ୍ ଗାର୍ଥ-୨/୫୮, ଆନାବେଲ ସଦରଲାଣ୍ଡ-୨/୪୧)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୩୩/୫(ଟାଲିଆ ମ୍ୟାକ୍‌ଗ୍ରା-୭୩, ଏଲିସ୍ ପେରୀ-୪୫, ଏଲିସା ହିଲୀ-୩୨, ହରମନପ୍ରୀତ୍ କୌର-୨/୨୩, ସ୍ନେହ ରାଣା-୨/୫୪)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ